# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୨୪/୨୦୧୮ (୨୦ ପୃଷ୍ଠା) Sambalpur, Wednesday, October 24/ 2018 ★★

୧୪ଶ ଭାଗ ୩୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






ଭାରତ'ର ସର୍ବବୃହତ୍ ଅନ୍‌ଲାଇନ୍ ଫ୍ୟାଶନ୍ ଷ୍ଟୋର୍
CLOTHING
50% - 80% OFF
MARKS & SPENCER LONDON
ARROW USA • 1851
U.S. POLO ASSN.
FOREVER 21
W
UNITED COLORS OF BENETTON.
SHOES
40% - 80% OFF
Clarks
RED TAPE
new balance
Bata
PUMA
sparx
LUGGAGE & HANDBAGS
50% - 80% OFF
AMERICAN TOURISTER
TRUSTED ALL OVER THE WORLD
CAPRESE
TOMMY HILFIGER
safari
LAVIE BAGS & SHOES
Skybags
Up to 90% Off + EXTRA 15% Cashback* | Flat ₹1,000 Cashback* on Purchase of ₹5,000
*T&C Apply
ସବୁଠୁ କମ ଦାମ୍‌ରେ ଟପ୍ ଇଲେକ୍‌ଟ୍ରୋନିକ୍ ବ୍ରାଣ୍ଡ
Sennheiser CX 275S Headphones with Mic
₹2,490
₹1,399
Fujifilm Instax Mini Cameras Starting from
₹3,000
No Cost EMI Starting ₹1,000/month
HP, Lenovo, Asus Windows Laptops Starting from
₹16,990
No Cost EMI Starting ₹3,165/month
Up to ₹15,000 Off on Exchange
Windows
Core i3 Windows Laptops Starting from
₹24,990
No Cost EMI Starting ₹4,165/month
Up to ₹16,500 Off on Exchange
Lowest Ever Price
1.5 TB Hard Drive from Seagate at
Flat 57% Off
Canon G2012 All-in-One Ink Tank Printer
₹11,455
₹7,999
Amazon Echo Dot (3rd Gen)
₹4,499
₹2,999
Lowest Ever Price
JBL GO Bluetooth Speaker
₹2,699
₹1,399
ଭାରତ'ର ସର୍ବବୃହତ ଅନ୍‌ଲାଇନ୍ ହୋମ୍ ଏବଂ କିଚେନ୍ ଷ୍ଟୋର୍
Eureka Forbes Aquasure Smart Plus 6L RO + UV + MTDS Water Purifier
₹15,999
₹9,499
Recron™ Dream Set of 2 Pillows
₹819
₹299
Gas Stoves Starting from
₹999
Min. 20% Off
Sofas and Recliners
Up to 60% Off
Cookware
Up to 50% Off
Philips HL 7720 750-Watt 3-Jar Mixer Grinder
₹4,495
₹2,999
Double Bed Sheets
Flat ₹299 only
Min. 50% Off
Treadmills & Exercise Bikes
Min. 40% Off
Up to 80% Off + EXTRA 10% Cashback* on min. order of ₹1,000
*T&C Apply
ସବୁଠୁ କମ ଦାମ୍‌ରେ ଦୈନନ୍ଦିନ ଦରକାରି ଏବଂ ଆହୁରି ଅନେକ ଜିନିଷପତ୍ର
HOUSEHOLD SUPPLIES
MIN. 25% OFF
TOP SHAMPOO BRANDS
FLAT 50% OFF
WHEY PROTEINS
UP TO 50% OFF
PHILIPS QT4011 TRIMMER
₹2,208
₹1,699
1-hr charge | 90-mins run time
BABY PRODUCTS
UP TO 50% OFF
LUXURY BEAUTY
UP TO 60% OFF
CHOCOLATES & DRY FRUITS
UP TO 45% OFF
BOOKS & ENTERTAINMENT
UP TO 75% OFF
amazon prime
Exclusive Deals for Prime Members
*On limited products
amazon
AMAZON APP
ଏବେ ହିଁ ଡାଉନ୍‌ଲୋଡ୍ କରନ୍ତୁ
ପ୍ରତିଦିନ ରାତ୍ରି ୧୦ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଗୋଲ୍‌ଡେନ୍ ଆୱାର୍ ଡୀଲ୍‌ସ
amazon.in
*ଇଭେଣ୍ଟ ନିୟମ ଏବଂ ସର୍ତ୍ତାବଳୀ ବିଷୟରେ ଅଧିକ ଜାଣିବା ନିମନ୍ତେ ଭିଜିଟ୍ କରନ୍ତୁ : amazon.in/www.amazon.in/tcgif. ଉପରୋକ୍ତ ତଥ୍ୟ ଅଂଶଗ୍ରହଣକାରୀ ବିକ୍ରେତା ଏବଂ/କିମ୍ବା ବ୍ରାଣ୍ଡ ଦ୍ୱାରା ପ୍ରଦାନ କରାଯାଇଛି ଏବଂ Amazon ଦ୍ୱାରା 'ଯେମିତି ଅଛି ସେମିତି' ଆଧାରରେ ପ୍ରଦର୍ଶିତ କରାଯାଇଛି । Amazon ଏଭଳି ଦାବୀ ଏବଂ ତଥ୍ୟର ସଠିକତା, ଶୁଦ୍ଧତା, ବିଶ୍ୱସନିୟତା କିମ୍ବା ବୈଧତାର ପ୍ରତିନିଧିତ୍ୱ କରେ ନାହିଁ ଏବଂ ଏହା ସମ୍ବନ୍ଧିତ କୌଣସି ପ୍ରକାରର ବ୍ୟକ୍ତ କିମ୍ବା ନିହିତ କୌଣସି ଗ୍ୟାରେଣ୍ଟୀ କିମ୍ବା ୱାରେଣ୍ଟୀ ପ୍ରଦାନ କରେ ନାହିଁ । Amazon ଫ୍ୟାଶନ୍ ରେ କପଡ଼ାଲତା, ଜୋତା, ହାତ ଘଡ଼ି, ଲଗେଜ୍ ଏବଂ ଅଳଙ୍କାର ବର୍ଗ ସାମିଲ ଅଟେ । ଡୀଲ୍‌ସ ଏବଂ ଡିସ୍କାଉଣ୍ଟ ଅଂଶଗ୍ରହଣକାରୀ ବ୍ରାଣ୍ଡ ଦ୍ୱାରା ପ୍ରଦାନ କରାଯାଏ ଏବଂ Amazon ସମ୍ପୂର୍ଣ୍ଣ ରୂପେ ବହିର୍ଭୂତ ଅଟେ । ଅଫର୍ କେବଳ ନିର୍ଦ୍ଦିଷ୍ଟ ବ୍ରାଣ୍ଡ, ଉତ୍ପାଦ ଏବଂ ପ୍ରକାର ଉପରେ ତଥା ଷ୍ଟକ୍ ଥିବା ପର୍ଯ୍ୟନ୍ତ ବୈଧ ।
^ଆଇସିଆଇସିଆଇ ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ ଏବଂ କ୍ୟାଶ୍‌ବ୍ୟାକ୍ : ନ୍ୟୁନତମ ଟ୍ରାଞ୍ଜାକ୍‌ଶନ୍ ଟ.2000 । ଟ.50,000 ରୁ କମ ଟ୍ରାଞ୍ଜାକ୍‌ଶନ୍ ନିମନ୍ତେ, ସର୍ବାଧିକ ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ : ଟ.2000 ପ୍ରତି କାର୍ଡ । ମୋଟ କ୍ରୟ ଟ.50,000 ଏବଂ ତଦୁର୍ଦ୍ଧ୍ୱ ନିମନ୍ତେ, ଟ.2000 ରୁ ଅଧିକ ଡିସ୍କାଉଣ୍ଟ କୁ କ୍ୟାଶ୍‌ବ୍ୟାକ୍ ରୂପେ ପୋଷ୍ଟ କରାଯିବ । ସର୍ବାଧିକ ଡିସ୍କାଉଣ୍ଟ (ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ + କ୍ୟାଶ୍‌ବ୍ୟାକ) ପ୍ରତି କାର୍ଡ ଟ.10,000 । ସିଟିବ୍ୟାଙ୍କ କ୍ୟାଶ୍‌ବ୍ୟାକ୍ : ନ୍ୟୁନତମ ଟ୍ରାଞ୍ଜାକ୍‌ଶନ୍ ଟ.2000 । ଟ.50,000 ରୁ କମ ଟ୍ରାଞ୍ଜାକ୍‌ଶନ୍ ନିମନ୍ତେ, ସର୍ବାଧିକ କ୍ୟାଶ୍‌ବ୍ୟାକ : ଟ.2000 ପ୍ରତି କାର୍ଡ । ମୋଟ କ୍ରୟ ଟ.50,000 ଏବଂ ତଦୁର୍ଦ୍ଧ୍ୱ ନିମନ୍ତେ, ସର୍ବାଧିକ କ୍ୟାଶ୍‌ବ୍ୟାକ ପ୍ରତି କାର୍ଡ ଟ.10,000 ହେବ । ଅଧିକ ଜାଣିବା ନିମନ୍ତେ, ଦୟାକରି ଭିଜିଟ୍ କରନ୍ତୁ : www.amazon.in/cashback.

# ଧରିତ୍ରୀ DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୨୪/୨୦୧୮ | Sambalpur, Wednesday, October 24/ 2018 | ପୃଷ୍ଠା-୧




## ପ୍ରୋ-କବାଡ଼ିରେ ରାହୁଲଙ୍କ ରେକର୍ଡ

ପ୍ରୋ-କବାଡ଼ି ଇତିହାସରେ ପ୍ରଥମ ଖେଳାଳିଭାବେ ୭୦୦ ରେଡ୍ ପଏଣ୍ଟ ସ୍କୋର କରିବାର କୃତିତ୍ୱ ଅର୍ଜନ କରିଛନ୍ତି ତେଲ୍‌ଗୁ ଟାଇଟାନ୍ସର ରାହୁଲ ଚୌଧାରୀ।

୧୨

୦୭

## ‘ବାହୁବଳୀ’କୁ ‘ଷ୍ଟାର୍ ୱାର’ ସହ ତୁଳନା କଲେ ରାଣା

ସୁପରହିଟ୍ ଇଣ୍ଡିଆନ୍ ଫିଲ୍ମ ‘ବାହୁବଳୀ’କୁ ‘ଷ୍ଟାର୍ ୱାର’ ସହ ତୁଳନା କରି ଏଥିରେ ଅଭିନୟ ପାଇଁ ଗର୍ବ ଅନୁଭବ କରିଛନ୍ତି ଅଭିନେତା ରାଣା ଦଗୁବତି।



**ଆଜିର ସମ୍ପାଦକୀୟ**

### ଟିକା ଦେଇ ଶୋଷଣ

**ଆଜିର ମନ୍ତବ୍ୟ**

“ ଆଲୋଚନା ଓ ଆତଙ୍କବାଦ ଏକସଙ୍ଗେ ଅସମ୍ଭବ।
**–ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ**

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ଏବଂ ଚେକ୍ ରିପବ୍ଲିକ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧.୦୭ ବିଲିୟନ ଡଲାର ରହିଛି। **– ବାଣିଜ୍ୟ ମନ୍ତ୍ରଣାଳୟ**


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE
23.10.2018
Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 76 | 127 | 137 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers


■କୋଣାର୍କ, ଶ୍ରୀମନ୍ଦିର ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ମହଙ୍ଗା ପଡ଼ିଲା

# ବନ୍ଧା ହେଲେ ଆୟର

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

କୋଣାର୍କ ସୂର୍ଯ୍ୟମନ୍ଦିର ଏବଂ ଶ୍ରୀମନ୍ଦିର ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେବା ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କ ପାଇଁ ମହଙ୍ଗା ପଡିଛି। ଏନେଇ ଶହୀଦନଗର ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ମଙ୍ଗଳବାର ପୋଲିସ ତାଙ୍କୁ ଗିରଫ କରିଛି।

ମଙ୍ଗଳବାର ପୂର୍ବାହ୍ନରେ ଅଭିଜିତ ବିଧାନସଭା ଗୃହ କମିଟିରେ ହାଜର ହୋଇଥିଲେ। ସେଠାରୁ ବାହାରିବା ପରେ ତାଙ୍କୁ କମିଶନରେଟ ପୋଲିସ ନିଜ ହେପାଜତକୁ ନେଇଥିଲା। ଏକ ଅଜ୍ଞାତ ସ୍ଥାନରେ ରଖି ପୋଲିସ ତାଙ୍କୁ ପଚରାଉଚରା କରିବା ପରେ ଅପରାହ୍ନ ୫ଟାରେ ଗିରଫ କରିଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।


ଅଭିଜିତ ଆୟର ମିତ୍ର

ଦଫା ୨୯୪, ୨୯୫(ଏ), ୫୦୦, ୧୫୩(ଏ), ୬୭ ଆଇଟି ଆକ୍ଟରେ ତାଙ୍କ ନାମରେ ମାମଲା(୪୩୨/୧୮) ରୁଜୁ ହୋଇଛି। ପୋଲିସ ପଚରାଉଚରା କରିବା ସମୟରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ସେ ହେଲିକପ୍ଟରରେ କୋଣାର୍କ, ପୁରୀ ଓ ଚିଲିକା ଉପରେ ବୁଲିଥିଲେ। ତାଙ୍କ ସହ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଥିଲେ। ପଚରାଉଚରା ପରେ ତାଙ୍କୁ ଶହୀଦନଗର ଥାନାକୁ କଡା ସୁରକ୍ଷା ବଳୟରେ ନିଆଯାଇଥିଲା। ସେଠାରେ ଗିରଫ କରାଯିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ☞ପୃଷ୍ଠା-୨

## ‘ମୋର ନିର୍ବୋଧତା ଯୋଗୁ ଏଭଳି କହିଛି’

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

■ ଗୃହ କମିଟିରେ ହାଜର ହେଲେ ଅଭିଜିତ

■ ଦୋଷ ସ୍ୱୀକାର କଲେ, ଭୁଲ ମାଗିଲେ

କୋଣାର୍କ ଓ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ମୁଁ ଯେଉଁ ମନ୍ତବ୍ୟ ଦେଇଛି ତାହା ମୋର ନିର୍ବୋଧତା। ଏଥିପାଇଁ ମୁଁ ଓଡ଼ିଶାବାସୀଙ୍କୁ କ୍ଷମା ମାଗୁଛି। ବିଧାନସଭା ଏବଂ ବିଧାୟକମାନଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ ପାଇଁ ମଧ୍ୟ ପ୍ରାର୍ଥନା କରୁଛି। ଓଡିଶା ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। ସାମ୍ବାଦିକମାନେ ଏଣୁତେଣୁ ଗୁଡେଇ ତୁଡେଇ ପ୍ରଶ୍ନ କରିବାରୁ ଏଭଳି ମନ୍ତବ୍ୟ ଦେଇଥିଲି। ☞ପୃଷ୍ଠା-୨

## ଦୁର୍ଘଟଣାରେ ଚାଲିଗଲା ୩ ଜୀବନ

ସୋହେଲା/ଭଟଲି, ୨୩।୧୦(ଡି.ଏନ୍.ଏ.)

ମଙ୍ଗଳବାର ବରଗଡ଼ ଜିଲା ସୋହେଲା ଓ ଭଟଲିରେ ୨ଟି ଦୁର୍ଘଟଣା ଘଟି ୩ ଜଣଙ୍କ ଜୀବନ ଯାଇଛି। ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଜାତୀୟ ରାଜପଥରେ ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଦୁଇ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ସେମାନେ ହେଲେ ପଦ୍ମପୁର ଥାନା ଥିରୁପାଲି ଗ୍ରାମର ସୁରେନ୍ଦ୍ର ମେହେର (୩୮) ଓ ମେଲଛାମୁଣ୍ଡା ଥାନା ପେଟୁପାଲି ଗ୍ରାମର ଆକାଶ ମେହେର (୧୮)। ସେହିପରି ଭଟଲି ବ୍ଲକ ସୁକୁଡ଼ା ବସ୍‌ଷ୍ଟାଣ୍ଡ ଛକରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଟ୍ରକ୍ ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ସୁକୁଡ଼ା ଗ୍ରାମର ସନ୍ୟାସୀ ସାହୁଙ୍କ ପୁଅ ସପନ ସାହୁ (୧୯) ବୋଲି ଜଣାପଡ଼ିଛି। ସୁରେନ୍ଦ୍ର ଓ ଆକାଶ ସୋହେଲାରୁ ପ୍ରାୟ ୩ କିଲୋମିଟର ଦୂର ହଳଦୀପାଲି ନିକଟ ଏକ ଢାବାରେ ମଧ୍ୟାହ୍ନ ଭୋଜନ କରି ସୋହେଲା ଆଡ଼କୁ ବାଇକ୍‌ରେ ଆସୁଥିବା ବେଳେ ହାଇସ୍କୁଲ ସମ୍ମୁଖ ହମ୍ପସରେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଆକାଶଙ୍କ ମୃତ୍ୟୁ ହୋଇଥିଲା। ସୁରେନ୍ଦ୍ରଙ୍କୁ ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ବରଗଡ଼ ଡାକ୍ତରଖାନା ପଠାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଇଛି। ପୋଲିସ ମୃତଦେହ ଓ ବାଇକ୍ ଜବତ କରିଛି। ଏନେଇ ସୋହେଲା ଥାନାରେ ଏକ ମାମଲା (ନଂ-୧୮୩) ରୁଜୁ କରାଯାଇଛି। ସପନ ସୁକୁଡ଼ା ବସ୍‌ଷ୍ଟାଣ୍ଡ ଛକରେ ଠିଆ ହୋଇଥିବାବେଳେ ଓଆର୨୩-୯୧୩୩ନଂ ଟ୍ରକ୍ ତାଙ୍କୁ ଚାପି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଭଟଲି ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ଏନେଇ ☞ପୃଷ୍ଠା-୨

## ମହିଳାଙ୍କୁ ତିନି ତଲାକ, ଥାନାରେ ଏତଲା

ପଟ୍ଟାମୁଣ୍ଡାଇ, ୨୩।୧୦(ସ୍ୱ.ପ୍ର.)


ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

ମୁସଲମାନ ସମ୍ପ୍ରଦାୟର ବହୁ ପୁରୁଷ ତିନିଥର ‘ତଲାକ’ କହି ସ୍ତ୍ରୀଙ୍କ ସହ ବୈବାହିକ ସମ୍ପର୍କ ଛିନ୍ନ କରୁଥିବା ଦେଖିବାକୁ ମିଳୁଛି। କିଏ ଟେଲିଫୋନ କରି କହୁଛନ୍ତି ତ କିଏ ହ୍ୱାଟ୍ସଆପ୍ ଅବା ମେସେଜ୍ ମାଧ୍ୟମରେ ତଲାକ ଦେଉଛନ୍ତି। ଫଳରେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ଜୀବନ ଦୁର୍ବିଷହ ହୋଇପଡୁଛି। ଏହାକୁ ରୋକିବା ପାଇଁ ସୁପ୍ରିମକୋର୍ଟ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ତିନି ତଲାକ୍ ବେଆଇନ ବୋଲି ଦର୍ଶାଇଛନ୍ତି। ଏହାସତ୍ତ୍ୱେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜଣେ ମୁସଲିମ୍ ମହିଳାଙ୍କୁ ଯୌତୁକ ପାଇଁ ତିନି ତଲାକ୍ ଦେବା ଘଟଣା କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଚଉଦକୁଲାଟ ☞ପୃଷ୍ଠା-୨

## ଦୀପାବଳି ରାତିରେ ୨ ଘଣ୍ଟା ଫୁଟିବ ବାଣ

ନୂଆଦିଲ୍ଲୀ, ୨୩।୧୦(ପି.ଟି.)

**ସମ୍ପୂର୍ଣ୍ଣ କଟକଣାକୁ ସୁପ୍ରିମକୋର୍ଟଙ୍କ ନା**

■ ଇ-ମାର୍କେଟିଂ କମ୍ପାନୀ ଉପରେ ଅଙ୍କୁଶ

ଏବର୍ଷ ସାରା ଦେଶରେ ପାଳିତ ହେବ ‘ସବୁଜ’ ଦୀପାବଳି। ଅର୍ଥାତ୍ ପରିବେଶ ପାଇଁ କମ କ୍ଷତିକାରକ ହେବା ଭଳି ଆଲୋକର ପର୍ବକୁ ପାଳନ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାଣ କିଣାବିକା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଏଥିସହ ଦୀପାବଳି ରାତି ୮ଟାରୁ ୧୦ଟା ୨ ଘଣ୍ଟା ମଧ୍ୟରେ ହିଁ ଲୋକେ ବାଣ ଫୁଟାଇ ଉତ୍ସବ ମନାଇପାରିବେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କେବଳ ଏତିକି ନୁହେଁ, ବାଣର ଇ-ମାର୍କେଟିଂ ଉପରେ ମଧ୍ୟ ଏଥର ଅଙ୍କୁଶ ଲଗାଯାଇଛି।

ବାଣ ଯୋଗୁ ଦେଶରେ ବାୟୁ ପ୍ରଦୂଷଣ ବୃଦ୍ଧିପାଉଛି। ତେଣୁ ଏହାର ତିଆରି ଓ ବିକ୍ରି ଉପରେ ରୋକ ଲଗାଇବା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଥିଲା। ☞ପୃଷ୍ଠା-୨




ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୪ ଅକ୍ଟୋବର, ୨୦୧୮



କୃଷ୍ଣ ସାଗରରେ ୨୪ ବର୍ଷ ପୁରାତନ ଜାହାଜର ସନ୍ଧାନ ମିଳିଛି। ଏନେଇ ମଙ୍ଗଳବାର କୃଷ୍ଣସାଗର ମେରିଟାଇମ୍ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଜାହାଜଟି ଖ୍ରୀଷ୍ଟପୂର୍ବ ୪ଶହର ବୋଲି ଅନୁମାନ କରାଯାଉଛି। ପାଣିତଳେ କ୍ୟାମେରାର ବ୍ୟବହାର କରାଯାଇ ପ୍ରତ୍ନତତ୍ତ୍ୱବିତ୍ ଏହି ଜାହାଜର ସନ୍ଧାନ ପାଇଥିବା କୁହାଯାଉଛି। ତେବେ ଏହା ମଧ୍ୟରେ କେଉଁ ସାମଗ୍ରୀ ରହିଛି ଏବଂ ଏହା କିପରି ବୁଡ଼ିଲା ସେ ନେଇ ଗବେଷଣା ଜାରି ରହିଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ଆରିୟମ
ପରିବାରବର୍ଗ



ଲୋପା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




**BRIDE WANTED**

Wanted Khandayat bride for good looking fair groom 1984/5'11'', interior designer, company based Job (Kolkata), salary- 42,000/-. Contact: 9337748884, 7892291976. D-63393

Karan boy 1988, 5'6", B.Tech serving Infosys, Bangalore "Sunasansar". 9937512659. D-8991

Gopal boy 1987/ 5'10" MJMC working media sector, BBSR. Required service holder, Caste no bar. Barsha. 9338229705, 7381384339. D-64728

Gopal groom Bank 31+, Doctor 29, Infosys 31. Samadhan- 8594926181. D-65037

**GROOM WANTED**

Divorcee Brahmin bride Teacher 32, Clerk 38 (caste-no-bar). Contact: 7873374269. D-65033

Divorcee bride Bank 35, Engineer 29, Clerk 31, Samadhan. 8594926181. D-65036

Chingudi factoryରେ Manager ଥିବା 44 ବର୍ଷ ଝିଅ ପାଇଁ ଭଲ ଘରର ବରପାତ୍ର ଆବଶ୍ୟକ। 7438025836. D-9023

Bengali Weaver, fair complexion girl, 5'1"/ 25 yrs, M.Sc Biotechnology, serving at Mumbai. 8093807287, 9438414924. D-9034

# classified










**SALE**

Indigo cs model-2008 Dec. Diesel, private white. Contact- 9437286768 price- 1,20,000/-. D-8979




**SALE**

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

Book 3BHK duplex house Jagamara, Bhubaneswar having land area 1260 sqft. and 1900 construction area. Price- 77 lakhs. Bank finance available. 9078151122.D-65127

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9861219987, 9853426050. D-9025

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

Construct your building in finished house contact: 9937004680. D-27282




2000 sft. commercial fully furnished in 1st floor at 72, Bapujinagar, Bhubaneswar infront of Nimapada Sweets. 9861021008. D-9011

30,000 sft. vacant land for rent for all commercial purpose near Dhauli. Contact: 8917576258. D-9016

3000 sqft. residential fully furnished with ceilling fan ground and first floor at Saileshreevihar near Jagannath Temple suitable for Bank,Tutorials, Reliance Fresh, boys or girls hostel. Contact: 7205883949.D-9019




Samal Packers Movers provide household shifting in reasonable price. 9437035016.D-63861

**INSURANCE**

ସମ୍ପୂର୍ଣ୍ଣ ପରିବାରର ସ୍ୱାସ୍ଥ୍ୟବୀମା କରିବାକୁ ଚାହୁଁଛନ୍ତି କି? ତେବେ Star Health and Allied Insuranceକୁ ଯୋଗାଯୋଗ କରନ୍ତୁ। 9938668739. D-59918

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

**ଜନ୍ମଦିନ ଶୁଭେଚ୍ଛା**





**ଆରିୟମ ପ୍ରଧାନ**

ଜଗନ୍ନାଥ ନଗର, ଝାରପଡ଼ା, ଭୁବନେଶ୍ୱର

ଶୁଭେଚ୍ଛା ସହ: ନନା, ବୋଉ, ବଡବାପା, ବଡମା, ଭାଇ, ବାପା, ମାମା, ଦିଦି। ଧ-୯୦୧୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# 'ସୁନ୍ଦରୀ' ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ବାଘୁଣୀ 'ସୁନ୍ଦରୀ' ଧରାହେବା ପରେ ତା'କୁ କେଉଁଠି ରଖାଯିବ ତାହାକୁ ନେଇ ବର୍ତ୍ତମାନ ଅନେକ ଚର୍ଚ୍ଚା ଚାଲିଛି। ସାତକୋଶିଆରେ ମଣିଷ ମାରିଥିବା ଏହି ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରି ଧରାଯିବା ପରେ ତା'କୁ ରାଇଗୁଡ଼ାସ୍ଥିତ ଏନ୍‌କ୍ଲୋଜରକୁ ପଠାଯିବ ବୋଲି ପିସିସିଏଫ୍ ସନ୍ଦୀପ ତ୍ରିପାଠୀ କହିଛନ୍ତି। କିନ୍ତୁ ବାଘକୁ ଏଠାରେ ନ ରଖି ନନ୍ଦନକାନନରେ ରଖିବା ଉଚିତ, ନଚେତ୍ ମଧ୍ୟପ୍ରଦେଶକୁ ଫେରାଇ ଦିଆଯିବା ଆବଶ୍ୟକ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି। ଫଳରେ ସୁନ୍ଦରୀ ଭବିଷ୍ୟତକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ୍ ମହାନ୍ତି କୁହନ୍ତି, ବନ ବିଭାଗର ଖାମ୍‌ଖିଆଲି ନୀତି ଯୋଗୁ ଏଭଳି ପରିସ୍ଥିତ ଉପୁଜିଛି। ପ୍ରଥମେ ଗାଁ ଲୋକଙ୍କୁ ସ୍ଥାନାନ୍ତର ନ କରି ଏଭଳି ପଦକ୍ଷେପ ନେବା ଅନୁଚିତ ଥିଲା। ବର୍ତ୍ତମାନ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହାକୁ ଆଖି ଆଗରେ ରଖି ସୁନ୍ଦରୀକୁ ମଧ୍ୟପ୍ରଦେଶର ବାନ୍ଧବଗଡ଼କୁ ଫେରାଇ ଦିଆଯିବା ଉଚିତ। ବାଘ ଫେରାଇଲେ ରାଜ୍ୟ ସରକାରଙ୍କର ବହୁତ କ୍ଷତି ହେବ। କାରଣ ଏହି ଯୋଜନା ପାଇଁ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ତାକୁ ଫେରଇବା ବ୍ୟତୀତ ଅନ୍ୟ କିଛି ବାଟ ନାହିଁ।

ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏ. କେ. ସିଂ କୁହନ୍ତି, 'ସୁନ୍ଦରୀ'ର ଆଚରଣ ଅନ୍ୟ ବାଘଙ୍କଠାରୁ ଅଲଗା ରହିଛି। ସେ ଘଞ୍ଚ ଜଙ୍ଗଲରେ ରହିବାକୁ ପସନ୍ଦ କରୁନି। ଯେହେତୁ 'ସୁନ୍ଦରୀ' ତା'ର ଶିକାରକୁ ଠିକ୍ ଭାବେ ଖାଇ ପାରୁନି ତେଣୁ ସେ ପୁଣି ନୂଆ ଶିକାର କରୁଛି। ଏହାଛଡ଼ା ସେ ମଣିଷ ସଂସ୍ପର୍ଶରେ ଆସି ସାରିଥିବାରୁ ସାତକୋଶିଆ ଆଉ ତା' ପାଇଁ ଅନୁକୂଳ ନୁହେଁ। ନନ୍ଦନକାନନ କିମ୍ବା ବାନ୍ଧବଗଡ଼ ଜଙ୍ଗଲକୁ ଫେରାଇ ନିଆଯିବା ଉଚିତ ବୋଲି ସେ କହିଛନ୍ତି। ତେବେ ବାଘଟିକୁ ଆଣିବା ପାଇଁ ରାଜ୍ୟ ସରକାର ଯେଉଁ ଅର୍ଥ ଖର୍ଚ୍ଚ କରିଛନ୍ତି ତାହା ପାଣିରେ ପଡ଼ିଲା ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି।

ଏନ୍‌ଟିସିଏର ଗାଇଡ୍‌ଲାଇନ କହୁଛି, ଯଦି ବାଘ ମଣିଷ ମାରିଥାଏ, ତେବେ ତାକୁ ନିକଟସ୍ଥ ଚିଡ଼ିଆଖାନାରେ ରଖିବା ଉଚିତ। ସେହି ଆଧାରେ ସୁନ୍ଦରୀକୁ ନନ୍ଦନକାନନରେ ରଖାଯିବା ଦରକାର। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ମଧ୍ୟପ୍ରଦେଶର ବାନ୍ଧବଗଡ଼କୁ ଫେରାଇ ଦିଆଯିବା ଠିକ୍ ନୁହେଁ। କାରଣ ଯଦି ସୁନ୍ଦରୀ ମଣିଷଖିଆ ବୋଲି ପ୍ରମାଣ ମିଳିଲା ତେବେ ବାନ୍ଧବଗଡ଼ କର୍ତ୍ତୃପକ୍ଷ ମଧ୍ୟ ଜଙ୍ଗଲରେ ତାକୁ ଛାଡ଼ି ପାରିବେ ନାହିଁ, ତାକୁ ଚିଡ଼ିଆଖାନାରେ ରଖିବେ। ଯେହେତୁ ରାଜ୍ୟ ସରକାର ଅନେକ ଟଙ୍କା ଏଥିରେ ଖର୍ଚ୍ଚ କରିଛନ୍ତି, ତେଣୁ ତାକୁ ବାନ୍ଧବଗଡ଼କୁ ନ ପଠାଇ ଏନ୍‌ଟିସିଏ ଗାଇଡ୍‌ଲାଇନ ଅନୁସାରେ ନନ୍ଦନକାନନରେ ରଖାଯିବା ଜରୁରୀ।

## ପ୍ରଥମ ପୃଷ୍ଠାରୁ...

### 'ମୋର ନିର୍ବୋଧତା ...

ଏହା ମୋର ନିର୍ବୋଧତା ଥିଲା। ମଙ୍ଗଳବାର ବିଧାନସଭା ଗୃହ କମିଟି ନିକଟରେ ହାଜର ହୋଇ ଏମିତି ଢଙ୍ଗରେ ଅନୁଶୋଚନା କରିଛନ୍ତି ଅଭିଜିତ ଆୟର ମିତ୍ର। ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଆୟର ତାଙ୍କ ଓକିଲଙ୍କ ସହ ବିଧାନସଭାର ୫୫ ନମ୍ବର ପ୍ରକୋଷ୍ଠରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୧ଟାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଗୃହ କମିଟି ବୈଠକ ବସିଥିଲା। ୨ଟି ପର୍ଯ୍ୟାୟରେ ଆୟରଙ୍କୁ କମିଟି ଜେରା କରିଥିଲା। ଅଢେଇ ଘଣ୍ଟା କାଳ କମିଟି ସଦସ୍ୟମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସେ ସମସ୍ତ ଅଭିଯୋଗକୁ ସ୍ୱୀକାର କରିଥିଲେ। ତେବେ ଏତିକିରେ କମିଟି ସଦସ୍ୟମାନେ ସନ୍ତୁଷ୍ଟ ହୋଇନାହାନ୍ତି। ଆସନ୍ତା ନଭେମ୍ବର ୨ରେ ପୁଣି ଥରେ ହାଜର ହୋଇ ସତ୍ୟପାଠ ଦାଖଲ କରିବାକୁ କମିଟି ଆୟରଙ୍କୁ ନିର୍ଦ୍ଦେଶ ଦେଇଛି।

ବୈଠକ ଶେଷରେ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର କହିଛନ୍ତି, ଗୃହ କମିଟିରେ ଅଭିଜିତ ଉପସ୍ଥିତ ଥିଲେ। ତାଙ୍କ ବକ୍ତବ୍ୟ ରେକର୍ଡ କରାଯାଇଛି। ଆସନ୍ତା ୨ତାରିଖରେ ସେ ପୁନର୍ବାର ହାଜର ହୋଇ ସତ୍ୟପାଠ ଦାଖଲ କରିବେ। ଏହା ପରେ କମିଟି ଆଲୋଚନା କରି ଯାହା ନିଷ୍ପତ୍ତି ନେବ। ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଥିଲା ତାହା ସତ୍ୟ ବୋଲି ଆୟର ସ୍ୱୀକାର କରିଛନ୍ତି। ସେ ତାଙ୍କ ଭୁଲ ସ୍ୱୀକାର କରି ନିଃସର୍ତ୍ତ କ୍ଷମା ଭିକ୍ଷା କରିଛନ୍ତି। କମିଟି ଏହା ଉପରେ ତର୍ଜମା କରିବ। ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ କମିଟି ଗୃହକୁ ସୁପାରିସ କରିବ।

ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଦଳମତ ନିର୍ବିଶେଷରେ ଗତ ବିଧାନସଭା ଅଧିବେଶନରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ବିରୋଧୀ ଦଳ ନେତା ଆୟରଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ଗୃହରେ ସର୍ବ ସମ୍ମତିକ୍ରମେ ଏହାକୁ ପାରିତ କରାଯିବା ପରେ ବାଚସ୍ପତି ଘଟଣାର ତଦନ୍ତ ପାଇଁ ବିଧାନସଭା ଗୃହ କମିଟି ଗଠନ କରିଛନ୍ତି। କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି। କମିଟି ଆସନ୍ତା ଅଧିବେଶନରେ ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୮ରେ କମିଟିର ପ୍ରଥମ ବୈଠକ ବସିଥିବାବେଳେ ଅକ୍ଟୋବର ୧୧ରେ କମିଟିରେ ହାଜର ହୋଇ ନିଜର ପକ୍ଷ ରଖିବାକୁ ଅଭିଜିତଙ୍କୁ ସମନ ଜାରି କରାଯାଇଥିଲା। ତେବେ ବାତ୍ୟା ତିତଲି ପାଇଁ ସେ କମିଟି ନିକଟରେ ହାଜର ହୋଇ ପାରି ନ ଥିଲେ। କିନ୍ତୁ ଉକ୍ତ ଦିନ ସେ ନିଜର ଭୁଲ ପାଇଁ କ୍ଷମା ମାଗିବା ସହ କ୍ଷମାପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇଥିଲେ। ଅକ୍ଟୋବର ୨୩ରେ ହାଜର ହେବାକୁ ପୁଣିଥରେ ଗୃହ କମିଟି ସମନ ଜାରି କରିଥିଲା। ଅକ୍ଟୋବର ୧୭ରେ ଆୟର ଇ-ମେଲ ଜରିଆରେ ପୁଣି ଥରେ କ୍ଷମା ମାଗି ବିଧାନସଭା ଗୃହ କମିଟିକୁ ଜଣାଇଥିଲେ। ଅକ୍ଟୋବର ୨୩ରେ ସେ ବ୍ୟକ୍ତିଗତ ଭାବେ ବିଧାନସଭା ଗୃହ କମିଟି ସମ୍ମୁଖରେ ହାଜର ହେବେ ବୋଲି ଏକ ଖବର ସରବରାହ ସଂସ୍ଥାକୁ ସୂଚନା ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ଅଭିଜିତଙ୍କ ମନ୍ତବ୍ୟକୁ ନେଇ ବିଧାନସଭାରେ ତୁମ୍ଭିତୋଫାନ ହେବା ପରେ ଓଡିଶା ପୋଲିସର ଅନୁରୋଧ କ୍ରମେ ଦିଲ୍ଲୀ ପୋଲିସ ଗତ ସେପ୍ଟେମ୍ବର ୨୦ରେ ତାଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ମୁକୁଳି ଥିଲେ।

### ଦୀପାବଳି ରାତିରେ...

ଅଦାଲତ ଏହାର ଶୁଣାଣି କରି ବାଣ ବିକ୍ରି ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବାକୁ ମନା କରିଦେଇଛନ୍ତି। କିନ୍ତୁ କେତେକ ସର୍ତ୍ତ ସହ ଏହାକୁ ଅନୁମତି ଦେଇଛନ୍ତି। ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଫ୍ଲିପ୍‌କାର୍ଟ ଓ ଆମାଜନ୍ ଭଳି ଇ-କମର୍ସ କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ଡେସିବଲ୍‌ଠାରୁ ଅଧିକ ସୀମାର ବାଣ ବିକ୍ରି ଉପରେ କଟକଣା ଜାରି କରାଯାଇଛି। ଶବ୍ଦ ଓ ଧୂଆଁର ଅନୁମତିଯୋଗ୍ୟ ସୀମା କେତେ ହେବ ତାହା ପେଟ୍ରୋଲିୟମ୍ ଓ ବିସ୍ଫୋରକ ନିରାପତ୍ତା ସଙ୍ଗଠନ (ପିଇଏସ୍‌ଓ) ସ୍ଥିର କରିବ। ଇ-କମର୍ସ କମ୍ପାନୀଗୁଡ଼ିକ ଅଦାଲତଙ୍କ ନିର୍ଦ୍ଦେଶର ଅବମାନନା କଲେ ସେଗୁଡ଼ିକର ୱେବ୍‌ସାଇଟ୍‌କୁ ଅଚଳ କରିଦିଆଯିବ। ବଜାରରେ କେବଳ ଅନୁମତି ମିଳିଥିବା ନିର୍ଦ୍ଧାରିତ ଡେସିବଲର ବାଣ ବିକ୍ରି କରାଯିବ। ଦୀପାବଳି ରାତିରେ ୮ରୁ ୧୦ଟା ମଧ୍ୟରେ ବାଣ ଫୁଟାଯାଇ ପାରିବ। ସେହିପରି ଖ୍ରୀଷ୍ଟମାସ୍ ଓ ନୂଆବର୍ଷ ପାଳନ ପାଇଁ ରାତି ୧୧ଟା ୫୫ରୁ ୧୨ଟା ୩୦ ମଧ୍ୟରେ ଫୁଟାଇବାକୁ ଅନୁମତି ଦିଆଯାଇଛି।

ଉଭୟ ନାଗରିକଙ୍କ ସ୍ୱାସ୍ଥ୍ୟଗତ ଅଧିକାର ଓ ବାଣ ଉତ୍ପାଦନକାରୀଙ୍କ ବ୍ୟବସାୟଗତ ଅଧିକାରକୁ ଧ୍ୟାନରେ ରଖି ଅଦାଲତ ବିଚାର କରିଛନ୍ତି। ବାଣ ବିକ୍ରି ଓ ଫୁଟାଇବା ନେଇ ବିଭିନ୍ନ ପକ୍ଷଙ୍କ ଯୁକ୍ତିକୁ ଗ୍ରହଣ କରି ଖଣ୍ଡପୀଠ ଏକ ସନ୍ତୁଳିତ ରାୟ ଦେଇଥିବା ଜଷ୍ଟିସ୍ ସିକ୍ରି କହିଛନ୍ତି। ଏହାସହ କେନ୍ଦ୍ର ସରକାରଙ୍କ ପ୍ରସ୍ତାବଗୁଡ଼ିକୁ ମଧ୍ୟ ଗ୍ରହଣ କରାଯାଇଛି। ପ୍ରକାଶ ଯେ, ଗତବର୍ଷ ଦୀପାବଳି ପୂର୍ବରୁ ୩ ଜଣ ଛୋଟ ପିଲାଙ୍କ ଆବେଦନର ଶୁଣାଣି କରି ଦିଲ୍ଲୀ ସମେତ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାଣ ବିକ୍ରି ଉପରେ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ କଟକଣା ଜାରି କରିଥିଲେ।

### ବନ୍ଧା ହେଲେ ...

ଅନ୍ୟପଟେ ଅଭିଜିତ ଗୃହ କମିଟିରେ ହାଜର ହେବା ନେଇ ଜଣାପଡିବା ପରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପୋଲିସ ଡିଜିଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ ପହଞ୍ଚିଥିଲେ। ସେଠାରେ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ କହିଥିଲେ, କୋଣାର୍କ ଥାନାରେ ରୁଜୁ ହୋଇଥିବା ମାମଲାରେ ଅଭିଜିତ ଅଭିଯୁକ୍ତ ଅଛନ୍ତି। ଏହାସହ ଅରଖକୁଦା ସାମୁଦ୍ରିକ ଥାନା ମାମଲାରେ ସେ ସାକ୍ଷୀ ଅଛନ୍ତି। ଏନେଇ ତାଙ୍କୁ ପଚରାଉଚରା ପାଇଁ ଥାନାରେ ହାଜର ହେବା ପାଇଁ ସମନ ହୋଇଥିଲା। କିନ୍ତୁ ସେ ହାଜର ହୋଇ ନ ଥିବାବେଳେ ମଙ୍ଗଳବାର ତାଙ୍କୁ ଗିରଫ କରାଯାଇଛି।

ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଅଭିଜିତ ଗୃହ କମିଟିରେ ହାଜର ହେବା ସମୟରେ ତାଙ୍କର ସୁରକ୍ଷାରେ ଯେପରି କୌଣସି ଅବହେଳା ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ତାଙ୍କୁ ସୁରକ୍ଷା ବଳୟ ମଧ୍ୟରେ ଗୃହ କମିଟିରେ ହାଜର କରିଥିଲା। ଅନ୍ୟପଟେ କୋଣାର୍କ ମନ୍ଦିର ସମ୍ପର୍କରେ ଅଭିଜିତ କଟୁ ମନ୍ତବ୍ୟ ଦେଇଥିବାରୁ ଏନେଇ ଶହୀଦନଗର ଥାନାରେ ମନୋରଞ୍ଜନ ସ୍ୱାଇଁ ନାମକ ଛାତ୍ର କରିଥିବା ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ ଅଧିକାରୀ ତାଙ୍କୁ ପଚରାଉଚରା କରିଥିଲେ। ସେ ନିଜ ଦୋଷ ମାନିବା ପରେ ପୋଲିସ ତାଙ୍କୁ ଗିରଫ କରିଛି।

### ଦୁର୍ଘଟଣାରେ ଚାଲିଗଲା...

ଏକ ମାମଲା (ନଂ-୧୬୩/୧୮) ରୁଜୁ କରାଯାଇଛି। ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ପୋଲିସ କହିଛି। ତେବେ କ୍ଷତିପୂରଣ ଦାବିକରି ସପନଙ୍କ ପରିବାର ଲୋକେ ଅମ୍ବାଭୋନା-ଭଟଲି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଭଟଲି ତହସିଲଦାର ବିଶ୍ୱନାଥ ସାହୁ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ଯୋଗାଇଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନା ଅନୁଯାୟୀ, ଟ୍ରକ୍‌ଟି ଅମ୍ବାଭୋନା ପଟରୁ ବରଗଡ଼ ଆଡ଼କୁ ଯାଉଥିଲା।

### ମହିଳାଙ୍କୁ ତିନି ତଲାକ,...

ଚନ୍ଦନପୁର ଗ୍ରାମରେ ଗତ ୪ ତାରିଖରେ ଘଟିଛି। ଏଥିନେଇ ମଙ୍ଗଳବାର ତଲାକ୍ ପାଇଥିବା ମହିଳା ତକ୍‌ଶିମା ଖାତୁନ୍ (୨୪) ପଞ୍ଚାମୁଣ୍ଡାଇ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୋଲିସ ଏତଲା ଗ୍ରହଣ କରି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛି। ତିନି ତଲାକକୁ ସୁପ୍ରିମ୍‌କୋର୍ଟ ବେଆଇନ ଦର୍ଶାଇବା ପରେ ଏହି ଘଟଣା ଓଡିଶାରେ ପ୍ରଥମ ବୋଲି କୁହାଯାଉଛି। ପ୍ରକାଶ ଯେ, ଗ୍ରାମର ସେକ୍ ମନାନ୍‌ଙ୍କ ଝିଅ ତକ୍‌ଶିମାଙ୍କ ସହିତ ଆଳି ଥାନା ଅନ୍ତର୍ଗତ ଗୁହାଳି ସାହି କଳାପାହାଡ ଅଞ୍ଚଳର ସେକ୍ ମୋଦିସିରଙ୍କ ପୁଅ ସେକ୍ ରିଜା ଅହେମଦ (ବାବୁ)ଙ୍କ ୨୦୧୭ ନଭେମ୍ବର ୨୮ରେ ଇସ୍‌ଲାମ୍ ରୀତି ଅନୁସାରେ ବିବାହ ହୋଇଥିଲା। କିନ୍ତୁ ବିବାହ ପରେ ଯୌତୁକ ପାଇଁ ତକ୍‌ଶିମାଙ୍କୁ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଯୌତୁକ ବାବଦରେ ମୋଟର ସାଇକେଲ ଆଣିବା ପାଇଁ ଦାବି କରିଥିଲେ। ବାପଘର ଲୋକେ ଏହା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ତକ୍‌ଶିମାଙ୍କ ଉପରେ ନିର୍ଯାତନା ବଢି ଯାଇଥିଲା। ସେ ବାପଘରେ ଆସି ରହୁଥିଲେ। ଗତ ୪ ତାରିଖ ଦିନ ମୋବାଇଲ ଫୋନରେ ତାଙ୍କ ସ୍ୱାମୀ ରିଜା ଅହେମଦ୍ ତିନି ତଲାକ ଦେଇଥିଲେ। ଫଳରେ ତକ୍‌ଶିମା ମାନସିକ ଭାବେ ଭାଙ୍ଗି ପଡିଛନ୍ତି। ଏ ନେଇ ସେ ଥାନାରେ ଏତଲା ଦେଇ ନ୍ୟାୟ ଭିକ୍ଷା କରିଛନ୍ତି।

## କାର୍ ଧକ୍କାରେ ୨ ମୃତ

ଖଲ୍ଲିକୋଟ,୨୩।୧୦(ଡି.ଏନ୍.ଏ.)

ଖଲ୍ଲିକୋଟ ଥାନା ସାନଘାଟି ନିକଟରେ କାର୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବିକ୍ରମପୁରର କାଳିଆ ବେହେରା, ପାଣ୍ଡବ ପ୍ରଧାନ। ମଙ୍ଗଳବାର ସକାଳେ ଉଭୟେ କାମ କରିବାକୁ ଯାଉଥିଲେ। ସାନଘାଟି ନିକଟରେ ଏକ କାରର ଆଗ ଟାୟାର ହଠାତ୍ ଫାଟିଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ କାଳିଆ ଓ ପାଣ୍ଡବଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ କାଳିଆ ଓ ପାଣ୍ଡବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।


**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ପ୍ରଫେସର୍ ଦୁଃଖୀରାମ ପଣ୍ଡା**

ଆବିର୍ଭାବ: ୨୭।୦୬।୧୯୩୭
ତିରୋଧାନ: ୨୪।୧୦।୨୦୧୭

ପଣ୍ଡା ନିବାସ, ବେହେରାମଲ, ଝାରସୁଗୁଡା

ବାପା, ଆପଣଙ୍କର ସ୍ୱର୍ଗୀୟ ପ୍ରସ୍ଥାନକୁ ଚାହୁଁ ଚାହୁଁ ବର୍ଷେ ପୂରିଗଲା। ଆପଣଙ୍କର ଅନୁପସ୍ଥିତିର ଶୂନ୍ୟତା କେବେ ହେଲେ ପୂରଣ କରି ହେବ ନାହିଁ ହେଲେ ଆପଣ ଆମ ସ୍ମୃତିରେ ସଦାସର୍ବଦା ଅମର ରହିବେ। ଆପଣଙ୍କର ସିଦ୍ଧାନ୍ତ ଏବଂ ଆଶୀର୍ବାଦ ଆମର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସମିତ୍, ମନୋଜିତ୍, ନମ୍ରତା, ଅନନ୍ୟା, ପ୍ରଜ୍ଞା, ଆଶୀରିୟ। ଧ-୯୦୨୦


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ପୂର୍ଣ୍ଣିମାର ଚନ୍ଦ୍ର ଆପଣଙ୍କ ସାମଗ୍ରିକ ଆଶା ଓ ଅଭିଳାଷକୁ ପୂର୍ଣ୍ଣତାପ୍ରାପ୍ତ କରାଇବ। କାର୍ଯ୍ୟସିଦ୍ଧି ଘଟାଇବା ସହ ହସଖୁସିରେ ସମୟ ଅତିବାହିତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଯାତ୍ରା ସମୟରେ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡିପାରେ।

**ବୃଷ**



ଆଜିର ଦିନଟି ବହୁତ ଭଲ, ମନ ଅନୁଯାୟୀ କାମ, ବନ୍ଧୁମାନଙ୍କ ଆନୁଗତ୍ୟପୂର୍ଣ୍ଣ କଥାରେ ମନ ଖୁସି ହୋଇଯିବ। ରବିଙ୍କ ଦୁର୍ବଳତା ପାରିବାରିକ କ୍ଷେତ୍ର ସକାଶେ କୌଣସି ଅପୂର୍ଣ୍ଣତା ମନଦୁଃଖର କାରଣ ହୋଇପାରେ। କାନକୁହା କଥା ଶୁଣି ପଦାଧିକାରୀ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି। ଅଟକି ରହିଥିବା ଫାଇଲ୍ କାମ ତାହାର କାରଣ ହୋଇପାରେ ।

**ମିଥୁନ**



ଦିନଟିରେ ମନ ଖୁସି ରହିବ, ଯାହା କରିବାକୁ ଯାଉଛନ୍ତି ତାହା ନିଷ୍ଫଳ ହେବନାହିଁ। ବହୁ ଦିନ ପରେ ନିକଟ ସମ୍ପର୍କୀୟମାନଙ୍କ ସହ ଆଲୋଚନାରେ ଭାଗ ନେଇପାରନ୍ତି। ସତର୍କତା ଅଭାବରୁ ଅର୍ଥ କିମ୍ବା କୌଣସି ଜିନିଷ ହରାଇ ବ୍ୟସ୍ତତା ଅନୁଭବ କରିପାରନ୍ତି। ସଭାସମିତିରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ।

**କର୍କଟ**



ଦୈହିକ ଏବଂ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ସମ୍ପର୍କୀୟଙ୍କ ପରାମର୍ଶରେ କୌଣସି ନୂତନ କାମର ପରିକଳ୍ପନା କରିପାରନ୍ତି। ପରିବାରର ବ୍ୟୟ ଅଟକଳ କରିବେ ଏବଂ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି।

**ସିଂହ**



ନିଜ କାମ ପଛକୁ ପକାଇ ଅନ୍ୟମାନଙ୍କ କାମକୁ ପ୍ରାଧାନ୍ୟ ଦେବା କାରଣରୁ ପରିବାରରେ କୈଫିୟତ ଦେବାକୁ ପଡ଼ିବ। ଅଧିକାଂଶ ସମୟ ଆପଣଙ୍କ ଅନୁପସ୍ଥିତି ଜନିତ ବନ୍ଧୁମାନେ ଅଭିଯୋଗ କରିପାରନ୍ତି। ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିବାର ଆଶଙ୍କା ରହିଛି। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**କନ୍ୟା**



କ୍ରମଶଃ ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ି ବଢ଼ି ଯାଉଥିବାରୁ ଦୁର୍ଭାବନା ବଢ଼ିଚାଲିବ। ଏହା ସାଙ୍ଗକୁ ଆତ୍ମୀୟଙ୍କ କଟାଘା'ରେ ଚୂନଛିଟା ଦେଲାଭଳି କଥା ମନକୁ ବେଶି ବାଧିବ। ବାରମ୍ବାର ବିଫଳତା କାରଣରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ନିଜର ଫାଇଦା ହାସଲ ପାଇ ବନ୍ଧୁମାନେ ଫନ୍ଦିଫିକର କରିପାରନ୍ତି।

**ତୁଳା**



ଆଜିର ଯାତ୍ରା, କୌଣସି ସ୍ଥଗିତ କାମ, ପାଇବାକୁ ଥିବା ଅର୍ଥ ଯଥା ସମୟରେ ପ୍ରାପ୍ତ ହୋଇ ମନ ଖୁସି ହୋଇଯିବ। କିନ୍ତୁ ସାମୟିକ ଭାବରେ ଶାରୀରିକ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ସତର୍କତା ରକ୍ଷା ନ କଲେ ନିଜ ଲୋକମାନେ ବିଶ୍ୱାସଘାତକତା କରି ଅସୁବିଧାରେ ପକାଇପାରନ୍ତି। ବନ୍ଧୁମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ନିଷ୍ପତ୍ତି ବଦଳାଇ ଦେଇପାରନ୍ତି।

**ବିଛା**



ସକାଳୁ ସକାଳୁ ଆପଣ ଆଦୌ ଆଶା କିମ୍ବା କଳ୍ପନା କରି ନ ଥିବା କାମଟିଏ ତୁଟିଯିବ। ଦିନସାରା ଦୃଢ଼ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇ ପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**ଧନୁ**



ଆକସ୍ମିକ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ ହେବେ। ପରିବାରରୁ କୌଣସି ଅପ୍ରୀତିକର ଖବର ପାଇ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ବନ୍ଧୁଙ୍କ ମାଧ୍ୟମରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ବ୍ୟବସାୟ, ପରିବହନ ଧିମା ଗତିରେ ଚାଲିବା କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ମକର**



ଧନସ୍ଥାନସ୍ଥ ମଙ୍ଗଳ ଓ କେତୁ ଆପଣଙ୍କ କଥା ଓ କାମକୁ ଏପଟ ସେପଟ କରିଦେବାର ଆଶଙ୍କା ରହିଛି। ଫଳତଃ ତର୍କବିତର୍କ ଅଥବା ଟଙ୍କା ପଇସାକୁ କେନ୍ଦ୍ରକରି ଆକସ୍ମିକ କଳହ ଲାଗିପାରେ। ଖଳ ଲୋକମାନଙ୍କ ଦ୍ୱାରା କୌଣସି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଅବଶ୍ୟ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଅକ୍ଷୁଣ୍ଣ ରହିବ।

**କୁମ୍ଭ**



ଦୂରାଗତ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ । ଦୀର୍ଘପଥ ଭ୍ରମଣ ହେତୁକ କ୍ଲାନ୍ତି ଦେଖାଦେଇପାରେ। ଘରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ଆତ୍ମୀୟସ୍ୱଜନଙ୍କ ପରିବର୍ତ୍ତିତ ଆଚରଣ ସ୍ତମ୍ଭୀଭୂତ କରିଦେଇପାରେ।

**ମୀନ**



ଚନ୍ଦ୍ରଙ୍କ ପ୍ରଭାବରେ ମନ ଭିତରେ ଯାହା ଥାଉ ନା କାହିଁକି ଉପର ମନରେ ହସି କଥା କହିବେ। ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବା ସାଙ୍ଗକୁ ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ। ଆକସ୍ମିକ ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରୁ ମନ ଖୁସି ରହିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

ଆଜି କୁମାରପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା, ଜହ୍ନିଓଷା ସମାପ୍ତ, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, ଅକ୍ଟୋବର ୨୪ ତାରିଖ, ଜାତିସଂଘ ଦିବସ, ବୁଧବାର, ରାଶି ନକ୍ଷତ୍ର-ଦିବା ଘ୧୦।୦୪ମି. ଗତେ, ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୧୧ମି. ଗତେ ଘ୮।୪୫ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୦ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୦ମି. ମଧ୍ୟେ ଘ୧୦।୨୫ମି. ଗତେ, ଘ୧୨।୦୦ମି. ମଧ୍ୟେ ଘ୪।୨୫ମି. ଗତେ, ଘ୬।୦୬ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୨।୫୬ମି. ଗତେ ଘ୨।୨୨ମି. ମଧ୍ୟେ ରାହୁକାଳ।



ମୁମ୍ବାଇ ବିମାନ ବନ୍ଦରର ରନୱେ ମରାମତି ପାଇଁ ମଙ୍ଗଳବାର ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏସମ୍ପର୍କରେ ଯାତ୍ରୀମାନଙ୍କୁ ପୂର୍ବରୁ ଅବଗତ କରାଯାଇଛି। ବିମାନବନ୍ଦର ୬ ଘଣ୍ଟା ବନ୍ଦ ରହିବାରୁ ୩ ଶହ ବିମାନର ଉଡ଼ାଣକୁ ବାତିଲ କରାଯାଇଛି। ଏହାର ଏକ ନମ୍ବର ଏବଂ ୨ ନମ୍ବର ରନୱେରେ ମରାମତି କାମ କରାଯାଉଥିବା ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।




# ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟରତ ଥିବା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଫିସର ସ୍ତରରେ ରାଜ୍ୟ ସରକାର ସାମାନ୍ୟ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। କୃଷି ଏବଂ ଖାଦ୍ୟ ଉତ୍ପାଦନ ନିଗମ ନିର୍ଦ୍ଦେଶକ ଏମ୍. ମୁଥୁକୁମାର ଓଡ଼ିଶା କୃଷିଭିତ୍ତିକ ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ (ଭାରପ୍ରାପ୍ତ) ଥିବା ପ୍ରେମ୍‌ଚନ୍ଦ୍ର ଚୌଧୁରୀ ବିଜୁ ଯୁବ ବାହିନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଚଞ୍ଚଳ ରାଣାଙ୍କୁ ଗଜପତି ଜିଲା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ(ଭାରପ୍ରାପ୍ତ) ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅତିରିକ୍ତ କମିଶନର ଥିବା ସ୍ୱଧା ଦେବଙ୍କୁ ଜଳସମ୍ପଦ ବିଭାଗର ଉପସଚିବ ଭାବେ ନିଯୁକ୍ତି ମିଳିଛି। ଅପରପକ୍ଷରେ କେତେକ ଅଫିସରଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। ଆବୋଲି ସୁନୀଲ ନରଭାଣେଙ୍କୁ ମୟୂରଭଞ୍ଜ ଉପଜିଲାପାଳ ଏବଂ ଡିଆରଡିଏ ନିର୍ଦ୍ଦେଶକ(ଅତିରିକ୍ତ) ଦାୟିତ୍ୱ ଦିଆଯାଇଛି। ଅବଦଲ ଅଖତରଙ୍କୁ କୋରାପୁଟ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ଏସ୍. କ୍ରିଷ୍ଣନ କେପିଙ୍କୁ ପାଟଣାଗଡ଼ ଉପଜିଲାପାଳ, ଅମ୍ରିତ ଋତୁରାଜଙ୍କୁ ରାୟଗଡା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଦିବ୍ୟଜ୍ୟୋତି ପରିଡାଙ୍କୁ ବାରିପଦା ଉପଜିଲାପାଳ, ବିଶାଳ ସିଂଙ୍କୁ ନୀଳଗିରି ଉପଜିଲାପାଳ, ବି.ଏସ୍. ବଲିରାମଙ୍କୁ ଗୁଣୁପୁର ଉପଜିଲାପାଳ ଏବଂ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବଙ୍କୁ ବାଲିଗୁଡା ଉପଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି।

# ବସ୍ ଉପରେ ବଜ୍ରପାତ: ହେଲପର ମୃତ

ବରଗଡ଼ ଅଫିସ,୨୩।୧୦

ବରଗଡ଼ ସହର ଜିରା ନଦୀ ପୋଲରେ ଏକ ଯାତ୍ରୀବାହୀ ବସ ଉପରେ ମଙ୍ଗଳବାର ଅପରାହ୍ନ ସାଢ଼େ ୩ଟାରେ ବଜ୍ରପାତ ଘଟି ହେଲପରଙ୍କ ମୃତ୍ୟୁ ଘଟିଛି। ମୃତ ହେଲପର ଜଣକ ବଲାଙ୍ଗୀର ଜିଲା ପାଟଣାଗଡ଼ ଲରମ୍ବାର ଶାନ୍ତନୁ ନାୟକ (୨୨)। କୁମୁଦିନୀ ନାମକ ବସ୍ ବରଗଡ଼ରୁ ବଲାଙ୍ଗୀର ଅଭିମୁଖେ ଯାଉଥିବାବେଳେ ଜିରା ନଦୀ ପୋଲ ଉପରେ ହଠାତ୍ ବର୍ଷା ସହ ବିଜୁଳି ଘଡ଼ଘଡ଼ି ମାରିଥିଲା। ଫଳରେ ଡ୍ରାଇଭର ବସ୍ ଅଟକାଇଥିଲେ। ଏହି ସମୟରେ ଶାନ୍ତନୁ ବସ୍ ଛାତକୁ ଚଢ଼ି ଲୋକଙ୍କ ଜିନିଷପତ୍ର ଉପରେ ତାରପୋଲିନ ଢାଙ୍କୁଥିଲେ। ହେଲେ ଅଚାନକ ବସ୍ ଉପରେ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତ ଏତେ ଭୟଙ୍କର ଥିଲା ଯେ ବସ୍‌ର ଚକ ବି ପଙ୍କଚର ହୋଇଯାଇଥିଲା। ଶାନ୍ତନୁ ମଧ୍ୟ ସେହିଠାରେ ଟଳି ପଡ଼ିଥିଲେ। ପୋଲିସ ପହଞ୍ଚି ବସ୍ ଛାତରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି।






# ବାଉଁଶ ମିଶନ ଲାଗି ୧୨.୫୬ କୋଟି ଟଙ୍କା ଅନୁମୋଦିତ

## ଘରୋଇ ଜମିରେ ଚାଷ କଲେ ମିଳିବ ପ୍ରୋତ୍ସାହନ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜ୍ୟରେ ବାଉଁଶ ଚାଷ ଏବଂ ଶିଳ୍ପର ବିକାଶ ଲାଗି ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୧୨.୫୬କୋଟି ଟଙ୍କାର କାର୍ଯ୍ୟ ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁନର୍ଗଠିତ ଜାତୀୟ ବାଉଁଶ ମିଶନର ପ୍ରଥମ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟିରେ ଏହି ଅନୁମୋଦନ ମିଳିଛି। ମଙ୍ଗଳବାର ସଚିବାଳୟଠାରେ ଆୟୋଜିତ ଏହି ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବାଉଁଶ ମିଶନ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ ଓ ଆର୍ଥିକ ସ୍ଥିତି ଉପରେ ଆଲୋଚନା କରିଛନ୍ତି।

ଘରୋଇ ଜମିରେ ବାଉଁଶ ଚାଷକୁ ପ୍ରୋତ୍ସାହିତ କରିବା ଲାଗି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ଚାଷ କୌଶଳ ସମ୍ପର୍କରେ ଚାଷୀଙ୍କୁ ଜଣାଇ ବାଉଁଶ ସହିତ ଅନ୍ୟ ଫସଲର ମିଶ୍ରିତ ଚାଷକୁ ପ୍ରୋତ୍ସାହିତ କରିବା ଲାଗି ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କାଠ ତିଆରି ଆସବାସ ପତ୍ରର ବେଆଇନ ତିଆରିକୁ ବନ୍ଦ କରି ଏ ଦିଗରେ ଆଇନ୍ ଅନୁମୋଦିତ ନିଯୁକ୍ତି ସୁଯୋଗ ସମ୍ବଳିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ପାଢୀ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିଲାଗି ପରିବେଶ ଅନୁକୂଳ ଜ୍ଞାନ ଓ ବୈଷୟିକ କୌଶଳ ବ୍ୟବହାର କରିବା ପାଇଁ ପାଢୀ ପରାମର୍ଶ ଦେଇଛନ୍ତି। ବାଉଁଶ ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ସୁରେନ୍ଦ୍ର ପ୍ରସାଦ ମହାପାତ୍ର ବୈଠକରେ କହିଛନ୍ତି, ରାଜ୍ୟରେ ୨୦୦୭-୦୮ରୁ ୨୦୧୬-୧୭ ମସିହା ପର୍ଯ୍ୟନ୍ତ ବାଉଁଶ ମିଶନର ପୂର୍ବ ନୀତି ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯାଇଛି। ରାଜ୍ୟରେ ବାଉଁଶ ଜଙ୍ଗଲର ପରିମାଣ ୧୦,୦୦୦ବର୍ଗ କିମିରୁ ବଢି ୧୨,୦୦୦ବର୍ଗ କିମିରେ ପହଞ୍ଚିଛି। ବର୍ତ୍ତମାନ ୬୬ଟି ସାଧାରଣ ଉଦ୍ୟୋଗ ନର୍ସରି, ୨୮ ଘରୋଇ ନର୍ସରି, ୪୧ କିଷାନ ନର୍ସରି ଏବଂ ୪୭ ମହିଳା ନର୍ସରି ବାଉଁଶ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ଏକାମ୍ର ହାଟ, ବାରିପଦାର ମା' ମାନସ ସ୍ୱୟଂ ସହାୟକ କେନ୍ଦ୍ର ଏବଂ ପାଲୁର ଜଙ୍କ୍‌ସନଠାରେ ୩ଟି ଖାଉଟି ଓ ଖୁଚୁରା ବିକ୍ରୟ କେନ୍ଦ୍ର କାର୍ଯ୍ୟ କରୁଛି। ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଜୟପୁର, ସମ୍ବଲପୁର ଏବଂ ଫୁଲବାଣୀ ଆଦି ସ୍ଥାନରେ ୭ଟି ବାଉଁଶ ବଜାର ମଧ୍ୟ ଖୋଲାଯାଇଛି ବୋଲି ମହାପାତ୍ର କହିଛନ୍ତି। ୨୦୧୮-୧୯ ଆର୍ଥିକବର୍ଷରୁ ରାଜ୍ୟରେ ନୂତନ ଜାତୀୟ ବାଉଁଶ ନୀତି ଅନୁଯାୟୀ କାର୍ଯ୍ୟକ୍ରମ କରାଯିବ। ତଦନୁଯାୟୀ ୨୦୧୮-୧୯ ବାର୍ଷିକ ଯୋଜନା ଅନୁମୋଦିତ ହୋଇଛି। ଏହାର କାର୍ଯ୍ୟାନ୍ୱୟନ ଲାଗି ଜାତୀୟ ବାଉଁଶ ମିଶନ ୬୦ଭାଗ ଏବଂ ରାଜ୍ୟ ସରକାର ୪୦ ଭାଗ ପାଣ୍ଠି ଯୋଗାଇବେ। ଘରୋଇ ଜମିରେ ବାଉଁଶ ଚାଷ ପାଇଁ ଚାଷୀ ହେକ୍ଟର ପିଛା ୧୦, ୫୦୦ଟଙ୍କା ପାଉଥିଲେ, ମାତ୍ର ନୂତନ ଚାଷ ଲାଗି ହେକ୍ଟର ପିଛା ଚାଷୀଙ୍କୁ ଏଥର ୫୦ହଜାର ଟଙ୍କା ଦେବାକୁ ବୈଠକରେ ସ୍ଥିର କରାଯାଇଛି।






## ୫ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ କଲା ଶ୍ରୀଲଙ୍କା ନୌସେନା

ନୂଆଦିଲ୍ଲୀ,୨୩।୧୦

ତାମିଲନାଡୁ ନାଗାପଟ୍ଟିନମ୍‌ର ୫ ଜଣ ମତ୍ସଜୀବୀଙ୍କୁ ଶ୍ରୀଲଙ୍କା ନୌସେନା ମଙ୍ଗଳବାର ଉତ୍ତର ଶ୍ରୀଲଙ୍କାର ନେଡୁନଥିବୁରୁ ଗିରଫ କରିଥିବା ସୂଚନା ମିଳିଛି। ଏହା ସହ ଏକ ମେଶିନ୍ ଚାଳିତ ଡଙ୍ଗାକୁ ମଧ୍ୟ ଜବତ କରିଛି ଶ୍ରୀଲଙ୍କା ନୌସେନା।

# ଆଇପିଏସ୍, ଓପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଆଇପିଏସ୍ ଏବଂ ଓପିଏସ୍ ସ୍ତରରେ ରାଜ୍ୟ ସରକାର ମଙ୍ଗଳବାର ଅଦଳବଦଳ କରିଛନ୍ତି। ୧୯୮୪ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଆର୍. ପି. ସିଂଙ୍କୁ ଜେଲ ବିଭାଗ ମହାନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଜେଲ ବିଭାଗ ମହାନିର୍ଦ୍ଦେଶକ ଥିବା ବିନୟାନନ୍ଦ ଝାଙ୍କୁ ଗୃହ ବିଭାଗକୁ ବଦଳି କରାଯାଇଛି। ଭିଜିଲାନ୍ସ ଆଇଜି ଯତୀନ୍ଦ୍ର କୋଏଲଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଆଇଜି, ବିପିଏସ୍‌ପିଏ ନିର୍ଦ୍ଦେଶକ ଥିବା ସୂର୍ଯ୍ୟ ଥଙ୍ଗପାନଙ୍କୁ ଭିଜିଲାନ୍ସ ଡିଆଇଜି, ସେହିଭଳି ଏସ୍‌ଟିଏଫ ଆଇଜି ଥିବା ହିମାଂଶୁ ଲାଲଙ୍କୁ ଡିଆଇଜି ଏସ୍‌ଏପି ଭାବେ ବଦଳି କରାଯାଇଛି। ସେହିପରି ବିପିଏସ୍‌ପିଏ ଅତିରିକ୍ତ ଏସ୍‌ପି ଥିବା ପ୍ରଭାକର ସ୍ୱାଇଁ ବୈରୀ ପିଟିଆଇ ଏସ୍‌ପି, ସମ୍ବଲପୁର ଜିଲାର ଅତିରିକ୍ତ ଏସ୍‌ପି ଥିବା ଶ୍ରୀକୃଷ୍ଣ ବେହେରା ଭୁବନେଶ୍ୱର ମେରାଇନ ପୋଲିସ ଏଆଇଜି ଭାବେ ବଦଳି ହୋଇଛନ୍ତି।







# ଟିକା ଦେଇ ଶୋଷଣ

ଜନସଂଖ୍ୟାବହୁଳ ଭାରତରେ ବଢ଼ି ଚାଲିଥିବା ରୋଗୀଙ୍କ ସଂଖ୍ୟାକୁ ଦେଖି ଔଷଧ ନିର୍ମାତାମାନେ ଏହାର ଫାଇଦା ଉଠାଇ ଚାଲିଛନ୍ତି। ଖୁବ୍ କମ ଦାମ୍‌ର ଔଷଧରେ ଯେତେବେଳେ ନାମକରା କମ୍ପାନୀଗୁଡ଼ିକର ଷ୍ଟାମ୍ପ୍ ବାଜିଯାଉଛି, ସେତେବେଳେ ମୂଲ୍ୟ ବହୁଗୁଣ ହୋଇଯାଉଛି। ଏବେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଫାର୍ମା କମ୍ପାନୀଗୁଡ଼ିକ ସ୍ୱତନ୍ତ୍ର ବ୍ରାଣ୍ଡର ଭାକ୍‌ସିନ୍ ଲେଖିବା ପାଇଁ ଡାକ୍ତର ଓ ହସ୍ପିଟାଲକୁ ଲାଞ୍ଚ ଦେଉଛନ୍ତି। ସ୍ଥଳବିଶେଷରେ ୨୦ରୁ ୨୧ ପ୍ରତିଶତଯାଏ ଡାକ୍ତର ଓ ହସ୍ପିଟାଲକୁ ଇନ୍‌ସେନ୍‌ଟିଭ୍ ଦିଆଯାଉଛି। ବିଶେଷକରି ଏକାଧିକ କମ୍ବିନେଶନ୍‌ର ଡୋଜ୍ ସକାଶେ ଏଭଳି ପଦ୍ଧତି ଅନୁସରଣ କରାଯାଉଛି। ହିସାବରୁ ଜଣାପଡ଼ିଛି ଯେ, ୫ ପ୍ରକାର ରୋଗ ପାଇଁ ଭାକ୍‌ସିନ୍‌ର ମୂଲ୍ୟ ୨୮୦୦ ଟଙ୍କା ରହୁଥିବା ବେଳେ ଏଥିରେ ଆଉ ଏକ ରୋଗ, ଯଥା 'ହେପାଟାଇଟିସ୍ ବି' କୁ ମିଶାଇ ଦିଆଗଲେ ଏହାର ଦାମ୍ ଏକାଥରକେ ୩,୯୦୦ ଟଙ୍କାକୁ ବୃଦ୍ଧି ପାଉଛି। ଆଶ୍ଚର୍ଯ୍ୟର କଥା, ମାତ୍ର ୬୦ ଟଙ୍କାରେ 'ହେପାଟାଇଟିସ୍ ବି' ଭାକ୍‌ସିନ୍ ବଜାରରେ ଉପଲବ୍ଧ ହେଉଛି। ଏଥିରୁ ବୁଝିହେଉଛି ଯେ ଶିଶୁମାନଙ୍କ ଲାଗି ଉଦ୍ଦିଷ୍ଟ ଟିକାର ମୂଲ୍ୟକୁ ଜାଣିଶୁଣି କମ୍ପାନୀ-ଡାକ୍ତର ମେଣ୍ଟ ବଢ଼ାଇ ଚାଲିଛନ୍ତି। ଶିଶୁ ଅତି ସମ୍ବେଦନଶୀଳ ହୋଇଥିବାରୁ ମାତାପିତାଙ୍କର ତା' ପ୍ରତି ଆବେଗିକ ସମ୍ପର୍କ ନିବିଡ଼ ଥାଏ। ତେଣୁ ଡାକ୍ତର ଯେଉଁ ଉପଦେଶ ଦେଇଥାଆନ୍ତି, ମାତାପିତାମାନେ ପିଲାର ସ୍ୱାସ୍ଥ୍ୟକୁ ଦେଖି ତାହାକୁ ମାନି ନେଇଥାଆନ୍ତି। ଫଳରେ ଔଷଧ କମ୍ପାନୀ ଓ ଡାକ୍ତରମାନେ ଶିଶୁମାନଙ୍କ ଅସହାୟତାର ସୁଯୋଗ ନେଇ ବେପାର କରି ଚାଲୁଛନ୍ତି ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଭଳି ସଲାସୁତୁରା ନୂଆ ନୁହେଁ। ତେବେ 'ହେପାଟାଇଟିସ୍ ବି' ଭାକ୍‌ସିନ୍ ବଜାରରେ ୬୦ ଟଙ୍କାରେ ମିଳୁଥିବା ବେଳେ ତାହାକୁ ଅନ୍ୟ ୫ ରୋଗ ପାଇଁ ଉଦ୍ଦିଷ୍ଟ ଭାକ୍‌ସିନ୍ ସହ ମିଶାଇ ଦିଆଯିବାରୁ ସମୁଦାୟ ମୂଲ୍ୟ ୧୧୦୦ ଟଙ୍କା ବଢ଼ିଯାଉଛି। ଗୋଟିଏ ରୋଗକୁ ଯୋଡ଼ିବା ଦ୍ୱାରା ଭାକ୍‌ସିନ୍ ଦାମ୍‌ରେ ବିରାଟ ତାରତମ୍ୟ ଦେଖାଦେବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଏମିତି ଦେଖିଲେ ଜଣେ ଶିଶୁ ପାଇଁ କେତେକ ଟିକା ଅନାବଶ୍ୟକ ଥିଲେ ମଧ୍ୟ ଡାକ୍ତର ସେଗୁଡ଼ିକୁ ନେବାକୁ ପରାମର୍ଶ ଦେଉଥିବା ଅଭିଯୋଗ ହେଉଛି। ଅନ୍ୟ ଏକ ଘଟଣାରେ ୨୦୧୮ ଅକ୍ଟୋବର ୧ରେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ତେଲେଙ୍ଗାନାରେ ଶିଶୁଙ୍କୁ ଓରାଲ୍ ପୋଲିଓ ଭାକ୍‌ସିନ୍ ଦିଆଯାଇଥିଲା। ହେଲେ ଶିଶିଗୁଡ଼ିକରେ ଟାଇପ୍-୨ ଭାଇରସ୍ ବା ଜୀବାଣୁ ଥିବାରୁ ଶିଶୁଙ୍କ ଦେହରେ ତାହା ସଂକ୍ରମିତ ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଥିଲା। ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଔଷଧ କମ୍ପାନୀ ଏହାକୁ ପ୍ରସ୍ତୁତ କରିଥିଲା। ଟାଇପ୍-୨ ଭାଇରସ୍ ବିଶ୍ୱରୁ ହଟିଯାଇଥିବା ବେଳେ ଉକ୍ତ ଶିଶିରେ ଏହାର ଉପସ୍ଥିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏଥିରୁ ବୁଝିବାକୁ ହେବ ଯେ ମଣିଷର ଜୀବନ ସହ କେତେକ ଫାର୍ମା କମ୍ପାନୀ ଖେଳୁଛନ୍ତି। ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ ଉକ୍ତ କମ୍ପାନୀ ଉପରେ ଔଷଧ ନିର୍ମାଣ, ବିକ୍ରି ଓ ବଣ୍ଟନ ନେଇ କଟକଣା ଲଗାଇଥିଲେ ମଧ୍ୟ ଔଷଧ ପ୍ରସ୍ତୁତିରେ ଅନେକ ଅବ୍ୟବସ୍ଥା ଯେ ଘଟୁଛି ଏଥିରୁ ବୁଝିବାକୁ ହେବ।

ଉପରଲିଖିତ ଘଟଣାକୁ ଦେଖିଲେ ଭାକ୍‌ସିନ୍‌ର ଦାମ୍ ବଢ଼ିଯିବା ନେଇ ସଫେଇ ଦେବାକୁ ଯାଇ ଫାର୍ମା କମ୍ପାନୀଗୁଡ଼ିକ କହୁଛନ୍ତି ଯେ, ଟିକାଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି କୋଲ୍ଡ ଚେନ୍ ଲଜିଷ୍ଟିକ୍ସର ଆବଶ୍ୟକତା ରହୁଥିବାରୁ ଏହାର ରକ୍ଷଣାବେକ୍ଷଣ ଲାଗି ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ହେଲେ ଏଭଳି ଯୁକ୍ତି ସହଜରେ ଗ୍ରହଣୀୟ ନୁହେଁ। କାରଣ ବଜାରରେ ୬୦ ଟଙ୍କାରେ ହେପାଟାଇଟିସ୍ ବି ଭାକ୍‌ସିନ୍ ମିଳିପାରୁଥିବା ବେଳେ ତାହାକୁ କମ୍ବୋରେ ମିଶାଇଲେ ୧୧୦୦ ଟଙ୍କା ବଢ଼ିଯିବା ଅବିଶ୍ୱସନୀୟ ମନେହେଉଛି। ଦେଶରେ ପ୍ରତିବର୍ଷ ୨ କୋଟି ଶିଶୁ ଜନ୍ମ ନେଉଛନ୍ତି। ଏମାନଙ୍କ ମଧ୍ୟରୁ ୧୪ରୁ ୨୦ ଲକ୍ଷ ଶିଶୁଙ୍କୁ ସରକାରୀ ଖର୍ଚ୍ଚରେ ଭାକ୍‌ସିନ୍ ଦିଆଯାଇପାରୁ ନାହିଁ। ଅର୍ଥାତ୍ ଏମାନଙ୍କୁ ଟିକା ଦେବା ଲାଗି ବଜାର ଉପରେ ନିର୍ଭର କରିବାକୁ ପଡ଼େ। ଯେହେତୁ ଶିଶୁ ସ୍ୱାସ୍ଥ୍ୟକୁ ନେଇ ମାତାପିତା ଚିନ୍ତିତ ଥାଆନ୍ତି, ସେହେତୁ ସେମାନଙ୍କ ଅସହାୟତାର ସୁଯୋଗ ଫାର୍ମା କମ୍ପାନୀଗୁଡ଼ିକ ନେଉଛନ୍ତି ବୋଲି କୁହାଯାଇପାରେ। କେବଳ ସେତିକି ନୁହେଁ, ଔଷଧ ନିର୍ମାତାମାନେ କମ ପ୍ରଭାବଶାଳୀ ଔଷଧ ଉପରେ ଅଧିକ ମୂଲ୍ୟ ଲଗାଇ ବିକ୍ରି କରିବା ସକାଶେ ଡାକ୍ତରଙ୍କୁ ବିଭିନ୍ନ ପ୍ରକାର ଉପହାର ବା ଲାଞ୍ଚ ଦେଉଥିବା ନିତିଦିନିଆ କଥା। ସେହିପରି ଅନାବଶ୍ୟକ ଡାକ୍ତରୀ ପରୀକ୍ଷା କରିବା ଲାଗି ଅନେକ ସମୟରେ ଡାକ୍ତରମାନେ ରୋଗୀଙ୍କୁ ବାଧ୍ୟ କରୁଥିବା ଦେଖିବାକୁ ମିଳୁଛି। ଏହା ଦ୍ୱାରା ରୋଗୀ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏଭଳି ସ୍ଥଳେ ଯେଉଁ ଔଷଧ ନିର୍ମାତା ଭୁଲ କରି ବସୁଛନ୍ତି, ସେମାନଙ୍କ ବିରୋଧରେ ସରକାରୀ ସ୍ତରରେ କାର୍ଯ୍ୟାନୁଷ୍ଠାନ ନିଆଗଲେ ହୁଏତ ରୋଗୀ ଶୋଷଣରୁ ମୁକ୍ତ ହୋଇପାରନ୍ତେ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | A | | | | | 1 | | | | | | |
| | 2 | 4 | | | 3 | | B | 6 | | | | A | | C |
| | | | E | | 5 | | | | | | | | 9 | 1 |
| | | | | B | D | | | 8 | | | C | | | |
| E | 6 | | | | 9 | D | 2 | 4 | B | | | | 3 | |
| 2 | 1 | B | | | | | 0 | 7 | | | | | | 8 |
| 0 | 5 | | | 9 | E | 2 | | | 4 | | | | | |
| 3 | | | | | | | | | | | 8 | B | | |
| | | | | | | | 4 | | | | | | | 7 |
| | | | 3 | 4 | C | | 1 | 5 | | 9 | E | D | | |
| | | | | | 7 | | | | 3 | | | | 8 | A |
| | D | | 6 | E | 2 | | | | A | | 9 | | | |
| 8 | E | 3 | | 5 | | A | C | 2 | | | B | 7 | | |
| | | | B | | | 9 | 5 | 3 | C | 1 | | | D | 2 |
| 5 | | 1 | | | | 6 | | | | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 8 | 9 | 7 | B | 5 | C | A | D | 3 | E | 4 | 1 | 6 | 0 |
| 0 | 6 | 7 | A | 4 | C | 1 | E | 3 | 8 | 2 | D | 9 | B | 5 |
| 3 | 5 | E | 1 | 0 | D | 4 | B | 9 | 6 | A | 7 | 2 | C | 8 |
| 4 | 1 | D | 6 | 9 | 8 | 0 | 7 | 2 | B | C | 5 | E | 3 | A |
| B | C | A | 3 | E | 2 | 6 | 5 | 8 | 9 | 1 | 0 | D | 4 | 7 |
| A | D | 1 | 0 | 8 | 6 | 9 | 4 | C | 5 | 3 | E | B | 7 | 2 |
| 6 | 2 | 5 | B | 3 | 9 | 7 | 1 | 0 | D | 4 | A | C | 8 | E |
| 9 | B | C | 4 | 5 | 7 | 2 | 3 | E | 1 | 8 | 6 | 0 | A | D |
| 8 | E | 0 | D | 2 | 1 | B | 6 | A | 7 | 9 | C | 4 | 5 | 3 |
| 7 | 3 | 4 | E | C | A | 8 | D | 5 | 0 | B | 2 | 6 | 1 | 9 |
| 5 | 9 | 3 | C | A | B | D | 2 | 1 | E | 6 | 8 | 7 | 0 | 4 |
| 1 | 0 | 8 | 2 | 6 | 3 | E | C | 4 | A | 7 | 9 | 5 | D | B |
| D | 4 | 2 | 9 | 1 | 0 | A | 8 | 7 | C | 5 | B | 3 | E | 6 |
| E | A | B | 5 | 7 | 4 | 3 | 0 | 6 | 2 | D | 1 | 8 | 9 | C |
| C | 7 | 6 | 8 | D | E | 5 | 9 | B | 4 | 0 | 3 | A | 2 | 1 |

ଗତକାଲିର ଉତ୍ତର

# ବିପଦକୁ ଅବହେଳାରୁ ବିପତ୍ତି



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

'ତିତ୍‌ଲି' ଭଳି ବାତ୍ୟାରେ, ଅମୃତସରରେ ରେଳଗାଡ଼ି ମାଡ଼ିଯିବା ଭଳି ଘଟଣାରେ ବା ଅନ୍ୟାନ୍ୟ ଘଟଣା ଦୁର୍ଘଟଣାରେ ହେଉଥିବା ଅକାଳ ମୃତ୍ୟୁଜନିତ କ୍ଷୟକ୍ଷତିକୁ ଅନେକ ମାତ୍ରାରେ କମ୍ କରାଯାଇପାରିଥାନ୍ତା ବା ସମ୍ପୂର୍ଣ୍ଣ ଭାବେ ଏଡାଯାଇ ପାରିଥାନ୍ତା, ଯଦି ସମ୍ଭାବ୍ୟ 'ବିପଦ'କୁ ବ୍ୟକ୍ତିଗତ, ସାମୂହିକ ଓ ସରକାରୀ ସ୍ତରରେ ସଜ୍ଞାନରେ ରଖାଯାଇଥାନ୍ତା। ଏପରି ହୋଇଥିଲେ ତିତ୍‌ଲି ଓ ଅମୃତସରରେ ଜଣଙ୍କର ବି ମୃତ୍ୟୁ ହୋଇ ନ ଥାନ୍ତା। ସମ୍ଭାବ୍ୟ ବିପଦକୁ ଅଣଦେଖା ହିଁ ଏକ ସାଧାରଣ ବିପଦକୁ ଅସାଧାରଣ ବିପର୍ଯ୍ୟୟରେ ପରିଣତ କରିଦିଏ। ତିତ୍‌ଲି ଓ ଅମୃତସର ଦୁର୍ଘଟଣା ତାହାର ସଦ୍ୟତମ ଉଦାହରଣ। ପ୍ରଥମେ ତିତ୍‌ଲିର ଉଦାହରଣ ନେବା। ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ। ସାଧାରଣତଃ ଅକ୍ଟୋବରରେ ବାତ୍ୟାର ସମ୍ଭାବନା ସବୁଠାରୁ ଅଧିକ ବୋଲି ସମସ୍ତେ ଜାଣନ୍ତି। ତିତ୍‌ଲିର ପ୍ରକୋପ ତଥା ସମ୍ଭାବ୍ୟ ଗତିପଥ ବିଷୟରେ ଯଥେଷ୍ଟ ଆଗରୁ ସତର୍କ ସୂଚନା ମିଳିସାରିଥିଲା। ତଥାପି ଅନେକ ଅଞ୍ଚଳର ଲୋକେ ସୁରକ୍ଷିତ ସ୍ଥାନକୁ ଗଲେ ନାହିଁ ବା ତାଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇପାରିଲା ନାହିଁ।

ଗଜପତି ଜିଲାର ରାସ୍ତାଘାଟ ନ ଥିବା ଓ ପର୍ବତର ଶିଖରରେ ଥିବା ଆଦିବାସୀ ଅଧ୍ୟୁଷିତ ବାରଘର ଗାଁର ଲୋକେ ବିପଦ ଆସନ୍ନ ବୋଲି ଜାଣିଥିଲେ। ଯଦି ସରକାରଙ୍କ ଦାବିକୁ ସତ ବୋଲି ମାନି ନିଆଯାଏ, ତେବେ ସରକାରୀ ଅଧିକାରୀ ସେହି ଗାଁରେ ପହଞ୍ଚିଥିଲେ ଏବଂ ଏମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ ପ୍ରବର୍ତ୍ତାଇଥିଲେ। ହୁଏତ ସରକାରୀ ବାବୁମାନେ ବାତ୍ୟାର ଖବର ଲୋକଙ୍କଠାରେ ପହଞ୍ଚାଅ ବୋଲି ଆଦେଶ ପାଇଥିବାରୁ ଉପରଠାଉରିଆ ଭାବେ ଖାଲି କହିଦେଇଥିବେ ଯେ ବାତ୍ୟା ଆସୁଛି। ସେମାନେ ସମ୍ଭାବ୍ୟ ବିପଦକୁ ଠିକ୍‌ଭାବେ ଲୋକଙ୍କୁ ଜଣାଇ ନ ଥିବେ! ତେବେ କିଛି ଲୋକ ସୁରକ୍ଷିତ ସ୍ଥାନକୁ ଯାଇଥିଲେ। ସୁରକ୍ଷିତ ସ୍ଥାନକୁ ଯାଇ ନ ଥିବା ଲୋକେ ହିଁ ଜୀବନ ହରାଇଲେ। ବାତ୍ୟା ତଥା ଭୂସ୍ଖଳନ ଓ ବନ୍ୟାରେ ଜୀବନହାନିର ସମସ୍ତ ମାମଲା ପ୍ରାୟ ଏହି ଶ୍ରେଣୀର। ତିତ୍‌ଲି ବାତ୍ୟାର ବିପଦକୁ ଠିକ୍‌ଭାବରେ ବୁଝିପାରି ସମୟ ଅନୁସାରେ ଆବଶ୍ୟକ ପଦକ୍ଷେପ ନେଇଥିଲେ ପ୍ରାୟ ସମସ୍ତ ମୃତ୍ୟୁକୁ ଟାଳି ହୋଇଥାନ୍ତା।

ଅମୃତସରରେ ଘଟିଥିବା ମର୍ମନ୍ତୁଦ ଘଟଣା ଆହୁରି ସାଙ୍ଘାତିକ। ଏଠି ଘଟିଥିବା ମୃତ୍ୟୁକୁ ଦୁର୍ଘଟଣାଜନିତ ବୋଲି କହିବାରେ ମୋର ଦ୍ୱିଧା ଅଛି। ବାତ୍ୟାର ବିପଦ କେତେହେବ ତାହାକୁ ହୃଦ୍‌ବୋଧ କରିବା ହୁଏତ କଷ୍ଟସାଧ୍ୟ। କିନ୍ତୁ ସବୁବେଳେ ରେଳଗାଡ଼ି ଯିବାଆସିବା କରୁଥିବା ଏକ ରେଳଧାରଣାରେ ଛିଡ଼ାହୋଇ ରେଳଗାଡ଼ିର ଆଗମନ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ହୋଇ ମଉଜରେ ମସ୍‌ଗୁଲ ହେବା ଯେ ଏକ ମସ୍ତବଡ଼ ବିପଦକୁ ଆମନ୍ତ୍ରଣ କରିବା ଏ କଥା ବି କ'ଣ କାହାକୁ କହିବାକୁ ପଡିବ ? ସେହି ଦଶହରା ଦିନ ଭୁବନେଶ୍ୱର ଉପକଣ୍ଠରେ ଆଉ ଏକ ଭୟଙ୍କର ଦୁର୍ଘଟଣାରେ ଛଅ ଜଣଙ୍କର ଅମୂଲ୍ୟ ଜୀବନ ଯାଇଥିଲା। ଏକ ବ୍ୟସ୍ତ ଜାତୀୟ ରାଜପଥରେ ଭୁଲ ରାସ୍ତାରେ ଆସୁଥିବା ଏକ ବାଇକଚାଳକ ବିପଦକୁ ଖାଲି ଆଖିବୁଜି ନ ଥିଲା, ସେ ବିପଦକୁ ଆହୁରି ବଢ଼ାଇ ନିଜ ସମେତ ଠିକ୍ ରାସ୍ତାରେ କାରରେ ବସି ଆସୁଥିବା ସମସ୍ତଙ୍କ ଅକାଳ ମୃତ୍ୟୁର କାରଣ ହୋଇଥିଲା। ଏହିଭଳି ଅନେକ 'ଦୁର୍ଘଟଣା' ସମ୍ପୂର୍ଣ୍ଣ ଭାବରେ ମାନବକୃତ। ଦୁଃଖର କଥା ଯେ, ବିପଦକୁ ନ ବୁଝିବା ବା ବିପଦ ଜାଣି ମଧ୍ୟ ତାହାକୁ ଅଣଦେଖା କରିବାର ମୂର୍ଖତା ଏବେ ବଢ଼ି ଚାଲିଛି। ରେଳଧାରଣା ଉପରେ ଛିଡାହେବା ବା ରାସ୍ତାର ବିପରୀତ ଦିଗରେ ଗାଡି ଚାଳନା ବା ସେହିଭଳି ଅନ୍ୟ ବିପଦକୁ ବରଣ କରିନେବାକୁ କିଛି ଲୋକ ବାହାଦୁରି ବା ଦାଦାଗିରି ବୋଲି ମନେକରନ୍ତି। କିଛି ଲୋକ ତାହା ଏକ ବିପଦ ନୁହେଁ ବା ସମ୍ଭାଳି ହେବା ଭଳି ବିପଦ ବୋଲି ମନେକରନ୍ତି। ବିପଦକୁ ନ ଜାଣିବା ଏକ ମୂର୍ଖତା କିନ୍ତୁ ବିପଦକୁ ଜାଣି ବି ତାକୁ ଅବଜ୍ଞା କରିବା ବିପଜ୍ଜନକ।

ପ୍ରାକୃତିକ ବିପଦ ଏକ ଭିନ୍ନ ପ୍ରକାର ବିପଦ। ଏହା କେତେବେଳେ ଆସିବ, ସେ କଥା ଆଗୁଆ କହି ଆସେନାହିଁ। ବନ୍ୟା, ମରୁଡ଼ି ଏବଂ ବାତ୍ୟା ଭଳି କିଛି ପ୍ରାକୃତିକ ବିପଦକୁ ଅନ୍ଦାଜ କରିବା ଓ ଲୋକଙ୍କୁ ଆଗୁଆ ଜଣାଇବାର ନାନା ସାଧନ ରହିଛି। ତେବେ ଭୂମିକମ୍ପ ଓ ସୁନାମି ଭଳି କିଛି ପ୍ରାକୃତିକ ବିପତ୍ତି ରହିଛି, ଯାହାକୁ ଯଥେଷ୍ଟ ସମୟ ପୂର୍ବରୁ ଅନୁମାନ କରିବା କଷ୍ଟସାଧ୍ୟ ବା ଅସମ୍ଭବ। ବିଶେଷଜ୍ଞମାନେ କହିସାରିଲେଣି ଏବଂ ଲୋକେ ମଧ୍ୟ ଉପଲବ୍ଧି କରିସାରିଲେଣି ଯେ ପ୍ରାକୃତିକ ବିପଦମାନ ବଢ଼ିବାରେ ଲାଗିଛି। ତେବେ ଅନେକ ପ୍ରାକୃତିକ ବିପଦକୁ ଆମେ ବିଶାଳ ବିପତ୍ତିରେ ପରିଣତ କରିଦେଉଛୁ। ଆମେ ଯେଉଁ ପ୍ରକାର 'ଉନ୍ନୟନ' କାର୍ଯ୍ୟ କରୁଛୁ, ତାହା ବେଳେବେଳେ ପ୍ରାକୃତିକ ବିପତ୍ତିର କାରଣ ହେଉଛି। ଅଧିକାଂଶ ବା ପ୍ରାୟ ସବୁ ତଥାକଥିତ 'ଉନ୍ନୟନ' କାମ ବିପଦକୁ ଆକଳନ କରି ତାହାକୁ ହ୍ରାସ କରିବା ବା ବିପଦକୁ ମୁକାବିଲା କରିବାର ସୁଯୋଗକୁ ହାତଛଡା କରୁଛନ୍ତି ବା ବିପଦକୁ ଆଖିଆଗରେ ରଖି ତାହାକୁ 'ଉନ୍ନୟନ' କାମରେ ଲଗାଇବାର ଆବଶ୍ୟକତା ଅନୁଭବ କରୁନାହାନ୍ତି।

'ଡିଜାଷ୍ଟର ରିସ୍କ ରିଡକ୍ସନ' ବା ବିପତ୍ତିର ଦାୟ ହ୍ରାସ କରିବା ପାଇଁ ମିଳିତ ଜାତିସଂଘର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି। ସେଥିରେ 'ରିସ୍କ ଇନ୍‌ଫର୍ମଡ ଡେଭ୍‌ଲପମେଣ୍ଟ' ବା 'ବିପଦ ଜ୍ଞାତ ଉନ୍ନୟନ' ଉପରେ ଜୋର ଦିଆଯାଉଛି। ଭାରତ ସରକାର ତଥା ଓଡ଼ିଶା ସରକାର ମଧ୍ୟ ଜାତୀୟ ଓ ରାଜ୍ୟ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନରେ ସେହି ଗୁରୁତ୍ୱକୁ ଉପଲବ୍ଧି କରିଥିବା କହିଛନ୍ତି। ବିପତ୍ତିକୁ ମୁକାବିଲା କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି ଧରାଯାଉଛି। କିନ୍ତୁ ତିତ୍‌ଲି ଭଳି ଏକ ଅତି ଭୟଙ୍କର ହୋଇ ନ ଥିବା ବାତ୍ୟାରେ ଏତେ ମାତ୍ରାରେ ଲୋକେ ମୃତାହତ ହେବା ତଥା ଏତେ ସମ୍ପତ୍ତି କ୍ଷତିଗ୍ରସ୍ତ ହେବା ଖୁବ୍ ଚିନ୍ତାଜନକ। ବାତ୍ୟା ସହିତ ବର୍ଷା ଅବଶ୍ୟ ହୋଇଛି, କିନ୍ତୁ ରାଜ୍ୟର କୌଣସି ବି ଜିଲାରେ ବାତ୍ୟାବେଳେ କୌଣସି ଦିନ ୪୦୦ ମିଲିମିଟରରୁ ଅଧିକ ବର୍ଷା ହୋଇନାହିଁ। ପବନର ବେଗ ଘଣ୍ଟାପ୍ରତି ପ୍ରାୟ ୧୫୦ କିଲୋମିଟରରୁ ତଳେ ହିଁ ରହିଛି। କିନ୍ତୁ ଋଷିକୁଲ୍ୟା, ବଡନଦୀ, ବାହୁଦା, ଜଳକା, ବଂଶଧାରା ଓ ବୁଢ଼ାବଳଙ୍ଗ ଭଳି ନଦୀରେ ବିଶାଳ ବନ୍ୟା ଆସିଛି ଓ ବିପୁଳ କ୍ଷତି କରିଛି। ସେହି କ୍ଷତି ପାଇଁ କେବଳ ବନ୍ୟା ଓ ବାତ୍ୟାକୁ ଦୋଷଦେବା ସମ୍ପୂର୍ଣ୍ଣ ଭୁଲ ହେବ। ବାତ୍ୟା ଏକ ବିପଦ ଅବଶ୍ୟ ଥିଲା କିନ୍ତୁ ବୋଧହୁଏ ଆମେ ହିଁ ତାକୁ ମହାବିପତ୍ତିରେ ପରିଣତ କରିଛେଁ। ଆମେ ହିଁ କରିଥିବା ରାସ୍ତାଘାଟ, ଘରଦ୍ୱାର, ବନ୍ଧବାଡ ଇତ୍ୟାଦି ଏବଂ ଆମେ ହିଁ ବିନାଶ କରିଥିବା ପ୍ରକୃତି, ଜଙ୍ଗଲ ଓ ପରିବେଶ ହିଁ ଆମ ପାଇଁ ବିପତ୍ତି ଆଣିଦେଇଛି। ଗଞ୍ଜାମରେ ହୋଇଥିବା ବନ୍ୟାକୁ ଭୟାବହ କରିବାରେ ଭଞ୍ଜନଗର ଓ ସୋରଡ଼ାରେ ଥିବା ଡ୍ୟାମ୍‌ର ଭୂମିକା କେତେ ତା'ର ଅନୁଧ୍ୟାନ ଆବଶ୍ୟକ। ଭୂସ୍ଖଳନ ସହିତ ଜଙ୍ଗଲ ଧ୍ୱଂସକୁ ଯୋଡି ଦେଖିବା ମଧ୍ୟ ଜରୁରୀ।

ମିଳିତ ଜାତିସଂଘ କହିଛି, 'ଯେତେବେଳ ଯାଏ ସରକାରମାନେ ଏହା ଜାଣିନାହାନ୍ତି ଯେ ସେମାନେ କ'ଣ ହରାଉଛନ୍ତି, ସେତେବେଳ ଯାଏ ପ୍ରାକୃତିକ ବିପତ୍ତି ହ୍ରାସ ହେବା ସହଜ ନୁହେଁ। ଏକ ବିପଦ କେତେ କ୍ଷତି କରିପାରେ, ତାହା ଜାଣିଲେ ସରକାର ବିପଦକୁ ହ୍ରାସ କରିବା ଦିଗରେ ଅଧିକ ପ୍ରତିବଦ୍ଧ ହେବେ।' ଏହି ସାଧାରଣ ଆବଶ୍ୟକତାଟି କେବଳ ସରକାରଙ୍କ ପାଇଁ ନୁହେଁ, ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ବିପଦକୁ ମହାବିପତ୍ତିରେ ପରିଣତ ହେବାକୁ ନ ଦେବାର ସାଧନ ଆମରି ହାତରେ ହିଁ ଅଛି।

# ଗଣମାନସର କବି



ଡ. ସିଦ୍ଧାର୍ଥ କାନୁନ୍‌ଗୋ

୧୮୮୨ ମସିହା କୁମାରପୂର୍ଣ୍ଣିମା ଦିନ ମାହାଙ୍ଗା ସନ୍ନିକଟ କୋଠପଦା ଗ୍ରାମର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ନେଇଥିଲେ ଓଡ଼ିଆ ଗଣମାନସର କବି ବୈଷ୍ଣବ ପାଣି। ଦାରିଦ୍ର୍ୟ ହେତୁ ଚୁଲିମୁଣ୍ଡରେ ଏବଂ ବେଳେ ବେଳେ ଜୁଳୁଜୁଳିଆ ପୋକ ସାହାଯ୍ୟରେ ଏହି ଯୋଗଜନ୍ମା କବିଙ୍କୁ ବିଦ୍ୟାଧ୍ୟୟନ କରିବାକୁ ପଡ଼ିଛି। ଦାରିଦ୍ର୍ୟ ତାଙ୍କୁ ଉଚ୍ଚଶିକ୍ଷା ସୁଯୋଗ ଦେଇନାହିଁ। ଷଷ୍ଠଶ୍ରେଣୀରେ ତାଙ୍କ ବିଦ୍ୟାଶିକ୍ଷାର ହୋଇଛି ଆନୁଷ୍ଠାନିକ ପରିସମାପ୍ତି। ପରେ ମାସକୁ ୪ଟଙ୍କା ବେତନରେ ଦୁଇ ମାସ ପାଇଁ ମାଳୀହତା ଗ୍ରାମରେ ସେ ପ୍ରଥମେ ହେଲେ ଯାତ୍ରା ଓସ୍ତାଦ୍। ନିଜର ଅଧ୍ୟବସାୟ ଓ ଗାନ୍ଧର୍ବ ବିଦ୍ୟାରେ ପାରଦର୍ଶିତା ଯୋଗୁ ତାଙ୍କୁ ଆଶାତୀତ ସଫଳତା ମିଳିଲା। ତତ୍କାଳୀନ କରଦ ରାଜ୍ୟ, କଲିକତା ଓ ଟାଟା ଇତ୍ୟାଦି ସ୍ଥାନରେ ଯାତ୍ରା କରି ସେ ଖ୍ୟାତି ଅର୍ଜନ କଲେ। ସେ ସମୟର ପ୍ରସିଦ୍ଧ ନାଟ୍ୟକାର ଗୋପାଳ ଦାଶ, ମୋହନ ଗୋସେଇଁ, କୃଷ୍ଣ ବସୁ, ବାଳକୃଷ୍ଣ ମହାନ୍ତିଙ୍କ ସହ ବାଦୀପାଲା କରିବାର ସୁଯୋଗ ପାଇବାରୁ ସାହିତ୍ୟ ସୃଷ୍ଟି ଲାଗି ତାଙ୍କ ମନରେ ପ୍ରବଳ ଉତ୍ସାହ ଜାଗିଲା। ଏହାକୁ ପୁଞ୍ଜିକରି ସେ ୨୧ ବର୍ଷ ବୟସରେ ରଚନା କଲେ ତାଙ୍କର ସର୍ବପ୍ରଥମ ଗୀତିନାଟ୍ୟ 'ମେଘନାଦ ବଧ'।

କ୍ରମେ ଶତାଧିକ ଗୀତିନାଟ୍ୟ, ଗୀତାଭିନୟ ଓ ସୁଆଙ୍ଗ ରଚନା କରି ସେ ଓଡ଼ିଶାର ପୁରପଲ୍ଲୀ ତଥା ପ୍ରବାସୀ ଓଡ଼ିଆଙ୍କ ମହଲରେ ଗଣକବିର ମାନ୍ୟତା ପାଇଲେ। ନିଜର ପ୍ରତିଭା, ଆଶୁ କବିତ୍ୱ, ହାସ୍ୟରସର ଅପରୂପ ଅବତାରଣା ଏବଂ ଲୋକଙ୍କ ଭାଷାରେ ଜନତାର ମନ କିଣିବାକୁ ତାଙ୍କୁ ବେଶି ସମୟ ଲାଗିଲା ନାହିଁ। ତେଣୁ ତାଙ୍କ ପାଇଁ ପୁରସ୍କାର ଓ ପ୍ରଶଂସାପତ୍ରର ଅଭାବ ନ ଥିଲା। 'ମେଘନାଦ ବଧ' ପରେ 'ରାବଣ ବଧ', 'ରଙ୍ଗସଭା', 'ବ୍ରଜଲୀଳା', 'ଧ୍ରୁବଚରିତ', 'ପ୍ରହ୍ଲାଦ ଚରିତ', 'କୀଚକ ବଧ' ଇତ୍ୟାଦି ଗୀତାଭିନୟ ରଚନା କରି ସେ ଲୋକପ୍ରିୟତା ଅର୍ଜନ କଲେ। ନିଜ ରଚନାକୁ ସରସ ସୁନ୍ଦର କରିବାକୁ ସେଥିରେ ସେ ମଝିରେ ମଝିରେ ଯୋଗ କରୁଥିଲେ ଅତି ଲୋକପ୍ରିୟ ଫାର୍ସ ଯଥା 'ବୁଢ଼ାବୁଢ଼ୀ ଫାର୍ସ', 'କେଳାକେଲୁଣି ଫାର୍ସ', 'କଲିକତିଆ ଜୋଇଁ ଫାର୍ସ' ଇତ୍ୟାଦି। ପାଣିକବିଙ୍କ ସୃଷ୍ଟି ବିପୁଳକାୟ। ମିଳିଥିବା ପରିସଂଖ୍ୟାନରୁ ଜଣାଯାଏ ଯେ ସେ ୧୫୦ରୁ ଊର୍ଦ୍ଧ୍ୱ ଗୀତାଭିନୟ ଓ ଗୀତିନାଟ୍ୟ ରଚନା କରିଥିଲେ।



ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉପଲକ୍ଷେ

ତାଙ୍କ ରଚନାର ମୁଖ୍ୟ ଉତ୍ସ ଥିଲା ଆମର ପୁରାଣ, ଅନ୍ୟାନ୍ୟ ପ୍ରାଚୀନ ସାହିତ୍ୟ ଓ କିମ୍ବଦନ୍ତୀ। ସେହିପରି ଖାଣ୍ଟି ଓଡ଼ିଆ ଭାଷାରେ ସେ ନିଜ ସୃଷ୍ଟିକୁ ଜୀବନ୍ୟାସ ଦେଇଥିଲେ। ଭାଷା, ଚରିତ୍ର ତଥା ବିଷୟବସ୍ତୁର ଅସଙ୍ଗତି, ଦୈହିକ ବିକୃତି ଇତ୍ୟାଦି ଜରିଆରେ ତାଙ୍କର ହାସ୍ୟରସ ଦର୍ଶକ ପାଠକଙ୍କୁ ଆକର୍ଷିତ କରିଛି। ଦର୍ଶକଙ୍କ ଭାରାକ୍ରାନ୍ତ ମନକୁ ଉଶ୍ୱାସ କରିବା ଲାଗି ସେ ଲେଖିଲେ- 'ଧନ୍ୟ ଧନ୍ୟରେ ମୁଢ଼ି! ତୋତେ ଖାଇ ଟୋକୀ ହୁଅନ୍ତି ବୁଢ଼ୀ...', 'ବାହା ବାହା ବାହାରେ କାଞ୍ଜି, ତୋର ରଣ କିଏ ପାରିବ ଶୁଝି...' ଇତ୍ୟାଦି।

ପାଣିକବିଙ୍କ କବିତାର ଆଉ ଗୋଟିଏ ଦିଗ ହେଲା, ତତ୍‌କ୍ଷଣାତ୍ କବିତା ରଚନା କରିବାରେ ସେ ଥିଲେ ସିଦ୍ଧହସ୍ତ। ପାଲାଗାୟକ ଭାବେ ସେ ଆଶୁକବିତା ରଚନା କରି ଦର୍ଶକମାନଙ୍କୁ ମୁଗ୍ଧ କରିପାରୁଥିଲେ। ଥରେ ପାଣିକବିଙ୍କର କଙ୍କଡ଼ା ଖାଇବାକୁ ଇଚ୍ଛା ହେଲା। ତେଣୁ କନିକା ରାଜାଙ୍କୁ ସିଧାସଳଖ ଏ କଥା ନ କହି ନିଜର ଆଶୁକବିତା ମାଧ୍ୟମରେ ଏହାର ସୂଚନା ଦେଲେ- ''ଦଶଗୋଡ଼ରେ ଯେ କରନ୍ତି ଗତି, ପାଣିରେ ବାସ ଯାହାଙ୍କର ନିତି।... ପାଣି ବସିଅଛି ପାଣି ପ୍ରସାରି, ପାଣି ଫଳକୁ ବଡ଼ ଆଶ୍ରା କରି।।'' କନିକା ରାଜା ଏହା ଶୁଣି କବିଙ୍କର ଆଶା ପୂରଣ କରିଥିଲେ। ସେ ସମୟରେ ଦରଦାମ୍ ବୃଦ୍ଧିକୁ ଲକ୍ଷ୍ୟ କରି କବି ଲେଖିଛନ୍ତି- ''କ୍ଷିତିକୁ ଭୀତି ହେଲା ପ୍ରବଳ, ପଇସାରେ ପାନ ପାଞ୍ଚଟା ଛଅଟା, ଟଙ୍କାରେ ଛ'ସେର ଅଧେ ଚାଉଳ।'' ଆଜି ନିଶା ନିବାରଣ ଉପରେ ସରକାରଙ୍କଠାରୁ ଆରମ୍ଭକରି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱରୋତ୍ତୋଳନ କରୁଛନ୍ତି। ମାତ୍ର ନିଶା ପ୍ରସାରର ବ୍ୟାପକତା ଦେଖି ସେ ଚୁପ୍ ହୋଇ ବସିନାହାନ୍ତି। କବିଙ୍କ ଭାଷାରେ-''ଛିଇ ଛିଇ ମଦ ପିଇବି ନାହିଁ ଲୋ କଳାପାଣି ପରି ଦିଶେ, ସେହି କଳାପାଣି ପେଟରେ ପଡ଼ିଲେ ଚଉଦ ଭୁବନ ଦିଶେ...।''

କବି ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରି ନ ଥିଲେ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ସେଥିପାଇଁ ସେ ସାଧାରଣ ଜନତାଙ୍କୁ ଆହ୍ୱାନ ଜଣାଇ ଲେଖିଛନ୍ତି- ''ବଣିଆ ଟୋକାଟା ଉଠାଇ ଦେଲାଣି ଜିଇଲଖାନାର ଡର ହେ, ଦେଶ କାମ କରି ପଶ ଯା ତହିଁରେ ବରଷକୁ ଦଶଥର ହେ...।'' ସେହିପରି ଭାରତବାସୀଙ୍କୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ପାଇଁ ସେ ବହୁ କବିତା ରଚନା କରିଥିଲେ। ପଦ୍ୟ ସାହିତ୍ୟ ଭଳି ଗଦ୍ୟ ସାହିତ୍ୟ ସୃଷ୍ଟିରେ ମଧ୍ୟ ବୈଷ୍ଣବ ପାଣି ସିଦ୍ଧହସ୍ତ। 'ଦୁଃଖିନୀ ଗୋବର ଗୋଟେଇ' କବିଙ୍କର ବହୁଚର୍ଚ୍ଚିତ ଉପନ୍ୟାସ, କିନ୍ତୁ ସବୁଠାରୁ ଉଲ୍ଲେଖନୀୟ ହେଉଛି କବିଙ୍କର ଆତ୍ମଜୀବନୀ। ନିଜ ଆତ୍ମଜୀବନୀ ମାଧ୍ୟମରେ ସେ ତାଙ୍କ ଚରିତ୍ର ସ୍ଖଳନ ବିଷୟରେ ସୂଚନା ଦେବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି।

ମୋ- ୯୪୩୮୦୭୨୮୫୦

## ଏଇ ଭାରତରେ

ଆଗକୁ ଦୀପାବଳି। ଏହା ହେଉଛି ଆଲୋକର ପର୍ବ। ଏହି ପର୍ବରେ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ଜଳାଇ ଏବଂ ବାଣ ଫୁଟାଯାଇ ଖୁସି ମନାଯାଏ। କିନ୍ତୁ ବିଭିନ୍ନ ପ୍ରକାର ବାଣ ଫୁଟିବା ଦ୍ୱାରା ବାୟୁ ପ୍ରଦୂଷଣ ହୁଏ। ଦୀପାବଳି ଋତୁରେ ପ୍ରଚୁର ବାଣ ଫୁଟାଇବା ଯୋଗୁ ଶବ୍ଦ ପ୍ରଦୂଷଣ ମଧ୍ୟ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ବାୟୁମଣ୍ଡଳରେ ସଲ୍‌ଫର ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍ ଏବଂ ଅନ୍ୟାନ୍ୟ ବିଷାକ୍ତ ଗ୍ୟାସ ବାୟୁରେ ମିଶି ଏହାକୁ ପ୍ରଦୂଷିତ କରେ। ଏଥିଯୋଗୁ ଶ୍ୱାସରୋଗ, ବ୍ରୋଙ୍କାଇଟିସ୍, ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି ହୋଇଥାଏ। ବାଣ ଫୁଟାଇବା ଯୋଗୁ ସୃଷ୍ଟି ହେଉଥିବା ବାୟୁ ପ୍ରଦୂଷଣ ପ୍ରଭାବରେ ମଣିଷ ସମେତ ପଶୁପକ୍ଷୀ ଏବଂ ଅନ୍ୟାନ୍ୟ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ତେବେ ବାଣ ବିସ୍ଫୋରଣଜନିତ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଏକ ପଦକ୍ଷେପସ୍ୱରୂପ ଦିଲ୍ଲୀର ଶିକ୍ଷା ନିର୍ଦ୍ଦେଶାଳୟ ଆତସବାଜିର କୁପ୍ରଭାବ ବିଷୟରେ ସଚେତନ କରିବା ସହିତ ଏହି ଉତ୍ସବକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଆହ୍ୱାନ ଦେଇଛି। କେବଳ କ୍ୟାଣ୍ଡେଲ ଓ ମାଟିଦ୍ୱୀପ ଜଳାଇ ଦୀପାବଳି ପାଳିବାକୁ ପରାମର୍ଶ ଦିଆଯାଇଛି। ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ପ୍ରଦୂଷଣମୁକ୍ତ ଦୀପାବଳି ଉତ୍ସବ ପାଳନ ପାଇଁ ନିର୍ଦ୍ଦେଶାଳୟ ଏକ ସର୍କୁଲାର ଜାରି କରିଛି। ଅନ୍ୟମାନେ ଏହାକୁ ଅନୁକରଣ କଲେ ଦେଶରେ ଦୀପାବଳି ଦିନ ବାୟୁ ଓ ଶବ୍ଦ ପ୍ରଦୂଷଣକୁ ଅନେକାଂଶରେ ଏଡାଇ ଦିଆଯାଇ ପାରନ୍ତା।

## ଚିରନ୍ତନୀ

ପରାଣପ୍ରିୟା, ହୃଦୟରାଣୀ
ଆସ ଗୋ ମୋର ଚଳ-ଚାହାଣି,
ଦୁଃଖ ସୁଖର ଛନ୍ଦବାଣୀ ସଙ୍ଗୀତ
ଗନ୍ଧ ମୋର, ପରଶ ମୋର ଇଙ୍ଗିତ।
ଆସ ଗୋ ମୋର ଶ୍ରବଣପୁର
ଆସ ଗୋ ମୋର ନିକଟ ଦୂର,
ଆସ ଗୋ ଆସ ରସ ମଧୁର ଯୌବନ
କିଶୋରୀ ଆଗୋ, ବୃଦ୍ଧା ଆଗୋ ଶୋଭନ।

(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଠିକା କର୍ମଚାରୀରେ ସରକାର

ମହାଶୟ,

ବର୍ତ୍ତମାନ ସରକାରୀ କାର୍ଯ୍ୟାଳୟରେ ଆସ୍ତେ ଆସ୍ତେ ସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା କମିବାରେ ଲାଗିଛି। ସରକାର କିଛିବର୍ଷ ହେବ ଖାଲି ପଡିଥିବା ସ୍ଥାନରେ କେବଳ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦେଇଆସୁଛନ୍ତି। ଏବେ କେନ୍ଦ୍ର ସରକାର ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କୁଶଳୀ, ଅଣକୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ଅଣକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରି ୩୫୦ରୁ ୩୭୩ ଟଙ୍କା, ଅର୍ଦ୍ଧକୁଶଳୀଙ୍କର ୪୩୭ରୁ ୪୭୬, କୁଶଳୀଙ୍କ ୫୨୩ରୁ ୫୫୮ ଏବଂ ଉଚ୍ଚ କୁଶଳୀଙ୍କ ୬୧୦ରୁ ୬୫୧ ଟଙ୍କାକୁ ବୃଦ୍ଧି କରାଯାଇଛି। ନିର୍ଦ୍ଧାରିତ ମଜୁରି ଅନୁସାରେ ଜଣେ ଅଣକୁଶଳୀ ଶ୍ରମିକ ମାସକୁ ୧୧,୧୯୦/- ଟଙ୍କା ପାଉଥିବା ବେଳେ ଜଣେ ଉଚ୍ଚଶିକ୍ଷିତ ଦକ୍ଷ ଠିକା କର୍ମଚାରୀକୁ ମୂଳ ଦରମା ସହିତ ଗ୍ରେଡ୍ ପେ'ରେ (ମାସକୁ ୮/୯ହଜାର) ସନ୍ତୁଷ୍ଟ ହେବାକୁ ପଡୁଛି। ଠିକା କର୍ମଚାରୀମାନେ ୬ ବର୍ଷ କାର୍ଯ୍ୟ କରିବା ପରେ ସେମାନଙ୍କୁ ସ୍ଥାୟୀ କରିବାର ନିୟମ ଥିଲେ ମଧ୍ୟ ସରକାର ତାହାକୁ ଅଣଦେଖା କରିଆସୁଛନ୍ତି। ସମାନ କାମକୁ ସମାନ ଦରମା ନିୟମକୁ ମାନୁନାହାନ୍ତି। ଏଣୁ ଆଗାମୀ ଦିନରେ ଠିକା କର୍ମଚାରୀଙ୍କ ଅସନ୍ତୋଷ ଗୁରୁତର ପରିସ୍ଥିତି ସୃଷ୍ଟି କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ବି. ପ୍ରଜେଶ କୁମାର, କାମାକ୍ଷାନଗର, ଢେଙ୍କାନାଳ

### ଭଲ ଥିଲା ମାଟି ରାସ୍ତା

ଏବର ଢଳେଇ, କଂକ୍ରିଟ ରାସ୍ତାଠୁ ଭଲ ଥିଲା ମାଟି ରାସ୍ତା। ମାଟି ରାସ୍ତାରେ ଲୋକମାନେ ଭଲରେ ଯିବା ଆସିବା କରୁଥିଲେ। ପାଣି ବାଟରେ ପାଣି ଯାଉଥିଲା। କଂକ୍ରିଟ ରାସ୍ତା ଯୋଗୁ ଘର ଭିତରେ ପାଣି ପଶୁଛି, ପୁଣି ଡ୍ରେନେଜ ବ୍ୟବସ୍ଥା କାନ୍ଥ କଡରେ। ନିମ୍ନମାନର ମରାମତି କାର୍ଯ୍ୟ ପାଇଁ ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଦାୟୀ ସାହିର କର୍ପୋରେଟର, ଠିକାଦାର ଓ ତାଙ୍କ ସହିତ ସରକାରୀ ଅବହେଳା।

ସୋନୁ ବିଶ୍ୱାଳ, ସାଲିଆସାହି, ନୂଆପଲ୍ଲୀ, ଭୁବନେଶ୍ୱର

### ଅତି ଲୋଭରୁ ବିନାଶ

ଲୋଭ ମନୁଷ୍ୟର ପରମ ଶତ୍ରୁ। ମନୁଷ୍ୟ ଲୋଭଗ୍ରସ୍ତ ହେଲେ ବିଚାରବୁଦ୍ଧି ହରାଇବସେ। ଯେତେ ଅଧିକ ଲୋଭ କରିବ ପାପର ଭାର ସେତେ ବୃଦ୍ଧି ପାଇବ। ଶେଷକୁ ଏହା ବିନାଶ ଆଡ଼କୁ ଟାଣିନେବ। ସେଥିପାଇଁ କୁହାଯାଇଛି-ଲୋଭରୁ ପାପ, ପାପରୁ ମୃତ୍ୟୁ। ଲୋଭର କୁଫଳ ସମ୍ପର୍କରେ ଯଥାର୍ଥରେ କୁହାଯାଇଛି- ଈଷତ୍ ଶ୍ୱେତ କୁଷ୍ଠ ଯେପରି ମନୁଷ୍ୟର ସମସ୍ତ ସୌନ୍ଦର୍ଯ୍ୟକୁ ନଷ୍ଟ କରିଦିଏ, କିଞ୍ଚିତ୍ ମାତ୍ର ଲୋଭ ଯଶସ୍ୱୀମାନଙ୍କର ନିର୍ମଳ ଯଶ ଓ ପ୍ରଶଂସନୀୟ ଗୁଣ ସମୂହକୁ ବିନାଶ କରିଦିଏ। ଏଣୁ ଲୋଭ ପ୍ରତି ସତର୍କ ରହିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜମ୍ମୁ-କଶ୍ମୀର ସୁନ୍ଦେରବାନି ସେକ୍ଟରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ସମନ ଜାରି କରିଛି ଭାରତ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସମନ ଜାରି କରାଯାଇଛି। ଏହି ଘଟଣାରେ ୩ ଜଣ ଭାରତୀୟ ଯବାନ ଶହୀଦ୍ ହୋଇଥିଲେ। ଅକ୍ଟୋବର ୨୧ରେ ଏହି ଅନୁପ୍ରବେଶ ଘଟଣାରେ ଭାରତୀୟ ଯବାନଙ୍କ ପକ୍ଷରୁ ସତର୍କ ସୂଚନା ଦିଆଯାଇଥିଲା। ତେବେ ଅନୁପ୍ରବେଶକାରୀ ଏହାକୁ ଭ୍ରୂକ୍ଷେପ କରି ନ ଥିଲେ।

## ସଂକ୍ଷେପରେ

### ଔଷଧ ଭାବି ଭୁଲ୍‌ରେ ପିଇଦେଇଥିଲେ କୀଟନାଶକ
## ୪ କିମି ମୃତଦେହ ବୋହିଲେ ଆତ୍ମୀୟ

ପାତ୍ରପୁର,୨୩।୧୦(ଡି.ଏନ୍.ଏ.): ଗାଁକୁ ରାସ୍ତା ନାହିଁ। ଭୁଲରେ କୀଟନାଶକ ପିଇ ଗୁରୁତର ହୋଇ ପଡିଥିବା ଜଣେ ମହିଳା ଚିକିତ୍ସା ପାଇଁ ଦୋଳାରେ ଡାକ୍ତରଖାନାକୁ ଯାଇଥିଲେ। ହେଲେ ବଞ୍ଚିପାରି ନ ଥିଲେ। ବିଡ଼ମ୍ବନାର ବିଷୟ ପୁଣି ରାସ୍ତା ବାଧକ ହେତୁ ଆତ୍ମୀୟମାନେ ମୃତଦେହକୁ ୪ କିମି ପର୍ଯ୍ୟନ୍ତ କୋକେଇରେ ବୁହାଇ ଗାଁକୁ ଆଣିଥିଲେ। ଏଭଳି ଏକ ଘଟଣା ମଙ୍ଗଳବାର ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ସୋମବାର ପାତ୍ରପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଆଙ୍କୁଲି ପଞ୍ଚାୟତ ଚୋରିଆବାଡ଼ ଗ୍ରାମର ନରେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ରେଣୁଙ୍କର ପେଟବ୍ୟଥା ହୋଇଥିଲା। ତେଣୁ ସେ ଔଷଧ ଭାବି ଘରେ ଥିବା କୀଟନାଶକକୁ ଭୁଲରେ ପିଇ ଦେଇଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପରିବାର ଲୋକେ ପାହାଡ଼ ଜଙ୍ଗଲ ରାସ୍ତାରେ ୪ କିମି ଭାର ଯୋଗେ ତାଡ଼କାସାହି ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସରେ ପାତ୍ରପୁର ଡାକ୍ତରଖାନାକୁ ନିଆଯାଇଥିଲା। ପରେ ରେଣୁଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ସରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଆମ୍ବୁଲାନ୍ସରେ ମୃତଦେହକୁ ତାଡ଼କାସାହି ପର୍ଯ୍ୟନ୍ତ ଆଣାଯାଇଥିଲା। ସେଠାରୁ ଆତ୍ମୀୟମାନେ କୋକେଇରେ ମୃତଦେହ ରଖି ୪ କିମି ଦୂର ଚୋରିଆବାଡ଼ ଗ୍ରାମକୁ ଆଣିଥିଲେ ।

# ପ୍ରମୁଖ ଇସ୍ପାତ ହବ୍ ହୋଇପାରିଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୧୦

ରାଜ୍ୟରେ ପ୍ରାକୃତିକ ସମ୍ପଦ ଭରି ରହିଥିବା ବେଳେ ଏହା ଦେଶର ମୋଟ୍ ଖଣିଜ ଉତ୍ପାଦନକୁ ପ୍ରାୟ ୧୪% ଅବଦାନ ରଖୁଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ଖଣିଜ ଉତ୍ପାଦନ ବୃଦ୍ଧିକରିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିଭଳି ଓଡିଶାରେ ଭାଲ୍ୟୁ ଆଡେଡ୍ ପ୍ରଡକ୍ଟର ଉତ୍ପାଦନକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ଦେଶରେ ଉତ୍ପାଦିତ ମୋଟ୍ ଲୁହାପଥର ମଧ୍ୟରୁ ଓଡିଶାର ଅବଦାନ ପ୍ରାୟ ଅଧା। ଏଭଳି ସ୍ଥିତିରେ ରାଜ୍ୟ ଇସ୍ପାତ ଉତ୍ପାଦନକାରୀଙ୍କ ଲାଗି ଏକ ପ୍ରମୁଖ ସ୍ଥଳୀ ଭାବେ ଉଭା ହୋଇଛି। ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କ୍ୟାପିଟାଲ ଗୁଡ୍ସ ଫର୍ ଷ୍ଟିଲ୍ ସେକ୍ଟର; ମାନୁଫାକ୍‌ଚରର୍ସ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୩୩ ନିୟୁତ ଟନ୍‌କୁ ବୃଦ୍ଧି ଘଟିଛି। ଏହା ୧୯୯୯-୨୦୦୦ ବେଳକୁ ବାର୍ଷିକ ମାତ୍ର ୪ ନିୟୁତ ଟନ୍ ରହିଥିଲା। ଓଡିଶା ବର୍ତ୍ତମାନ ଦେଶର ପ୍ରମୁଖ ଇସ୍ପାତ ହବ୍ ହେବାର କ୍ଷମତା ହାସଲ କରିଛି। ଅପରପକ୍ଷରେ ଧାତୁ ଶିଳ୍ପ ନିବେଶ ଲାଗି ଏହା ଅଗ୍ରଣୀ ସ୍ଥାନ ହୋଇପାରିଛି। ଭିଜନ-୨୦୩୦ ଦ୍ୱାରା ଆନୁଷଙ୍ଗିକ ଶିଳ୍ପଗୁଡିକର ଉନ୍ନତୀକରଣ ଲାଗି ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା ୫୦%ରୁ ଅଧିକ ଭାଲ୍ୟୁ ଆଡିଶନ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଇସ୍ପାତ କ୍ଷେତ୍ରରେ ଭିତ୍ତିଭୂମି ଉନ୍ନତୀକରଣ ତଥା ଦୃଢୀକରଣକୁ ସରକାର ପ୍ରାଥମିକତା ଦେଉଛନ୍ତି। ରାଜ୍ୟରେ ଡାଉନଷ୍ଟ୍ରିମ ଶିଳ୍ପ ପାର୍କ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରାଯାଉଛି। ଶିଳ୍ପ ଭିତ୍ତିଭୂମି ଉନ୍ନତିକରଣକୁ ନଜରରେ ରଖାଯାଇଛି। ଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ବନ୍ଦରଗୁଡିକର ମାଲ ପରିଚାଳନା କ୍ଷମତାରେ ବୃଦ୍ଧି ଘଟି ବାର୍ଷିକ ୧୯୦ ନିୟୁତ ମେଟ୍ରିକ ଟନ୍ ଛୁଇଁଛି। ପାୱାର ଜେନେରେଶନ ୩ ଗୁଣ ବୃଦ୍ଧି ଘଟିଛି। ଏହା ସହ ରାଜ୍ୟ ସରକାର ମେକ୍ ଇନ୍ ଓଡିଶାର ଦ୍ୱିତୀୟ ସଂସ୍କରଣ ଚଳିତବର୍ଷ ଆୟୋଜନ କରୁଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।





କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଚୌଧୁରୀ ବୀରେନ୍ଦର୍ ସିଂ, ଅନନ୍ତ ଗୀତେ ଏବଂ ଅନ୍ୟମାନେ।

### କ୍ୟାପିଟାଲ୍ ଗୁଡ୍ସ ଫର୍ ଷ୍ଟିଲ୍ ସେକ୍ଟର; ମାନୁଫାକ୍‌ଚରର୍ସ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍

- ଦେଶରେ ୩୦ କୋଟି ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ
- ରାଜ୍ୟରେ ମେଶିନ ଟୁଲ୍ ପାର୍କ ସ୍ଥାପନ ଲାଗି କେନ୍ଦ୍ରର ପ୍ରସ୍ତାବ
- କ୍ୟାପିଟାଲ୍ ଗୁଡସ୍ କ୍ଷେତ୍ରରେ ୩୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ
- ସମ୍ମିଳନୀରେ ଯୋଗ ଦେଇଛନ୍ତି ଦେଶବିଦେଶର ୩୫୦ ପ୍ରତିନିଧି

ଇସ୍ପାତ ଆଧାରିତ ଭିତ୍ତିଭୂମିର ବିକାଶ ଲାଗି ଘରୋଇ ବଜାରରେ ୮୦ ହଜାର କୋଟି ଡଲାରରୁ ଅଧିକ ପୁଞ୍ଜି ବିନିଯୋଗ ହେବାର କାର୍ଯ୍ୟକ୍ରମ ରହିଥିବା ଏଥିରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦର ସିଂ କହିଛନ୍ତି। ଘରୋଇ ତଥା ବାହ୍ୟ ଚାହିଦା ପୂରଣ ଲାଗି ସରକାର ଇସ୍ପାତ ନୀତି-୨୦୧୭ ପ୍ରସ୍ତୁତ କରିଛନ୍ତି। ୨୦୩୦-୩୧ ସୁଦ୍ଧା ଦେଶରେ ୩୦ କୋଟି ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆଗାମୀ ୧୦ରୁ ୧୨ ବର୍ଷ ମଧ୍ୟରେ ଦେଶରେ ଅତିରିକ୍ତ ଇସ୍ପାତ ଉତ୍ପାଦନ କ୍ଷମତା ସୃଷ୍ଟି ଲାଗି ୧୨,୮୦୦ କୋଟି ଡଲାରର ପୁଞ୍ଜିନିବେଶ ହେବ। ଏଥିଲାଗି ଭାରତକୁ ପ୍ରାୟ ୨୫ ବିଲିୟନ ଡଲାରର କାରଖାନା ସାମଗ୍ରୀ ଆମଦାନୀ କରିବାକୁ ହେବ। ଇସ୍ପାତ ଶିଳ୍ପର ଆବଶ୍ୟକତା ପୂରଣ ଲାଗି ୫୦୦ ନିୟୁତ ଡଲାରର ଉପକରଣ ମଧ୍ୟ ଆମଦାନୀ ହେବ । ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଓଡିଶା ଅଗ୍ରଦୂତ ହୋଇପାରିବ ବୋଲି ସିଂ ସୂଚନା ଦେଇଛନ୍ତି।

କର୍ନାଟକ ଭଳି ଓଡିଶାରେ ଏକ ମେଶିନ ଟୁଲ୍ ପାର୍କ ପ୍ରତିଷ୍ଠା ଲାଗି ଭାରି ଉଦ୍ୟୋଗ ମନ୍ତ୍ରୀ ଅନନ୍ତ ଗୀତେ ରାଜ୍ୟ ସରକାରଙ୍କୁ କାର୍ଯ୍ୟକ୍ରମ ଅବସରରେ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ସରକାର ସମସ୍ତ ସହଯୋଗ କରିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। କାର୍ଯ୍ୟକ୍ରମରେ ୩୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମଧ୍ୟରେ ୧୦ରୁ ୧୫ ଟି ବୁଝାମଣା ବିଦେଶୀ ସଂସ୍ଥାଙ୍କ ସହ ହୋଇଛି। ଏହା କ୍ୟାପିଟାଲ ଗୁଡ୍‌ସ ନିର୍ମାଣକାରୀ, ବୈଦେଶିକ ଟେକ୍ନୋଲୋଜି ପ୍ରଦାନକାରୀ ଏବଂ ଇସ୍ପାତ ଯନ୍ତ୍ରପାତି ଉତ୍ପାଦନକାରୀଙ୍କ ମଧ୍ୟରେ ସମ୍ପନ୍ନ ହୋଇଛି। ଏହା ଦେଶରେ ୩୯,୪୦୦ କୋଟି ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି କରିବ ବୋଲି ଗୀତେ ସୂଚନା ଦେଇଛନ୍ତି।

ସେହିଭଳି ପାରାଦୀପ-କଳିଙ୍ଗନଗର ମଧ୍ୟରେ ୧୦୦ କିମିର ରାସ୍ତାକୁ ୮ ଲେନ୍ ବିଶିଷ୍ଟ ମାଲପରିବହନ କରିଡରରେ ପରିବର୍ତ୍ତନ କରିବାକୁ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଛନ୍ତି। ଏହା ବାଦ୍ ରାଜ୍ୟରେ ୫,୦୦୦ କିମିର ଅତିରିକ୍ତ ଜାତୀୟ ରାଜପଥ ନିର୍ମାଣ ଯୋଜନା, ଦେଶରେ ୧୨ ହଜାର କୋଟି ପୁଞ୍ଜି ବିନିଯୋଗରେ ପ୍ରତିଷ୍ଠା ହେବାକୁ ଥିବା ୧୨ ବାୟୋ ଫୁଏଲ ରିଫାଇନେରୀ, ରାଜ୍ୟର ୧୯ ଜିଲାରେ ସିଟି ଗ୍ୟାସ୍ ବିତରଣ ନେଟୱର୍କ ଭଳି ବିଭିନ୍ନ ଯୋଜନା ଉପରେ ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଇସ୍ପାତ ମନ୍ତ୍ରଣାଳୟ ସଚିବ ବିନୟ କୁମାର, ପୂର୍ବତନ ଇସ୍ପାତ ସଚିବ ଡ. ଅରୁଣା ଶର୍ମା, ଅତିରିକ୍ତ ସଚିବ ରାଶିକା ଚୌବେ, ସିଆଇଆଇ ମହାନିର୍ଦ୍ଦେଶକ ଇନ୍ଦ୍ରଜିତ ବାନାର୍ଜୀ, ୱାର୍ଲଡ ଷ୍ଟିଲ ଆସୋସିଏଶନର ଇକୋନୋମିକ ଆଣ୍ଡ ଷ୍ଟାଟିଷ୍ଟିକାଲ୍ ଆନାଲିସିସ ମୁଖ୍ୟ ଆଡାମ ଜିଓସଜିକ୍ ଉପସ୍ଥିତ ଥିଲେ। ସେହିଭଳି ପାନେଲ ଆଲୋଚନାରେ ବିଏଚ୍‌ଇଏଲର ଅଧ୍ୟକ୍ଷ ଅତୁଲ ସୋବ୍‌ତି, ସେଲ୍ ଅଧ୍ୟକ୍ଷ ଅନିଲ କୁମାର ଚୌଧୁରୀ, ଜେଏସ୍‌ପିଏଲ୍ ସିଇଓ ଏନ୍.ଏ. ଅନସାରି, ଟାଟା ଷ୍ଟିଲ ଉପସଭାପତି ଅଭନିଶ ଗୁପ୍ତାଙ୍କ ସମେତ ୧୨ ଦେଶର ୨୮ ପ୍ରତିନିଧି ଏବଂ ମୋଟ ୩୫୦ ପ୍ରତିନିଧି ଯୋଗ ଦେଇଥିଲେ।

# ସମିତିସଭ୍ୟଙ୍କୁ କଚାଡ଼ି ମାରିଲା ହାତୀ

ବରଗଡ଼ ଅଫିସ / ଝାରବନ୍ଧ, ୨୩।୧୦ (ଡି.ଏନ୍.ଏ.)

ସୋମବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଚାଷୀ ତଥା ଝାରବନ୍ଧ ବ୍ଲକ କନ୍ଦାଡଙ୍ଗର ସମିତିସଭ୍ୟ ତଥା ବଣ୍ଡାମୁଣ୍ଡା ବାସିନ୍ଦା ଧୁବାରାମ ନାଗ (୫୫)ଙ୍କ ମୃତ୍ୟୁ ହୋଇଛି। ଧୁବାରାମ ଅନ୍ୟ ଜଣେ ଶ୍ରମିକଙ୍କ ସହିତ ସୋମବାର ରାତିରେ ନିଜ ଖଳାରେ ଅମଳ ଧାନ ଜଗିଥିଲେ। ସେଠାରେ ଉଭୟ ଶୋଇଥିବାବେଳେ ରାତି ପ୍ରାୟ ଦେଢ଼ଟାରେ ଏକ ହାତୀ ଖଳାକୁ ଆସିଥିଲା। ଧୁବାରାମ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଧୁବାରାମଙ୍କୁ ଶୁଣ୍ଢରେ ଉପରକୁ ଉଠାଇ କଚାଡ଼ି ଦେବା ପରେ ପାଦରେ ଦଳିଦେଇଥିଲା। ଫଳରେ ତାଙ୍କ ପାକସ୍ଥଳୀ ବାହାରି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଅପରପକ୍ଷେ ଧୁବାରାମ ଶୋଇଥିବା ସ୍ଥାନଠାରୁ ଅଳ୍ପ ଦୂରରେ ଶୋଇଥିବା ଶ୍ରମିକ ଜଣକ ହାତୀ ଆକ୍ରମଣରୁ ବର୍ତ୍ତିଯାଇଛନ୍ତି। ହାତୀ ସେଠାରୁ ଚାଲିଯିବା ପରେ ଶ୍ରମିକ ଜଣକ ପ୍ରାଣ ବିକଳରେ ଗାଁକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ। ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ମଙ୍ଗଳବାର ସକାଳେ ଝାରବନ୍ଧ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ଲଉଡ଼ିଦର୍ହା ସମିତିସଭ୍ୟ ନରେନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କେଶବ ସାହୁ, ଥାନା ଅଧିକାରୀ ତରୁଣ କୁମାର କେର୍କେଟାଙ୍କ ସମେତ ବନ ବିଭାଗ ଅଧିକାରୀମାନେ ଗ୍ରାମରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ, ଧୁବାରାମଙ୍କ ସ୍ତ୍ରୀ ଓ ୨ ପୁଅ ଅଛନ୍ତି। ହାତୀ ଉପଦ୍ରବ ଯୋଗୁ ଏହି ଅଞ୍ଚଳରେ ବାରମ୍ବାର ଫସଲ କ୍ଷତି ହେଉଥିବାବେଳେ ଏବେ ହାତୀ ଆକ୍ରମଣରେ ଧୁବାରାମଙ୍କ ମୃତ୍ୟୁକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏ ଦିଗରେ ବନବିଭାଗ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଙ୍ଗଲରେ ଚକ୍‌ମା ଦେଉଛି ସୁନ୍ଦରୀ



ସାତକୋଶିଆ କୁମୁରୀ ଗାଁ ଜଙ୍ଗଲରେ ଟ୍ରାଙ୍କୁଲାଇଜିଙ୍ଗ ଟିମ୍ ସହ ପୋଲିସ।

ବନ୍ତଳା, ୨୩।୧୦ (ଡି.ଏନ.ଏ.)

### ଦ୍ୱିତୀୟଥର ଟ୍ରାଙ୍କୁଲାଇଜ ଉଦ୍ୟମ ବିଫଳ

- ଯେମିତି ହେଲେ ଧରିବାକୁ ଚାଲିଛି ପ୍ରୟାସ
- ଶିକାର ବଳଦ ପାଖରେ ଗୋଟିଏ ଟିମ୍
- ଛେଳି ବାନ୍ଧି ଆଉ ଏକ ଟିମ୍ ଜଗିଛି ମଞ୍ଚାରେ
- ଯନ୍ତା ବସାଇ ଛକି ରହିଛି ତୃତୀୟ ଟିମ୍

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟବାସୀଙ୍କ ପାଇଁ ବିପଦର କାରଣ ସାଜିଥିବା ବାଘୁଣୀ ସୁନ୍ଦରୀକୁ ଧରିବା ପାଇଁ ମଙ୍ଗଳବାର ଜୋରଦାର ଉଦ୍ୟମ ଜାରି ରହିଛି। ବନ ବିଭାଗ ନେତୃତ୍ୱରେ ଗଠନ ହୋଇଥିବା ୩ଟି ବିଶେଷଜ୍ଞ ଟିମ୍ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ୍ ପାଇଁ ୨ଥର ଉଦ୍ୟମ କରିଥିଲେ। ହେଲେ ଉପଯୁକ୍ତ ସୁଯୋଗ ନ ମିଳିବାରୁ ଉକ୍ତ ଟିମ୍ ସଫଳ ହୋଇପାରି ନାହାନ୍ତି। ତଥାପି ବୁଧବାର ସକାଳ ସୁଦ୍ଧା ବାଘୁଣୀକୁ ଯେମିତି ହେଲେ ଧରିବାକୁ ଲକ୍ଷ୍ୟ ରଖି ଜଙ୍ଗଲର ୩ଟି ସ୍ଥାନରେ ୩ଟି ଟିମ୍ ଜଗି ରହିଥିବା ସୂଚନା ମିଳିଛି।

ଅନୁଗୋଳରେ ଥିବା ଉକ୍ତ ୩ଟିମ୍‌ର ସଦସ୍ୟ ଓୟୁଏଟି ପ୍ରଫେସର ଡାକ୍ତର ଚନ୍ଦ୍ରମଣି ନାଥ, ନନ୍ଦନକାନନର ଡାକ୍ତର ଶରତ ସାହୁ, ଶିମିଳିପାଳ ଅଭୟାରଣ୍ୟର ବିଶେଷଜ୍ଞ ଡି.କେ. କାନବାଇ, ଡ.ପୀୟୂଷ ସୁରେନ୍ ଓ ସାତକୋଶିଆର ପ୍ରାଣୀ ଡାକ୍ତର କିଶୋର ଚନ୍ଦ୍ର ସାହୁ ପ୍ରମୁଖ ମଙ୍ଗଳବାର ସକାଳେ ଅନୁଗୋଳରୁ ବାହାରି ବାଘୁଣୀ ବିଚରଣ କରୁଥିବା କୋଠାଭୂଇଁ ପଞ୍ଚାୟତ କୁମୁରିରେ ପହଞ୍ଚିଥିଲେ। ସେମାନଙ୍କ ସହ ଏସିଏଫ୍ ଶୁଭେନ୍ଦୁ ବେହେରା, ମାଜିଷ୍ଟ୍ରେଟ ଭାବେ ଆସିଷ୍ଟାଣ୍ଟ କଲେକ୍ଟର ବିବେକାନନ୍ଦ ସାହୁ, ଡିଏସ୍‌ପି ଡି.ବି. ନାଏକ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରା, ଟିକରପଡ଼ା ରେଞ୍ଜର ଜୟନ୍ତ ପଟ୍ଟନାୟକ, ରାଇଗୁଡ଼ା ରେଞ୍ଜର ଘନଶ୍ୟାମ ମହନ୍ତ, ଜିଳିଣ୍ଡା ରେଞ୍ଜର ହରିଶ ପ୍ରଧାନ, ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋଙ୍କ ସହିତ ୩ ପ୍ଲାଟୁନ ଫୋର୍ସ ରହିଛନ୍ତି। ୨ଟି ଆଣ୍ଠିନା ସାହାଯ୍ୟରେ ବାଘୁଣୀର ଉପସ୍ଥିତି ନିରୀକ୍ଷଣ ପରେ ତାହାକୁ ଟ୍ରାଙ୍କୁଲାଇଜ ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ବୁଦା ଉହାଡ଼ରେ ରହିଯାଇଥିବାରୁ ବିଶେଷଜ୍ଞ ଟିମ୍‌କୁ ଉପଯୁକ୍ତ ସୁଯୋଗ ମିଳିପାରି ନ ଥିଲା। ତେଣୁ ସନ୍ଧ୍ୟା ପରେ ୩ଟି ଟିମ୍ ଗଠନ କରାଯାଇ ୩ଟି ଉପାୟରେ ଭିନ୍ନ ଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ବାଘମୁଣ୍ଡା ନେଚର କ୍ୟାମ୍ପ ନିକଟରେ ଏକ ଯନ୍ତା ରଖି ଡବ୍ଲ୍ୟୁଆଇଆଇର ସଦସ୍ୟମାନେ ୩ଟି ବନ୍ଧୁକ ଧରି ସେଠାରେ ପ୍ରସ୍ତୁତ ହୋଇ ରହିଛନ୍ତି। ସେହିପରି ଅନ୍ୟ ଏକ ଟିମ୍ ବାଘୁଣୀ ମାରିଥିବା ବଳଦର ମୃତଦେହ ନିକଟରେ ଜଗି ରହିଥିବା ବେଳେ ୩ୟ ଟିମ୍ ଛେଳିକୁ ବାନ୍ଧି ମଞ୍ଚା ଉପରେ ରହିଛନ୍ତି। ରାତି ପାହିବା ପୂର୍ବରୁ ଯେମିତି ହେଲେ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରିବା ପାଇଁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏପରି କି ଟ୍ରାଙ୍କୁଲାଇଜ ପରେ ଆବଶ୍ୟକ ପଡୁଥିବା ପାଣି ସ୍ପ୍ରେ ମେସିନ ଓ ଏନକ୍ଲୋଜର ଯାଏ ଆଣିବାକୁ ଖଟିଆ, ଗାଡ଼ି ମଧ୍ୟ ଉକ୍ତ ଟିମ୍ ସାଥିରେ ନେଇଛି। ବାଘୁଣୀ ଉପସ୍ଥିତ ଥିବା ସ୍ଥାନକୁ ସାଧାରଣ ଲୋକ କିମ୍ବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଛଡ଼ା ଯାଉନାହିଁ। ଟ୍ରାଙ୍କୁଲାଇଜ ପରେ ସୁନ୍ଦରୀକୁ ସେଠାରୁ ଆଣି ରାଇଗୁଡ଼ା ଏନ୍‌କ୍ଲୋଜର ମଧ୍ୟରେ ରଖାଯିବ। ପରବର୍ତ୍ତୀ ସମୟରେ ଏନ୍‌ସିଏର ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ସନ୍ଧ୍ୟା ସୁଦ୍ଧା ବାଘୁଣୀକୁ ଧରାଯାଇ ନ ଥିବାରୁ ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି ସଭାପତି ଜନାର୍ଦ୍ଦନ ସାହୁ, ସମ୍ପାଦକ ବିରାଜ ଜାନୀ, ଉପଦେଷ୍ଟା ଭିଲେଶ୍ୱର ପ୍ରଧାନ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ସାତକୋଶିଆ ଡିଏଫ୍‌ଓ ଦାୟିତ୍ୱରେ ଥିବା ଭି. କାର୍ତ୍ତିକ କହିଛନ୍ତି, ବାଘୁଣୀକୁ ଧରିବା ପାଇଁ ସୁଯୋଗ ମିଳିପାରୁନି। ତିନୋଟି ଟିମ୍ ଉଦ୍ୟମ ଜାରି ରଖିଛି। ଛେଳି, ଯନ୍ତା ସହ ବିଶେଷଜ୍ଞ ଦଳ ଜଙ୍ଗଲରେ ପ୍ରସ୍ତୁତ ହୋଇ ରହିଛନ୍ତି। ଯେମିତି ହେଉ ସୁନ୍ଦରୀକୁ ଧରାଯିବ।

## ଖୋଲିଲା ବିଶ୍ୱର ବୃହତ୍ତମ ସମୁଦ୍ର ପୋଲ

ହଂକଂ,୨୩।୧୦

ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ମଙ୍ଗଳବାର ହଙ୍ଗକଙ୍ଗ-ଜୁହାଇ ସି-କ୍ରସିଂ ବ୍ରିଜର ଉଦ୍‌ଘାଟନ କରିଛନ୍ତି। ଜୁହାଇରେ ଆୟୋଜିତ ଏକ ଉତ୍ସବରେ ଏହି ପୋଲର ଉଦ୍‌ଘାଟନ କରାଯାଇଛି। ସୂଚନାଯୋଗ୍ୟ, ୫୫ କିଲୋମିଟର ଲମ୍ବ ଏହି ପୋଲକୁ ତିଆରି କରିବାକୁ ଲାଗିଛି ୯ବର୍ଷ। ଏହା ଜୁହାଇକୁ ମେନଲାଣ୍ଡ ଚାଇନା ସହ ଯୋଗାଯୋଗ କରିବ। ସାଧାରଣ ଲୋକଙ୍କ ଯାତାୟତ ପାଇଁ ଏହା ବୁଧବାର ଦିନ ଖୋଲାଯିବ ବୋଲି ଜଣାପଡିଛି। ଏହି ପୋଲ ନିର୍ମାଣରେ ୪ଲକ୍ଷ ଟନ୍ ଷ୍ଟିଲ ଲାଗିଛି। ସାନ୍ ଫ୍ରାନ୍‌ସିସ୍‌କୋ ଗୋଲଡେନ୍ ଗେଟ୍ ବ୍ରିଜ୍ ଠାରୁ ଏଥିରେ ପାଖାପାଖି ୫ ଗୁଣା ଅଧିକ ଷ୍ଟିଲ ଲାଗିଥିବା ପ୍ରକାଶ। ଏହା ପ୍ରାୟ ୮.୦ତୀବ୍ରତାର ଭୂକମ୍ପ ଓ ପ୍ରବଳ ଝଡ ତୋଫାନଙ୍କୁ ସାମ୍ନା କରିବାର ଶକ୍ତି ରଖିଛି।



## ଭିଜିଲାନ୍ସ ହାତରେ ରାଇଘର ତହସିଲ କନିଷ୍ଠ କିରାଣି

ନବରଙ୍ଗପୁର/ରାଇଘର,୨୩।୧୦ (ବି.ପ୍ର./ଡି.ଏନ.ଏ.)

ନବରଙ୍ଗପୁର ଜିଲା ରାଇଘର ତହସିଲ କାର୍ଯ୍ୟାଳୟର କନିଷ୍ଠ କିରାଣି ପ୍ରକାଶ ଚନ୍ଦ୍ର ମିଶ୍ର ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି।

ରାଇଘର ବ୍ଲକ କରଂଜିଡିହି ଗାଁର ଜହ୍ନୁ ଗଣ୍ଡଙ୍କୁ ୨୦୧୮ ମାର୍ଚ୍ଚ ୩ ତାରିଖରେ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ପୁଅ ଶ୍ରବଣ ଗଣ୍ଡ ସରକାରୀ ସହାୟତା ପାଇଁ ଆବେଦନ କରିଥିଲେ । ସହାୟତା ରାଶି ୪ ଲକ୍ଷ ଟଙ୍କା କରାଇଦେବା ପାଇଁ ପ୍ରକାଶ ୭ ହଜାର ଟଙ୍କା ଲାଞ୍ଚ ଶ୍ରବଣଙ୍କୁ ମାଗିଥିଲେ । ଏ ସମ୍ପର୍କରେ ଶ୍ରବଣ ଭିଜିଲାନ୍ସରେ ଜଣାଇଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଡିଏସପି ପ୍ରମୋଦ ବାଗ, ଇନ୍ସପେକ୍ଟର ଦିନବନ୍ଧୁ ବେହେରା, ଜୟପୁର ଭିଜିଲାନ୍ସ ଇନ୍ସପେକ୍ଟର ବି. ରୁଦ୍ରିୟା ଓ ପ୍ରମିଳା ସୁନା ତହସିଲ କାର୍ଯ୍ୟାଳୟ ନିକଟରେ ଜଗି ରହିଥିଲେ। ଶ୍ରବଣଙ୍କ ଠାରୁ ୭ ହଜାର ଟଙ୍କା ଲାଞ୍ଚ ପ୍ରକାଶ ନେବା ସମୟରେ ଡିଏସପିଙ୍କ ହାତରେ ଧରାପଡିଥିଲେ । ପ୍ରକାଶଙ୍କୁ ଭିଜିଲାନ୍ସ ଟିମ ଗିରଫ କରିଥିଲା। ଏହା ପରେ ଉମରକୋଟ କୁସୁମଗୁଡା ଠାରେ ଥିବା ତାଙ୍କ ଘରେ ଭିଜିଲାନ୍ସ ଟିମ ଚଢାଉ କରିଥିଲା। ଏନେଇ ଭିଜିଲାନ୍ସ କାର୍ଯ୍ୟାଳୟରେ ନଂ.୨୭/୧୮ରେ ଏକ ମାମଲା ରୁଜୁ ହୋଇଛି ।

## ଗଣ ବଳାତ୍କାର ପରେ ଯୁବତୀଙ୍କୁ ପଥରରେ ଛେଚି ହତ୍ୟା

ନିରାକାରପୁର,୨୩।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ରାଉଳହଜ ମୌଜାରେ ଥିବା ଏକ ପଥରଖଣିରେ ଜଣେ ଯୁବତୀଙ୍କୁ ଗଣ ବଳାତ୍କାର ପରେ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ତାଙ୍କୁ ମୁର୍ମୂଷୁ ଅବସ୍ଥାରେ ଉଦ୍ଧାର କରାଯାଇ ଖୋର୍ଦ୍ଧା ସରକାରୀ ମେଡିକାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକଙ୍କ ପରିଚୟ ମିଳିପାରିନାହିଁ। ସ୍ଥାନୀୟ ଲୋକଙ୍କ ସୂତ୍ରରୁ ପ୍ରକାଶ ଯେ, ସେମାନେ ଖଣି ନିକଟକୁ ଶୌଚ ହେବା ପାଇଁ ଆସିଥିଲେ। ଲୋକଙ୍କ ପାଟି ଶୁଣି ୨ ରୁ ୪ ଜଣ ଲୋକ ଚିତ୍ରକୂଟ ପାହାଡ ଆଡକୁ ଦୌଡ଼ି ପଳାଇଥିଲେ। ଘଟଣା ସ୍ଥଳରେ ଜଣେ ଯୁବତୀ ମୁର୍ମୂଷୁ ଅବସ୍ଥାରେ ପଡ଼ିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଯୁବତୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା। ଏ ନେଇ ନିରାକାରପୁର ପୋଲିସ ଶଙ୍କର୍ଷଣ ଆଇଚ କହିଛନ୍ତି, ଆମେ ସମ୍ପୃକ୍ତ ଯୁବତୀଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲୁ। ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଛନ୍ତି । ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ୯୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଘଟଣା ସ୍ଥଳରୁ ମୃତ ଯୁବତୀଙ୍କ ହଳେ ଚପଲ, ୨ ମଦବୋତଲ ଏବଂ ଯୁବତୀଙ୍କ ମୁହଁକୁ ଆକ୍ରମଣ କରାଯାଇଥିବା ପଥର ଜବତ ହୋଇଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ଗଣ ବଳାତ୍କାର ଘଟଣା ବୋଲି ସନ୍ଦେହ କରାଯାଉଛି। ଏ ନେଇ ଖୋର୍ଦ୍ଧା ଏସ୍‌ପି ଦୀପ୍ତି ରଞ୍ଜନ ରାୟ କହିଛନ୍ତି, ଏହି ଘଟଣାର ତଦନ୍ତ ନିମନ୍ତେ ୨ ଟି ସ୍କ୍ୱାର୍ଡ ଗଠନ କରାଯାଇଛି। ଗୋଟିଏ ସ୍କ୍ୱାଡରେ ନିରାକାରପୁର, ଜଙ୍କିଆ ଓ ଟାଙ୍ଗୀ ଥାନାଧିକାରୀ ଥିବାବେଳେ ଅନ୍ୟ ସ୍କ୍ୱାଡରେ ଏସ୍‌ଡିପିଓ ରହିଛନ୍ତି। ଘଟଣାସ୍ଥଳରେ ପୋଲିସ କର୍ଡନ ବ୍ୟବସ୍ଥା ହୋଇଛି। ଏହାପରେ ସନ୍ଧାନୀ କୁକୁର ଦ୍ୱାରା ବିଶେଷ ଭାବେ ଅନୁସନ୍ଧାନ କରାଯିବ।

### ଡିଜେଲ ମୂଲ୍ୟ ପେଟ୍ରୋଲକୁ ଟପିବା ପ୍ରସଙ୍ଗ
# ଭାଟ୍ କମାଅ, ଦର କମିବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

'ମୋର ୪ ପୁରୁଷ କାହିଁକି ୮ ପୁରୁଷ ଉଝାଳନ୍ତୁ ହେଲେ ଓଡ଼ିଆ ଲୋକଙ୍କୁ ମୁକ୍ତି ଦିଅନ୍ତୁ। ରାଜ୍ୟ ସରକାର ଭାଟ୍‌ର ରି-ଭିଜିଟ୍ କରୁ ନାହାନ୍ତି। ଯାହା ଫଳରେ ଓଡ଼ିଶାରେ ଡିଜେଲ ମୂଲ୍ୟ ମହଙ୍ଗା। ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ରାଜ୍ୟରେ ଡିଜେଲ ମୂଲ୍ୟ ପେଟ୍ରୋଲ ଦରକୁ ବଳିଯିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ନିକଟରେ ଟିକସ କମ୍ କରିଥିବା ବେଳେ ୨୦ଟି ରାଜ୍ୟ ଟିକସ କମ୍ କରିଛନ୍ତି। ସେଥିପାଇଁ ଉକ୍ତ ରାଜ୍ୟରେ ତୈଳ ଦର ନିୟନ୍ତ୍ରଣାଧୀନ ଅଛି। ନିଜର ବାବୁଙ୍କୁ ଖୁସି କରିବା ପାଇଁ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଭଳି ଗୁମାସ୍ତା ଓ ବଚସ୍କରମାନେ ପଦୋନ୍ନତି ପାଇବା ପାଇଁ ତାଙ୍କୁ ଗାଳି କରୁଥିବା ଧର୍ମେନ୍ଦ୍ର କହିଛନ୍ତି। ଗାଳି ଦିଅନ୍ତୁ ପଛେ, ହେଲେ ରାଜ୍ୟ ସରକାର ଓଡ଼ିଆ ଲୋକଙ୍କ ପାଇଁ ଥିବା ଉତ୍ତର ଦାୟିତ୍ୱକୁ ଭୁଲି ଯାଆନ୍ତୁ ନାହିଁ। ଯେ କୌଣସି ସରକାର ନିଜ ଉତ୍ତରଦାୟିତ୍ୱ ଭୁଲିଯିବା ଦୁର୍ଭାଗ୍ୟଜନକ। ପଡ଼ୋଶୀ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟରେ ଡିଜେଲ ବେସ ପ୍ରାଇସ ଅର୍ଥାତ୍ ମୂଳଦର କମ୍ ରହିଛି। ହେଲେ ଓଡ଼ିଶାରେ ଏହା ମହଙ୍ଗା କ'ଣ ପାଇଁ ବୋଲି ଧର୍ମେନ୍ଦ୍ର ଗଣମାଧ୍ୟମ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଡିଜେଲ ଦର ରାଜ୍ୟରେ ପେଟ୍ରୋଲ ଦରକୁ ଟପିବା ପ୍ରସଙ୍ଗ ୪ ଦିନ ହେବ ବିତର୍କର ବିଷୟ ପାଲଟିଛି। ଏଥିରେ ଲୁଚାଛପା କିଛି ନାହିଁ। ତେଣୁ ରାଜ୍ୟ ସରକାର ଭାଟ୍ ରି-ଭିଜିଟ୍ କରିବା ସହ ହ୍ରାସ ପାଇଁ ପଦକ୍ଷେପ ନିଅନ୍ତୁ। ପୂର୍ବରୁ ରାଜ୍ୟ ସରକାର ୩୦୦୦ କୋଟି ଟଙ୍କା ଟିକସ ପାଉଥିବା ବେଳେ ବର୍ତ୍ତମାନ ୭୦୦୦ କୋଟି ଟଙ୍କା ପାଉଥିବା ଧର୍ମେନ୍ଦ୍ର କହିଛନ୍ତି।

### କେନ୍ଦ୍ରମନ୍ତ୍ରୀ ନିଅନ୍ତୁ ପଦକ୍ଷେପ: ପ୍ରଶାନ୍ତ ନନ୍ଦ

ଧର୍ମେନ୍ଦ୍ରଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା। ସେ କହିଛନ୍ତି ଯେ, ଭାଟ୍ ହ୍ରାସ କରି ଦେଲେ କେନ୍ଦ୍ର ସରକାର ଯେ ଦର ବଢାଇବେନି, ସେ କଥା କିଏ କହିବ। ପେଟ୍ରୋଲ ଠାରୁ ଡିଜେଲରର ବେସ୍ ପ୍ରାଇସ ଅର୍ଥାତ ମୂଳ ଦର ୫ ଟଙ୍କା ଅଧିକ ରହିଛି। ଯେଉଁଥିରେ ରାଜ୍ୟ ସରକାରଙ୍କ କୌଣସି ଭୂମିକା ନାହିଁ। ଡିଜେଲ ହେଉ କି ପେଟ୍ରୋଲ କେନ୍ଦ୍ର ଟିକସ ହ୍ରାସ କରିବା ଦ୍ୱାରା ହିଁ ସୁଫଳ ମିଳି ପାରିବ।

JOINT ENTRANCE EXAMINATION-2018, ODISHA (OJEE-2018)

No: OJEE-18/470 Date-22/10/2018

Detailed Schedule for Spot Round Counselling for BAMS/BHMS

Keeping in view, the cut-off date of admission to BAMS/BHMS courses prescribed by appropriate Authority, the Spot Round counselling-cum-admission for the notified Institutes in Odisha shall be conducted as per the following schedule.

All the registered 'All India NEET' rank holders interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | ALL INDIA NEET RANK |
|---|---|---|---|
| OJEE CELL, Gandamunda | 27-10-2018 | 10:00AM TO 11:00AM | ALL SC, ST and ES Category Candidates |
| | 27-10-2018 | 11:00AM TO 12 NOON | 25000 TO 150000 |
| | 27-10-2018 | 2:30PM TO 3:30 PM | 150001 TO 400000 |
| | 28-10-2018 | 10:00AM TO 11.00 AM | 400001 TO 700000 |
| | 28-10-2018 | 11:00AM TO 12 NOON | 700001 TO 950000 |
| | 28-10-2018 | 2:30PM TO 3:30 PM | 950001 AND ABOVE |

For further details, please login to www.ojee.nic.in/www.odishajee.com

SD/-
CHAIRMAN, OJEE 2018



ତାମିଲନାଡୁର ମନ୍ତ୍ରୀ ଡି.ଜୟକୁମାରଙ୍କ ଏକ ଅଡିଓ କ୍ଲିପ୍ ନେଇ ବେଶ୍ ଚର୍ଚ୍ଚା ହେଉଛି। ଏଥିରେ ଜଣେ ପୁରୁଷ ବ୍ୟକ୍ତି ମହିଳାଙ୍କୁ ଗର୍ଭପାତ କରାଇବା ପାଇଁ ପରାମର୍ଶ ଦେଉଥିବା ଶୁଣିବାକୁ ମିଳୁଛି। ଏହାସହିତ ଏକ ଜନ୍ମପ୍ରମାଣ ପତ୍ରରେ ପିତାଙ୍କ ନାମ ସ୍ଥାନରେ ଜୟକୁମାରଙ୍କ ନାମ ଥିବାନେଇ ବିରୋଧୀ ଆରମ୍ଭ କରିଛନ୍ତି ଚର୍ଚ୍ଚା। ଏହା ମନଗଢ଼ା ବୋଲି ଜୟକୁମାର କହିଛନ୍ତି।

# ପୋଲିସ କବ୍‌ଜାରେ ୩ ଆନ୍ତଃ ଜିଲା ଡକାୟତ

## ଡକାୟତିରେ ବ୍ୟବହୃତ ବାଇକ ଜବତ



ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ।

ମୁରିବାହାଲ,୨୩।୧୦(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଧାତୁକପୁରୀ-କୁର୍ଲୁବାହାଲ ରାସ୍ତାରେ ରିଲାଏନ୍ସ ଫାଇନାନ୍ସର ଜଣେ କର୍ମଚାରୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଘଟଣାରେ ସ୍ଥାନୀୟ ପୋଲିସ ୩ ଆନ୍ତଃ ଜିଲା ଡକାୟତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କମେଇମୁଣ୍ଡାର ଡିଙ୍ଗର ଭୋଇ, ବଡ଼ସାଇମରାର ଜଗନ୍ନାଥ ଛୁରା ଓରଫ ଜଗତ, ଟିଟିଲାଗଡ଼ କଟକିଆପଡ଼ାର ପ୍ରକାଶ ରଣା। ଏଥିସହିତ ଡକାୟତିରେ ବ୍ୟବହୃତ ପଲସର ବାଇକ୍‌କୁ ପୋଲିସ ଜବତ କରିଛି। ଏ ନେଇ ମୁରିବାହାଲ ଥାନାରେ ଦଫା ୩୯୫, ୪୩୫ରେ ଏକ ମାମଲା (ନଂ. ୧୧୦/୧୮) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ମଙ୍ଗଳବାର ମୁରିବାହାଲ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଣ୍ଟାବାଞ୍ଜି ଏସ୍‌ଡିପିଓ ପ୍ରଫୁଲ୍ଲ କୁମାର ମିଶ୍ର ଓ ମୁରିବାହାଲ ଥାନା ଅଧିକାରୀ ଲୋକନାଥ ଭୋଇ ଏ ନେଇ ସୂଚନା ଦେଇଛନ୍ତି।ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨ ତାରିଖରେ ମୁରିବାହାଲ ଥାନା ଧାତୁକପୁରୀ-କୁର୍ଲୁବାହାଲ ରାସ୍ତାରେ ରିଲାଏନ୍ସ ଫାଇନାନ୍ସରେ କାର୍ଯ୍ୟରତ ମନୋଜ ଠେଲାଙ୍କୁ ଆକ୍ରମଣ କରି ୫ଜଣ ମୁଖାପିନ୍ଧା ଦୁର୍ବୃତ୍ତ ୬୦ହଜାର ୨୧୫ ଟଙ୍କା ଲୁଟି ନେଇଥିଲେ। ପରେ ତାଙ୍କ ହୋଣ୍ଡା ସାଇନ୍ ଗାଡ଼ି ନଂ. ଓଡି୦୩-ଏଲ୭୮୨୩କୁ ପୋଡ଼ି ଦେଇଥିଲେ। ଠେଲାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ସୋମବାର ୩ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ମୁରିବାହାଲ ଥାନା ଅଞ୍ଚଳର ଏକାଧିକ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ତନୁ ଓରଫ ତନୁରାଜ ମହାନନ୍ଦ ଓ ବଡ଼ସାଇମରାର ବନମାଳୀ ଓରଫ ସାହିଲ ତାଣ୍ଡିଙ୍କୁ ଗତ ୨୨ ତାରିଖ ତୁଷରା ପୋଲିସ ଗିରଫ କରିଥିଲା। ଅପରାଧରେ ବ୍ୟବହୃତ ବାଇକକୁ ଜବତ କରିଥିଲା ପୋଲିସ। ମୁରିବାହାଲ ଥାନା ଅଞ୍ଚଳରେ ଗତ ବର୍ଷକ ମଧ୍ୟରେ ୭ରୁ ୮ଟି ଡକାୟତି ହୋଇଛି। ତେବେ ଲୁଟ୍ ହୋଇଥିବା ଟଙ୍କା ପୋଲିସ ଜବତ କରିପାରିନାହିଁ।

ତଣ୍ଟିକାଟି ଯୁବକଙ୍କୁ ହତ୍ୟା ଘଟଣା

# ଧରାପଡ଼ିଲେ ୩ ନାବାଳକ

ସମ୍ବଲପୁର,୨୩।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବୁଢାରଜା ମନ୍ଦିର ରାସ୍ତା ନିକଟରେ ସୋମବାର ସନ୍ଧ୍ୟାରେ କରମଟୁଲି ଗ୍ରାମର ବିଶାଳ ଖଡ଼ିଆଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଥିଲା। ମଙ୍ଗଳବାର ଏହାକୁ ନେଇ ଅଇଁଠାପାଲି ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଥାନା ଘେରାଉ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପ୍ରାୟ ଦେଢ଼ଘଣ୍ଟା ଧରି ଥାନା ସମ୍ମୁଖରେ ବିକ୍ଷୋଭ ହୋଇଥିଲା। ଏସଡିପିଓ ଭବାନୀ ଶଙ୍କର ଉଦ୍‌ଗାତା, ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ ଉତ୍ୟକ୍ତ

- ଥାନା ଘେରାଉ
- କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ
- ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ
- ଧାରୁଆ ବ୍ଲେଡ୍‌ରେ ଆକ୍ରମଣ
- ଗଣେଶ ଭସାଣିରେ ହୋଇଥିଲା ମାରପିଟ





ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଘେରାଉ କରିଥିବା ଗ୍ରାମବାସୀ (ବାମ)। ମୃତୟନ ପୋଲିସ।

ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା କହିଥିଲେ। ହେଲେ ଗ୍ରାମବାସୀ ବିଶ୍ୱାସ କରି ନ ଥିଲେ। ଏଣୁ ମୃତକଙ୍କ ପରିବାର ଲୋକଙ୍କୁ ଥାନା ମଧ୍ୟକୁ ନିଆଯାଇଥିଲା। ସେଠାରେ ସେମାନେ ୩ ନାବାଳକଙ୍କୁ ଦେଖିଥିଲେ। ଏଥିରେ କ୍ଷୁବ୍ଧ ଗ୍ରାମବାସୀ ଆଶ୍ୱସ୍ତ ହୋଇଥିଲେ। ତେବେ ମୃତ ବିଶାଳ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ଏଣୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଅଇଁଠାପାଲି ଛକଠାରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ସେଠାରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ଜିଲା ରେଡକ୍ରସ ଓ ଅଇଁଠାପାଲି ପୂଜା କମିଟି ପକ୍ଷରୁ ଶବ ଦାହ ଓ ଶୁଦ୍ଧିକ୍ରିୟା ପାଇଁ ୨୦ ହଜାର ଟଙ୍କା ପରିବାର ଲୋକଙ୍କୁ ଦିଆଯାଇଛି।

ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରା କହିଛନ୍ତି ଯେ, ନାବାଳକଙ୍କ ସହ ବିଶାଳଙ୍କ ପୂର୍ବ ଶତ୍ରୁତା ରହିଥିଲା। ଗଣେଶ ପୂଜା ଭସାଣିରେ ସେମାନଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ସୋମବାର ଅଇଁଠାପାଲି ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା ବାହାରିଥିଲା। ବିଶାଳଙ୍କ ସମେତ ୩ ନାବାଳକ ସେଥିରେ ସାମିଲ ହୋଇଥିଲେ। ସେମାନେ ବିଶାଳଙ୍କୁ ସିଗାରେଟ ପିଇବାକୁ ଡାକି ନେଇଥିଲେ। ଫାଟକ ମୁଖ୍ୟରାସ୍ତାରୁ ୪ ମିଟର ଭିତରକୁ ଯାଇଥିଲେ। ସେହିଠାରେ ଏକ ଧାରୁଆ ବ୍ଲେଡରେ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ବିଶାଳଙ୍କୁ ଛାଡ଼ି ସେଠାରୁ ଚାଲି ଯାଇଥିଲେ। ପୋଲିସ ଉକ୍ତ ବ୍ଲେଡ ଜବତ କରିଛି। ସିସି ଟିଭିରେ ନାବାଳକଙ୍କ ସହ ବିଶାଳ ଯାଉଥିବାର ଫୁଟେଜ ରହିଛି।

ଏଠାରେ ସୂଚନାଯୋଗ୍ୟ, ଏହି ହତ୍ୟାକାଣ୍ଡ ଖବର ପରେ ଅଇଁଠାପାଲି ଥାନା ସମ୍ମୁଖରେ କମିଟି ପକ୍ଷରୁ ଶୋଭାଯାତ୍ରାକୁ କିଛି ସମୟ ପାଇଁ ବନ୍ଦ କରି ଦିଆଯାଇଥିଲା। ବିଳମ୍ବିତ ରାତିରେ ପୋଲିସ ଅଭିଯୁକ୍ତମାନଙ୍କ ଘରେ ଚଢାଉ କରି ଗିରଫ କରିଥିଲା। ନାବାଳକମାନଙ୍କୁ ବାଳ ସୁଧାର ଗୃହ ପଠାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ହାୱଡ଼ା ଷ୍ଟେଶନରେ ଦଳାଚକଟା

**୨ ମୃତ ୧୭ ଆହତ**

କୋଲ୍‌କାତା,୨୩।୧୦(ପି.ଟି.)

ପଶ୍ଚିମବଙ୍ଗର ହାଓଡାସ୍ଥିତ ସାନ୍ତ୍ରାଗାଚି ରେଲୱେ ଷ୍ଟେଶନର ଏକ ଫୁଟ୍ ଓଭରବ୍ରିଜ୍‌ରେ ମଙ୍ଗଳବାର ଦଳାଚକଟା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିପାଇଁ ରେଲୱେର ଅବହେଳାକୁ ଦାୟୀ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି।

ସାନ୍ତ୍ରାଗାଚି ଷ୍ଟେଶନର ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମ ମଝିରେ ମଙ୍ଗଳବାର ସନ୍ଧ୍ୟା ୬ଟା ୩୦ରେ ଦଳାଚକଟା ହୋଇଛି। ନଗରକୋଇଲ୍-ଶାଲିମାର ଏକ୍ସପ୍ରେସ୍ ଏବଂ ୨ଟି ଇଏମ୍‌ୟୁ ଲୋକାଲ୍ ପ୍ରାୟ ଏକା ସମୟରେ ଷ୍ଟେଶନରେ ପହଞ୍ଚିବା ପରେ ଯାତ୍ରୀମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ପ୍ଲାଟଫର୍ମକୁ ଧାଇଁବାରେ ଲାଗିଥିଲେ। କିଛି ସମୟ ମଧ୍ୟରେ ଶାଲିମାର-ବିଶାଖାପାଟନାମ୍ ଏକ୍ସପ୍ରେସ୍ ଏବଂ ସାନ୍ତ୍ରାଗାଚି-ଚେନ୍ନାଇ ଏକ୍ସପ୍ରେସ୍ ମଧ୍ୟ ଷ୍ଟେଶନରେ ପହଞ୍ଚିବାକୁ ଥିବାରୁ ଭିଡ଼ ବଢ଼ିଯାଇଥିଲା। ଏଥିଯୋଗୁ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଉକ୍ତ ଫୁଟ୍ ଓଭରବ୍ରିଜ୍‌ରେ ଦଳାଚକଟା ହୋଇ ୨ ଜଣଙ୍କ ପ୍ରାଣହାନି ହୋଇଥିବା ଦକ୍ଷିଣ-ପୂର୍ବ ରେଲୱେ ମୁଖପାତ୍ର ସଞ୍ଜୟ ଘୋଷ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ତୁରନ୍ତ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଆହତମାନଙ୍କୁ ହାଓଡା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଧରାପଡ଼ିଲା ଏଟିଏମ୍ ଲୁଟେରା

ଲୋଇସିଂହା,୨୩।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହାଠାରେ ଜଣେ ଏଟିଏମ ଲୁଟେରା ମଙ୍ଗଳବାର ପୋଲିସ ହାତରେ ଧରାପଡିଛି। ଏସବିଆଇ ଏଟିଏମରେ ଜଣେ ଗ୍ରାହକଙ୍କ ଏଟିଏମ ବଦଳ କରି ଟଙ୍କା କାଢିବାକୁ ଉଦ୍ୟମ ବେଳେ ଏହି ଘଟଣା ଘଟିଛି। ଗ୍ରାହକ ଜଣକ ଲୁଟେରାଙ୍କୁ କାବୁ କରି ଲୋଇସିଂହା ଥାନା ଜିମା ଦେଇଥିଲେ। ଅଭିଯୁକ୍ତ ଜଣକ ହେଲେ ବରଗଡ ଜିଲା ଗାଇସିଲାଟ ଥାନା ଅନ୍ତର୍ଗତ ଅମଲିପାଲି ଗ୍ରାମର ହିମାଂଶୁ ସାହୁ(୨୦)। ପୋଲିସ ସୂଚନାମତେ, ମଙ୍ଗଳବାର ପୂର୍ବାହ୍ନରେ ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବଡଟିକା ଗ୍ରାମର ଜୟକୃଷ୍ଣ ପଧାନ ସ୍ଥାନୀୟ ବସଷ୍ଟାଣ୍ଡସ୍ଥିତ ଏସବିଆଇ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସାଙ୍ଗରେ ତାଙ୍କ ସାନଭାଇ ସୁଶାନ୍ତ ଥିଲେ। ଜୟକୃଷ୍ଣ ଏଟିଏମକୁ ଯାଇ ନିଜ କାର୍ଡରେ ଟଙ୍କା ଉଠାଉଥିଲେ। ପ୍ରଥମେ କାର୍ଡ ପୁରାଇବାରୁ ଡିସପ୍ଲେରେ ଇନସେଟ ଲେଖାହୋଇଥିଲା। ଏହି ସମୟରେ ଏଟିଏମ ପରିସରରେ ପୂର୍ବରୁ ଥିବା ହିମାଂଶୁ ସାହଯ୍ୟ କରିବା ଆଳରେ ଜୟକୃଷ୍ଣଙ୍କ କାର୍ଡକୁ ଟାଣିନେଇ ଏଟିଏମରେ ଭରିଥିଲେ। ଏଟିଏମ ଚାଲୁ ପରେ ଜୟକୃଷ୍ଣଙ୍କୁ ତାଙ୍କ ପାସୱାର୍ଡ ମାରିବାକୁ କହିଥିଲେ। ଜୟକୃଷ୍ଣ ତାଙ୍କ ପାସୱାର୍ଡ ଦେଇ ୧୦ହଜାର ଟଙ୍କା ଉଠାଇବା ସମୟରେ ହିମାଂଶୁ ପାସୱାର୍ଡକୁ ମନେ ରଖି ଦେଇଥିଲେ। ପରେ ହିମାଂଶୁ ନିଜ କାର୍ଡରେ ଟଙ୍କା ଉଠାଇବା ବାହାନା କରିଥିଲେ। କୌଣସିମତେ ଜୟକୃଷ୍ଣଙ୍କ ଏଟିଏମ କାର୍ଡକୁ ବଦଳାଇ ନିଜେ ଧରିଥିବା କାର୍ଡ ତାଙ୍କୁ ଦେଇଥିଲେ। ଜୟକୃଷ୍ଣ ଟଙ୍କା ଉଠାଇ ବଦଳ କାର୍ଡକୁ ପର୍ସରେ ଭରି ବାହାରକୁ ଚାଲି ଆସିଥିଲେ। ଏହି ସମୟରେ ବାହାରେ ଥିବା ଜୟକୃଷ୍ଣଙ୍କ ଭାଇ ସୁଶାନ୍ତ ସନ୍ଦେହ କରି ଏଟିଏମ ପରିସରକୁ ଯାଇଥିଲେ। ଏତିକିବେଳେ ଅଭିଯୁକ୍ତ ହିମାଂଶୁ ଜୟକୃଷ୍ଣଙ୍କ କାର୍ଡ ପୁରାଇ ଟଙ୍କା କାଢିବାକୁ ଉଦ୍ୟମ କରୁଥିଲେ। ତୁରନ୍ତ କାର୍ଡ ଛଡାଇ ଆଣି ତାଙ୍କୁ କାବୁ କରିଥିଲେ। ହିମାଂଶୁ ଜଣେ ଏଟିଏମ ଲୁଟେରା ସନ୍ଦେହ କରି ଦୁଇଭାଇ ତାଙ୍କୁ ଲୋଇସିଂହା ପୋଲିସ ଜିମା ଦେଇଥିଲେ। ଥାନାରେ ଜୟକୃଷ୍ଣଙ୍କୁ ହିମାଂଶୁ ଦେଇଥିବା କାର୍ଡ ସୁଦାମ ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କର ଥିବା ଜଣାପଡିଥିଲା। ଏ ସମ୍ପର୍କରେ ଆଇଆଇସି ଏଲ.ଏଲ. ବାର୍ଲାଙ୍କୁ ପଚାରିବାରୁ କହିଛନ୍ତି ଯେ, ପୂର୍ବରୁ ଏଟିଏମ କାର୍ଡ ବଦଳ କରି ଲୁଟ୍ ଘଟଣାରେ ସିସିଟିଭି ଫୁଟେଜ ଅନୁଧ୍ୟାନ ପରେ ଏହି ଯୁବକ ଜଣକ ପୋଲିସ ସନ୍ଦେହ ଘେରରେ ଥିଲେ। ତାକୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା ଚାଲିଛି। ଅଭିଯୁକ୍ତ ବ୍ୟବହାର କରୁଥିବା ବାଇକକୁ ଜବତ କରାଯାଇଥିବା ସେ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ (କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ। 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact: 9193648139
SATAPADA, PURI, ODISHA - 752011

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ। ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ- 7991052261
7991052595

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି? କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION ସହିତ ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ। କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ଭାରତ No. 1 ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ, ହୋମ, ଜମି, ଏଜୁକେସନ, ବିଜନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

M. GROUP FINANCE CO.
DIWALI OFFER (Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

ଧରିତ୍ରୀ
DHARITRI
ବୁଧବାର, ୨୪ ଅକ୍ଟୋବର, ୨୦୧୮



ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଛବି ମଳିନ କରି ସେଗୁଡ଼ିକୁ ଧ୍ୱଂସ କରିବାରେ ଲାଗିଛି। ପୂର୍ବରୁ ଭାରତର ଇତିହାସରେ କେବେ ଏଭଳି ଦେଖିବାକୁ ମିଳି ନ ଥିଲା।

-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ



## ସଂକ୍ଷେପରେ

### ଜାତିସଂଘରେ ସରୋଦ୍ ବାଦନ କରିବେ ଅମଜାଦ ଅଲି ଖାନ୍



**ଜାତିସଂଘ ୨୩।୧୦(ପି.ଟି.):** ଜାତିସଂଘର ସାଧାରଣ ସଭାରେ ବୁଧବାର ଶୁଣିବାକୁ ମିଳିବ ସରୋଦ୍ ବାଦନର ଗୁଞ୍ଜନ। ଜାତିସଂଘର ୭୩ ତମ ପ୍ରତିଷ୍ଠା ଦିବସ ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସରୋଦ୍ ବିଶାରଦ ଅମଜାଦ ଅଲି ଖାନ୍ କାର୍ଯ୍ୟକ୍ରମ ପରିବେଷଣ କରିବେ। ତାଙ୍କ ସହ ଦୁଇ ପୁଅ ଅମନ୍ ଅଲି ଓ ଆୟାନ ଅଲି ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବେ। ଚଳିତ ବର୍ଷର ବାର୍ତ୍ତା ରହିଛି 'ଶାନ୍ତି ଓ ଅହିଂସା'ର ପରମ୍ପରା। ଏସମ୍ପର୍କରେ ଜାତିସଂଘର ମୁଖ୍ୟ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଅହିଂସାର ବାର୍ତ୍ତା ଇତିହାସ ପରିବର୍ତ୍ତନ କରିପାରିବ। ଗାନ୍ଧିଜୀ ଅହିଂସା ପାଇଁ ନିଜର ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଭାରତ ଜାତିସଂଘରେ ଶାନ୍ତିର ରାତି ଆୟୋଜନ କରିବାକୁ ଯାଉଛି।

### ଆଖିବୁଜିଲେ ବିଚାରପତିଙ୍କ ପୁଅ

**ଗୁରୁଗ୍ରାମ,୨୩।୧୦(ପି.ଟି.):** ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ବ୍ରେନ୍ ଡେଡ୍ ଅବସ୍ଥାରେ ଥିବା ଗୁରୁଗ୍ରାମର ବିଚାରପତିଙ୍କ ପୁଅ ଧ୍ରୁବଙ୍କର ମଙ୍ଗଳବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଏବେ ପରିବାର ଲୋକ ତାଙ୍କର ଶରୀରର ଅଙ୍ଗ ଦାନ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି ମେଦାନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୩ରେ ଅତିରିକ୍ତ ସେସନ୍ ଜଜ୍ କ୍ରିଷ୍ଣକାନ୍ତଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ମହିପାଲ ବିଚାରପତିଙ୍କ ସ୍ତ୍ରୀ ରିତୁ ଏବଂ ପୁଅ ଧ୍ରୁବଙ୍କୁ ଗୁଳିମାଡ଼ କରିଥିଲେ। ଘଟଣାଦିନ ରାତିରେ ବିଚାରପତିଙ୍କ ସ୍ତ୍ରୀ'ଙ୍କର ମୃତ୍ୟୁ ଘଟିଥିଲା।

### ଅଭିନେତା ଏଜାଜ୍ ଗିରଫ, ଡ୍ରଗ୍ସ ଜବତ



**ମୁମ୍ବାଇ,୨୩।୧୦(ପି.ଟି.):** ବିବାଦୀୟ ମନ୍ତବ୍ୟ ଏବଂ କାର୍ଯ୍ୟକଳାପକୁ ନେଇ ବଲିଉଡ ଏବଂ ଟେଲି ଅଭିନେତା ଏଜାଜ୍ ଖାନ୍ (୩୫) ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସୋମବାର ତାଙ୍କୁ ମୁମ୍ବାଇର ଆଣ୍ଟି ନାର୍କୋଟିକ ଟିମ୍ ଡ୍ରଗ୍ସ ସହିତ ବେଲାପୁରରେ ଥିବା ଏକ ହୋଟେଲ ରୁମ ଭିତରୁ ସେ ଗିରଫ କରିଛି। ତାଙ୍କ ପାଖରୁ ଜବତ ହୋଇଥିବା ଡ୍ରଗ୍ସ(ଏକ୍ସଟେସି)ଆନ୍ତର୍ଜାତୀୟ ବଜାରରେ ନିଷିଦ୍ଧ ରହିଛି ବୋଲି ପୋଲିସ କହିଛି। ଏହା ପୂର୍ବରୁ ୨୦୧୬ରେ ଜଣେ ମହିଳା ହେୟାର ଷ୍ଟାଇଲିଷ୍ଟଙ୍କୁ ଅଶ୍ଳୀଳ ଫଟୋ ପଠାଇଥିବା ମାମଲାରେ ଗିରଫ ହୋଇଥିଲେ।

### ଇତିହାସର ଆଇନାରେ

### ଅକ୍ଟୋବର ୨୪ର ପ୍ରମୁଖ ଘଟଣା

୧୯୪୫ ଅକ୍ଟୋବର ୨୪ରେ ମିଳିତ ଜାତିସଂଘର ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ୫୧ଟି ରାଷ୍ଟ୍ର ଏହାର ସଦସ୍ୟ ଥିବା ବେଳେ ଏବେ ବୃଦ୍ଧି ପାଇ ୧୯୩ରେ ପହଞ୍ଚିଛି। ଏହାର ମୂଳ ଲକ୍ଷ୍ୟ ହେଉଛି ଅନ୍ତର୍ଜାତୀୟ ସ୍ତରରେ ଶାନ୍ତି ପ୍ରତିଷ୍ଠା, ମାନବାଧିକାର ସୁରକ୍ଷା, ସାମାଜିକ ଓ ଆର୍ଥିକ ବିକାଶ, ପରିବେଶ ସୁରକ୍ଷା, ଯୁଦ୍ଧ, ମରୁଡି ଏବଂ ପ୍ରାକୃତିକ ଦୁର୍ବିପାକ ସମୟରେ ସାହାଯ୍ୟ ଯୋଗାଇଦେବା।

୧୯୭୫ ଅକ୍ଟୋବର ୨୪ରେ ଆଇସ୍‌ଲାଣ୍ଡର ୯୦ ପ୍ରତିଶତ ମହିଳା ଦିନକ ପାଇଁ ଜାତୀୟ ଧର୍ମଘଟରେ ସାମିଲ ହୋଇଥିଲେ। କର୍ମକ୍ଷେତ୍ରରେ ମହିଳା ଏବଂ ପୁରୁଷଙ୍କ ପ୍ରାପ୍ୟରେ ଅସମାନତା ପାଇଁ ଏହି ଧର୍ମଘଟ ହୋଇଥିଲା। ପୁରୁଷଙ୍କ ଅପେକ୍ଷା ମହିଳାମାନେ ୬୦ ପ୍ରତିଶତ କମ୍ ଅର୍ଥ ପାଉଥିଲେ।

■ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପାଇଁ କଲେଜିୟମ୍ ବ୍ୟବସ୍ଥା

# ବିଚାର କରିବେ ସାମ୍ବିଧାନିକ ପୀଠ

**ନୂଆଦିଲ୍ଲୀ,୨୩।୧୦(ପି.ଟି.)**

ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ଭଳି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଅନ୍ୟ ନିର୍ବାଚନ କମିଶନର (ଇସି)ଙ୍କ ନିଯୁକ୍ତି ପାଇଁ କଲେଜିୟମ୍ ବ୍ୟବସ୍ଥା କରାଯାଇପାରେ। କାରଣ ଏ ସମ୍ପର୍କିତ ଏକ ପିଟିଶନର ଶୁଣାଣି କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ରାଜି ହୋଇଛନ୍ତି।

ଦେଶରେ ନିରପେକ୍ଷ ନିର୍ବାଚନ କରାଇବା ପାଇଁ ନିର୍ବାଚନ କମିଶନଙ୍କ ସଂସ୍ଥାଗତ ଅଖଣ୍ଡତା ଓ ବିଶ୍ୱସନୀୟତା ଜରୁରୀ। ଏହାକୁ ସୁନିଶ୍ଚିତ କରାଇବା ପାଇଁ ବିଚାପତି ନିଯୁକ୍ତି ଢାଞ୍ଚାରେ ଏକ କଲେଜିୟମ୍ ବ୍ୟବସ୍ଥା ପ୍ରତିଷ୍ଠା ଲାଗି ୨୦୧୫ରେ ଅନୁପ ବରନ୍‌ୱାଲ ନାମକ ଜଣେ ବ୍ୟକ୍ତି ସର୍ବୋଚ୍ଚ ଅଦାଲତରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ୫ ଜଣିଆ ସାମ୍ବିଧାନିକ ପୀଠ ଏହି ପ୍ରସଙ୍ଗରେ





ବିଚାର କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ ଓ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ଏକ ସାମ୍ବିଧାନିକ ପୀଠ ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠର ସଦସ୍ୟ ଜଷ୍ଟିସ୍ ଏସ୍.କେ. କୌଲ୍ କହିଛନ୍ତି, ସମ୍ବିଧାନର ଧାରା ୩୨୪ (ନିର୍ବାଚନର ଅଧୀକ୍ଷଣ, ନିର୍ଦ୍ଦେଶ ଓ ନିୟନ୍ତ୍ରଣ ନିର୍ବାଚନ କମିଶନଙ୍କ ହାତରେ ରହିବା ପାଇଁ ନିୟମ)କୁ ନେଇ ଗଭୀର ଅନୁଧ୍ୟାନ ଓ ସମୀକ୍ଷା ଆବଶ୍ୟକ। ଏହାଦ୍ୱାରା ନିର୍ବାଚନ କମିଶନ ସଦସ୍ୟଙ୍କ ନିଯୁକ୍ତିରେ ସ୍ୱଚ୍ଛତା ଆସିପାରିବ। ତେଣୁ ଏକ ବୃହତ୍ ପୀଠ ଦ୍ୱାରା ଏହି ପ୍ରସଙ୍ଗର ଶୁଣାଣି କରାଯିବା ଜରୁରୀ ବୋଲି ସ୍ପଷ୍ଟ କରିଛନ୍ତି। ଶୁଣାଣି ବେଳେ ପ୍ରଶାନ୍ତ ଭୂଷଣ କହିଥିଲେ, ରାଜନେତାମାନେ ବିରୋଧୀ ଦଳରେ ଥିବାବେଳେ ନିର୍ବାଚନ କମିଶନଙ୍କ ନିରପେକ୍ଷତା ଓ ସ୍ୱାଧୀନତାକୁ ନେଇ ଭାଷଣ ଦେଇଥାନ୍ତି। କିନ୍ତୁ ସେମାନେ କ୍ଷମତାକୁ ଆସିଲେ ଏହାକୁ ସମର୍ଥନ କରନ୍ତି ନାହିଁ। ଗଣତନ୍ତ୍ର ଓ ସଂସ୍ଥାଗତ ନିରପେକ୍ଷତାର ସୁରକ୍ଷା ପାଇଁ ସିଇସି ଏବଂ ଇସିଙ୍କ ନିଯୁକ୍ତି ସକାଶେ କଲେଜିୟମ୍ ବ୍ୟବସ୍ଥା କରାଯାଉ। କାରଣ ନିର୍ବାଚନ କମିଶନ ମଧ୍ୟ ପୂର୍ବରୁ ଏହାର ଆବଶ୍ୟକତା ଅନୁଭବ କରିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବେଣୁଗୋପାଳ ଯୁକ୍ତି ବାଢ଼ିଥିଲେ, କୌଣସି ସିଇସିଙ୍କ ବିରୋଧରେ କ୍ଷମତା ଅପବ୍ୟବହାରର ଅଭିଯୋଗ ଆସିନାହିଁ। ଟି.ଏନ୍. ଶେଷାନ୍, ଜେ.ଏମ୍. ଲିଙ୍ଗ୍‌ଡୋ, ଏନ୍. ଗୋପାଳ ସ୍ୱାମୀ ଏବଂ ଏସ୍. ଏଲ୍. ଶକଧାରଙ୍କ ଭଳି ସିଇସିଙ୍କ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଥିଲା। ସେମାନେ ମଧ୍ୟ କାର୍ଯ୍ୟରତ ଥିବାବେଳେ ନିରପେକ୍ଷତା ବଜାୟ ରଖିଥିଲେ। ତେଣୁ ଆଇନ ଓ ନିୟମର ପୁନଃ ସମୀକ୍ଷା ଅନାବଶ୍ୟକ ବୋଲି ବେଣୁ ଗୋପାଳ ଏହାକୁ ବିରୋଧ କରିଥିଲେ।

## ଯୋଗୀଙ୍କ ପାଦ ଛୁଇଁଲେ ରମଣ ସିଂ



**ରାୟପୁର,୨୩।୧୦**

ଛତିଶଗଡ ମୁଖ୍ୟମନ୍ତ୍ରୀ ରମଣ ସିଂ ସୋମବାର ତାଙ୍କ ନିର୍ବାଚନମଣ୍ଡଳୀ ରାଜନନ୍ଦଗାଓଁରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ସମୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ଥିଲେ। ସେତେବେଳେ ଏଭଳି କିଛି ଘଟଣା ଘଟିଥିଲା ଯାହା ଉପସ୍ଥିତ ଲୋକ ଏବଂ ଦଳୀୟ କର୍ମୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତାହା ହେଲା ୬୬ ବର୍ଷୀୟ ରମଣ ସିଂହ ନିଜଠାରୁ ୨୦ ବର୍ଷ ସାନ ଯୋଗୀଙ୍କ ପାଦ ଛୁଇଁ ଆର୍ଶୀବାଦ ନେଇଥିଲେ। ସମସ୍ତ ଘଟଣା କ୍ୟାମେରାରେ କଏଦ୍ ହେବା ପରେ ଏହାର ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହୋଇଛି। ଆଗକୁ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଶନିବାର ଭାଜପା ୯୦ଟି ଆସନରୁ ୭୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି।

## ଦଳ ଗଢ଼ିଲେ ଶିବପାଳ

**ଲକ୍ଷ୍ନୌ, ୨୩।୧୦(ପି.ଟି.)**

### ଅଖିଳେଶଙ୍କୁ ଚ୍ୟାଲେଞ୍ଜ



ସମାଜବାଦୀ ପାର୍ଟି (ଏସ୍‌ପି) ଛାଡିବା ପରେ ନୂଆ ଦଳ ଗଠନ କରିଛନ୍ତି ଶିବପାଳ ଯାଦବ। ସେ ତାଙ୍କ ଦଳ 'ସମାଜବାଦୀ ସିକ୍ୟୁଲାର ମୋର୍ଚ୍ଚା'କୁ ପରିବର୍ତ୍ତନ କରି ନୂଆ ନାମ ଦେଇଛନ୍ତି 'ପ୍ରଗତିଶୀଳ ସମାଜବାଦୀ ପାର୍ଟି ଲୋହିଆ'। ମଙ୍ଗଳବାର ସେ ଏହାର ନାମ ଘୋଷଣା କରିବା ସହ ନିର୍ବାଚନ କମିଶନ୍‌ଙ୍କ ନିକଟରେ ପଞ୍ଜୀକୃତ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଏସ୍‌ପିରେ ସବୁବେଳେ ଏକତା ଚାହୁଁଥିଲେ। କିନ୍ତୁ ତାଙ୍କୁ କିମ୍ବା ବଡ଼ ଭାଇ ମୁଲାୟମଙ୍କୁ ପୁତୁରା ଅଖିଳେଶ ଯାଦବ ଉପଯୁକ୍ତ ସମ୍ମାନ ଦେଇ ନ ଥିଲେ। ସେଥିପାଇଁ ଦଳ ଛାଡି ଦେଇଥିଲେ। ତାଙ୍କ ଦଳରେ ସମସ୍ତ କର୍ମୀଙ୍କୁ ସ୍ୱାଧୀନ ଭାବରେ ମତ ଦେବାର ଅଧିକାର ଦେଇଛନ୍ତି ବୋଲି ସେ କହିଛନ୍ତି। ଶିବପାଳଙ୍କ ଏହି ପଦକ୍ଷେପ ରାଜ୍ୟ ତଥା ଜାତୀୟ ରାଜନୀତିକୁ ସରଗରମ କରିଛି। ନୂଆଦଳ ଗଠନ ଏସ୍‌ପି ଅଧ୍ୟକ୍ଷ ଅଖିଳେଶଙ୍କ ପାଇଁ ଆଗକୁ ଏକ ବଡ ଚ୍ୟାଲେଞ୍ଜ ବୋଲି କୁହାଯାଉଛି।

# ଅସ୍ଥାନାଙ୍କୁ ସାମୟିକ ଆଶ୍ୱସ୍ତି

**ମାମଲା ଚାଲିବ, ୨୯ ଯାଏ ଗିରଫ ହେବେନି**

**ନୂଆଦିଲ୍ଲୀ,୨୩।୧୦(ପି.ଟି.)**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ମଙ୍ଗଳବାର ସାମୟିକ ଆଶ୍ୱସ୍ତି ମିଳିଛି। ତାଙ୍କ ଗିରଫଦାରି ଉପରେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ ହାଇକୋର୍ଟ ରୋକ ଲଗାଇଛନ୍ତି। କିନ୍ତୁ ଅସ୍ଥାନାଙ୍କ ବିରୋଧରେ ସିବିଆଇ ପକ୍ଷରୁ ଦାଏର ହୋଇଥିବା ଲାଞ୍ଚ ମାମଲା ଚାଲିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।



ଏକ ମନିଲଣ୍ଡରିଂ ମାମଲାକୁ ରଫାଦଫା କରିବା ପାଇଁ ରାକେଶ ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହେବା ପରେ ତାଙ୍କ ବିରୋଧରେ ଏଫ୍ଆଇଆର୍ ହୋଇଥିଲା। ଏହାକୁ ଦିଲ୍ଲୀ ହାଇକୋର୍ଟରେ ରାକେଶ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ମଙ୍ଗଳବାର ଏହାର ଶୁଣାଣି କରି ମାମଲାର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ଦ୍ୱାରା ଗିରଫ ହୋଇଥିବା ରାକେଶଙ୍କ ଟିମ୍‌ର ଡିଏସ୍‌ପି ଦେବେନ୍ଦର କୁମାର ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟ ବିଚାରପତି ରାଜେନ୍ଦ୍ର ମେନନ୍ ତାଙ୍କ ପିଟିଶନର ଜରୁରୀ ଶୁଣାଣି ପାଇଁ ରାଜି ହୋଇଛନ୍ତି। ଉଭୟ ରାକେଶ ଓ ଦେବେନ୍ଦରଙ୍କ ଆବେଦନର ବିଚାର ଆସନ୍ତା ୨୯ରେ ଜଷ୍ଟିସ୍ ନାଜ୍‌ମି ୱଜିରି କରିବେ ବୋଲି ଧାର୍ଯ୍ୟ ହୋଇଛି। ରାକେଶଙ୍କୁ ୨୯ ଯାଏ ଗିରଫ କରାଯିବ ନାହିଁ। କିନ୍ତୁ ତାଙ୍କ ବିରୋଧରେ ମାମଲା ଉପରେ ସ୍ଥଗିତାଦେଶ ଜାରି କରିବାକୁ ମଧ୍ୟ ଅଦାଲତ ମନା କରିଦେଇଛନ୍ତି।

## ଫୁର୍‌ସତ

### ଆମେରିକାରେ ତେଲୁଗୁଭାଷୀଙ୍କ ସଂଖ୍ୟା ବୃଦ୍ଧି

**ୱାଶିଂଟନ୍:** ଆମେରିକାରେ ତେଲୁଗୁ ଭାଷୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ଆମେରିକୀୟ ଚିନ୍ତାଶୀଳ ଗୋଷ୍ଠୀଙ୍କ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ୨୦୧୦ରୁ ୨୦୧୭ ମଧ୍ୟରେ ତେଲୁଗୁ ଭାଷା କହୁଥିବା ଲୋକଙ୍କ ସଂଖ୍ୟା ଦୁଇଗୁଣ ହୋଇଛି। ବିଶ୍ୱ ଆର୍ଥନୀତିକ ଫୋରମ୍ ଦ୍ୱାରା କରାଯାଇଥିବା ଅନ୍‌ଲାଇନ୍ ଭିଡିଓରୁ ଏହି ସୂଚନା ମିଳିଛି। ଭାରତରେ ତେଲୁଗୁ ଚତୁର୍ଥ ସର୍ବାଧିକ କଥିତ ଭାଷା ହୋଇଥିବା ବେଳେ ଆମେରିକାରେ ସର୍ବାଧିକ କଥିତ ଭାଷା ତାଲିକାର ଶୀର୍ଷତମ ୨୦ଟି ସ୍ଥାନ ମଧ୍ୟରେ ରହିଛି। ଆମେରିକା ଭିତ୍ତିକ





ସେଣ୍ଟର ଫର ଇମିଗ୍ରେଶନ୍ ଦ୍ୱାରା କରାଯାଇଥିବା ଅନ୍‌ଲାଇନ୍ ଅଧ୍ୟୟନରୁ ଏହି ସୂଚନା ମିଳିଛି। ଆମେରିକାରେ ସର୍ବାଧିକ କଥିତ ୧୦ଟି ଭାଷା ମଧ୍ୟରୁ ଦକ୍ଷିଣ ଏସିଆର ୭ଟି ଅନ୍ତର୍ଭୁକ୍ତ ଅଛି।

## କୃଷ୍ଣସାଗର ତଳେ ୨୪୦୦ ବର୍ଷର ଜାହାଜ

**ଲଣ୍ଡନ:** ପ୍ରତ୍ନତତ୍ତ୍ୱବିତ୍‌ମାନେ କୃଷ୍ଣସାଗର ତଳେ ୨୪୦୦ବର୍ଷ ତଳର ଏକ ଅକ୍ଷୁଣ୍ଣ ଜାହାଜର ସନ୍ଧାନ ପାଇଛନ୍ତି। ଏହା ବିଶ୍ୱର ସବୁଠୁ ପୁରାତନ ଜାହାଜ ବୋଲି ସେମାନେ ବିଶ୍ୱାସ କରୁଛନ୍ତି। ୨୩ ମିଟର ଦୀର୍ଘ ବିଶିଷ୍ଟ ଏହି ଭେସେଲ୍ ପ୍ରାଚୀନ ଗ୍ରୀକ୍‌ବାସୀ ବ୍ୟବହାର କରୁଥିଲେ। ଏହାର ମାସ୍ତୁଲ ଏବଂ ରୋଇଂ ବେଞ୍ଚ୍ ଆଦି ଅକ୍ଷତ ଅବସ୍ଥାରେ ଏବଂ ଯଥାସ୍ଥାନରେ ରହିଛି। ସମୁଦ୍ର ପୃଷ୍ଠଭୂମିଠାରୁ ଏହା ପାଖାପାଖି ୧ମାଇଲ୍ ଗଭୀରତାରେ ବୁଡି ରହିଥିବା ଗାର୍ଡିଆନ୍ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଜାହାଜଟି ସମ୍ପୂର୍ଣ୍ଣ ଅକ୍ଷତ



ଅବସ୍ଥାରେ ଥିବାରୁ ବ୍ଲାକ୍ ସି ମେରିଟାଇମ୍ ଆର୍କିଓଲୋଜି ପ୍ରୋଜେକ୍ଟ (ଏମ୍‌ଏପି)ର ପ୍ରିନ୍ସିପାଲ୍ ଇନ୍‌ଭେଷ୍ଟିଗେଟର ପ୍ରଫେସର ଜନ୍ ଆଡାମ୍‌ସ ବିସ୍ମୟ ପ୍ରକାଶ କରିଛନ୍ତି। ପ୍ରାଚୀନ କାଳରେ ଜାହାଜ ନିର୍ମାଣ ଏବଂ ଜାହାଜରେ ସମୁଦ୍ରଯାତ୍ରା କିପରି ହେଉଥିଲା ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିପାରିବ ବୋଲି ସେ ପ୍ରକାଶ କରିଛନ୍ତି।

ଗବେଷକ ଟିମ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଜାହାଜରୁ ଏକ ଛୋଟଖଣ୍ଡ ସଂଗ୍ରହ କରାଯାଇଥିଲା। ସାଉଥ୍‌ଆମ୍ପଟନ୍ ୟୁନିଭର୍ସିଟିର ଗବେଷକ ମାନେ ଏହାର କାର୍ବନ ଡେଟିଂ କରି ଦର୍ଶାଇଛନ୍ତି ଯେ, ଏହା ହେଉଛି ସର୍ବପୁରାତନ ଜାହାଜ। କୌଣସି ଝଡତୋଫାନ ପ୍ରଭାବରେ ସମୁଦ୍ରରେ ଏହା ବୁଡିଯାଇଥିବା ଅନୁମାନ କରାଯାଉଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ଅଳ୍ପ କେତେକ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୮ | ୨୧.୨ |
| ଚାନ୍ଦବାଲି | ୩୩.୫ | ୨୪.୦ |
| କଟକ | ୩୪.୦ | ୨୨.୦ |
| ପାରାଦ୍ୱୀପ | ୩୩.୪ | ୨୩.୯ |
| ଭୁବନେଶ୍ୱର | ୩୪.୩ | ୨୨.୨ |
| ଗୋପାଳପୁର | ୩୩.୯ | ୨୩.୭ |
| ପୁରୀ | ୩୩.୫ | ୨୫.୨ |
| ଅନୁଗୋଳ | ୩୩.୭ | ୨୦.୦ |
| ବାରିପଦା | ୩୨.୦ | ୨୦.୪ |
| ଝାରସୁଗୁଡ଼ା | ୩୪.୮ | ୨୧.୦ |
| କେନ୍ଦୁଝର | ୩୦.୮ | ୧୯.୬ |
| ସମ୍ବଲପୁର | ୩୪.୬ | ୨୨.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୪.୪ | ୨୩.୧ |
| ତାଳଚେର | ୩୫.୪ | ୨୧.୫ |
| ଭବାନୀପାଟଣା | ୩୪.୦ | ୧୮.୦ |
| ବଲାଙ୍ଗୀର | ୩୩.୫ | ୨୧.୭ |
| କୋରାପୁଟ | ୩୧.୬ | ୧୭.୦ |
| ଫୁଲବାଣୀ | ୩୨.୪ | ୧୫.୨ |
| ଟିଟିଲାଗଡ଼ | ୩୪.୫ | ୨୦.୦ |
| ମାଲକାନଗିରି | ୩୫.୨ | --- |
| ସୋନପୁର | ୩୫.୪ | ୨୧.୬ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# 'ବାହୁବଳୀ'କୁ 'ଷ୍ଟାର୍ ୱାର୍ସ' ସହ ତୁଳନା କଲେ ରାଣା

**ମୁମ୍ବାଇ:** ସୁପରହିଟ୍ ଇଣ୍ଡିଆନ୍ ଫିଲ୍ମ ବାହୁବଳୀରେ ଅଭିନୟ କରିଥିବାରୁ ଗର୍ବ ଅନୁଭବ କରିଥିବା ପ୍ରକାଶ କରିଛନ୍ତି ଅଭିନେତା ରାଣା ଦଗୁବତି। ବର୍ତ୍ତମାନ ଏହି ଫିଲ୍ମ କମିକ୍ ବୁକ୍ ଆକାରରେ ପ୍ରକାଶ ପାଇ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବ ପକାଇଥିବା ସେ କହିଛନ୍ତି। ରାଣା ନିଜର ବୃତ୍ତିଗତ କାର୍ଯ୍ୟରେ ସିଙ୍ଗାପୁର ଯାଇଥିବାବେଳେ ସେଠାରେ ଏକ ବୁକ୍‌ଷ୍ଟୋର୍‌ରେ ଦେଖିବାକୁ ପାଇଲେ, ବାହୁବଳୀ ସିରିଜ୍ ଉପରେ ଅନେକ କମିକ୍ ବୁକ୍ ପ୍ରସ୍ତୁତ କରାଯାଇଛି। ଏଗୁଡିକ ଜାପାନୀ ଭାଷାରେ ପ୍ରକାଶ ପାଇଥିବା ବେଳେ ଏସୀୟ ବଜାରରେ ଏହାର ଚାହିଦା ବୃଦ୍ଧିପାଇବାରେ ଲାଗିଛି। 'ଷ୍ଟାର୍ ୱାର୍ସ' ଏବଂ 'ଜୁରାସିକ୍ ପାର୍କ' ଭିତ୍ତିରେ ଅନେକ କମିକ୍ ବୁକ୍ ପ୍ରସ୍ତୁତ କରାଯାଇଲା। 'ବାହୁବଳୀ' ମଧ୍ୟ ଏଗୁଡିକ ସହ ତୁଳନୀୟ ବୋଲି ସେ ପ୍ରକାଶ କରିଛନ୍ତି। ଏହା ହେଉଛି ପ୍ରଥମ ଭାରତୀୟ ଫିଲ୍ମ ଯାହା ଭାରତର ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଛି। ଏଥିପାଇଁ ରାଣା ନିଜକୁ ଭାଗ୍ୟବାନ ମନେକରିଥିବା ପ୍ରକାଶ କରିଛନ୍ତି। ଆମେରିକାରେ ଷ୍ଟାର୍ ୱାର୍ସର ଲୋକପ୍ରିୟତା ଭଳି ବାହୁବଳୀ ଭାରତୀୟ ଦର୍ଶକଙ୍କ ଉପରେ ବ୍ୟାପକ ପ୍ରଭାବ ପକାଇପାରିଛି। ବାହୁବଳୀର ପ୍ରଥମ ଏବଂ ଦ୍ୱିତୀୟ ଭାଗର ପୁରୁଷ ଭୂମିକାରେ ମୁଖ୍ୟ ଚରିତ୍ର ହେଉଛନ୍ତି ପ୍ରଭାସ ଏବଂ ରାଣା। ଉକ୍ତ ଫିଲ୍ମର କାହାଣୀ ଦୁଇ ରାଜପୁତ୍ରଙ୍କ ମଧ୍ୟରେ ଶାସିତ ରାଜ୍ୟର ମାଲିକାନାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ପର୍ଯ୍ୟବସିତ। ଏଥିରେ ରହିଛି, ନୃତ୍ୟ, ସଂଗୀତ, ଭାବପ୍ରବଣତା ଏବଂ ନାଟକୀୟତା।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

ଧରିତ୍ରୀ DHARITRI

ସମ୍ବଲପୁର, ବୁଧବାର, ୨୪ ଅକ୍ଟୋବର, ୨୦୧୮



“କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କର ଯଦି ସାହସ ଅଛି ମୋ ବିପକ୍ଷରେ ନିର୍ବାଚନ ଲଢ଼ନ୍ତୁ । ମୋତେ ହରାଇବାରେ ସେ ସଫଳ ହୋଇଗଲେ ମୁଁ ରାଜନୀତିରୁ ସନ୍ନ୍ୟାସ ନେବି ।
- ସାକ୍ଷୀ ମହାରାଜ, ଭାଜପା ଏମ୍‌ପି



## ସଂକ୍ଷେପରେ

### ଅସହାୟ ନାବାଳକଙ୍କୁ ଉଦ୍ଧାର କଲା ଚାଇଲ୍ଡଲାଇନ

ସମ୍ବଲପୁର,୨୩।୧୦(ବ୍ୟୁରୋ)

ସମ୍ବଲପୁର ଚାଇଲ୍ଡଲାଇନ ଅଇଁଠାପାଲି ଥାନା ସଙ୍କର୍ମା ଗ୍ରାମରୁ ଜଣେ ୭ ବର୍ଷର ଅସହାୟ ନାବାଳକଙ୍କୁ ଉଦ୍ଧାର କରିଛି। ଜିଲା ଶିଶୁ ସୁରକ୍ଷା ସମିତିରେ ଉପସ୍ଥାପନା କରାଯିବା ପରେ ନାବାଳକଙ୍କୁ ଛଚାନପାଲି ରୁକମଣି ଲାଠ ବାଲ୍ ନିକେତନରେ ରଖାଯାଇଛି। ଚାଇଲ୍ଡଲାଇନ ପକ୍ଷରୁ ମିଳିଥିବା ସୁଚନା ଅନୁସାରେ ନାବାଳକଙ୍କୁ ତାଙ୍କ ମା' ଛାଡି କୁଆଡେ ଚଲିଯାଇଛନ୍ତି। ବାପା ମଧ ବହୁବର୍ଷ ପୁର୍ବରୁ ଚାଲି ଯାଇ ଆଉ ଫେରି ନାହାନ୍ତି । ତେଣୁ ସେ ମାମୁଁଙ୍କ ଘରେ ଆଶ୍ରୟ ନେଇଥିଲେ । ହେଲେ ଏବେ ମାମୁଁ ମଧ ଦାଦନ ଖଟିବାକୁ ବାହରକୁ ଚାଲିଯାଇଛନ୍ତି। ଏଣୁ ଏବେ ନାବାଳକଙ୍କ ଯତ୍ନ ନେବା ପାଇଁ କେହି ନାହାନ୍ତି । ସେ କେବେ ଅଙ୍ଗନବାଡି ଓ ସ୍କୁଲ ମଧ ଯାଇନାହାନ୍ତି।

### ଭିଜିଲାନ୍ସ ଜାଲରେ ପୋଲିସ ଏଏସ୍ଆଇ

ସମ୍ବଲପୁର,୨୩।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ଏଏସ୍ଆଇ କିଶୋର ବାଗ ମଙ୍ଗଳବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ଏକ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଛାଡ଼ି ଦେବା ପାଇଁ ସେ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ତାଙ୍କ ନିକଟରୁ କେମିକାଲ୍ ରଙ୍ଗବୋଳା ୧୦ ହଜାର ଟଙ୍କା ଜବତ ହୋଇଛି। ଘଟଣା କ୍ରମେ, ୧୬ ତାରିଖରେ ଶର୍ଲାକାନୀର ଗୁରୁଦେବ ଭୁଏଙ୍କ ଗାଡ଼ି ଓଲଟି ପଡ଼ିଥିଲା। ଏଥିରେ କେତେଜଣ ଆହତ ହୋଇଥିଲେ। ଏହି ମାମଲା ରଫାଦଫା କରିବାକୁ ଏଏସ୍ଆଇ ବାଗ ୧୦ ହଜାର ଟଙ୍କା ଦାବି କରିଥିଲେ।

# ମା' କନକଦୁର୍ଗାଙ୍କ ଚଳନ୍ତି ପ୍ରତିମା ନଗର ପରିକ୍ରମା

- ଧୁମଧାମରେ ସରିଲା କଳସ ଯାତ୍ରା
- ଡିଜେ ଓ ଘଣ୍ଟ ବାଦ୍ୟରେ ଦୁଲୁକିଲା ସହର

ଦେବଗଡ,୨୩।୧୦(ସ୍ୱ.ପ୍ର)

ଦୀର୍ଘ ୧୦ ଦିନ ବ୍ୟାପୀ ମଠସାହିର ମା'କନକ ଦୁର୍ଗାଙ୍କ ସ୍ଥାୟୀ ପୀଠରେ ଶାରଦୀୟ ଦୁର୍ଗାପୂଜା ଧୁମଧାମରେ ଆୟୋଜନ ହୋଇଥିବାବେଳେ ଅଷ୍ଟଧାତୁରେ ନିର୍ମିତ ମା'ଙ୍କ ଚଳନ୍ତି ପ୍ରତିମା ପରିକ୍ରମା ସହ ସ୍ଥାପିତ ହୋଇଛି। ସକାଳୁ ଯଥା ରୀତିନୀତି ଅନୁଯାୟୀ ମଙ୍ଗଳ ଆରତୀ, ହୋମଯଜ୍ଞ, ପୁରୋହିତ ତଥା ଦୁର୍ଗା ଉପାସକ ଦୀନବନ୍ଧୁ ଶତପଥୀଙ୍କ ମନ୍ତ୍ରପାଠ ଓ କର୍ତ୍ତା ଭାବେ ସରୋଜ ମେହେର ସହଧର୍ମିଣୀ କିଶୋରୀ ମେହେର ଦାୟୀତ୍ୱ ନେଇଥିଲେ। ପୂଜା ସମ୍ପନ୍ନ ହେବା ପରେ ଆୟୋଜିତ ଶୋଭାଯାତ୍ରାରେ ମାଙ୍କ ସୁସଜ୍ଜିତ ଗାଡିସହ ବିଭିନ୍ନ ନୃତ୍ୟଗୀତର ତାଳେତାଳେ ସାହିବାସିନ୍ଦା ମାନେ ଝୁମି ଉଠିଥିବାବେଳେ ଘଣ୍ଟ, ଶଙ୍ଖ ହୁଳହୁଳି ଓ ହରିବୋଲ, ଆତସବାଜୀ ଶବ୍ଦ, ପୌରାଣିକ କଥାବସ୍ତୁ ସମ୍ପର୍କିତ ପୁରୁଷଙ୍କ ନୃତ୍ୟ, ଛୋଟଛୋଟ ଶିଶୁଙ୍କୁ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶ ସଜା, ସଂକୀର୍ତ୍ତନ୍ୟ ମଣ୍ଡଳୀ, ହାଡିବାଜା, ଡି,ଜେ. ସାଉଣ୍ଡ, ଦୁଲଦୁଲି ଘଣ୍ଟ ବାଦ୍ୟ ମଧ୍ୟରେ ନଗର ପରିକ୍ରମା କରାଯାଇଥିଲା। ଫଳରେ ପୁରା ଦେବଗଡ ସହର କମ୍ପି ଉଠିଥିଲା। ପଡିଶାବାସୀ ସମସ୍ତ ଭେଦଭାବ ଭୁଲି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଏଥିସହ ଶେଷରେ ମନ୍ଦିରରେ ସ୍ଥାପିତ କଳସକୁ ସ୍ଥାନୀୟ ଷୋହଳ ବଖରୀ କଟାଠାରେ ବିସର୍ଜନ କରିବା ପରେ ମାଙ୍କ ଚଳନ୍ତି ପ୍ରତିମାକୁ ରାତିରେ ମନ୍ଦିରକୁ ନିଆଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷାକର୍ମୀ ମୁତୟନ କରାଯାଇଥିଲା । କମିଟି ସଭାପତି ଶଶାଙ୍କ ଶେଖର ଝାଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମରେ ଉପସଭାପତି କାର୍ତ୍ତିକେଶ୍ୱର ପଟ୍ଟନାୟକ, ସାଧାରଣ ସମ୍ପାଦକ କାଳିଆ ମାଝି, ସହ ସମ୍ପାଦକ ବିଜୟ ମେହେର, କୋଷାଧ୍ୟକ୍ଷ ବୁନୁ ଆଚାର୍ଯ୍ୟ, ଅରୁଣ ଟାଲି,ସଂସ୍କୃତିକ ସମ୍ପାଦକ ଶିବାଷିଶ ଝାଙ୍କର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଲୁଲୁ ନାୟକ, ଶ୍ୟାମସୁନ୍ଦର ପଟ୍ଟନାୟକ, ପ୍ରଦୀପ ବେହେରା, ମଛିନ୍ଦ୍ର ନାୟକ, ସାନବାବୁ, ଜୟଦେବ ଝାଙ୍କର, ପନୁ ସାହୁ, ସୁନ୍ଦରଲାଲ ଝାଙ୍କର, ବାପି ସାହୁ,ବାପୁନ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।



ଶୋଭାଯାତ୍ରାରେ ନୃତ୍ୟଗୀତର ତାଳେତାଳେ ସାହିବାସିନ୍ଦା ମାନେ ଝୁମି ଉଠିଛନ୍ତି ।

### ୩୧ରୁ ଦୁଇଦିନିଆ ଜିଲାସ୍ତରୀୟ ଯୁବ ଉତ୍ସବ

ଦେବଗଡ଼,୨୩।୧୦(ସ୍ୱ.ପ୍ର.)

ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖ ଦୁଇଦିନ ଧରି ଜିଲାସ୍ତରୀୟ ଯୁବ ଉତ୍ସବ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜନ କରାଯିବ। ମଙ୍ଗଳବାର ଏ ନେଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ଉତ୍ସବରେ ଜିଲାର ୧୩ରୁ ୩୫ ବର୍ଷ ବୟସ ମଧ୍ୟରେ ଥିବା ଯୁବତୀ ଯୁବକ ଲୋକନୃତ୍ୟ, ଲୋକସଙ୍ଗୀତ, ଏକାଙ୍କିକା, ଏକକ କଣ୍ଠ ସଙ୍ଗୀତ (ହିନ୍ଦୁସ୍ଥାନୀ), ଏକକ କଣ୍ଠ ସଙ୍ଗୀତ (କର୍ଣ୍ଣାଟକୀ), ସୀତାର, ବଂଶୀ, ତବଲା, ବୀଣା, ମୃଦଙ୍ଗ, ହାରମୋନିୟମ, ଗୀଟାର ବାଦନରେ ଭାଗ ନେଇପାରିବେ। ଏହାବ୍ୟତୀତ ଏକକ ଓଡ଼ିଶୀ, ମଣିପୁରୀ, ଭାରତନାଟ୍ୟମ, କଥକ, କୁଚିପୁଡ଼ି ନୃତ୍ୟ ଏବଂ ବକ୍ତୃତା ପ୍ରତିଯୋଗିତାରେ ମଧ ଭାଗ ନେଇପାରିବେ। ପ୍ରତିଯୋଗୀମାନେ ନିଜ ନିଜର ବାଦ୍ୟଯନ୍ତ୍ର ନେଇ ଆସିବା ପାଇଁ କୁହାଯାଇଛି। ସବିଶେଷ ତଥ୍ୟ ନିମନ୍ତେ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୨୮ରୁ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଦେବଗଡ଼ରେ ୪ ଦିନ ଧରି ଅନୁଷ୍ଠିତ ହୋଇଥିଲା।

# ଜିଲା ବିଜେଡିର ଜନସମ୍ପର୍କ ପଦଯାତ୍ରା

ଦେବଗଡ,୨୩।୧୦(ସ୍ୱ.ପ୍ର)




ଜିଲାର ତିଲେଇବଣି ବ୍ଲକ୍ ଅଧୀନ ତାଳକୁଣ୍ଡି ପଞ୍ଚାୟତର ଭାଲିଆଡିହି ଓ ଦୁଧିଆନାଳୀ ପଞ୍ଚାୟତର ନୁଆସାହି ଖଜୁରୀଦର୍ହ ଗ୍ରାମରେ ଜିଲା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଜିଲା ଉପ ସଭାପତି ଦେବେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଉକ୍ତ ଗ୍ରାମରେ ଆୟୋଜିତ ପଦଯାତ୍ରା ସହିତ ପଥପାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭୂତି ଗଙ୍ଗଦେବ, ତିଲେଇବଣି ବ୍ଲକ ଉପାଧ୍ୟକ୍ଷ ଭୁପେନ୍ଦ୍ର ପ୍ରସାଦ ନାୟକ, ଇଂ.ଚିତରଞ୍ଜନ ପ୍ରଧାନ, ଆଲୋକ ଅମାନ୍ତ, ପ୍ରମୋଦ ନାୟକ, ପ୍ରାଣବନ୍ଧୁ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ତାଳକୁଣ୍ଡି ସରପଞ୍ଚ ପୁର୍ନବାସୀ ନାୟକ, ଦୁଧିଆନାଳୀ ସରପଞ୍ଚ ଗାୟତ୍ରୀ ସାହୁ, ପ୍ରମୋଦ ଝାଙ୍କର, ମୋତିଲାଲ ନାୟକ, ସତ୍ୟବ୍ରତ ନାୟକ, ଅଜୟ ସାହୁ, ଗୋପୀନାଥ ପ୍ରଧାନ, ଦିଲୀପ ପ୍ରଧାନ, ନଗେନ ପଣ୍ଡା, ରୂପାନନ୍ଦ ସାହୁ, ପପୁନ ସାହୁ, ବିକାଶ ମିଶ୍ର ଙ୍କ ସମେତ ଅନ୍ୟ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ। ଓଡିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ ।

# ବ୍ଲକସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ: ତମୁର ଚାମ୍ପିୟନ

ରିଆମାଳ, ୨୩।୧୦ (ଡି.ଏନ.ଏ.)

ରିଆମାଳ ବ୍ଲକ ଅନ୍ତର୍ଗତ କାଦୋପଡ଼ା ମହାପାତ୍ରିଣୀ କ୍ଲବ ଆନୁକୂଲ୍ୟରେ ଦୁଇଦିନିଆ ବ୍ଲକସ୍ତରୀୟ କବାଡ଼ି ଟୁର୍ନାମେଣ୍ଟରେ କାଦୋପଡ଼ା ଟିମ୍‌କୁ ତିମୁର ଟିମ୍ ୧୪ ପଏଣ୍ଟ ବ୍ୟବଧାନରେ ହରାଇ ଚାମ୍ପିୟନ ହୋଇଛି। ଅପରପକ୍ଷରେ ସେମିଫାଇନାଲ ପ୍ରଥମ ରାଉଣ୍ଡ ମ୍ୟାଚରେ କାଦୋପଡ଼ା ଟିମ୍ ବଲମ୍ ଟିମ୍‌କୁ ୩୫ ପଏଣ୍ଟରେ ହରାଇ କାଦୋପଡ଼ା ଟିମ୍ ଫାଇନାଲରେ ପ୍ରବେଶ କରିଥିବାବେଳେ ତିମୁର ଟିମ୍ ଦ୍ୱିତୀୟ ରାଉଣ୍ଡରେ କଖାରୁମାଳ ଟିମ୍‌କୁ ୩୫ ପଏଣ୍ଟରେ ହରାଇ ତିମୁର ଟିମ୍ ଫାଇନାରେ ପ୍ରବେଶ କରିଥିଲା। ଜିତେନ୍ଦ୍ର ପ୍ରଧାନ, ହୃଦାନନ୍ଦ ସାହୁ, କୁମୁଦବନ୍ଧୁ ସାହୁ, ଧନଞ୍ଜୟ ମହାକୁଳ ଖେଳ ପରିଚାଳନା କରିଥିବାବେଳେ କ୍ଲବର ସଭାପତି ଯତିନ୍ଦ୍ର ପ୍ରଧାନ, ସମ୍ପାଦକ ସଞ୍ଜୟ ଦେହୁରୀଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ରିଆମାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ତିମୁର ଟିମ୍‌କୁ ଟ୍ରଫି ସହିତ ୩୩୩୩ ଟଙ୍କା ପ୍ରଦାନ କରିଥିଲେ। ରଞ୍ଜନ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରନର୍ସ ଅପ୍ କାଦୋପଡ଼ା ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ହାବିଲ କୁମାର ସାହୁ, ସ୍ଥାନୀୟ ସମିତି ସଭ୍ୟ ଅମୂଲ୍ୟ ପ୍ରଧାନ ମ୍ୟାନ ଅଫ୍ ଦି ରାଡାର, ମ୍ୟାନ ଅଫ୍ ଦି କ୍ୟାଚ୍‌ରକୁ ଟ୍ରଫି ପ୍ରଦାନ କରିଥିଲେ। ରଣଜିତ ପ୍ରଧାନ, ସିଦ୍ଧାର୍ଥ କୁମୁରା, ପିଣ୍ଟୁ ପ୍ରଧାନ, ସିଲୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ମୃତ ଯୁବ ଚାଷୀଙ୍କ ପରିବାରକୁ ଭେଟିଲା ପ୍ରଶାସନ

ଧମା,୨୩।୧୦(ଡି.ଏନ.ଏ) – କେନାଲ ପାଣି ଅଭାବରୁ ଫସଲ ନଷ୍ଟ ଯୋଗୁ ପରିବାର ପରିପୋଷଣ ଓ ଧାରକରଜ ସୁଝିବା ଚିନ୍ତାରେ ମାନସିକ ସ୍ଥିତି ହରାଇ ମାନେଶ୍ୱର ବ୍ଲକ ହୁମା ପଞ୍ଚାୟତ ପାଞ୍ଚଫୁଟ ଗ୍ରାମର ଯୁବ ଚାଷୀ ଗୌତମ ସେଠ (୩୦) ଘରେ ଥିବା କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାର ୩ ଦିନ ପରେ ପ୍ରଶାସନର ଚେତା ପଶିଛି। ସୋମବାର ପ୍ରଶାସନ ତରଫରୁ ମାନେଶ୍ୱର ବ୍ଲକ ତହସିଲଦାର ଦୁର୍ବାଦଳ ଦେହୁରୀ, ବରଗାଁ ରାଜସ୍ୱ ନିରୀକ୍ଷିକା ରୋହିଣୀ ମିର୍ଦ୍ଧା ଉକ୍ତ ଗ୍ରାମକୁ ଯାଇ ମୃତଚାଷୀଙ୍କ ପରିବାରଙ୍କୁ ଭେଟିଛନ୍ତି। ହେଲେ କୌଣସି ପ୍ରକାର ସହାୟତାର ପ୍ରତିଶ୍ରୁତି ଦେଇନାହାନ୍ତି।

# ଭାଜପା ଯୁବମୋର୍ଚ୍ଚାର ଆନ୍ଦୋଳନ ଚେତାବନୀ

**ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର**

ସମ୍ବଲପୁର,୨୩।୧୦(ବ୍ୟୁରୋ)

ସମ୍ପ୍ରତି ରାଜ୍ୟରେ ବେରୋଜଗାରୀ ଉତ୍କଟ ରୂପ ନେଇଛି। ଶିକ୍ଷିତ ଯୁବକମାନେ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଏହାର ସମାଧାନ ନ କଲେ, ଆନ୍ଦୋଳନ ଦୁର୍ବାର ହେବ। ଏ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଭାଜପା ଯୁବମୋର୍ଚ୍ଚା ମହାନଦୀ ମଣ୍ଡଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ସମର୍ଥ ବର୍ମା ମହାନଦୀ ମଣ୍ଡଳ କର୍ମକର୍ତ୍ତାଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ପ୍ରତିନିଧି ମଣ୍ଡଳରେ ମଣ୍ଡଳ ସଭାପତି ପ୍ରଭୁଦତ୍ତ ପଣ୍ଡା, ରାହୁଲ କୁମାର ଗୁପ୍ତା, ପ୍ରବୀଣ କୁମାର ମେହେର, ହରେକୃଷ୍ଣ ଓରାମ, ତରୁଣ ନାୟକ, ଅଶୋକ କୁମାର ବଡ଼ାଇ, ଅନୀଲ କୁମାର ସାହୁ, ରାଜେଶ କେରକେଟା, ଦିପକ ମହାନ୍ତି, ସୁବ୍ରତ ପ୍ରଧାନ, ଅଲୋକ ସାହୁ, ବିଟୁ ନାୟକ ପ୍ରମୁଖ ସାମିଲ ଥିଲେ ।



ଭାଜପା ଯୁବମୋର୍ଚ୍ଚା ସମ୍ବଲପୁର ମହାନଦୀ ମଣ୍ଡଳ କର୍ମକର୍ତ୍ତା ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବୀପତ୍ର ପ୍ରଦାନ କରୁଛନ୍ତି ।

# ସାମାନ୍ୟ ବର୍ଷାରେ ରାସ୍ତାରେ ଭାସିଲା ନର୍ଦ୍ଦମା ପାଣି

ଦେବଗଡ଼,୨୩।୧୦(ସ୍ୱ.ପ୍ର.)

ଦେବଗଡ଼ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଯୋଗୁ ସହରର ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବା ପ୍ରମାଣିତ ହୋଇଛି। ଡ୍ରେନ ଉନ୍ନତୀକରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ମଙ୍ଗଳବାର ସନ୍ଧ୍ୟାରେ ସାମାନ୍ୟ ବର୍ଷା ହେବାରୁ ନାଳନର୍ଦ୍ଦମା ପାଣି ତଥା ଅଳିଆ ଆବର୍ଜନା ଏଣେତେଣେ ପଡ଼ିରହିଥିବା ଦେଖିବାକୁ ମିଳିଛି। ନର୍ଦ୍ଦମା ପାଣି ରାସ୍ତାରେ ଭାସିବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଡ୍ରେନେଜ୍ ବ୍ୟବସ୍ଥା କିପରି ସୁଧୁରିବ ତାହା ଚିନ୍ତା ନ କରି ପୌର କର୍ତ୍ତୃପକ୍ଷ ଠିକା କାମରେ ବ୍ୟସ୍ତ ଥିବା ଅଭିଯୋଗ ହେଉଛି। ସୂଚନାଥାଉକି, ଦେବଗଡ଼ ମ୍ୟୁନିସିପାଲିଟି ୧୯୦୪ ମସିହାରେ ବାମଣ୍ଡାର ତତ୍କାଳୀନ ରାଜା ସଚ୍ଚିଦାନନ୍ଦ ଦେବଙ୍କ ସମୟରୁ ପାନୀୟ ଜଳ ଯୋଗାଣଠାରୁ ଆରମ୍ଭ କରି ଆଲୋକୀକରଣ, ରାସ୍ତାଘାଟ ନିର୍ମାଣ, ବନ୍ଧ କଟା ନିର୍ମାଣ, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଭଳି ଅନେକ ଉଚ୍ଚକୋଟୀର ସେବା ଯୋଗାଇ ପାରିଥିଲା। ତେବେ ଜିଲା ମାନ୍ୟତା ପାଇବାର ୨୫ ବର୍ଷରେ ପଦାର୍ପଣ କରି ରୌପ୍ୟ ଜୟନ୍ତୀ ପାଳନ କରିସାରିଥିବା ବେଳେ ପୌର ପରିଷଦର ଖାମଖିଆଲ ନୀତି ଯୋଗୁ ଡ୍ରେନେଜ ବ୍ୟବସ୍ଥା ସୁଧୁରି ପାରିନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ପୌରାଞ୍ଚଳବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଣୁ ଜିଲାପାଳ ସମସ୍ତ କାମର ତଦାରଖ ପୂର୍ବକ ତଦନ୍ତ କଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ପଡ଼ିରହିଛି କୁଢ଼କୁଢ଼ ଆବର୍ଜନା**



ମଙ୍ଗଳବାର ସନ୍ଧ୍ୟାରେ ସାମାନ୍ୟ ବର୍ଷା ହେବା ଫଳରେ ରାସ୍ତାରେ କୁଢ଼ କୁଢ଼ ଆବର୍ଜନା ପଡ଼ିରହିଛି।

# କୁଆପଥର ମାଡ଼ରେ ଉଜୁଡ଼ିଲା ଫସଲ

- ଜଳସେଚିତ ଅଞ୍ଚଳକୁ କୁଆପଥର ମାଡ଼ କାଳ
- ଅଣଜଳସେଚିତ ଅଞ୍ଚଳରେ ଅନାବୃଷ୍ଟି
- ଚାଷୀଙ୍କୁ ଘାରିଲା ଫସଲ କ୍ଷତି ଚିନ୍ତା

ବରଗଡ଼ ଅଫିସ୍, ୨୩।୧୦

ବରଗଡ଼ ଜିଲା ଚାଷୀଙ୍କୁ ସମସ୍ୟା ପିଛା ଛାଡ଼ିବା ନାଁ ନେଉନାହିଁ । କେତେବେଳେ ଅନାବୃଷ୍ଟି ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ତ ଆଉକେବେ ଚକଡ଼ା ରୋଗପୋକ ଉପଦ୍ରବରେ ଉଜୁଡ଼ି ଯାଉଛି ଫସଲ । ସେହିପରି ଆକସ୍ମିକ ବର୍ଷା, କୁଆପଥର ବୃଷ୍ଟି (କରାମାଡ଼)ରେ ଫସଲ ଧୂଳିସାତ୍ ହୋଇଯାଉଛି । ମଙ୍ଗଳବାର ଏଭଳି ଅଚାନକ ବର୍ଷା, ଝଡ଼ବତାସ ହେବା ଯୋଗୁ ଜିଲାର ଜଳସେଚିତ ବରଗଡ଼, ବରପାଲି, ଭଟଲି ଆଦି ଅଞ୍ଚଳରେ ବ୍ୟାପକ ଫସଲକ୍ଷତି ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ପାଣି ଅଭାବରୁ ପଦ୍ମପୁର ଉପଖଣ୍ଡର ବିଜେପୁର, ଗାଇସିଲେଟ, ସୋହେଲା, ପଦ୍ମପୁର, ପାଇକମାଲ, ଝାରବନ୍ଧ ଅଞ୍ଚଳରେ ଫସଲ ନଷ୍ଟ ହେଉଥିବାବେଳେ ସେଠାରେ ବର୍ଷାର ଦେଖାନାହିଁ । ଫଳରେ ଅମଳ ଆରମ୍ଭରୁ ଏଭଳି ଫସଲକ୍ଷତି ନେଇ ଜିଲାର ଚାଷୀଙ୍କ ମାନସିକ ସ୍ଥିତି ଦୋହଲି ପଡ଼ିଛି ।

ପ୍ରକାଶ ଯେ, ବରଗଡ଼ ଜିଲାରେ ଚଳିତ ଖରିଫ ଋତୁରେ ସମୁଦାୟ ୨ଲକ୍ଷ ୫୧ହଜାର ୪ହେକ୍ଟର ଜମିରେ ଧାନଚାଷ ହୋଇଛି । ସେଥିମଧ୍ୟରୁ ବରଗଡ଼ରେ ୨୧ହଜାର, ବରପାଲିରେ ୨୦ହଜାର ୭୬୦, ଭେଡ଼େନରେ ୨୩ହଜାର ୩୨୫, ଭଟଲିରେ ୨୦ହଜାର ୫୬୦, ଅତାବିରାରେ ୨୪ହଜାର ୮୪୪, ଅମ୍ବାଭୋନାରେ ୧୩ହଜାର ୭୬୬, ପଦ୍ମପୁରରେ ୨୧ହଜାର ୪୯୯, ପାଇକମାଲରେ ୨୮ହଜାର ୫୯୯, ଝାରବନ୍ଧରେ ୧୫ହଜାର ୫୦୦, ସୋହେଲାରେ ୨୫ହଜାର ୫୦୦, ବିଜେପୁରରେ ୧୯ହଜାର ୯୦୧ ଏବଂ ଗାଇସିଲେଟରେ ୧୫ହଜାର ୭୫୦ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ସେହିପରି ଜିଲାରେ ମୋଟ ୩୯ହଜାର ୩୨୦ ହେକ୍ଟର ଜମିରେ ପନିପରିବା ଫସଲ ହୋଇଛି।

ବିଳମ୍ବିତ ମୌସୁମୀ ସତ୍ତ୍ୱେ ଚଳିତ ଖରିଫ ଆରମ୍ଭରୁ ଉଭୟ ଧାନ ଓ ପରିବା ଫସଲ ଭଲ ହୋଇଥିଲା । ଚାଷୀମାନେ ମଧ ଭଲ ଅମଳ କରି ଗତ ୨୦୧୭ ଫସଲକ୍ଷତିର ଭରଣା କରିବେ ବୋଲି ଆଶା ବାନ୍ଧିଥିଲେ। ତେବେ ଗତ ସେପ୍ଟେମ୍ବରରୁ ବୃଷ୍ଟିପାତ ଆଉ ଧରାଛୁଆଁ ଦେଇ ନ ଥିଲା । ସେପ୍ଟେମ୍ବରରେ ସ୍ୱାଭାବିକ ବୃଷ୍ଟିପାତଠାରୁ ୩୮.୩୩ ମି.ମି କମ୍ ବର୍ଷା ହୋଇଥିଲା । ସେହିପରି ଚଳିତ ଅକ୍ଟୋବର ମାସର ବୃଷ୍ଟିପାତ ପରିମାଣ ମଧ ସ୍ୱାଭାବିକ ବର୍ଷାଠାରୁ ବହୁ ଦୂରରେ ରହିଛି । ଅକ୍ଟୋବରରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୫୨.୮ ମି.ମି ରହିଥିବାବେଳେ ସୋମବାର ସୁଦ୍ଧା ମାତ୍ର ୫.୩୩ ମି.ମି ବର୍ଷା ହୋଇଥିଲା।

ତେବେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରୁ ଅଧଘଣ୍ଟା ଧରି ଜିଲାର ବରଗଡ଼, ବରପାଲି, ଭଟଲି ଅଞ୍ଚଳରେ ଝଡ଼ବତାସ ସାଙ୍ଗକୁ ବର୍ଷା ହୋଇଛି । ମାତ୍ର ସମ୍ପୃକ୍ତ ଅଞ୍ଚଳ ଜଳସେଚିତ ଥିବାଯୋଗୁ ତାହା ଚାଷୀଙ୍କ ପାଇଁ କୌଣସି କାମରେ ଆସି ନାହିଁ । ବରଂ ଝଡ଼ବତାସ ସାଙ୍ଗକୁ କରାମାଡ଼ ସମ୍ପୃକ୍ତ ଅଞ୍ଚଳର ଧାନ ଓ ପରିବା ଫସଲ ଉଜୁଡ଼ି ଯାଇଛି । ବରପାଲି ବ୍ଲକର ବାଞ୍ଜିପାଲି, ମହୁଲପାଲି, ଚିକିନିପାଲିରେ କରାମାଡ଼ରେ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନ ଝଡ଼ିଯାଇ ଥିବାବେଳେ କୋବି ଆଦି ପରିବା ଫସଲ ନଷ୍ଟ ହୋଇଛି । ଅନୁରୂପଭାବେ ଭଟଲି ବ୍ଲକର ତରାକନା, ଉର୍ଦ୍ଦୁନା, ରସାଲୀ, ବେହେରାପାଲି, ବରଗଡ଼ ବ୍ଲକର ସୟାଁ, ତୁରୁଙ୍ଗା, ସୋହେଲା ବ୍ଲକର ଜଟର୍ଲା, ଶ୍ରୀଗିଡ଼ା ଆଦି ଅଞ୍ଚଳରେ ଫସଲକ୍ଷତି ହୋଇଛି । ଧାନଗଛଗୁଡ଼ିକ ଜମିରେ ଶୋଇ ରହିଥିବାବେଳେ ଧାନକେଣ୍ଡାରୁ ଧାନ ମଧ ଝଡ଼ି ପଡ଼ିଛି ।

ଜିଲାର ସୋହେଲା ବ୍ଲକରେ ୩୦, ପଦ୍ମପୁରରେ ୨୮, ବିଜେପୁରରେ ୧୦ ପ୍ରତିଶତ କମ୍ ବର୍ଷା ହୋଇଥିବା ଯୋଗୁ ସେଠାରେ ମରୁଡ଼ି ପରିସ୍ଥିତି ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ହୋଇଥିବା ବର୍ଷା ସମ୍ପୃକ୍ତ ଅଞ୍ଚଳରେ ହୋଇଥିଲେ ଚାଷୀଙ୍କ ପାଇଁ କିଛି ଫଳପ୍ରଦ ହୋଇଥାନ୍ତା। ମାତ୍ର ସେ ଅଞ୍ଚଳରେ ବର୍ଷା ନ ହୋଇ ଜଳସେଚିତ ଅଞ୍ଚଳରେ ବର୍ଷା ସାଙ୍ଗକୁ କରାମାଡ଼ ହୋଇ ଚାଷୀଙ୍କ ଫସଲ ଧୂଳିସାତ୍ ହୋଇଥିବା ଯୋଗୁ ଜିଲାରେ ପୁଣି ୨୦୧୭ ଖରିଫ ଫସଲକ୍ଷତି ଆଶଙ୍କାରେ ରହିଛନ୍ତି।





ଭଟଲି ଅଞ୍ଚଳରେ କ୍ଷତିଗ୍ରସ୍ତ ଧାନ ଫସଲ । ବରପାଲି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବା ଫସଲ ।



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ



### ନଳକୂଅ ଅଚଳ, ଧୁବାପଡ଼ାରେ ପାନୀୟ ଜଳ ସମସ୍ୟା

ସମ୍ବଲପୁର,୨୩।୧୦(ବ୍ୟୁରୋ) : ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୧୨ ଧୁବାପଡ଼ାରେ ଦୀର୍ଘଦିନ ହେବ ନଳକୂଅ ଅଚଳ ହୋଇ ପଡ଼ିରହିଛି । ମରାମତି କରିବାକୁ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ପଡ଼ାରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ସେମାନେ ବାଧ ହୋଇ ନିକଟସ୍ଥ କେନାଲ ପାଣି ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ ଯେ, ଧୁବାପଡ଼ାରେ ୫୦ରୁ ଉର୍ଦ୍ଧ୍ୱ ଖଡ଼ିଆ ସମ୍ପ୍ରଦାୟର ପରିବାର ବସବାସ କରନ୍ତି । ଅପରପକ୍ଷେ, ପଡ଼ାର କିଛି ଅଂଶ ତାଲବ ପଞ୍ଚାୟତଭୁକ୍ତ ଓ ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୧୨ ସହ ଯୋଡି ହୋଇଛି। ଏଣୁ ଧୁବାପଡ଼ା ଜନସାଧାରଣ ସରକାରୀ ଯୋଜନା ପାଇବାରୁ ମଧ ବଞ୍ଚିତ ହୋଇଛନ୍ତି। ମୁଖ୍ୟତଃ ପଡ଼ାର ୪ ନଳକୂଅକୁ ଶୀଘ୍ର ମରାମତି କରାଗଲେ ପଡ଼ାବାସୀ ପିଇବା ପାଣି ପାଇପାରିବେ । ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ସେଥିପାଇଁ ଜିଲାପ୍ରଶାସନ ଦାୟୀ ରହିବ ବୋଲି ମଙ୍ଗଳବାର ସେମାନେ ଚେତାବନୀ ଦେଇଛନ୍ତି।

### ସାହେବୀ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି

ନାକଟିଦେଉଳ,୨୩।୧୦(ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାହେବୀ ଗ୍ରାମସ୍ଥିତ ନବନିର୍ମିତ ସିଦ୍ଧେଶ୍ୱର ବାବା ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସୋମବାର ସନ୍ଧ୍ୟାରେ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ବାଳକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ କିପରି ଭାବେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବ ସେଥିପାଇଁ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ଦାୟିତ୍ୱ ଦିଆଯାଇଛି। ଶିବ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ନଭେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୩ରେ କଳସ ଯାତ୍ରା, ୧୪ରେ ହୋମ, ନାମଯଜ୍ଞ, ୧୫ରେ ପୂର୍ଣ୍ଣାହୂତି ହେବ। ବୈଠକରେ ରାଜକିଶୋର ସାହୁ, ରାମପ୍ରସାଦ ସାହୁ, ବେଡା ସାହୁ, ରବିନାରାୟଣ ସାହୁ, ଚୈତନ୍ୟ ପ୍ରଧାନ, ଶ୍ୟାମ ସୁନ୍ଦର ସାହୁ, ପର୍ଶୁରାମ ମାଝୀ ଏବଂ ମଦନ ସାହୁଙ୍କ ସମେତ ସାହେବୀ, ଝାରବେଡା, ରେଙ୍ଗାଲି ପଞ୍ଝୁ, ପାଟୁଲିଡ଼ିପ, ହିଞ୍ଜାମରା ଏବଂ ଟାଙ୍ଗିଆ ନିଶା ଆଦି ଗ୍ରାମର ଶତାଧିକ ଜନସାଧାରଣ ଯୋଗଦେଇ ମତାମତ ରଖିଥିଲେ।

### ରୋଜଗାରର ସୁଯୋଗ ସୃଷ୍ଟି କର: ଭାଜପା ଯୁବମୋର୍ଚ୍ଚା

ସମ୍ବଲପୁର,୨୩।୧୦(ବ୍ୟୁରୋ): ରାଜ୍ୟରେ ଦିନକୁ ଦିନ ବେରୋଜଗାରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ଦପ୍ତରମାନଙ୍କରେ ଅନେକ ପଦବୀ ଖାଲି ପଡ଼ିଛି ଅଥଚ ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ଥଇଥାନ କରାଯାଉନାହିଁ। ନିର୍ବାଚନ ସମୟରେ ଯୁବପିଢ଼ିଙ୍କୁ ରୋଜଗାର ଯୋଗାଇ ଦିଆଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ଅଥଚ ଯୁବବର୍ଗଙ୍କୁ ରୋଜଗାରକ୍ଷମ କରିବାରେ କୌଣସି ବ୍ୟବସ୍ଥା ଏଯାବତ୍ କାର୍ଯ୍ୟକାରୀ ହୋଇପାରିନାହିଁ। ଭାଜପା ପକ୍ଷରୁ ଏଭଳି ଅଭିଯୋଗ କରାଯାଇଛି। ୧୦ ଦିନ ମଧରେ ରୋଜଗାରର ସୁଯୋଗ ସୃଷ୍ଟି ନେଇ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଜିଲାପାଳଙ୍କ ଜରିଆରେ ଚେତାବନୀ ଦିଆଯାଇଛି। ଭାଜପା ଯୁବମୋର୍ଚ୍ଚା ସମଲେଶ୍ୱରୀ ମଣ୍ଡଳ ସଭାପତି ରିକି ବେହେରା, ପିଣ୍ଟୁ ମହନ୍ତ, ଅଶ୍ୱିନି ସୁନା, ବିଶେଷ କୁମାର ମଣ୍ଡଳ, ସଞ୍ଜୟ ଯାଦବ, ତେଜ ପ୍ରତାପ ଯାଦବ, ଛୋଟୁ ଯାଦବ, ସୁରଜ ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ।

# ରେଢ଼ାଖୋଲ ଅଞ୍ଚଳରେ ହାତୀପଲ

■ଧାନ ଫସଲ ନଷ୍ଟ
■ଲୋକେ ଭୟଭୀତ

ରେଢ଼ାଖୋଲ, ୨୩।୧୦ (ଡି.ଏନ.ଏ.) ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକରେ ଗତ କିଛିଦିନ ହେବ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଦଳବଦ୍ଧ ହୋଇ ହାତୀମାନେ ଧାନ କ୍ଷେତକୁ ଦଳି ଚକଟି ନଷ୍ଟ କରିଚାଲିଛନ୍ତି। ହାତୀଙ୍କ ଆକ୍ରମଣ ଭୟରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗାଁଗୁଡ଼ିକ ମଧକୁ ହାତୀପଲ ପଶି ଆସୁଥିବାରୁ ଆତଙ୍କ ଖେଳିଯାଇଛି। ବ୍ଲକର ଚାରମାଳ, ହିନ୍ଦୋଳ, ଜରିପାଣି, ପିପିଲିକାନି, ବୁଢ଼ିପାଣୀ, ପଟାଖମଣ, ବିଜେପୁର, ଝରାପରା ଆଦି ଗ୍ରାମରେ ହାତୀପଲ ଧାନ କିଆରୀକୁ ମାଡ଼ି ଦଳି ଉଜାଡ଼ିଥିବା ଅଭିଯୋଗ ହୋଇଛି। ଚାଷୀମାନେ ଏଥିରେ ଭାଙ୍ଗିପଡ଼ିଛନ୍ତି। କ୍ରମାଗତ ଭାବେ ଗତ କିଛି ବର୍ଷ



ହାତୀପଲଙ୍କ ଦ୍ୱାରା ନଷ୍ଟ ଧାନ କ୍ଷେତ।

ଧରି ଅନିୟମିତ ବର୍ଷା ଚାଷୀଙ୍କ ମୁଣ୍ଡବ୍ୟଥା ବଢ଼ାଇଥିବା ବେଳେ ହାତୀ ଉପଦ୍ରବରେ ଫସଲ କ୍ଷୟକ୍ଷତି ପରିସ୍ଥିତି ଜଟିଳ କରିଛି। ଚଳିତ ବର୍ଷ ଭଲ ବର୍ଷା ହୋଇଥିବାରୁ ଧାନ ଫସଲ ଭଲ ହୋଇଛି। ହେଲେ ହାତୀପଲଙ୍କ ଉତ୍ପାତ ଚାଷୀଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। ହାତୀପଲରେ ୬ରୁ ୧୫ ହାତୀ ରହିଥିବା ଜଣାଯାଇଛି। ବନ ବିଭାଗ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ମିଳିବାରେ ବହୁ ବିଳମ୍ବ ହେଉଛି। ଏପରିକି ଚାଷୀମାନେ ବନ ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହେଉଛନ୍ତି। ସନ୍ଧ୍ୟା ନ ହେଉଣୁ ହାତୀପଲ ଗାଁ ନିକଟକୁ ଚାଲିଆସୁଥିବାରୁ ଗ୍ରାମବାସୀ ନିଆଁ ଜଳାଇ, ବାଣ, ଫୋଟକା ଫୁଟାଇ, ବାଜା ବଜାଇ ଘଉଡାଇବାକୁ ଉଦ୍ୟମ କରୁଛନ୍ତି। ହେଲେ ଏହା ବ୍ୟର୍ଥ ଯାଇଛି। ହାତୀମାନେ ଅଞ୍ଚଳ ଛାଡ଼ି ଯାଉନାହାନ୍ତି।

# ବାଇକ୍ ଚୋରି କରି ଭୂଷଣ କର୍ମଚାରୀ ଗିରଫ

## - ୩ ଚୋରି ବାଇକ୍ ଉଦ୍ଧାର



୩ ଚୋରି ବାଇକ୍ ସହ ଅଭିଯୁକ୍ତ ।

ରେଙ୍ଗାଲି,୨୩।୧୦(ଡି.ଏନ.ଏ.)

ସମ୍ବଲପୁର ରେଙ୍ଗାଲି ବ୍ଲକ ଠେଲକୁଲି ଥାନା ଅଞ୍ଚଳରୁ ୩ ଚୋରି ବାଇକ୍ ଉଦ୍ଧାର ହୋଇଛି । ଭିଲେଇର ମୂଳବାସିନ୍ଦା ଝାରସୁଗୁଡ଼ା ପୁରୁଣାବସ୍ତି ଠେଲକୁଲି ଭୂଷଣ କାରଖାନାର ସିଆରଏମ ସାଇଡିରେ ଇଲେକ୍ଟ୍ରିସିଆନ୍ ଭାବରେ କାମ କରୁଥିବା କେ. ନରେଶ (୩୦)ଙ୍କୁ ବାଇକ ଚୋରି ଅଭିଯୋଗରେ ଗିରଫ କରିବା ପରେ ଚୋରି ବାଇକ୍‌ର ସନ୍ଧାନ ମିଳିଥିଲା । ପୋଲିସ ସୂଚନାନୁଯାୟୀ, ଭୂଷଣ କାରଖାନା ସମ୍ମୁଖରୁ ୯ ତାରିଖରେ (ଓଡି ୨୩ଡି-୦୫୩୧) ନମ୍ବର ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ୨୨ ତାରିଖ ସନ୍ଧ୍ୟା ୭ଟାରେ ଭୂଷଣ କାରଖାନା ଭିତରୁ ଏବଂ ସନ୍ଧ୍ୟା ୬ଟାରେ କାରଖାନା ସମ୍ମୁଖରୁ (ଓଆର୍ ୨୩ଇ-୯୩୭୦, ଓଡି ୨୩ବି-୫୯୫୧) ନମ୍ବରର ୨ ବାଇକ ଚୋରି ହୋଇଥିବା ପୂନର୍ବାର ଥାନାକୁ ଅଭିଯୋଗ ଆସିଥିଲା। ସନ୍ଦେହରେ ଠେଲକୁଲି ଥାନା ଅଧିକାରୀ ସୁବାଷ ଚନ୍ଦ୍ର ମିଶ୍ର କାରଖାନା ମୁଖ୍ୟ ଫାଟକରେ ସଦଳବଳ ନାକାବନ୍ଦି କରିଥିଲେ। ରାତି ପ୍ରାୟ ସାଢ଼େ ୭ଟା ସମୟରେ କେ. ନରେଶ ଏକ ଚୋରି ବାଇକ ଧରି ଗେଟରୁ ବାହାରୁଥିବା ସମୟରେ ପୋଲିସ ହାତରେ ଧରାପଡିଥିଲେ। ପୋଲିସ ପଚରାଉଚରାରେ ସେ ସିଆରଏସ୍ ସାଇଡରେ ଆଉ ଦୁଇଟି ଚୋରି ବାଇକ୍ ରଖିଥିବା କହିଥିଲେ। ଅଭିଯୁକ୍ତ ନରେଶ ବାଇକ ଚୋରି କରି ତନ୍ମଧ୍ୟରୁ ଡାଇନାମା ବାହାର କରି ଜେନେରେଟରରେ ଫିଟିଙ୍ଗ କରି ପରେ ଏହାକୁ ବିକ୍ରି କରୁଥିଲେ ବୋଲି ଠେଲକୁଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

# 'ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ କାର୍ଯ୍ୟ କରିବି'

ନାକଟିଦେଉଳ, ୨୩।୧୦ (ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ବିଇଓ କାର୍ଯ୍ୟାଳୟରେ ମଙ୍ଗଳବାର ନୂତନ ବ୍ଲକ ଶିକ୍ଷା ଅଧିକାରୀ ଭାବେ ବିଶ୍ୱନାଥ ସାହୁ (ଓଇଏସ) କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାଜକିଶୋର ସାହୁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ) ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ପାଦକ ମହେଶ୍ୱର ପ୍ରଧାନ, ବ୍ଲକ କନିଷ୍ଠ ଶିକ୍ଷକ ସଂଘ ସଭାପତି ଅଜିତ ପ୍ରଧାନ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଗୌତମ ମୋହନ ପ୍ରଧାନ, ବ୍ଲକ ଶିକ୍ଷକ ସଂଘ ସମନ୍ୱୟ କମିଟି ସମ୍ପାଦକ ସମୀର ସେଠୀ, ପ୍ରମୋଦ କୁମାର ପ୍ରଧାନ, ସିଆରସିସି ଛବିଳ ଧଳ, ମୁରଲୀଧର ଦାସ ଏବଂ ରଞ୍ଜିତ ସାହୁଙ୍କ ସମେତ ବହୁ ଶିକ୍ଷକ ବିଇଓ ସାହୁଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବିଇଓ ସାହୁ ଶିକ୍ଷକ ସଂଘର



ବିଇଓଙ୍କ କାର୍ଯ୍ୟାଳୟରେ ନୂତନ ବିଇଓଙ୍କୁ ସ୍ୱାଗତ।

କର୍ମକର୍ତ୍ତାମାନଙ୍କ ସହ ବ୍ଲକର ଶିକ୍ଷା ବ୍ୟବସ୍ଥା ଏବଂ ଶିକ୍ଷକ ସମସ୍ୟା ଉପରେ ଆଲୋଚନା କରିବା ସହ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏଥି ସହ ବ୍ଲକର ଗୁଣାତ୍ମକ ଶିକ୍ଷାର ବିକାଶ ଦିଗ ପ୍ରତି ସେ ଯେ ଯତ୍ନବାନ ହେବେ ଜଣାଇଛନ୍ତି। ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀଙ୍କ ପ୍ରଚେଷ୍ଟାରେ ନୂତନ ଭାବେ ଜଣେ ସ୍ଥାୟୀ ବିଇଓଙ୍କ ଯୋଗଦାନ ସମ୍ଭବ ହୋଇପାରିଥିବାରୁ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାଜକିଶୋର ସାହୁ ସମସ୍ତ ଶିକ୍ଷକମାନଙ୍କ ସମେତ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ ପୂଜାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ବ୍ୟାଙ୍କ ଡକାୟତିର ମୁକାବିଲା ପାଇଁ ମକଡ୍ରିଲ



ବ୍ୟାଙ୍କ କାର୍ଯ୍ୟାଳୟକୁ ମକଡ୍ରିଲ କରିବାକୁ ଯାଉଥିବା ରେଙ୍ଗାଲି ଥାନା ପୋଲିସ ।

ରେଙ୍ଗାଲି,୨୩।୧୦(ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ପକ୍ଷରୁ ବ୍ୟାଙ୍କ ଡକାୟତି ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କିପରି ମୁକାବିଲା କରି ଡକାୟତିକୁ ଏଡାଇ ପାରିବେ ସମ୍ପର୍କିତ ଏକ ମକଡ୍ରିଲ କରାଯାଇଥିଲା । ମଙ୍ଗଳବାର ରେଙ୍ଗାଲି ଥାନା ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱାଧୀନ ଏକ ଟିମ୍ ଅଞ୍ଚଳରେ ଥିବା ସମସ୍ତ ବ୍ୟାଙ୍କକୁ ଯାଇ ଡକାୟତି ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ କିପରି ନିଜକୁ ଏବଂ ବ୍ୟାଙ୍କ୍‌କୁ ସୁରକ୍ଷିତ ରଖିପାରିବେ ମକଡ୍ରିଲ ଜରିଆରେ ସଚେତନ କରିଥିଲେ। ଥାନା ଅଧିକାରୀ ବ୍ୟାଙ୍କଗୁଡ଼ିକରେ ଥିବା ଯାନ୍ତ୍ରିକ ତ୍ରୁଟି ଶୀଘ୍ର ଠିକ୍ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ମକ୍‌ଡ୍ରିଲ୍‌ରେ ରେଙ୍ଗାଲି ଥାନାର ସବଇନ୍ସପେକ୍ଟର ସଂଘମିତ୍ରା ଦାସ, ଏଏସଆଇ ଦ୍ରୋଣାଚାର୍ଯ୍ୟ ସାହୁ, ଅମୂଲ୍ୟ ଗଡ଼ନାୟକଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।

## ୫୧ ଦିନରେ ଓକିଲଙ୍କ ଆନ୍ଦୋଳନ

ସମ୍ବଲପୁର, ୨୩।୧୦ (ବ୍ୟୁରୋ)- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଆନ୍ଦୋଳନ ମଙ୍ଗଳବାର ୫୧ ଦିନରେ ପହଞ୍ଚିଛି। ଅନୁରୂପ ଭାବେ କଚେରୀଛକଠାରେ ଓକିଲ ଓ ନାଗରିକ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଏବଂ ସଭ୍ୟମାନେ ପିକେଟିଂ କରିଥିଲେ। ଫଳରେ ସରକାରୀ ଦପ୍ତର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷେ, ଶାରଦୀୟ ଦୁର୍ଗାପୂଜା ମଣ୍ଡପଗୁଡ଼ିକରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ସଚେତନତା ପୋଷ୍ଟର ଲାଗିଥିଲା। ଏହି ସଚେତନତା ପୋଷ୍ଟର ଜନସାଧାରଣଙ୍କ ମଧରେ ଆନ୍ଦୋଳନର ଇନ୍ଧନ ଯୋଗାଇବ।

ଆସନ୍ତା ୨୫ ତାରିଖରୁ ଆନ୍ଦୋଳନ ରୂପରେଖ ପରିବର୍ତ୍ତନ ହେବ। ରାଜ୍ୟ ଓ କେନ୍ଦ୍ର ସରକାର ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା କରିବାକୁ ବାଧ ହେବେ। ମଙ୍ଗଳବାର ଜିଲା ଓକିଲ ସଂଘର କ୍ରିୟାନୁଷ୍ଠାନ କମିଟି ବୈଠକରେ ଏହି ମତ ପ୍ରକାଶ ପାଇଛି। କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ପ୍ରଦୀପ କୁମାର ବହିଦାର, ସମ୍ପାଦକ ପ୍ରବୀଣ ସିଂଦେଓ, ସତ୍ୟନାରାୟଣ ପଣ୍ଡା, ନିରଞ୍ଜନ ତ୍ରିପାଠୀ, ବିଜୟ ପୁରୋହିତ, ଚନ୍ଦ୍ରକାନ୍ତ ମହାନ୍ତି, ରବିରଞ୍ଜନ ପୂଜାରୀ, ରାଜୀବ ଶତପଥି, ଅତନୁ ଘୋଷ, ପ୍ରମୋଦ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ୨୬ରେ ବିଜୁ ଏକ୍ସପ୍ରେସ ୱେ ବନ୍ଦ ନେଇ ବୈଠକ



ବିଜୁ ଏକ୍ସପ୍ରେସ ୱେ ବନ୍ଦ ନେଇ ହୋଇଥିବା ବୈଠକ ।

ରେଙ୍ଗାଲି,୨୩।୧୦(ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କୃଷକମାନେ ୪ଦଫା ଦାବି ନେଇ ଆସନ୍ତା ୨୬ ତାରିଖ ଦିନ ସମ୍ବଲପୁର ରାଉରକେଲା ବିଜୁ ଏକ୍ସପ୍ରେସ ୱେକୁ ବନ୍ଦ କରିବାକୁ ନିଷ୍ପତ୍ତି କରିଥିବା ବେଳେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ରାମଚନ୍ଦ୍ର ନଗର ସାପ୍ତାହିକ ବଜାର ପ୍ରାଙ୍ଗଣରେ ବୀଣାପାଣି କୃଷକ ସଙ୍ଗଠନ ସଭାପତି ବୁଦ୍ଧଦେବ ନାଏକଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା । ୨୦୧୭ ମସିହାର କୃଷି ବୀମା ରାଶି ବଣ୍ଟନରେ ହୋଇଥିବା ତ୍ରୁଟିରେ ସୁଧାର, ଚଳିତ ବର୍ଷ ରେଙ୍ଗାଲି ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, କୃଷି ଋଣ ଛାଡ଼, ସ୍ୱାମୀନାଥନ କମିଶନ ଆଧାରରେ ଏମଏସପି ସ୍ଥିରଧାର୍ଯ୍ୟ ଆଦି ୪ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ବଳରାମ ମିର୍ଦ୍ଧା, କେଶବ କୁମରା, ଜୟରାମ ମେହେର, ସୁନୀଲ କୁମାର ଗଣ୍ଡା, ଲକ୍ଷ୍ମଣ ବାରିକ, ଯୁଗଳ କିଶୋର ମଲ୍ଲିକ, ଶିବ ସାହୁ, ରମଣି ପ୍ରଧାନଙ୍କ ସହ ରେଙ୍ଗାଲି ବ୍ଲକର ବହୁ ସଂଖ୍ୟକ କୃଷକ ଉପସ୍ଥିତ ଥିଲେ । ୨୬ ତାରିଖରେ ରେଙ୍ଗାଲି ତହସିଲ ଛକଠାରେ ବିଜୁ ଏକ୍ସପ୍ରେସ ୱେକୁ ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ବନ୍ଦ କରାଯିବାକୁ ସହମତି ପ୍ରକାଶ ପାଇଛି ।

# ବାର୍ଦ୍ଧକ୍ୟ ଏବଂ ଅସହାୟଙ୍କ ଭତ୍ତା ବୃଦ୍ଧି ଦାବି



ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରେଙ୍ଗାଲି,୨୩।୧୦(ଡି.ଏନ.ଏ) ସମ୍ବଲପୁର ଜିଲା ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବାର୍ଦ୍ଧକ୍ୟ ଏବଂ ଅସହାୟଙ୍କ ଭତ୍ତା ବୃଦ୍ଧି ପାଇଁ ରେଙ୍ଗାଲି ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ମଙ୍ଗଳବାର ପରିଷଦର ସଭାପତି ଡ. ତୁଳସୀ ଦାସ ମାହାଣାଙ୍କ ନେତୃତ୍ୱରେ ଏହି ଦାବିପତ୍ର ରେଙ୍ଗାଲି ବିଡିଓ ବେର୍ଣ୍ଣଦେଢ଼ ଲାକ୍ରାଙ୍କୁ ଦିଆଯାଇଥିଲା। ସରକାର ବିଧାୟକ, ସାଂସଦ, ସରକାରୀ କର୍ମଚାରୀମାନଙ୍କ ଦରମା ପ୍ରତି ବର୍ଷ ବୃଦ୍ଧି କରୁଥିବା ବେଳେ ବାର୍ଦ୍ଧକ୍ୟ ଏବଂ ଅସହାୟମାନଙ୍କୁ କେବଳ ମାତ୍ର ୩୦୦ ଏବଂ ୫୦୦ ଟଙ୍କା ମାସକୁ ଭତ୍ତା ଦିଆଯାଉଛି। ଫଳରେ ସେମାନେ ବାଧ ହୋଇ ଭିକ୍ଷାବୃତ୍ତି କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପରିଷଦର ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଦିବ୍ୟ ବେହେରା, ଶାଳେଗ୍ରାମ ସାହୁ, ଶମ୍ଭୁନାଥ ଅଗ୍ରୱାଲଙ୍କ ସହ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ମରୁଡ଼ିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ଧମା,୨୩।୧୦(ଡି.ଏନ.ଏ.)

ଚଳିତ ବର୍ଷ ଫସଲ ଯୁବାବସ୍ଥାରେ ପହଞ୍ଚିଥିବା ବେଳେ ବର୍ଷାର ଅଭାବ କାଳ ହୋଇଛି। ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତରେ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ଚାଷୀ ଏଥିରେ ବହୁଳ ଭାବେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି । କାରଣ ଏଠାରେ କେନାଲ ପାଣିର ସୁବିଧା ନାହିଁ। ଯେଉଁ ଦୁଇଟି ଉଠାଜଳସେଚନ ବ୍ୟବସ୍ଥା ରହିଛି ତାହା ଦୀର୍ଘଦିନରୁ ଅଚଳ ପଡ଼ି ରହିଛି।



ଭାଜପା କର୍ମୀମାନେ ଡକରା ଅଞ୍ଚଳର ଚାଷୀଙ୍କ ସହ ଆଲୋଚନାରତ ।

ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ । ଏଭଳି ସ୍ଥିତିରେ ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ଓ ହୁମା ମଣ୍ଡପ ସଭାପତି ନିମେଇଁ ପାଣିଗ୍ରାହୀ ଡକରା ଅଞ୍ଚଳ ଚାଷ ଜମି ପରିଦର୍ଶନ କରିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ତବଲୋଇ ସଂରକ୍ଷିତ ଜଙ୍ଗଲରୁ ଗଛ କଟା

ଫରେଷ୍ଟର, ଗାର୍ଡ ନିଲମ୍ବିତ

ଧମା,୨୩।୧୦(ଡି.ଏନ.ଏ)

ସମ୍ବଲପୁର ଧମା ରେଞ୍ଜ ଅଧୀନ ତବଲୋଇ-ଦେଓଗାଁ ସଂରକ୍ଷିତ ଜଙ୍ଗଲରେ ଅବାଧ ଗଛକଟା ନେଇ ଫରେଷ୍ଟର ଟଙ୍କଧର ରାଉତ ଏବଂ ଗାର୍ଡ ବେଣୁଧର ସାହୁଙ୍କୁ ନିଲମ୍ବିତ କରାଯାଇଛି। ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୮୧ ଗଛ କଟାଯାଇଛି। ତନ୍ମଧ୍ୟରେ ଶାଳ ଓ ବିଜା ଆଦି ମିଶାଇ ୧୭୬.୮୮ ସିଫ୍ଟ ପରିମାଣର ଗଛ ରହିଛି। ଏ ବାବଦରେ ଅଭିଯୋଗ ହେବା ପରେ ବିଭାଗୀୟ ଅଧିକାରୀ ତଦନ୍ତ କରି କର୍ମଚାରୀଦ୍ୱୟଙ୍କୁ କର୍ତ୍ତବ୍ୟରେ ଅବହେଳା କାରଣରୁ ନିଲମ୍ବିତ କରିଥିବା ଜଣାଇଛନ୍ତି । ତେବେ ଏମାନଙ୍କ ସ୍ଥାନରେ ଆଉ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ୨୦ଦିନ ହେଲା ଚେକପୋଷ୍ଟ ଖାଲି ପଡ଼ି ରହିଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।



ଜବତ କରାଯାଇଥିବା ଗଛ ଗଣ୍ଡି ।

## ସଂକ୍ଷେପରେ

### ଟ୍ରେନରୁ ପଡ଼ି ଜଣେ ମୃତ

**ବରପାଲି,୨୩।୧୦(ଡି.ଏନ.ଏ)-** ବରଗଡ଼ ଜିଲା ବରପାଲି ଥାନା ଜୁଲଟ ଖଲିଆପଡ଼ା ନିକଟରେ ଟ୍ରେନରୁ ପଡ଼ି ଜଣେ ମୃତ୍ୟୁବରଣ କରିଛନ୍ତି । ମୃତକ ଜଣକ ବଲାଙ୍ଗୀର ଜିଲା ସଇଁତଲା ଥାନା ଖଜୁରପଡ଼ାର ମୋହନ ସାହୁ(୭୦) ବୋଲି ଜଣାପଡ଼ିଛି। ମୋହନ ବରଗଡ଼କୁ କୌଣସି କାମରେ ଆସି ଟ୍ରେନ ଯୋଗେ ଘରକୁ ଫେରୁଥିଲେ । ତେବେ ଫେରିବା ବାଟରେ ଛେପ ପକାଇବା ବେଳେ ଟ୍ରେନରୁ ଆକସ୍ମିକ ଭାବେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବରପାଲି ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ଜିଆରପି ପୋଲିସକୁ ହସ୍ତାନ୍ତର କରିଛି।

### ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଘଣ୍ଟାପଡା,୨୩।୧୦ (ଡି.ଏନ.ଏ.)-** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ନଂ.୧ ଜୋନ ଅନ୍ତର୍ଗତ ଘଣ୍ଟାପଡା, ଆମ୍ବଗାଁ, ଉମା, ବରଗାଁ, ଖୁଣ୍ଟିଗୋରା, ନାରାୟଣପ୍ରସାଦ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ସମସ୍ତ ଯାଦବ ସମାଜର ସଦସ୍ୟଙ୍କୁ ନେଇ ରମେଶ ପୋଢ଼ଙ୍କ ଆବାହକତ୍ୱରେ ଆମ୍ବଗାଁ ଗ୍ରାମପଞ୍ଚାୟତର ତେନ୍ତୁଲିଖୁଣ୍ଟି ଗିରିଗୋବର୍ଦ୍ଧନ(ପାହାଡ) ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାଦବ ସମାଜର ବରିଷ୍ଠ ସଦସ୍ୟ ପରମାନନ୍ଦ ମାହାରଙ୍କ ସଭାପତିତ୍ୱରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ ଆଗାମୀ ୮ରୁ ୧୦ ତିନି ଧରି ହେବାକୁ ଥିବା ନାମଯଜ୍ଞ ପାଇଁ ଶାନ୍ତି ଶୃଙ୍ଖଳାରେ କିପରି ସମାପନ ହେବ ସେ ବିଷୟରେ ଆଲୋଚନା କରିଥିଲେ। ଯାଦବ ସମାଜର କୁନାସିଲା କେନ୍ଦ୍ର ସଭାପତି ଲିଙ୍ଗରାଜ ସେଲମା, ସମ୍ପାଦକ ଷଡ଼ାନନ କାଲସେ ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ ।



ବିମାନବନ୍ଦର ସମ୍ମୁଖରେ ଅନଶନ କରାଯାଉଛି।

# ନିରବଚ୍ଛିନ୍ନ, ବାଣିଜ୍ୟିକ ବିମାନସେବା ଦାବି

**ଝାରସୁଗୁଡା ଅଫିସ,୨୩।୧୦**

- ବିମାନବନ୍ଦର ସମ୍ମୁଖରେ ଦୁଇଦିନିଆ ଅନଶନ
- ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ପ୍ରତିନିଧି

ଝାରସୁଗୁଡା ବିମାନବନ୍ଦର ଉଦଘାଟନକୁ ଏକ ମାସ ବିତିଯାଇଛି। ସେପ୍ଟେମ୍ବର ୨୨ତାରିଖରେ ବିମାନବନ୍ଦର ଉଦଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଏହା ପଶ୍ଚିମ ଓଡ଼ିଶାବାସୀଙ୍କୁ ନୂଆଖାଇ ଉପହାର। କିନ୍ତୁ ଏୟାର ଓଡ଼ିଶାର ଅନିୟମିତ ବିମାନସେବା ପଶ୍ଚିମ ଓଡ଼ିଶା ଲୋକଙ୍କ ଆଶା ଓ ଭରସା ପ୍ରତି କୁଠାରଘାତ ବୋଲି କହିଛନ୍ତି ଝାରସୁଗୁଡା ବିଧାୟକ ନବ କିଶୋର ଦାସ। ଝାରସୁଗୁଡାରୁ ପୂର୍ଣ୍ଣାଙ୍ଗ ଏବଂ ବାଣିଜ୍ୟିକ ବିମାନ ଚଳାଚଳ ଦାବି ଏବଂ ଉଡାନ୍ ଯୋଜନାର ବିଫଳତାକୁ ନେଇ ଝାରସୁଗୁଡା ବିଧାୟକଙ୍କ ନେତୃତ୍ୱରେ ମଙ୍ଗଳବାର ଦିନ ବିମାନବନ୍ଦର ମୁଖ୍ୟ ଫାଟକରେ ଆରମ୍ଭ ହୋଇଛି ଅନଶନ। ଏହି ଦୁଇ ଦିନିଆ ଅନଶନକୁ ସମର୍ଥନ କରିବା ପାଇଁ ବିଧାୟକ ଦାସ ଦଳମତ ନିର୍ବି ଶେଷରେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ଅନଶନ ଅବସରରେ ଉଦ୍‌ବୋଧନ ଦେଇ ବିଧାୟକ ଦାସ କହିଛନ୍ତି, ହଜାର ହଜାର ଏକର ଜମି, ଶହ ଶହ କୋଟି ଟଙ୍କା ବିନିଯୋଗରେ ଉନ୍ନତ ଭିତ୍ତିଭୂମି ସମ୍ପନ୍ନ ଝାରସୁଗୁଡା ବିମାନବନ୍ଦର ସେପ୍ଟେମ୍ବର ୨୨ରେ ଉଦ୍‌ଘାଟନ ହୋଇଛି। ବହୁ ଆଡମ୍ବରରେ ପ୍ରଧାନମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରି ଏହାର ନାମକରଣ ମଧ୍ୟ କରିଥିଲେ। କିନ୍ତୁ ଉଦଘାଟନର ଦିନ କେଇଟା ପରେ ଏୟାର ଓଡ଼ିଶା ନିରବଚ୍ଛିନ୍ନ ବିମାନସେବା ପ୍ରଦାନ କରିବାରେ ବିଫଳ ହୋଇଥିବାବେଳେ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେବା ନେଇ କୌଣସି ସୂଚନା ମିଳିନାହିଁ। ଉଦଘାଟନର ଏକ ମାସ ଭିତରେ ମାତ୍ର ୫ରୁ ୬ଦିନ ଏୟାର ଓଡ଼ିଶାର ବିମାନ ଉଡିଥିବାବେଳେ ଗତ ୧୬ ଦିନ ହେବ ଉଡାନ୍ ବନ୍ଦ ରହିଛି। ଏହିଭଳି ଭାବେ ପଶ୍ଚିମ ଓଡ଼ିଶାବାସୀଙ୍କୁ ଠକିବାର ପ୍ରୟାସ କରାଯାଉଛି ବୋଲି ସେ କହିଥିଲେ। ତୁରନ୍ତ ଉଡାନ୍ ଆରମ୍ଭ କରିବା ଏବଂ ଏଠାରୁ ପୂର୍ଣ୍ଣାଙ୍ଗ ବିମାନ ଚଳାଚଳ ଦାବି ନେଇ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରିବେ। ଏହାପରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବେ। ନିର୍ଦ୍ଦିଷ୍ଟ ସମୟରେ ବିମାନ ସେବା ଆରମ୍ଭ ନ ହେଲେ ନଭେମ୍ବରରେ ପଶ୍ଚିମ ଓଡ଼ିଶାର ସବୁ ଜିଲାର ଲୋକ ବିମାନବନ୍ଦର ଘେରାଉ କରିବେ ବୋଲି ସେ କହିଛନ୍ତି। ଆଜିର ଅନଶନରେ ସ୍ଥାନୀୟ ଜଗନ୍ନାଥ ଜେନା, ପିଣ୍ଟୁ ପାଢୀ, ରଘୁମଣି ପଟେଲ, ରବିନ୍ ପାଣ୍ଡେ, ବାବୁନ୍ ସରକାର, କୁଶାସନ ଜୟପୁରିଆ, ଦିଗମ୍ବର ମାଝୀ, ରାଜୁ ପାଣିଗ୍ରାହୀ, ସୁଧାଂଶୁ ମହାପାତ୍ର, ମଞ୍ଜୁର ଆଲମ୍ ଏବଂ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ। ଉଡାନ୍ ଯୋଜନାରୁ ଏୟାର ଓଡ଼ିଶାକୁ ହଟାଇବା ପାଇଁ ମଧ ଦାବି ଉଠିଛି। ଏ ନେଇ ପ୍ରତିକ୍ରିୟା ଦେଇ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ ଚୌହାନ କହିଛନ୍ତି, ଏୟାର ଓଡ଼ିଶାର ଉଡାନ୍ ବନ୍ଦର ପ୍ରକୃତ କାରଣ ଜଣା ପଡୁ ନାହିଁ। କମ୍ପାନୀ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଉଡାନ୍ ବନ୍ଦ କରିଛନ୍ତି। ସେହିପରି ବିମାନବନ୍ଦରର ନାମକରଣ ନେଇ କେନ୍ଦ୍ରରୁ କୌଣସି ସୂଚନା ଆସି ନ ଥିବା ସେ କହିଛନ୍ତି।

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୪ ଗିରଫ

**ଭେଡ଼େନ,୨୩।୧୦ (ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ଥାନା ଅଧୀନ ରୁଷୁଡ଼ା ଫାଣ୍ଡି ଅଧୀନରେ ଥିବା ଭାଙ୍ଗକୁଦ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜୁଆଖେଳ ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏନେଇ ଭେଡ଼େନ ପୋଲିସର ଏକ ଟିମ୍ ଚଢାଉ କରି ୪ ଜଣ ଜୁଆଡିଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନେ ହେଲେ ପ୍ରେମରାଜ ଅଦାବର, ଅଜିତ ଥନାପତି, ଜୟଦେବ କାଣ୍ଡ ଏବଂ ବୀର ହୋତା। ପୋଲିସ ତାଙ୍କ ନିକଟରୁ ତାସ୍ ପତ୍ତା ଏବଂ ନଗଦ ୩ହଜାର ୮ଶହ ୭୦ ଟଙ୍କା ଜବତ କରିଛି। ଏନେଇ ଭେଡ଼େନ ଥାନାରେ ପୋଲିସ ଏକ ମାମଲା(ନଂ.୨୦୭/ ୧୮)ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୨୩।୧୦ (ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ ସଦର ଥାନା କର୍ଲାପଡା ଫାଣ୍ଡିର ଚଜଗାଁରେ ଏୟାରଟେଲ ଟାୱାର ଉପରେ ଚଢ଼ି ବିଷପାନ କରି ଜଣେ ଯୁବକ ଅତ୍ମହତ୍ୟା କରିଛନ୍ତି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚହଗାଁ ଗ୍ରାମର କୁଶ ଜାଲ ପାରିବାରିକ କଳହକୁ ନେଇ ଗତ ୨୧ ତାରିଖ ରାତିରୁ ଘରୁ ବାହାରି ବିଷପାନ କରି ଚହଗାଁସ୍ଥିତ ଏୟାରଟେଲଟାୱାର ଉପର ରେଷ୍ଟସେଡରେ ଆତ୍ମହତ୍ୟା କରିଥିଲେ ।

### ପାଣିପାଗ ବିଭାଗର ସତର୍କ ସୂଚନା

## ଉପକୂଳ ସମେତ ୩ ଜିଲାରେ ବଜ୍ରପାତ ସମ୍ଭାବନା

**ଭୁବନେଶ୍ୱର,୨୩।୧୦ (ବ୍ୟୁରୋ)**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସମେତ କୋରାପୁଟ, ମାଲକାନଗିରି, ରାୟଗଡା ଜିଲାରେ କେତେକ ସ୍ଥାନରେ ଘଡଘଡି ସହ ଝଡ ବର୍ଷା ହେବ । ବଜ୍ରପାତର ସମ୍ଭାବନା ରହିଛପ୍ରିବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ଏହି ସମୟରେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ହାଲକା ଶୀତ ଅନୁଭୁତ ହେଉଛି। ଦିନରେ ଟାଣ ଖରା ହେଉଥିବା ବେଳେ ରାତ୍ରୀରେ ସର୍ବନିମ୍ନ ତାପମାତ୍ରା ତଳକୁ ଖସୁଛି। ଏପରିକି ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୫.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭବନାନୀପାଟଣା ୧୮, କେନ୍ଦୁଝର ୧୯.୬, ବାରିପଦା ୨୦.୪, ଅନୁଗୋଳ ୨୦ ଏବଂ ଟିଟିଲାଗଡରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ଚଳିତ ମାସ ଶେଷ ଯାଏ ପାଗରେ ସେପରି କିଛି ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

**TRAHON** Livelihood Mission Pvt. Ltd. **URGENTLY REQUIRED**
A Leading Company Requires Experienced & Qualified Candidates
1. District Manager: 10 Posts (Salary 20,000 to 45,000) MBA, 3-5 Years Administration Exp., Good at English, Hindi & Local Language.
2. District Supervisor: 10 Posts (Salary 15,000 to 20,000) Graduate, 1-2 Years Experience, Good at English, Hindi & Local Language.
3. IT Technician: 10 Posts (Salary 15,000 to 20,000) BCA / BCS IT / MCA / MCS / BE-IT, 1-2 Yrs. Exp., in Hardware & Networking.
4. Calling Executive: 300 Posts(Salary 8,000 to 12,000) Graduate, 1-2 Yrs. Experience, Good at English & Local Language.
Job Locations: Job Location At All Districts in Odisha.
Drop Your CV at hr.trahonodisha@gmail.com
www.trahon.com 9607922216

**PRINCIPAL & TEACHERS REQUIRED FOR STERLING PUBLIC SCHOOL**
(Affiliated to CBSE, English Medium, Sr. Secondary-10+2)
Siswa Bazar / Nichlaul, Maharajganj, UP-273163
Website : www.sterlingeducation.in
Principal, PGT (English, Physics, Chemistry, Maths, Biology & Physical Education) TGT (English, S.St., Maths, Science) & Primary Teachers (All subjects)
Attractive Salary + Free Accommodation
Candidates must be fulent in English. Preference will be given to candidates with relevant experience. Please send CV at
chandrashekharonline@gmail.com
Call : 07457984810 / 08948911222

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319634873

**Urgently Required RECEPTIONIST (1 No)**
Qual. 10th / +2, Salary : 1000/- PM
ଆୟୁର୍ବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ
ଖାଇବା ଓ ରହିବା ସୁବିଧା ଅଛି। ଦରମା - 8,000/-
Contact : 6370668486
KHANDAGIRI SQUARE BHUBANESWAR (Age : 18-30 Yrs)

A Division of Timber & Furniture unit required 4 Nos. Manager at BBSR.
Mob: 7381203300

ଚେନ୍ନାଇରେ ଚାକିରି + ରହିବା ସୁବିଧା। ହିନ୍ଦୀ କହିପାରୁଥିବେ।
ବେତନ: ୧୩୦୦୦ - ୧୭୦୦୦।
ରୋଷେୟା / ହାଉସ୍‌କିପିଂ ବଏ / କାର୍ ଡ୍ରାଇଭର / ମାଲିକଙ୍କ ବ୍ୟକ୍ତିଗତ ସେବକ / ଅଫିସ ଆସିଷ୍ଟାଣ୍ଟ
9884761210

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**ଏଚ୍‌ଡିପି ପାଇଁ ଆବଶ୍ୟକ**
ଗ୍ରାମୀଣ ବ୍ଲକ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

**REQUIRED**
A CA firm requires articles, B.Com, CA (Inter) with experience. Please mail your resume to
mohapatra.sangram@rediffmail.com

See CAREER APPOINTMENT on every Wednesday & Saturday

**WANTED**
ଧରିତ୍ରୀ DHARITRI Oriya daily is looking for
**CIRCULATION EXECUTIVES**
- Graduates, having good communication skills. Experience in Sales / recovery in media will be given preference.
- Good working knowledge of Computers (Excel & Word) will be required.

**SALES PROMOTERS**
- Required Intermediate / Graduate Male Candidates having 1-2 yrs experience in sales. Fresher candidates may also apply.
- Candidates must possess own 2-Wheeler / mobile phone.

Apply immediately to : recruitment@dharitri.com
Attractive salary commensurate with experience

**JOB VACANCIES**
An upcoming four wheeler dealership needs professional in **Bhubaneswar** & **Sambalpur** location opportunity exists for the following positions:-
- **GM:** Must be graduate /MBA having 10 to 12 years experience in managing sales, operation of any 4 wheelers passenger car dealership.
- **SR. SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **BODYSHOP MANAGER:** Degree or Diploma in automobile/ Accidental having 3 to 5 years experience in 2/3/4 wheeler dealership bodyshop.
- **FLOOR MANAGER:** Degree or Diploma in automobile/ Mechanical having 3 to 5 years experience in 2/3/4 wheeler dealership workshop.
- **ADMIN. MANAGER:** Relevant work experience in construction & Govt. liaisoning having 5-10 years experience in any automobile sector.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE HEAD:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **HR EXECUTIVE:** Must be MBA (HR) having good exposure to EPF, ESI, Bonus. Preference will given the candidate from automobile sector.
- **EDP EXECUTIVE:** Fresher/Graduates (BCA, B.Sc. {IT} having at least 1 year of experience in IT support, hard work & net work in any automobile of 2/3/4 wheeler dealership.
- **SALES CONSULTANTS:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **RESIDENTIAL SALES EXECUTIVE:** Graduate having at least 1 year exp. in automobile for Jeypore, Balasore, Bhadrak, Angul & Berhampur.
- **SERVICE ADVISOR:** Diploma in automobile engg. having 1 to 2 years experience with valid driving license of any 2/3/4 wheeler dealership.
- **CO-TECH:** Must be a technical manager or technical head in any 2/3/4 wheeler automobile dealership.
- **WARRANTY EXECUTIVE:** Diploma in Automobile/Mechanical having 1-2 yrs of relevant experience in any automobile sector handling warranty related claims.
- **PARTS EXECUTIVE:** Graduate having 2 to 3 yrs experience in automobile sector of any 2/3/4 wheeler dealership.
- **TECHNICIANS:** ITI/ DIPLOMA in automobile having at least 1 year experience in any 2/3/4 wheeler dealership/ Garage.
- **TELE CALLER:** Any graduate or MBA having at least 1 year experience in automobile of any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **PAINTER:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler painting section.

Contact: 7606002084 / 0674-6668822
edp.bhubaneswar@renault-india.com & siddharth9909@gmail.com

**CAPITAL FORD** Ford
Requires professionals for its dealership across Odisha, opportunity exists for the following positions:-
- **SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **SALES MANAGER:** Graudate or MBA (Marketing) having 5 to 6 years experience of any 4 wheelers dealership handling sales.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE MANAGER:** Graduates/ MBA having 3-5 yrs. exp. in automobile finance or auto loan finance.
- **FLOOR MANAGER:** Degree or Diploma in automobile/ Mechanical haing 3 to 5 years experience in 2/3/4 wheeler dealership workshop.
- **TEAM LEADER (Sales):** Graduates/MBA having 3 to 4 years experience in auto sales and finance in 2/3/4 wheelers dealership.
- **SALES CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **USED CAR CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership of used car sales.
- **RESIDENTIAL SALES CONSULTANT:** Graduate having at least 2-3 years experience in automobile for Balasore, Koraput, Jaypore, Bhawanipatna, Baragarh & Keonjhar.
- **DELIVERY CO-ORDINATOR:** Graduate having at least 1 year experience in automobile of any 2 wheeler or 4 wheeler dealership, with 4 wheeler driving experience.
- **PARTS MANAGER:** Graduate having 5 to 6 years experience in automobile sector of any 2/3/4 wheeler dealership.
- **FLOOR SUPERVISOR:** Automobile Diploma, 1-3 yrs exp. in any automobile dealership handling body shop and floor.
- **BODYSHOP ADVISOR:** Degree or Diploma in automobile/ Accidental having 2 to 3 years experience in 2/3/4 wheeler dealership bodyshop.
- **QUALITY INSPECTOR:** ITI/DIPLOMA in automobile having at least 2 to 3 years experience in any 4 wheelers dealership/Garage, should be fluent in communication, with 4 wheeler driving experience.
- **RECEPTIONIST:** Any Graduate having good looking with pleasant personality, fluent in English having knowledge in computer.
- **TELE CALLER:** Any graduate or MBA having at least 1 year experience in automobile or any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or, MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **PAINTER:** Work in a dealership/ Garage in body operation, color matching & painting having 1 to 2 years experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **DRIVER:** 9th pass with valid license having 2 to 3 years experience in 2/3/4 wheeler driving. Preference will be given from automobile sector.

Mail to: admin@capitalford.net & siddharth9909@gmail.com
Contact: Evalin, 0674-6667709/6668822
CAPITAL FORD, SBI CHHAK, MANCHESWAR, BHUBANESWAR

An upcoming saloon requires the following personnel's at **Bhubaneswar**
1. **MARKETING MANAGER:** Graduate or MBA (Marketing) having 2 to 4 years experience of any product and concept marketing either from FMCG or IT sector can also apply.
2. **BUSINESS DEVELOPMENT MANAGER:** Graduate or MBA (Marketing, Finance) having 2 to 3 years experience in any insurance sales or loan dimensions.
3. **CENTRE MANAGER:** Graduate or MBA having 2 to 3 years of centre handling experience from any beauty segment or has been working as a manager heading any company.
4. **COUNSELLOR:** 1-2 yrs. experience of customer counselling from any industry or, from customer care background.
5. **BEAUTICIAN:** 1-3 yrs. experience in any beauty parlor or has under gone beauty course.
6. **DIETICIAN:** 2-3 yrs. experience in diet counselling or a nutritionist or from home science background fresher's can apply.
7. **HAIR DRESSER:** 2-3 yrs. experience in any beauty parlour.
8. **THERAPIST:** 2-3 yrs. experience in any wellness centre.

Salary is best in industry. Interested candidates may email their updated CV with latest PP size photograph.
Contact No: 9040093804/0674-6668822
Email id: siddharth9909@gmail.com, chitra89@gmail.com, info@newleaf.org.in

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

### ତରବୋଡ୍ ଅଞ୍ଚଳରେ ଚାଷ ଉଜୁଡ଼ିବା ଘଟଣା

# ମରୁଡ଼ି ଅନୁଧ୍ୟାନକାରୀ ଦଳର ତଦନ୍ତ ଆରମ୍ଭ

**ନୂଆପଡା ଅଫିସ/ ତରବୋଡ, ୨୩।୧୦ (ଡି.ଏନ.ଏ.)**

ନୂଆପଡ଼ା ଜିଲା ତରବୋଡ ଅଞ୍ଚଳରେ ବର୍ଷା ଅଭାବରୁ ଚାଷ ନଷ୍ଟ ହୋଇଯିବା ନେଇ ଚାଷୀମାନେ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗର ୨୪ ଘଣ୍ଟା ନ ପୁରୁଣୁ ଏକ ଜିଲାସ୍ତରୀୟ ଚାଷ ଅନୁଧ୍ୟାନ ଟିମ୍ ଉକ୍ତ ଅଞ୍ଚଳ ବୁଲି ଦେଖିଛନ୍ତି । ଜିଲା ପ୍ରଶାସନର ତତ୍ପରତା ପ୍ରତି ଚାଷୀମାନେ ଖୁସି ପ୍ରକଟ କରିଛନ୍ତି ।

ମଙ୍ଗଳବାର ଅପରାହ୍ନ ୪ଟାରେ ଜିଲା କୃଷି ଉପନିର୍ଦ୍ଦେଶକ ଜାହିଦ ମହମ୍ମଦଙ୍କ ନେତୃତ୍ୱରେ ଏକ ୯ ଜଣିଆ ଟିମ ପ୍ରଥମେ ତରବୋଡରେ ପହଞ୍ଚିଥିଲେ। ଟିମ ଆସିବା କ୍ଷଣି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ରୁଣ୍ଡ ହୋଇଥିଲେ। ଚାଷୀମାନଙ୍କ ସହ ଆଲୋଚନା କରି ସମ୍ପୃକ୍ତ ଚାଷୀଙ୍କ କ୍ଷେତସବୁ ଟିମ କର୍ମକର୍ତ୍ତା ବୁଲି ତନଖି କରିଥିଲେ । ଜମିଗୁଡିକରେ ଫସଲ ଲାଲ ହୋଇ ପଡିଛି। ଧାନ କେଣ୍ଡା ସବୁ ଝାଉଁଳି ପଡିଛି । ଚାଷୀମାନଙ୍କ ସହ ବାର୍ତ୍ତାଲାପ ସମୟରେ ଚାଷୀଙ୍କ ଆଖିରୁ ସ୍ୱତଃ ଅଶ୍ରୁ ବିଗଳିତ ହେଉଥିଲା । ଏବର୍ଷ ସୁନା ଫଳିଲା ବୋଲି ଦିନେ କୁଣ୍ଡେମୋଟ ହେଉଥିବା ଚାଷୀ ସର୍ବହରା ହୋଇପଡିଛି। ଟିମ ତରବୋଡର ପରଦେଶୀ ମେହେର, ଲୋଚନ ମହାରଥା, ଯୋଗେନ୍ଦ୍ର ନାଏକ, ସୌଭାଗ୍ୟ ଗହୀର, ଭକରନନ୍ଦ



ଟିମ କର୍ମକର୍ତ୍ତାମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି ।

**ମରୁଡି ଘୋଷଣା କରିବାକୁ ଦାବି**

ହଂସ, ସାଧୁ ହଂସ, ଲାଲସିଂ ହଂସ, ଖଗେଶ୍ୱର ଚିରାଙ୍ଗୁଲ, ଡୁମେରଚନ୍ଦ ଗହୀରଙ୍କ ଚାଷ ଜମି ବୁଲି ଦେଖିଥିଲେ । ଅଞ୍ଚଳରେ ପ୍ରକୃତ ମରୁଡି ପରିସ୍ଥିତି ଥିବା ଟିମ ଉପଲବ୍ଧ କରିଥିବା ପ୍ରକାଶ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଅନୁଧ୍ୟାନକାରୀ ଟିମ ସ୍ଥାନୀୟ ଜଟଗଡ, ଦର୍ଲିପଡା ଆଦି ଗାଁକୁ ଯାଇ ଚାଷ ଜମି ବୁଲି ଦେଖିଥିଲେ । ଏହା ଉପରେ ସବିଶେଷ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ଜାହିଦ ମହମ୍ମଦ ପ୍ରକାଶ କରିଛନ୍ତି । ଏହି ଟିମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷି ଅଧିକାରୀ ଅଜୟ କୁମାର ସେନାପତି, ତହସିଲଦାର ସୁରେଶ କୁମାର ନନ୍ଦ, ସହକାରୀ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଅଲେଖ କୁମାର ଦୀପ, ଟଙ୍କଧର ତନ୍ତୀ, କୃଷି ଗ୍ରାମ ସେବକ ମହମ୍ମଦ ମୁଜିବ, ରାଜସ୍ୱ ନିରୀକ୍ଷକ ଶ୍ୱେତାମ୍ବର ରାଉତ, ବେଦବ୍ୟାସ ଶବରଙ୍କ ସହ ଯୁବ ସାମାଜିକ କର୍ମୀ ଅର୍ଜୁନ ଜଗତ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ, ତରବୋଡ ଅଞ୍ଚଳରେ ବର୍ଷା ଭାବରୁ ମରୁଡି ପରିସ୍ଥିତି ହୋଇଥିବା ନେଇ ଅଞ୍ଚଳବାସୀ ସୋମବାର କୋମନାରେ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଡା.ପୋମା ଟୁଡୁଙ୍କୁ ଭେଟି ଗୁହାରି କରିଥିଲେ । ସେ ତୁରନ୍ତ ଏକ ଟିମ ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ଉପରେ ଜିଲାପାଳ ଦୃଷ୍ଟି ଦେଇ ସମ୍ପୃକ୍ତ ଅଞ୍ଚଳକୁ ମରୁଡି ଘୋଷଣା କରିବା ସହ ଏହି ଅଞ୍ଚଳରେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ଚାରିପଦ ଥିଲା କି ନ ଥେଲା**
**ଗୀତ ଚାରିପଦ ଥେଲା**
**ଯେଉଁ ଦିନ ଡେଇଁଲି ବାପଘର ଗାଆଁ**
**ସବୁ ତ ପାସୋର ଗଲା ।**

ବାହା ହୋଇ ଝିଅ ଯେବେ ଶାଶୁ ଘରକୁ ବୋହୂ ହୋଇଯାଏ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଏ । ସେହିପରି ଘର ପରିବାର ସମ୍ଭାଳିବା ଭିତରେ ସେ ସମୟକ୍ରମେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ମଧ୍ୟ ପାସୋରି ଦେଇଥାଏ । ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଇ ନ ଥାନ୍ତି । ଏପରିସ୍ଥଳେ ବାପଘରୁ କିଛି ଢଗ ଭଳି ଶିଖଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ି ରହି ସେସବୁ ମନରୁ ପାସୋରି ଦେଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଢମ କହୁଛି**
**ଦି କଳେ ଘିଅ ବହି ଯାଉଛି ।**

ଢମ ଗପିବାର ବା ବଢ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ । ନିଜେ ଯେତେ ନୁହଁ କି ଯାହା ନୁହଁ ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ଏକ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ରଘୁନାଥ କ୍ରିକେଟ ଟୁର୍ନାମେଣ୍ଟ

# ଏମ୍ଏମ୍ସିସି ସମ୍ବଲପୁର ଚାମ୍ପିୟନ

**ଉଲୁଣ୍ଡା ୨୩।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିନ୍ଦିରିଆବାହାଲ ରଘୁନାଥ କ୍ଲବ ତରଫରୁ ଆୟୋଜିତ ୨୬ତମ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଫାଇନାଲ ଖେଳରେ ଏମଏମସିସି, ସମ୍ବଲପୁର ଚାମ୍ପିୟନ ହୋଇଛି । ସ୍ଥାନୀୟ ଖେଳ ପଡିଆରେ ଖେଳା ଯାଇଥିବା ଫାଇନାଲ ଖେଳରେ ଏମଏମସିସି ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ୮୩ ରନ ସଂଗ୍ରହ କରିଥିଲା। ଜବାବରେ ସୋନପୁର ଲାଲସ୍କୋର୍ଟିଂ ଦଳ ୮ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୧ ରନ କରି ପରାଜିତ ହୋଇଥିଲା। ସେହିପରି ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ଖେଳରେ ଏମଏମସିସି ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୨ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲା। ଜବାବରେ ଉଲୁଣ୍ଡା ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୮୬ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଲାଲ ସ୍କୋର୍ଟିଂ ସୋନପୁର ଟସ୍ ଜିଣି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଫଳରେ ପାନସିଆଲି ଦଳ ବ୍ୟାଟିଂ ଆରମ୍ଭ କରି ୧୦ ଓଭରରେ ୭ ଉଇକେଟ ହରାଇ ୮୩ ରନ କରିଥିଲା। ଜବାବରେ ଲାଲ ସ୍କୋର୍ଟିଂ ୯.୨ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଥିଲା। ଖେଳ ସବୁକୁ ବିମଳ ପଣ୍ଡା, ରାଧାକାନ୍ତ ପଧାନ ପରିଚାଳନା କରିଥିଲେ। ଭୁବନେଶ୍ୱର ପଧାନ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ରାମକୃଷ୍ଣ ପୁରୋହିତ ଓ ପିଙ୍କୁ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପରିଚାଳନା କମିଟି ସଭାପତି ରାଧାକାନ୍ତ ପଧାନଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ଶିବ ପୁରୋହିତଙ୍କ ସଂଯୋଜନରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ସ୍ଥାନୀୟ ସରପଞ୍ଚ ରିତାଞ୍ଜଳି ପଧାନ, ସମିତିସଭ୍ୟ କ୍ଷେତ୍ରବାସୀ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୟୀ ଏମଏମସିସି, ସମ୍ବଲପୁର ଦଳକୁ ଟ୍ରଫି ସହ ୧୦ ହଜାର ଏବଂ ଉପବିଜେତା ଲାଲସ୍କୋର୍ଟିଂ ସୋନପୁରକୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଅବସରରେ ଆକାଶଙ୍କୁ ମ୍ୟାନ ଅଫ ଦି ସିରିଜ ଏବଂ ମ୍ୟାନ ଅଫ ଦି ମ୍ୟାଚ, ଟାଇଗରଙ୍କୁ ବେଷ୍ଟ ସିକ୍ସର, ରୋକିଙ୍କୁ ବେଷ୍ଟ ବୋଲର, ଅଭିଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଓ ବେଷ୍ଟ କ୍ୟାଚର ପୁରସ୍କାର ଦିଆଯାଇଥିଲା। ସିଣ୍ଡୋଲ ଦଳକୁ ଶୃଙ୍ଖଳିତ ଦଳ ଭାବରେ ପୁରସ୍କୃତ କରାଯାଇଥିଲା।



ଚାମ୍ପିୟନ ଦଳର ଅଧିନାୟକଙ୍କୁ ପୁରସ୍କୃତ କରାଯାଉଛି।

## ୨ଚୋରି ମାମଲାରେ ୪ ଗିରଫ

**ନୂଆପଡା ଅଫିସ,୨୩।୧୦**

ନୂଆପଡା ଜିଲା ସଦର ମହକୁମାରେ ୨ଟି ପୃଥକ୍ ଚୋରି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ନୂଆପଡା ପୋଲିସ କୋର୍ଟ ଚାଲାଣ କରିଛି । ଗିରଫ ୪ ଅଭିଯୁକ୍ତ ହେଲେ ଗୁଲଶନ ବାରିକ (୨୪), ମୁକେଶ ପଟେଲ (୨୨), ମୋହନ ଗଉଡ (୨୩) ଏବଂ ବିଭୁ ସାହୁ (୧୯) । ପ୍ରକାଶ ଯେ, ଗତ ମାସ ୨୬ ତାରିଖ ରାତିରେ ସ୍ଥାନୀୟ ତେଲିପଡାସ୍ଥିତ ଅଶୋକ କୁମାର ଶର୍ମାଙ୍କ କିରାନା ଦୋକାନରୁ କିରାନା ସାମଗ୍ରୀ ସହ ୯ଶହ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଏ ନେଇ ଏକ ମାମଲା (ନଂ. ୧୩୭/୧୮)ରୁଜୁ କରି ପୋଲିସ ଘଟଣାର ଖୋଲତାଡ ଆରମ୍ଭ କରିଥିଲା । ପରବର୍ତ୍ତି ସମୟରେ ୨ ଜଣ ଯୁବକ ସ୍ଥାନୀୟ ମନ୍ଦିର ପଡାର ଗୁଲଶନ ଏବଂ ତେଲିପଡାର ମୁକେଶଙ୍କୁ ଗିରଫ କରି ସେମାନଙ୍କଠାରୁ କିରାନା ସାମଗ୍ରୀ ସହ ଟଙ୍କା ଜବତ କରାଯାଇଛି । ସେହିଭଳି ଅନ୍ୟ ଏକ ମାମଲାରେ ଗତ ୧୯ ତାରିଖ ରାତିରେ ଶାନ୍ତି ନଗରର ବାସନ୍ତୀ ପ୍ରଧାନ ନାମକ ଜଣେ ମହିଳାଙ୍କ ଘରୁ ଏକ ସୁନାହାର ସମେତ ଦୁଇଟି ମୋବାଇଲ ଚୋରି ହୋଇଥିବା ନେଇ ହୋଇଥିଲା । ଏ ନେଇ ଥାନାରେ ଏକ ମାମଲା (ନଂ.୧୫୪/୧୮) ରୁଜୁ ହୋଇଥିଲା । ଏଥିରେ ସମ୍ପୃକ୍ତ ଥିବା ନେଇ ସ୍ଥାନୀୟ ମୋହନ ଏବଂ ମନ୍ଦିର ପଡାର ବିଭୁଙ୍କୁ ପୋଲିସ ଗିରଫ କରିଛି । ଏମାନଙ୍କଠାରୁ ସୁନାହାର ଏବଂ ମୋବାଇଲ ଜବତ କରାଯାଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ସମସ୍ତଙ୍କୁ କୋର୍ଟକୁ ଚାଲାଣ କରାଯାଇଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି ।

### ଭବାନୀପାଟଣା ଟାଉନ ସୁପର ଲିଗ୍ ଫୁଟବଲ

# ଦ୍ୱିତୀୟ ଦିନର ମ୍ୟାଚ ଡ୍ର

**ଭବାନୀପାଟଣା, ୨୩।୧୦ (ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଚାଲିଥିବା ଭବାନୀପାଟଣା ଟାଉନ ସୁପର ଲିଗ୍ ଫୁଟବଲ ପ୍ରତିଯୋଗିତାରେ ମଙ୍ଗଳବାର ଏ ହଟ୍ ଫୁଟବଲ ଟିମ୍ ଓ ମାଣିକେଶ୍ୱରୀ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ମ୍ୟାରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିବାରୁ ଖେଳ ଡ୍ର ହେବା ସହ ଉଭୟ ଦଳ ୧-୧ ପଏଣ୍ଟ ପାଇଥିଲେ। ମ୍ୟାଚରେ ଅତିଥି ଭାବେ କଳାହାଣ୍ଡି ଫୁଟବଲ ଦଳକୁ ରାଜ୍ୟରେ ୧୯୭୪ ଓ ୧୯୭୫ରେ ଚାମ୍ପିୟନ କରିଥିବା ସନତ କୁମାର ମହାପାତ୍ର ଯୋଗଦେଇଥିଲେ । ଦ୍ୱିତୀୟ ଦିବସରେ ମନୋଜ କୁମାର ବିଶ୍ୱାଳ, ଜିତେନ୍ଦ୍ର ରଥ, ଅଶୋକ କୁମାର ବାଗ ଓ ମହମ୍ମଦ ଅବଦୁଲ କାଦର ମ୍ୟାଚ ପରିଚାଳନା କରିଥିଲେ। ରାଜ୍ୟ ଆଥଲେଟିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ, ଜିଲା ଆଥଲେଟିକ ଆସୋସିଏଶନ ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀ, ସହ ସମ୍ପାଦକ ସୁନୀଲ ବେହେରା, ଶମ୍ଭୁ ପ୍ରସାଦ ରାଉତ, ଅଶୋକ ପଟ୍ଟନାୟକ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଚକ୍ରଧର ସେଠୀ ପ୍ରମୁଖ ଯୋଗଦେଇଥିଲେ।



ଦ୍ୱିତୀୟ ଦିନର ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳି ବୃନ୍ଦ ।

# ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ବେଙ୍ଗଲଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୨୩।୧୦**

କୋଲକାତାର ସଲ୍ଟ ଲେକ୍ ଜେୟୁ ସେକେଣ୍ଡ କ୍ୟାମ୍ପସ ଗ୍ରାଉଣ୍ଡରେ ଚାଲିଥିବା ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ୯ ଉଇକେଟରେ ବେଙ୍ଗଲ ଠାରୁ ପରାସ୍ତ ହୋଇଛି। ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ରଖିଥିବା ଓଡ଼ିଶା ବିନା ଉଇକେଟରେ ୬୮ରନ୍ କରିବା ସହ ୯ରନ୍‌ରେ ଅଗ୍ରଣୀ ରହିଥିଲା। ଦୁଇ ଓପନର ସଙ୍କେତ ବେହେରା ୨୮ରନ୍ ଓ ବିଶ୍ୱଜିତ ପାତ୍ର ୩୩ରନ୍‌ରେ ଅପରାଜିତ ଥିଲେ। ଅନ୍ତିମ ତଥା ୩ୟ ଦିବସ ଖେଳ ଆରମ୍ଭରୁ ଉଭୟ ଆଉଟ ହୋଇଥିଲେ। ସଙ୍କେତ ୪୩ରନ୍‌ରେ ଓ ବିଶ୍ୱଜିତ ୪୫ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ। ପରେ ଅଂଶୁମାନ ସାହୁ ୨୬ରନ୍, ସୂର୍ଯ୍ୟ ମହାପାତ୍ର ୧୫ରନ୍ କରିଥିବା ବେଳେ ଅନ୍ୟ କେହି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ୍ ୧୭୦ରନ୍‌ରେ ସୀମିତ ରହିଥିଲା। ବେଙ୍ଗଲ ପକ୍ଷରୁ ସିଦ୍ଧାର୍ଥ ସିଂହ ଓ ରାହୁଲ ଚୌଧୁରୀ ୩ଟି ଲେଖାଏ ଉଇକେଟ ଦଖଲ କରିଛନ୍ତି। ବେଙ୍ଗଲ ସମ୍ମୁଖରେ ୧୧୨ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ଗୋଟିଏ ଉଇକେଟ ହରାଇ ବେଙ୍ଗଲ ମ୍ୟାଚ୍ ଜିତିଥିଲା। ଅଧିନାୟକ ତୌଫିକ ଉଦ୍ଦିନ ୮୦ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ସୌମ୍ୟ ଜ୍ୟୋତି ୧୩ରନ୍‌ରେ ଆଶୁତୋଷ ଛୁରିଆଙ୍କ ଦ୍ୱାରା ଆଉଟ ହୋଇଥିବା ବେଳେ ଆୟୁଷ କୁମାର ସିଂ ୧୮ରନ୍‌ରେ ଅପରାଜିତ ଥିଲେ। ସୂଚନାଥାଉ କି, ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୬୫ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ବେଙ୍ଗଲ ଅଧିନାୟକ ଅଭିଷେକ ପୋରେଲଙ୍କ ୧୦୨ରନ୍ ବଳରେ ଦଳ ପ୍ରଥମ ଇନିଂସରେ ୨୨୪ରନ୍ କରିଥିଲା।


# GOVERNMENT OF ODISHA
## S.T. & S.C. DEVELOPMENT DEPARTMENT
## INTEGRATED TRIBAL DEVELOPMENT AGENCY, CHAMPUA
## DISTRICT-KEONJHAR

(Ph. No.: 06767-240214, Email: itda.champua@gmail.com)

**Tender Call Notice No. 05/2018-19**

**No. 1303 /ITDA the dated 22.10.18**

The Project Administrator, I.T.D.A., Champua, District-Keonjhar, Odisha, invites sealed tenders on percentage rate contract basis in conformity with the detailed tender call notice to be eventually drawn in PWD-P1 form from the intending eligible Registered Civil Contractors of the State P.W.D./Water Resources Department / R.W. wings/ Railways/CPWD/ITDAs/P.S. as detailed below:-

| Sl. No. | Name of the work | Sale & Receipt of the Tender paper | Approx amount of tender (Rs.) | E.M.D. to be deposited in shape of NSC/ POTD/ PODB/ KVP/ deposit receipt of nationalized Bank duly pledged in favour of P.A., ITDA, Champua (In Rs.) | Non-refundable service charges (Tender Paper Cost) | Time required for completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Kitchen shed at Forest Part in Ward No. 8 Barbil Municipality | ITDA Office, Champua | 4,42,493/- | 4,500/- | Rs. 2000/- | 60 Days | 'D' & 'C' |
| 2 | Construction of Community Centre at Ward No. 11 Barbil Municipality | ITDA Office, Champua | 4,43,095/- | 4,500/- | Rs. 2000/- | 60 Days | 'D' & 'C' |
| 3 | Construction of Community toilet in premises of Madrasa at Azad Basti in Ward No. 8 Barbil Municipality | ITDA Office, Champua | 4,42,125/- | 4,500/- | Rs. 2000/- | 60 Days | 'D' & 'C' |
| 4 | Development of play ground at PHD in Ward No. 8 Barbil Municipality | ITDA Office, Champua | 4,42,792/- | 4,500/- | Rs. 2000/- | 45 Days | 'D' & 'C' |
| 5 | Development of club field near O.M.D.C. Medical in Ward No. 3 Barbil Municipality | ITDA Office, Champua | 4,42,125/- | 4,500/- | Rs. 2000/- | 45 Days | 'D' & 'C' |
| 6 | Construction of road along with drain at N.A.C. Hutting in Ward No. 09 Barbil Municipality | ITDA Office, Champua | 4,42,165 | 4,500/- | Rs. 2000/- | 45 Days | 'D' & 'C' |
| 7 | Construction of road from PWD road to Durga Mandap in Ward No. 11 Barbil Municipality | ITDA Office, Champua | 4,42,170 | 4,500/- | Rs. 2000/- | 45 Days | 'D' & 'C' |
| 8 | Construction of road and drain at Azad Basti near Alam House in Ward No. 10 Barbil Municipality | ITDA Office, Champua | 4,42,683/- | 4,500/- | Rs. 2000/- | 45 Days | 'D' & 'C' |
| 9 | Renovation of road from P.K. Sahoo house to Delhisharma house in Ward No. 4 Barbil Municipality | ITDA Office, Champua | 4,42,256/- | 4,500/- | Rs. 2000/- | 45 Days | 'D' & 'C' |
| 10 | Construction of road connecting at Dhabi Hutting area in Ward No. 10 Barbil Municipality | ITDA Office, Champua | 4,42,097/- | 4,500/- | Rs. 2000/- | 45 Days | 'D' & 'C' |

**SALE OF TENDER PAPER:-**

1. The tender papers will be available in the Office of the Project Administrator, I.T.D.A., Champua during office hour from dt. 26.10.2018 to 06.11.2018 upto 5.00 P.M.
2. The tenderer must pay non-refundable service charges as mentioned against each work in shape of Bank draft from any nationalized Bank payable at Champua drawn in favour of P.A, ITDA, Champua or else tender paper will be rejected.
3. The tender paper will be received by registered Post/Speed Post/Courier Service only upto 5.00 P.M. till 06.11.2018. Sealed tender paper must be accompanied with attested copies of Valid Contractor license, GST Registration Certificate, Pan Card, No relation Certificate, Non-refundable Service Charges, EMD@ 1% of the amount put to tender in shape of NSC/KVP/POTD/Deposit receipt of any schedule Bank duly pledged in favour of the Project Administrator, ITDA, Champua and an affidavit regarding authenticity of the documents produced without which the tender paper is liable for rejection. The tender must write in Capital Letter **"TENDER PAPER"** on the right side top corner of the envelope containing the tender documents.
4. The tender paper shall be opened by the Project Administrator, ITDA, Champua/his/her authorized officer in presence of the tenderer or their authorized agents on the schedule date and time as mentioned below.
   **(A) Date of sale of tender: 26.10.2018 to 06.11.2018 during office hour**
   **(B) Last date of receipt of tender paper: 06.11.2018 till 5.00 P.M.**
   **(C) Date and time of opening of tender paper: 08.11.2018 at 11.00 A.M.**
5. Transfer or adjustment of EMD & ISD amount with other works will not be entertained.
6. The SC/ST bidders willing to avail the benefits allowed by Govt. to ST/SC candidates must furnish the **XEROX COPY OF CASTE CERTIFICATE** and an **Affidavit** at the time of submission of tender document.
7. The Engineer bidders seeking exemption of EMD must submit their original license at the time of opening of tender papers failing which the tender is liable for rejection.
8. The authority will not be responsible for any postal delay even if dispatched before due date.
9. The tender quoting less than the amount put to tender has to deposit the differential amount ie. (Tender Schedule amount-(Minus) Her/His tendered amount) in shape of NSC/KVP/POTD/Deposit receipt of any schedule Bank duly pledged in favour of the Project Administrator, ITDA, Champua at the time of agreement, failing which the tender will be rejected.
10. The authority reserves the right to reject any/all tenders without assigning any reason thereof.

**Sd/- Project Administrator, I.T.D.A., Champua**

ଧରିତ୍ରୀ
DHARITRI
ବୁଧବାର, ୨୪ ଅକ୍ଟୋବର, ୨୦୧୮





“ବିରାଟ କୋହଲି ବେଳେ ବେଳେ ଏଭଳି ବ୍ୟାଟିଂ କରନ୍ତି ଯେ ସେ ଜଣେ ମନୁଷ୍ୟ ବୋଲି ମନେହୁଅନ୍ତି ନାହିଁ ।
–ତମିମ ଇକ୍‌ବାଲ
ବାଂଲାଦେଶ ଓପନର



“ମହାନ୍ କ୍ରିକେଟର ବ୍ରାଏନ ଲାରା ହେଉଛନ୍ତି ମୋ ଆଦର୍ଶ। ମୁଁ ତାଙ୍କ ଭଳି ଖେଳିବାକୁ ଚେଷ୍ଟା କରିଥାଏ।
–ସିମ୍‌ରନ ହେଟମେର
ୱେଷ୍ଟଇଣ୍ଡିଜ ବିସ୍ଫୋରକ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ପ୍ରୋ କବାଡ଼ି ଲିଗ୍: ରାହୁଲଙ୍କ ରେକର୍ଡ ସତ୍ତ୍ୱେ ଟାଇଟାନ୍ସ ପରାସ୍ତ

**ପୁଣେ, ୨୩।୧୦(ପି.ଟି.):** ଚଳିତ ପ୍ରୋ କବାଡ଼ି ଲିଗ୍ (ପିକେଏଲ) ଷଷ୍ଠ ସଂସ୍କରଣରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ୟୁ ମୁମ୍ବା ୪୧- ୨୦ରେ ତେଲୁଗୁ ଟାଇଟାନ୍ସକୁ ପରାସ୍ତ କରିଛି। ଇଣ୍ଟର ଜୋନାଲ ଚ୍ୟାଲେଞ୍ଜ୍ ୱିକ୍‌ରେ ସିଦ୍ଧାର୍ଥ ଦେଶାଇଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ୟୁ ମୁମ୍ବା ବାଜି ମାରିଛି। ଅନ୍ୟପଟେ ରାହୁଲ ଚୌଧାରୀ ପ୍ରୋ କବାଡ଼ିରେ ୭୦୦ ରେଡ ପଏଣ୍ଟ ସ୍କୋର କରି ଇତିହାସ ରଚିଥିଲେ ହେଁ ନିଜ ଦଳ ଟାଇଟାନ୍ସକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଦେଶାଇ ୧୭ ପଏଣ୍ଟ ସ୍କୋର କରି ଟାଇଟାନ୍ସ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥିଲେ। ଏପର୍ଯ୍ୟନ୍ତ ଦେଶାଇ ଚଳିତ ସିଜନରେ ସର୍ବାଧିକ ୮୩ ପଏଣ୍ଟ ସ୍କୋର କରି ଅଗ୍ରଣୀ ରେଡର ସାବ୍ୟସ୍ତ ହୋଇଛନ୍ତି। ବୁଧବାର ବେଙ୍ଗାଲୁରୁ ବୁଲ୍ସ ଓ ହରିୟାଣା ଷ୍ଟିଲର୍ସ, ପୁନେରୀ ପଲ୍ଟନ ଓ ୟୁପି ଅଯୋଧ୍ୟା ମୁହାଁମୁହିଁ ହେବେ।

### ୧୯ ବର୍ଷରୁ କମ୍ ମହିଳା ଟି୨୦
### ସୁପର ଲିଗ୍‌ରେ ଓଡ଼ିଶା-ପଞ୍ଜାବ

**କଟକ ଅଫିସ,୨୩।୧୦:** ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଓଡ଼ିଶା ବୃହତ୍ତ ରନ୍ ବ୍ୟବଧାନରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରି ସୁପର ଲିଗ୍‌ରେ ପ୍ରବେଶ କରିଛି । ୧୫୪ ରନ୍‌ରେ ଓଡ଼ିଶା ଏହି ମ୍ୟାଚ୍ ଜିତିଥିଲା। ବିଜୟୱାଡାଠାରେ ଆସନ୍ତା ୨୬ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସୁପର ଲିଗ୍ ତଥା ନକଆଉଟ ପର୍ଯ୍ୟାୟ ଖେଳାଯିବ । ଏଥିରେ ଓଡ଼ିଶାର ମୁକାବିଲା ଗ୍ରୁପ୍-ଏ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ପଞ୍ଜାବ ସହ ହେବ । ଗ୍ରୁପ୍-ବିରେ ରହିଥିବା ଓଡ଼ିଶା ୬ଟି ମ୍ୟାଚ୍‌ରୁ ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ୨୦ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦିଲ୍ଲୀ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହ ବିନା ଉଇକେଟରେ ନିର୍ଦ୍ଧାରିତ ୨୦ ଓଭରରେ ୧୭୬ରନ୍ ସଂଗ୍ରହ କରିଥିଲା । ଓପନର କାଜଲ ଜେନା ୪୧ଟି ବଲରୁ ଅର୍ଦ୍ଧଶତକ ଓ ୬୨ଟି ବଲରୁ ଶତକ ହାସଲ କରିଥିଲେ । ଅନ୍ୟତମ ଓପନର ଶୁଭ୍ରନିର୍ଝରିଣୀ ସ୍ୱାଇଁ ୪୫ଟି ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ । ଶୁଭ୍ର ନିର୍ଝରିଣୀ ୬୦ରନ୍ ଓ କାଜଲ ୧୦୮ ରନ୍‌ରେ ଅପରାଜିତ ଥିଲେ। ଜବାବରେ ୭ରନ୍‌ରେ ପ୍ରଥମ ଉଇକେଟ ହରାଇଥିବା ଅରୁଣାଚଳ ପ୍ରଦେଶ ମାତ୍ର ୨୨ରନ୍‌ରେ ଅଲଆଉଟ ହୋଇଥିଲା । କୌଣସି ବି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁପାରି ନ ଥିଲେ । ଓଡ଼ିଶା ପକ୍ଷରୁ ସୋନାଲି ହେମ୍ବ୍ରମ ୪ଟି ଉଇକେଟ ଦଖଲ କରିଥିଲେ । କଳ୍ପନା ନାୟକ ୨ଟି, ତରଣା ପ୍ରଧାନ, ଶୁଭ୍ରନିର୍ଝରିଣୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ସୁପର ଲିଗ ନିମନ୍ତେ ଓଡ଼ିଶା ଦଳ ଅପରିବର୍ତ୍ତିତ ରହିଛି ।
**ଓଡ଼ିଶା ଦଳ:** ଇନ୍ଦ୍ରାଣୀ ଛତ୍ରିଆ(ଅଧିନାୟିକା), ପୁନମ ନାୟକ(ଉପଅଧିନାୟିକା), କାଜଲ ଜେନା, ରଶ୍ମିତା ଚିନାରା, ରାଜେଶ୍ୱରୀ ଜେନା, ତରଣା ପ୍ରଧାନ, କୁସୁମ ଡିରିଆ(ଉଇକେଟ କିପର), ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ଜି.ଏମ ଅଲକାନନ୍ଦ, ତନ୍ମୟୀ ବେହେରା, କଳ୍ପନା ନାୟକ, ସୋନାଲି ହେମ୍ବ୍ରମ, ବିଏଲଏସ୍ ବୈଷ୍ଣବୀ, ସୁଚିତ୍ରା ରାୟ, ଶ୍ୱେତା ବେଉରା । ଇତିଶ୍ରୀ ପଟ୍ଟନାୟକ-କୋଚ୍, ବିଦ୍ୟୁତ ପ୍ରଭା ଦାସ-ଫିଜିଓ, ଚିକିଲତା ପ୍ରଧାନ-ଟ୍ରେନର, ତ୍ରିନାଥ ସାହୁ-ମ୍ୟାନେଜର ।

# ଅଗ୍ରଣୀ ବଜାୟ ଲକ୍ଷ୍ୟରେ ଭାରତ

**ବିଶାଖାପାଟଣା, ୨୩।୧୦(ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ବୁଧବାର ଏଠାରେ ଅନୁଷ୍ଠିତ ହେବ । ପ୍ରଥମ ଦିନିକିଆରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଟିମ୍ ଇଣ୍ଡିଆ ଏହି ମ୍ୟାଚ ପାଇଁ ସ୍ୱତଃ ଫେଭରାଇଟ ହୋଇଯାଇଥିବାବେଳେ ୱେଷ୍ଟଇଣ୍ଡିଜ ଲାଗି ପ୍ରତ୍ୟାବର୍ତ୍ତନ କଷ୍ଟକର ବ୍ୟାପାର ହେବ । ତେଣୁ ବିଜୟ ସହ ଭାରତ ଅଗ୍ରଣୀ ବଜାୟ ରଖିବା ଲକ୍ଷ୍ୟରେ ରହିବ ।

ଭାରତର ଟପ୍ ଅର୍ଡର ଏବେ ଚମତ୍କାର ଫର୍ମରେ ଅଛି। ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ ୩୨୨ ରନ କରିଥିଲେ ହେଁ ଭାରତ ୪୨.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା । ଏହି ମ୍ୟାଚକୁ ଭାରତ କେବଳ ଜିତି ନ ଥିଲା, ୮ ଓଭର ବାକିଥାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ୱେଷ୍ଟଇଣ୍ଡିଜ ଖେଳାଳିଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଥିଲା। ସାମ୍ପ୍ରତିକ ସମୟରେ ଏକଦିବସୀୟ କ୍ରିକେଟର ଦୁଇ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା ଅଧିନାୟକ ବିରାଟ କୋହଲି ୧୪୦ ଓ ରୋହିତ ଶର୍ମା ୧୫୨* ରନର ଇନିଂସ ଖେଳି ୱେଷ୍ଟଇଣ୍ଡିଜ ବୋଲରଙ୍କୁ ଚକିତ କରିଥିଲେ। ଏକଦିବସୀୟ କ୍ରିକେଟରେ ୧୦,୦୦୦ ରନ ପୂରଣ ପାଇଁ କୋହଲି ଆଉ ୮୧ ରନ ଆବଶ୍ୟକ କରୁଛନ୍ତି । ଏହା ଯଦି ସେ ଆଗାମୀ ମ୍ୟାଚରେ କରିପାରନ୍ତି ତେବେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସେ ଦ୍ରୁତତମ ସାବ୍ୟସ୍ତ ହେବେ। ଏ କ୍ଷେତ୍ରରେ ସେ ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ପଛରେ ପକାଇଦେବେ। ସଚିନ ୨୫୯ ଇନିଂସ ଖେଳି ୧୦,୦୦୦ ରନ ପୂରଣ କରିଥିବାବେଳେ କୋହଲି ଏବେ ସୁଦ୍ଧା ମାତ୍ର ୨୦୪ ଇନିଂସ ଖେଳିଛନ୍ତି। ଟପ୍ ଅର୍ଡରର ତିନି ବ୍ୟାଟ୍ସମ୍ୟାନ ଶ୍ରେଷ୍ଠ ଫର୍ମରେ ଥିବାରୁ ଭାରତୀୟ ମଡଲ ଅର୍ଡର ଏହି ସିରିଜରେ ବେଶି ସୁଯୋଗ ପାଇବା ସମ୍ଭାବନା କମ୍। ବିଶ୍ୱକପକୁ ଦୃଷ୍ଟିରେ ରଖି ଭାରତ ଏହାର ମିଡଲ ଅର୍ଡରକୁ ପରୀକ୍ଷା ନିରୀକ୍ଷା କରିବା କିନ୍ତୁ ଜରୁରୀ ହୋଇପଡ଼ିଛି।

ଭାରତର ବ୍ୟାଟିଂ ଅର୍ଡର ଦୃଢ଼ ଥିବାବେଳେ ଡ. ୱାଇ.ଏସ. ରାଜଶେଖର ରେଡ୍ଡୀ ଏସିଏ-ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ବୋଲରମାନଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡ଼ିବ। ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ଓ ନିର୍ଭରଯୋଗ୍ୟ ଭୁବନେଶ୍ୱର କୁମାରଙ୍କ ଅନୁପସ୍ଥିତିରେ ଭାରତୀୟ ପେସରମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ସ୍ପିନର ରବୀନ୍ଦ୍ର ଜାଡେଜା ମଧ୍ୟ ୱେଷ୍ଟଇଣ୍ଡିଜ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇପାରି ନ ଥିଲେ। ପ୍ରଥମ ମ୍ୟାଚରେ ସେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ହେଁ ଅଲ୍‌ରାଉଣ୍ଡ ଦକ୍ଷତା ଯୋଗୁ ଚୂଡ଼ାନ୍ତ ଦଳରେ ସ୍ଥାନ ବଜାୟ ରଖିବା ସମ୍ଭାବନା ଅଧିକ। ମହମ୍ମଦ ସାମି ୧୦ ଓଭରରେ ୮୧ ରନ ବ୍ୟୟ କରିଥିଲେ। ଏହା ସତ୍ତ୍ୱେ ପର୍ଯ୍ୟାପ୍ତ ବିକଳ୍ପ ନ ଥିବାରୁ କୋହଲି ତାଙ୍କ ଉପରେ ଭରସା ରଖିପାରନ୍ତି। ଦ୍ୱିତୀୟ ଟେଷ୍ଟରେ ୧୦ ଉଇକେଟ ନେଇଥିବା ଉମେଶ ଯାଦବ ମଧ୍ୟ ଦିନିକିଆରେ ପ୍ରଭାବୀ ସାବ୍ୟସ୍ତ ହୋଇପାରି ନାହାନ୍ତି। ଇଂଲଣ୍ଡରେ ହେବାକୁଥିବା କ୍ରିକେଟ ବିଶ୍ୱକପ ପାଇଁ ଆଉ ଏକ ବର୍ଷରୁ କମ୍ ସମୟ ଥିବାରୁ ଉମେଶଙ୍କୁ ଅଧିକ ସୁଯୋଗ ମିଳିବା ଆଶା କରାଯାଉଛି। ତେବେ ଦ୍ୱିତୀୟ ଦିନିକିଆ ପାଇଁ ଦଳରେ ଗୋଟିଏ କିମ୍ବା ୨ଟି ପରିବର୍ତ୍ତନର ଆଭାସ ମିଳୁଛି। ଚାଇନାମ୍ୟାନ କୁଲଦୀପ ଯାଦବ ଦ୍ୱିତୀୟ ଦିନିକିଆରେ ଖଲିଲ ଅହମ୍ମଦଙ୍କ ସ୍ଥାନ ନେଇପାରନ୍ତି।

ସିମରନ ହେଟମେର ୭୮ ବଲ୍‌ରୁ ୧୦୬ ରନ ସଂଗ୍ରହ କରି ୱେଷ୍ଟଇଣ୍ଡିଜ ପାଇଁ ଆଶା ସଞ୍ଚାର କରିଛନ୍ତି। ଓପନର କେରନ ପାୱେଲ ମଧ୍ୟ ନିଜ ଦକ୍ଷତା ଅନୁସାରେ ଖେଳିଛନ୍ତି। ଏବେ ଅନ୍ୟ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କୁ ଦାୟିତ୍ୱ ଅନୁସାରେ ଖେଳିବାକୁ ହେବ। ଭେଟେରାନ ମାର୍ଲୋନ ସାମୁଏଲ୍ସ ଦଳରେ ରହିଥିଲେ ହେଁ ପ୍ରଥମ ଦିନିକିଆରେ ଖାତା ଖୋଲିପାରି ନ ଥିଲେ। ମାତ୍ର ଭାରତର ଶିଖର ଧାୱନଙ୍କ ପରି ସେ ସଫଳ ପ୍ରତ୍ୟାବର୍ତ୍ତନ କରିବାର ଦକ୍ଷତା ରଖିଛନ୍ତି। ପେସ୍ ଆକ୍ରମଣ ବିଭାଗ ମୁଖ୍ୟ କେମର ରୋଚ୍ ପାରିବାରିକ ସମସ୍ୟା ଯୋଗୁ ଟେଷ୍ଟ ସିରିଜରେ ଖେଳିପାରି ନ ଥିଲେ। ପ୍ରଥମ ଦିନିକିଆରେ ସେ ପ୍ରଭାବହୀନ ରହିଥିଲେ ହେଁ ଆଗାମୀ ମ୍ୟାଚରେ ତାଙ୍କଠାରୁ ଦଳ ଅନେକ କିଛି ଆଶା କରୁଛି।



ଅଭ୍ୟାସ ଅବସରରେ ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କ ସହ ରିଷଭ ପନ୍ତ।

### ଦ୍ୱିତୀୟ ଦିନିକିଆ ଆଜି

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ମହେନ୍ଦ୍ର ସିଂ ଧୋନୀ, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଖଲିଲ ଅହମ୍ମଦ, ଲୋକେଶ ରାହୁଲ ଓ ଉମେଶ ଯାଦବ।

■ **ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ଫାବିଆନ ଆଲେନ, ସୁନୀଲ ଅମ୍ବ୍ରିସ, ଦେବେନ୍ଦ୍ର ବିଶୁ, ଚନ୍ଦରପଲ ହେମରାଜ, ସିମରନ ହେଟମେର, ଶାଇ ହୋପ୍, କିରନ ପାୱେଲ, ଅଲଜାରି ଯୋଶେଫ୍, ଇଭିନ ଲିୱିସ, ଅଶଲେ ନର୍ସ, କିମୋ ପଲ, ରୋଭମ୍ୟାନ ପାୱେଲ, କେମର ରୋଚ୍, ମାର୍ଲୋନ ସାମୁଏଲ୍ସ, ଓସାନ ଥୋମାସ।

**ସ୍ଥାନ:** ବିଶାଖାପାଟଣା
**ସମୟ:** ଅପରାହ୍ନ ୧.୩୦
**ପ୍ରସାରଣ:** ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

### ନେଟ୍ସରେ ବୋଲିଂ କଲେ ଈଶାନ୍ତ

**ବିଶାଖାପାଟଣା, ୨୩।୧୦ (ପି.ଟି.)**

ମଙ୍ଗଳବାର ଭାରତୀୟ କ୍ରିକେଟ ଦଳର ନେଟ୍ସ ବେଳେ ସିନିୟର ପେସ୍ ବୋଲର ଈଶାନ୍ତ ଶର୍ମା ବୋଲିଂ ଅଭ୍ୟାସ କରିଥିଲେ। ଆଣ୍ଠୁରେ ଆଘାତପ୍ରାପ୍ତ ହେବାରୁ ଏହି ଖେଳାଳି ଗତ ମାସରେ ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରୁ ଓହରିଯିବାକୁ ବାଧ ହୋଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ପାଇଁ ଭାରତୀୟ ଟିମ୍ ଲାଗି ନେଟ୍ସର ଆୟୋଜନ କରାଯାଇଥିଲା। ଏଥିରେ ୩୦ବର୍ଷୀୟ ଈଶାନ୍ତ ପ୍ରାୟ ଅଧଘଣ୍ଟା ଧରି ବୋଲିଂ କରିଥିଲେ। ଭାରତୀୟ ଟିମ୍‌ମେଟ୍‌ଙ୍କ ସହିତ ବୋଲିଂ କରିବା ପୂର୍ବରୁ ସେ ଡକ୍ଟର ୱାଇଏସ୍ ରାଜଶେଖରା ରେଡ୍ଡୀ ଏସିଏ-ଭିଡିସିଏ ଷ୍ଟାଡିୟମରେ ୱାର୍ମଅପ୍ ହୋଇଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟ ଈଶାନ୍ତଙ୍କ ଏକ ଭିଡିଓ ପୋଷ୍ଟ କରିଛି। ଭାରତୀୟ ପେସ୍ ବୋଲର କ୍ରମେ ଫିଟ୍ ହେବାରେ ଲାଗିଛନ୍ତି ବୋଲି ଏଥିରେ ଦର୍ଶାଯାଇଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବାକୁ ଥିବାବେଳେ ଈଶାନ୍ତଙ୍କ ଫିଟ୍‌ନେଶ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ ସାମିଲ ହୋଇପାରିଲେ ଭାରତୀୟ ବୋଲିଂ ବାହିନୀ ଅଧିକ ଶକ୍ତିଶାଳୀ ହୋଇପାରିବ। ଅତୀତରେ ରିକି ପଣ୍ଟିଂ ଅଧିନାୟକ ଥିବାବେଳେ ପର୍ଥଠାରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନଙ୍କୁ ଈଶାନ୍ତ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଦିଲ୍ଲୀ ଫାଷ୍ଟ ବୋଲର ନିକଟରେ ଏକ ଜିମ୍ନାସିୟମରେ ବ୍ୟାୟାମ କରୁଥିବା ଦୃଶ୍ୟ ସମ୍ବଳିତ ତାଙ୍କର ଏକ ଫଟୋ ଟ୍ୱିଟର ପେଜ୍‌ରେ ଛାଡ଼ିଥିଲେ। ଇଂଲଣ୍ଡ ବିପକ୍ଷ ସିରିଜରେ ଈଶାନ୍ତ ଭାରତର ଷ୍ଟାଣ୍ଡ ଆଉଟ ବୋଲର ଥିଲେ। ୨୪.୨୭ ଆଭରେଜରେ ସେ ୧୮ଟି ଉଇକେଟ ଅକ୍ତିଆର କରିଥିଲେ।

### ଅଲ୍ ଓଡ଼ିଶା ଓପନ ସ୍ନୁକର ଉଦ୍‌ଘାଟିତ



ମଙ୍ଗଳବାର ଶଟ୍ ଖେଳିବା ଅବସରରେ ସୁବ୍ରତ ଦାସ।

**କଟକ ଅଫିସ,୨୩।୧୦**

ମାତାମଠସ୍ଥିତ ଗୋଲ୍ଡେନ କିଙ୍ଗ ସ୍ନୁକର କ୍ଲବ ପକ୍ଷରୁ ୪ର୍ଥ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ସୁବ୍ରତ ଦାସ ୩-୦ ଫ୍ରେମରେ ଜ୍ଞାନ ଦାସଙ୍କୁ, ସ୍ମୃତିରଞ୍ଜନ ବେହେରା ୩-୦ ଫ୍ରେମରେ ହର୍ଷ ଲାମ୍ବାଙ୍କୁ, ଗଡୱିନ କୁଲୁ ୩-୦ ଫ୍ରେମରେ ମହମ୍ମଦ ଅବିଦଙ୍କୁ, ଅବିନାଶ ମହାପାତ୍ର ୩-୦ ଫ୍ରେମରେ ସବ୍ୟସାଚୀ ମହାନ୍ତିଙ୍କୁ, ଜଗଦୀଶ ମହାନ୍ତି ୩-୨ ଫ୍ରେମରେ ବିଶ୍ୱଜିତ ସାହୁଙ୍କୁ, ସନ୍ଦୀପ ଅଗ୍ରୱାଲ ୩-୧ ଫ୍ରେମରେ ନିଶି ପ୍ରକାଶଙ୍କୁ, ସତ୍ୟକାମ ମହାପାତ୍ର ୩-୦ ଫ୍ରେମରେ ହନି ଗୁରୁଙ୍କୁ ପରାସ୍ତ କରିଥିଲେ । ମିଶାଲ ସ୍ୱାଇଁ ଓ ଉଦ୍‌ଭାସ ମହାପାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ରୋମାଞ୍ଚକର ସ୍ଥିତିରେ ଶେଷ ହୋଇଥିଲା । ମିଶାଲ ଏହି ମ୍ୟାଚ୍‌କୁ ୩-୨ ଫ୍ରେମରେ ଜିତିବା ସହ ପ୍ରଥମ ଦିନର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି ।

### ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ଭେଟିବ ଭାରତ

**ଚୋନବୁରି (ଥାଇଲାଣ୍ଡ), ୨୩।୧୦ (ପି.ଟି.)**

୧୯ ବର୍ଷରୁ କମ୍ ମହିଳା ଏଏଫ୍‌ସି ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମୁକାବିଲାରେ ଭାରତୀୟ ଫୁଟ୍‌ବଲ ଦଳ ବୁଧବାର ଏଠାରେ ପାକିସ୍ତାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ଗ୍ରୁପ୍-ବି'ର ଏହି ମ୍ୟାଚ୍‌ରୁ ପୂରା ୩ ପଏଣ୍ଟ ଅର୍ଜନ କରିବା ଲକ୍ଷ୍ୟରେ ରହିଛନ୍ତି ଭାରତୀୟ ମହିଳା ଫୁଟ୍‌ବଲ ଦଳର କୋଚ୍ ଆଲେକ୍ସ ଆମ୍ବ୍ରୋସ। ‘ଆମକୁ କେବଳ ବାସ୍ତବିକ ଉଦ୍ଦେଶ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ। ପାକିସ୍ତାନ ପାଇଁ ଆମେ କୌଣସି ସ୍ୱତନ୍ତ୍ର ପ୍ଲାନ ପ୍ରସ୍ତୁତ କରିନୁ। ଏହା ଆମର ପ୍ରଥମ ମ୍ୟାଚ୍ ହୋଇଥିବାରୁ ସମସ୍ତେ ୩ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି’ ବୋଲି ଆମ୍ବ୍ରୋସ କହିଛନ୍ତି। ତେବେ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବା ଆମର ପ୍ରମୁଖ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

### କାର୍ତ୍ତିକ, ଅଶ୍ୱିନଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ଇଣ୍ଡିଆ-ଏ ପରାସ୍ତ

**ନୂଆଦିଲ୍ଲୀ, ୨୩।୧୦**

ଅଧିନାୟକ ଦିନେଶ କାର୍ତ୍ତିକ ଓ ନିମ୍ନକ୍ରମରେ ରବିଚନ୍ଦ୍ରନ ଅଶ୍ୱିନଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ଇଣ୍ଡିଆ-ଏ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଦେଓଧର ଟ୍ରଫିର ଏକ ମ୍ୟାଚ୍‌ରେ ଇଣ୍ଡିଆ-ବି ନିକଟରୁ ୪୩ ରନରେ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରି ଇଣ୍ଡିଆ-ବି ୮ ଉଇକେଟ୍‌ରେ ୨୬୧ ରନ କରିଥିବାବେଳେ ଇଣ୍ଡିଆ-ଏ ୪୬.୪ ଓଭରରେ ୨୧୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବିଜୟ ସହ ଇଣ୍ଡିଆ-ବି ମ୍ୟାଚ୍‌ରୁ ୪ ପଏଣ୍ଟ ଅର୍ଜନ କରିଛି। ବୁଧବାର ପ୍ରତିଯୋଗିତାର ଅନ୍ୟ ଏକ ମ୍ୟାଚ୍‌ରେ ଇଣ୍ଡିଆ-ବି ଓ ଇଣ୍ଡିଆ-ସି ପରସ୍ପରକୁ ଭେଟିବେ।

ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଇଣ୍ଡିଆ-ବି ଅଧିନାୟକ ଶ୍ରେୟାସ ଆୟାର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ଇନିଂସ ଯୋଗୁ ଇଣ୍ଡିଆ-ବି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ୍ ହରାଇ ୨୬୧ ରନ କରିଥିଲା। ଦଳ ପକ୍ଷରୁ ଓପନର ମୟଙ୍କ ଅଗ୍ରୱାଲ ୪୬, ଆୟାର ୪୧, ମନୋଜ ତିୱାରୀ ୫୨ ରନ କରିଥିଲେ। ହନୁମା ବିହାରୀ ୯୫ ବଲରୁ ୮୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଇଣ୍ଡିଆ-ଏ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଏବଂ ଧାୱଲ କୁଲକର୍ନୀ, ମହମ୍ମଦ ସିରାଜ, ସିଦ୍ଧାର୍ଥ କଉଲ, କ୍ରୁନାଲ ପାଣ୍ଡ୍ୟା ଓ ଶ୍ରେୟାସ ଗୋପାଳ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଇଣ୍ଡିଆ-ଏ ପ୍ରାରମ୍ଭରୁ ପୃଥ୍ୱୀ ଶ (୭), ଅନମୋଲପ୍ରୀତ୍ ସିଂ (୧୬), କରୁନ ନାୟାର (୦), ଅଙ୍କିତ ବାୱନେ (୩) ଓ କ୍ରୁନାଲ ପାଣ୍ଡ୍ୟା (୧୭)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଅଧିନାୟକ କାର୍ତ୍ତିକ ଓ ଅଶ୍ୱିନ ୬ଷ୍ଠ ଉଇକେଟ୍ ଯୋଡ଼ିରେ ଲଢୁଆ ବ୍ୟାଟିଂ କରି ଦଳର ବିଜୟ ଆଶା ଉଜ୍ଜୀବିତ କରିଥିଲେ। କିନ୍ତୁ ୪ ରନ ବ୍ୟବଧାନରେ ଉଭୟ ବ୍ୟାଟ୍ସମ୍ୟାନ ଆଉଟ୍ ହେବାରୁ ଇଣ୍ଡିଆ-ଏ'ର ବିଜୟ ଆଶା ଧୂଳିସାତ୍ ହୋଇଯାଇଥିଲା। ଦଳ ୪୬.୪ ଓଭରରେ ୨୧୮ ରନ କରି ସମସ୍ତ ଉଇକେଟ୍ ହରାଇଥିଲା। ଅଶ୍ୱିନ ୭୬ ବଲରୁ ଧୈର୍ଯ୍ୟପୂର୍ଣ୍ଣ ୫୪ ରନ କରିଥିବାବେଳେ କାର୍ତ୍ତିକ (୯୯ ରନ, ୧୧୪ ବଲ୍) ମାତ୍ର ୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ଲେଗ୍-ସ୍ପିନର ମୟଙ୍କ ମାର୍କଣ୍ଡେ ସର୍ବାଧିକ ୪ଟି ଉଇକେଟ୍ ନେଇଥିବାବେଳେ ଶାହବାଜ ନଦୀମ (୩) ଓ ବରୁନ ଆରୋନ (୨) ତାଙ୍କୁ ସହଯୋଗ କରିଥିଲେ।

**ଦେଓଧର ଟ୍ରଫି**

**ସଂକ୍ଷିପ୍ତ ସ୍କୋର**

**ଇଣ୍ଡିଆ-ବି-** ୨୬୧/୮, ୫୦ ଓଭର (ହନୁମା ୮୭*, ମନୋଜ ୫୨, ଅଗ୍ରୱାଲ ୪୬, ଦୀପକ ଚହର ୪, ଅଶ୍ୱିନ ୨/୩୯)।
**ଇଣ୍ଡିଆ-ଏ-** ୨୧୮/୧୦, ୪୬.୪ ଓଭର (କାର୍ତ୍ତିକ ୯୯, ଅଶ୍ୱିନ ୫୪, ମାର୍କଣ୍ଡେ ୪/୪୮, ନଦୀମ ୩/୩୨)।

## ■ ତୃତୀୟ ଚେସ୍ ସମ୍ମିଳନୀରେ ଚାଇନାକୁ ରୌପ୍ୟ
# ଭାରତ ଜିତିଲା ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୨୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଆନ୍ତର୍ଜାତିକ ଚେସ୍ ହଲ୍‌ରେ ଅନୁଷ୍ଠିତ ତୃତୀୟ ଭାରତ- ଚାଇନା ଚେସ୍ ସମ୍ମିଳନୀରେ ଭାରତ ବାଜି ମାରିଛି। ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଇଭେଣ୍ଟରେ ଘରୋଇ ଭାରତ ୯- ୭ ବ୍ୟବଧାନରେ ଅତି ସହଜରେ ଚାଇନାକୁ ପରାସ୍ତ କରିଛି। ଚମତ୍କାର ପ୍ରଦର୍ଶନ ପାଇଁ ଭାରତୀୟ ଦଳ ୬ ଓ ଚାଇନା ଦଳ ୪ ଲକ୍ଷ ଟଙ୍କା ପୁରସ୍କାର ହାସଲ କରିଛନ୍ତି। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ସମର୍ଥନରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏହି ମେଗା ଇଭେଣ୍ଟର ଟାଇଟଲ ପ୍ରାୟୋଜକ ରହିଥିଲା।

ଅଷ୍ଟମ ତଥା ଅନ୍ତିମ ରାଉଣ୍ଡରେ ଦୁଇ ଦେଶର ଖେଳାଳିଙ୍କ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଏହା ଅମୀମାଂସିତ ରହିଥିଲା। ଅଷ୍ଟମ ରାଉଣ୍ଡର ପ୍ରଥମ ବୋର୍ଡରେ ଚାଇନାର ଲୁ ଶାନଗ୍ଲେଇ ଭାରତର ଆର୍ଯ୍ୟନ ଚୋପ୍ରାଙ୍କୁ ପରାସ୍ତ କରିଥିଲେ। ସେହିପରି ଦ୍ୱିତୀୟ ବୋର୍ଡରେ ଜୁ ଜିଆନଗୁ ଓ ଭାରତର କାର୍ତ୍ତିକେୟନ ମୁରଲୀ ମୁହାଁମୁହିଁ ହୋଇଥିଲେ ଓ ଏହି ମୁକାବିଲା ୧/୨: ୧/୨ରେ ଡ୍ର ରହିଥିଲା। ସେହିପରି ତୃତୀୟ ବୋର୍ଡରେ ଭାରତର ନାରାୟଣନ ଶ୍ରୀନାଥ ଓ ବାଇ ଜିନ୍‌ଶି ପରସ୍ପରକୁ ଭେଟିଥିଲେ ମଧ୍ୟ ଏହା ଅମୀମାଂସିତ ରହିଥିଲା। ତେବେ ଅନ୍ତିମ ଡ୍ରରେ ଭାରତର ଅରବିନ୍ଦ ଚିଥାମ୍ବରମ୍ ଭି.ଆର. ଚାଇନାର ଜୁ ୟିନଗ୍ଲୁନଙ୍କୁ ହରାଇଥିଲେ। ଫଳରେ ଅଷ୍ଟମ ରାଉଣ୍ଡ ୨- ୨ରେ ଡ୍ର ରହିଥିଲା। ଶେଷରେ ଭାରତ ୯-୭ ମ୍ୟାଚ୍ ପଏଣ୍ଟ ଓ ୧୫.୫- ୧୬.୫ ଗେମ୍ ପଏଣ୍ଟରେ ବିଜୟୀ ହୋଇଥିଲା। ଫିଡେ ସିନିୟର ଟ୍ରେନର ତଥା ଆଇଏମ୍ ଶେଖର ଚନ୍ଦ୍ର ସାହୁ କୋଚ୍ ହିସାବରେ ଭାରତୀୟ ଦଳର ପ୍ରଶିକ୍ଷଣ ଦାୟିତ୍ୱରେ ରହିଥିଲେ। ସେହିପରି ଫିଡେ ସିନିୟର ଟ୍ରେନର ଜିଏମ୍ ଜୁ ଜୁନ୍ ଚାଇନାର କୋଚ୍ ରହିଥିଲେ। ବ୍ୟକ୍ତିଗତ ଭାବେ ନାରାୟଣନ ଶ୍ରୀନାଥ ଓ ଅରବିନ୍ଦ ୪.୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ସେହିପରି ଆର୍ଯ୍ୟନ ୩.୫ ଓ କାର୍ତ୍ତିକେୟନ ୩ ପଏଣ୍ଟ ପାଇଛନ୍ତି।

ପୁରସ୍କାର ବିତରଣ ଉତ୍ସବରେ ଅଲ ଇଣ୍ଡିଆ ଚେସ୍ ଫେଡେରେଶନ ସମ୍ପାଦକ ଭରତ ସିଂ ଚୌହାନ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ଏଆଇସିଏଫ୍ ଉପସଭାପତି ତଥା (ଏଓସିଏ) ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, ଏଓସିଏ ସମ୍ପାଦକ କୃଷ୍ଣ କୁମାର ଶର୍ମା ଓ ଏଓସିଏ ଉପସଭାପତି ତଥା ଆୟୋଜକ କମିଟି ଅଧ୍ୟକ୍ଷ ରଞ୍ଜନ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।



କିଟ୍ ପରିସରରେ ଚେସ୍ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଚାଇନା ଓ ଭାରତ ଖେଳାଳିମାନେ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

# ୩୧ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବଲାଙ୍ଗୀର ଅଫିସ,୨୩।୧୦**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃ ପ୍ରତିଷ୍ଠା ଆନ୍ଦୋଳନକୁ ଜୋରଦାର କରାଯିବାକୁ ସବୁସ୍ତରରୁ ଉଦ୍ୟମ କରାଯିବାକୁ ନେଇ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଓକିଲ ସଂଘ ପକ୍ଷରୁ ଜିଲାର ବିଭିନ୍ନ ଓକିଲ ସଂଘର କର୍ମକର୍ତ୍ତାମାନଙ୍କୁ ନେଇ ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲଠାରେ ଅନୁଷ୍ଠିତ ବୈଠକରେ ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ବୈଠକରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନର ପରବର୍ତ୍ତୀ ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟ ସରକାର ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପୁନଃସ୍ଥାପନ କରିବା ନେଇ ଘୋଷଣା କରନ୍ତୁ ବୋଲି ଦାବି କରାଯାଇଥିଲା । ଦୀର୍ଘଦିନ ହେଲା ବଲାଙ୍ଗୀର ଓକିଲ ସଂଘର ଆହ୍ୱାନକ୍ରମେ ଜିଲାର ସମସ୍ତ ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି । ଏଥିଯୋଗୁଁ କୋର୍ଟ କଚେରୀ କାମ ସବୁ ବ୍ୟାହତ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଓକିଲ ସଂଘ ଆଗକୁ ଆନ୍ଦୋଳନ କିଭଳି ଜାରି ରଖିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । କୌଣସି ପରିସ୍ଥିତିରେ ବି ଆନ୍ଦୋଳନକୁ ବନ୍ଦ କରାଯିବ ନାହିଁ ବରଂ ଓକିଲ ସଂଘ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବ। ଜିଲାର ବିଭିନ୍ନ ଅଞ୍ଚଳର ଓକିଲ ସଂଘମାନେ ପର୍ଯ୍ୟାୟକ୍ରମେ ବନ୍ଦ, ପିକେଟିଂ, ରାସ୍ତାରୋକୋ କରି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା । ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ସ୍ଥାପନ ପାଇଁ ପାଇଁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ସମୟ ଭିତରେ ଉକ୍ତ ଦାବିକୁ ନେଇ ଓକିଲ ସଂଘର ଏକ ପ୍ରତିନିଧି ଦଳ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ସାକ୍ଷାତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା । ଆନ୍ଦୋଳନରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନଙ୍କୁ ସାମିଲ କରାଯାଇ ଦାବି ସମ୍ପର୍କରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ବଲାଙ୍ଗୀର ଓକିଲ ସଂଘ ସହସମ୍ପାଦକ ଜଗଦୀଶ ପ୍ରଧାନ, କୋଷାଧ୍ୟକ୍ଷ ମାନଭଞ୍ଜନ ବେରିହା, କାର୍ଯ୍ୟକାରୀ କମିଟି ସଦସ୍ୟ ବୀରେନ୍ଦ୍ର ମିଶ୍ର, ଜୟରାମ ମିଶ୍ର, ରାଧାକାନ୍ତ ମହାକୁଡ, ସୁବାସ ବେହେରା, ରଘୁନନ୍ଦନ ସିଂହ, ବାସୁଦେବ ରଥ, ଟିଟିଲାଗଡ଼ ଓକିଲ ସଂଘର ବରିଷ୍ଠ ସଭ୍ୟ ରବି କିରଣ ସ୍ୱାଇଁ, କିଶୋର ଚନ୍ଦ୍ର ପଣ୍ଡା, ପାଟଣାଗଡ ଓକିଲ ସଂଘର ସଭ୍ୟ ଶ୍ରୀମତ୍ ପାଣିଗ୍ରାହୀ, କାମାକ୍ଷା ସାହୁ, ବାଦଲ ସାହୁ, ବାସୁଦେବ ପାଢ଼ୀ, ପ୍ରକାଶ ଭୋଇଙ୍କ ସମେତ ଖପ୍ରାଖୋଲ, ବେଲପଡା, ମୁରିବାହଲ ଅଞ୍ଚଳର ଓକିଲମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବଲାଙ୍ଗୀର ଓକିଲ ସଂଘର ସମ୍ପାଦକ ଅମନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।


ବଲାଙ୍ଗୀର ସିଭିଲ କୋର୍ଟ ବାର୍ ହଲଠାରେ ଜିଲାର ବିଭିନ୍ନ ଓକିଲ ସଂଘ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି ।

**ବିଭିନ୍ନ ଓକିଲ ସଂଘ କର୍ମକର୍ତ୍ତାଙ୍କ ବୈଠକରେ ନିଷ୍ପତ୍ତି**

## ଲଣ୍ଡାପଥର ବୁଢ଼ାଡଙ୍ଗର ଯାତ୍ରା ସମ୍ପନ୍ନ


ଲଣ୍ଡାପଥରରେ ବୁଢ଼ାଡଙ୍ଗର ଯାତ୍ରା ଅବସରରେ ଜଣେ ଶ୍ରଦ୍ଧାଳୁଙ୍କୁ ବୁଢ଼ାଡଙ୍ଗର ଦେବତା ଆଶୀର୍ବାଦ ପ୍ରଦାନ କରୁଛନ୍ତି ।

**ଦେଓଗାଁ,୨୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଲଣ୍ଡାପଥରରେ ଦୁଇଦିନ ଧରି ଚାଲିଥିବା ବୁଢ଼ାଡଙ୍ଗର ଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି । ବରୁଆଙ୍କ ମଧରେ ବୁଢ଼ାଡଙ୍ଗର ଦେବତା ପ୍ରବେଶ କଲା ପରେ ସ୍ୱତନ୍ତ୍ର ବାଦ୍ୟର ତାଳେତାଳେ ଦେବତା ନୃତ୍ୟ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଅନେକ ମାନସିକଧାରୀଙ୍କ ଆସ୍ଥା ରହି ଆସିଥିବାରୁ ଏଠାରେ ମଧ ଅଞ୍ଚଳର ଶଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ଚଳିତବର୍ଷ ମୁଖ୍ୟ ପୂଜକ ତଥା ଦେହୁରୀଭାବେ ଶମ୍ଭୁ ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ। ସହ ପୂଜକ ତଥା ଦେହୁରୀ ଭାବେ ଏକାନନ ବୁଦ୍ଧିଆ, ଗୋବର୍ଦ୍ଧନ ସାହୁ, ଅଚ୍ୟୁତ ନାଏକ, ଆଲଟୁ ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, ଥାନା ଭୋଇ, ସୁଦାମ ମାଝୀ, ସନୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।


**OFFICE OF THE COLLECTOR & DISTRICT MAGISTRATE, ANGUL**

**(District Child Protection Unit)**

Advertisement No. 1085/DCPU Dt. 22.10.2018

Applications are invited from the eligible candidates in the prescribed application form for engagement of the following staffs on contractual basis for District Child Protection Unit, Angul and Child Welfare Committee, Angul.

**Details of contractual staffs to be engaged for DCPU, Angul and CWC, Angul are follows:**

| Sl. No. | Name of the Post | No. of Post | Remuneration per Month | Eligibility / Qualification |
|---|---|---|---|---|
| 1 | Assistant-cum-Data Entry Operator (ADEO) for DCPU | 01 | Rs. 10,000/- | 1. Graduate in any discipline with PGDCA from a recognized University or Institute. 2. Candidates having 3 yeas graduation degree in Computer Science / Computer Application & IT are exempted from the requirement of the PGDCA certificate. 3. Knowledge of Odia and English both written and Spoken is essential. |
| 2 | Assistant-cum-Data Entry Operator (ADEO) for CWC | 01 | Rs. 9,000/- | |

Eligible candidates may submit their applications completely in every respect by registered post / speed post only latest by 4.00 PM of 06.11.2018 addressed to the District Child Protection Officer, Angul. Office of District Child Protection Unit, Collectorate, Angul, PIN- 759122, Ph. No. 06764-230329. Separate application in sealed cover has to be submitted for each post quoting the position applied on the top of the envelope. No online application or any other mode of submission will be entertained. Any application received after due date and time will be rejected. The detail along with the application form is available in the website of Angul District at www.angul.nic.in.

**Sd./- COLLECTOR, ANGUL**



**OFFICE OF THE EXECUTIVE ENGINEER, RWS&S DIVISION, PURI – 752002**

Ph: (06752) 251276, Fax:- (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 54 /2018-19**

**No. 904-O:-** The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work | : | Piped Water Supply Scheme |
|---|---|---|---|
| 1. | No. of works | : | 2 (Two) |
| 2. | Time for completion | : | Two & Eight months |
| 3. | Cost of bidding document | : | Rs. 6000/- & 10000/- |
| 4. | Class of Contractors eligible | : | D&C, A & special |
| 5. | Availability of bids on-line | : | From 17 hour of 26.10.2018 to 17.00 hours of 12.11.2018 |
| 6. | Last date and time for seeking clarification | : | 17.00 hours of 06.11.2018 |
| 7. | Date & time of opening of technical bids | : | On dt 13.11.2018 at 12.00 hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids | : | To be decided. |

Further details can be seen from the website https://www.tendersorissa.gov.in.

25017/11/0075/1819 *Sd./- Executive Engineer ,RWS&S Division, Puri*



**OFFICE OF THE CHIEF DISTRICT MEDICAL OFFICER, MAYURBHANJ**

**(District Programme Management Unit, NHM)**

**Phone/Fax: 06792-254458, E-mail: dpmumay@gmail.com**

**Notice No.2032/DEIC** **Date: 22.10.2018**

**TENDER CALL NOTICE**

**No.515-E:-** Sealed tenders are invited from eligible bidders for engagement of vehicles on hire basis for MHT/ SS / BPMU details regarding the items and terms & conditions may be downloaded from the website: **www.mayurbhanj.nic.in.** The tenders should reach the office of the undersigned by 05.11.2018 till 5 P.M. The tenders will be opened at 12.00 AM on 06.11.2018. The undersigned reserves the right to reject any or all the tenders without assigning any reason thereof & will also not held responsible for any postal delay.

**Sd./-**
**CDM & PHO, Mayurbhanj**

**10020/11/0016/1819**



**NEELACHAL ISPAT NIGAM LIMITED**

Kalinga Nagar Industrial Complex, At/PO-Duburi, Dist-Jajpur, Odisha - 755026

**NOTICE INVITING TENDER(NIT)**

**No: NINL/CM/SKB/ HDPE BAGS/ NIT-490** **DT23.10.2018**

Name of Work: **Supply of 250000 NOS of HDPE BAGS (detailed specification as per enclosed annexure-IV) for one year on FOR NINL plant site basis. EMD :- Rs. 35,000/-. Last Date & Time of Submission of Tender: 12.11.2018 AT 3.00 PM.** For details, please visit our website **www.ninl.in**. Corrigendum, extension etc shall be notified on website only. **Dy. General Manager (Commercial)**



**WORKS DEPARTMENT**

**OFFICE OF THE SUPERINTENDING ENGINEER, EASTERN CIRCLE (R&B), BALASORE**

**No.749-B:** **e-mail: - seec_bls@rediffmail.com**

**Government of Odisha "e" Procurement Notice**

**Bid Identification No.SEEC-09/ 2018-19.**

**No- 8312 / dt. 13.10.2018**

| | | | |
|---|---|---|---|
| 1. | Nature of work | : | Road Works |
| 2. | Number of works | : | 6 (Six) No of works |
| 3. | Amount put to Tender | : | Rs.105.780 Lakhs. to Rs. 358.034 Lakhs |
| 4. | Class of Contractor | : | "B" & "A" & "Special" Class. |
| 5. | Date & Time of availability of bid document in the portal | : | Dt.25.10.2018 at 10.00 AM |
| 6. | Last Date / Time of receipt of bid in the portal | : | Dt.09.11.2018 upto 05.00 PM |
| 7. | Date of opening of bid | : | Dt.12.11.2018 at 1.00 PM |
| 8. | Name & address of the Officer inviting bid | : | Superintending Engineer, Eastern Circle (R&B), Balasore. |
| 9. | The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only. | | |

**Superintending Engineer,**
**Eastern Circle (R&B), Balasore**

**34026/11/0013/1819**



**THE ODISHA STATE COOPERATIVE BANK LTD.**

**Pandit Jawaharlal Nehru Marg, Bhubaneswar- 751 001**

**PUBLICATION OF RESULT**

No. 21-LL: The result of the online test held on 23.09.2018 for the post of Junior Manager against quota earmarked for MBM Degree holders has been published in the website of the bank i.e. www.odishascb.com

Bhubaneswar **Sd./- Managing Director**
39027/11/0005/1819 **Odisha State Cooperative Bank Ltd.**



**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

**ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର-୭୫୧୦୧୩**

**Website: chseodisha.nic.in**

**ସଂଖ୍ୟା-ଦୂ.ଶି-୧-୦୧/୨୦୧୭-୨୦୧୮/୫୨୯୫/ଉମାଶିପ/ତା୨୨।୧୦।୨୦୧୮**

**ବିଜ୍ଞପ୍ତି**

**+୨ ପତ୍ର ବିନିମୟ (Correspondence Course) ପାଠ୍ୟକ୍ରମରେ ୨୦୧୯ ବାର୍ଷିକ ପରୀକ୍ଷା ପାଇଁ ଫର୍ମପୂରଣ ସମ୍ବନ୍ଧରେ:**

**No.48-N:-** ଏତଦ୍ୱାରା ସମସ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ +୨ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷ ଛାତ୍ର-ଛାତ୍ରୀ ତଥା ପରୀକ୍ଷା ଦେଇ ନ ଥିବା /ଅକୃତକାର୍ଯ୍ୟ (Ex-Regular) ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ବାର୍ଷିକ ପରୀକ୍ଷା ଫର୍ମପୂରଣ ଆସନ୍ତା ଅକ୍ଟୋବର ମାସ ୨୫ ତାରିଖଠାରୁ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ କରାଯିବ।

**ନିର୍ଦ୍ଧାରିତ ଦେୟ:**

(୧) କଳା ସ୍ରୋତର ଛାତ୍ର-ଛାତ୍ରୀଙ୍କ ପାଇଁ ଫର୍ମପୂରଣ ନିର୍ଦ୍ଧାରିତ ଦେୟ-୫୨୦/- ଟଙ୍କା
(୨) କଳା ସ୍ରୋତର ଛାତ୍ର-ଛାତ୍ରୀଙ୍କର ଶିକ୍ଷା ବିଷୟ (Education) ଥିଲେ ଫର୍ମପୂରଣ ନିର୍ଦ୍ଧାରିତ ଦେୟ-୫୪୦/- ଟଙ୍କା
(୩) ବାଣିଜ୍ୟ ସ୍ରୋତର ୨୦୧୭ ପଞ୍ଜୀକରଣ ହୋଇଥିବା ଛାତ୍ର-ଛାତ୍ରୀମାନଙ୍କ ପାଇଁ ଫର୍ମପୂରଣ ନିର୍ଦ୍ଧାରିତ ଦେୟ-୬୦୦/- ଟଙ୍କା।
(୪) ବାଣିଜ୍ୟ ସ୍ରୋତର ୨୦୧୬ ପଞ୍ଜୀକରଣ ହୋଇଥିବା ଛାତ୍ର-ଛାତ୍ରୀମାନଙ୍କ ପାଇଁ ଫର୍ମପୂରଣ ଦେୟ-୫୨୦/- ଟଙ୍କା ସହିତ ପ୍ରତି ଇଚ୍ଛାଧୀନ ବିଷୟ ପାଇଁ ୨୦ ଟଙ୍କା ଲେଖାଏଁ ଦେୟ ପଠାଇ କରିବାକୁ ହେବ
(୫) ବାଣିଜ୍ୟ ସ୍ରୋତର ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ ପଞ୍ଜୀକରଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଫର୍ମପୂରଣ ନିର୍ଦ୍ଧାରିତ ଦେୟ-୫୨୦/- ଟଙ୍କା।

**ଦେୟ ଦିବସ:**

(କ) ଫର୍ମପୂରଣ ଦେୟ ବିନା ଜରିମାନାରେ- ତା୨୫।୧୦।୧୮ରିଖଠାରୁ ତା୦୫।୧୧।୧୮ ରିଖ ପର୍ଯ୍ୟନ୍ତ
(ଖ) ଫର୍ମପୂରଣ ଦେୟ ଟ୫୦/- ଜରିମାନା ସହିତ-ତା୦୬।୧୧।୧୮ରିଖଠାରୁ ତା୧୨।୧୧।୧୮ରିଖ ପର୍ଯ୍ୟନ୍ତ
(ଗ) ଫର୍ମ ପୂରଣ ଦେୟ- ଟ୩୫୦/- ଜରିମାନା ସହିତ- ତା୧୩।୧୧।୧୮ରିଖଠାରୁ ତା୧୫।୧୧।୧୮ରିଖ ପର୍ଯ୍ୟନ୍ତ

ଉପରଲିଖିତ ଦେୟକୁ onlinesbi.com (online SB Collect) ମାଧ୍ୟମରେ ଜମା କରି e-Receipt ସହିତ ଅନ୍ୟାନ୍ୟ ଫର୍ମପୂରଣ ସମ୍ପର୍କିତ କାଗଜପତ୍ର ସବୁ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ଏବଂ ୩ଟି ଶାଖା କାର୍ଯ୍ୟାଳୟରେ (ବ୍ରହ୍ମପୁର/ବାରିପଦା/ସମ୍ବଲପୁର) ଯଥାକ୍ରମେ ନିମ୍ନ ତାରିଖ ଅନୁସାରେ ଜମା କରିବାକୁ ହେବ।

**ଫର୍ମ ଜମା ତାରିଖ (Submission of Forms)**

(୧) ପ୍ରତି ପରୀକ୍ଷାର୍ଥୀ ନିମନ୍ତେ- ତା୨୫।୧୦।୨୦୧୮ ରିଖଠାରୁ ୧୬।୧୧।୧୮ ପର୍ଯ୍ୟନ୍ତ
(୨) ମହାବିଦ୍ୟାଳୟ/ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ- ତା୧୯।୧୧।୧୮ ରିଖ ଠାରୁ ୨୨।୧୧।୧୮ ପର୍ଯ୍ୟନ୍ତ
(୩) ପ୍ରତି ଶାଖା କାର୍ଯ୍ୟାଳୟ ନିମନ୍ତେ- ତା୨୬।୧୧।୧୮ ରିଖ ସୁଦ୍ଧା ମୁଖ୍ୟ କାର୍ଯ୍ୟାଳୟରେ ଜମା କରିବେ।

ଫର୍ମ ପୂରଣ ସମ୍ବନ୍ଧୀୟ ସମସ୍ତ ବିବରଣୀ ପରିଷଦର ୱେବ୍‌ସାଇଟ୍ (chseodisha.nic.in) ରେ ଉପଲବ୍ଧ ଅଛି।

ବି.ଦ୍ର.: +୨ ପତ୍ର ବିନିମୟ ପାଠ୍ୟକ୍ରମରେ ବାର୍ଷିକ ପରୀକ୍ଷା ଫର୍ମ ପୂରଣ କରିବା ପୂର୍ବରୁ ଛାତ୍ର-ଛାତ୍ରୀମାନେ ପୁନଃ ପ୍ରବେଶ ଦେୟ (Re-admission) ପରିଷଦରେ ଦାଖଲ କରି ପଞ୍ଜୀକରଣ ପତ୍ର (Registration Card) କୁ ନବୀକରଣ (Renewal) କରି ନେବା ଜରୁରୀ ଅଟେ।

**ବିଜୟ କୁମାର ସାହୁ**
**ପରୀକ୍ଷା ନିୟନ୍ତ୍ରକ**

**11003/11/0012/1819**



**DIRECTORATE OF ANIMAL HUSBANDRY AND VETERINARY SERVICES, ODISHA,**
**MANGALABAG, CUTTACK - 753001**

**RETENDER NOTICE FOR PROCUREMENT OF TABLET PCS FOR THE YEAR 2018-19**

No.41-M : The DIRECTOR, ANIMAL HUSBANDRY AND VETERINARY SERVICES, ODISHA, MANGALABAG, CUTTACK (herein after referred to as "DIRECTOR") invites sealed Tender in the prescribed forms from the Manufacturers (the manufacturer should have valid Registration & Manufacturing License of Tablet PCs) / Authorized Distributors / Authorized Dealer having valid registration for procurement of Tablet PCs for approximate value of Rs. 90.00 Lakh (Rupees Ninety Lakh only) for the financial year 2018-19 with F.O.R. destination at DIRECTORATE OF AH & VS., ODISHA, MANGALABAG, CUTTACK - 753001 as per specification / unit packing mentioned in a separate set of Catalog vide Schedule - 'A'.

Tenders submitted by Authorized Distributors / Authorized Dealer may also be considered, provided they are accompanied with the latest authorization letters from the concerned manufacturers along with valid manufacturing license of the manufacturer addressed to the DIRECTOR OF ANIMAL HUSBANDRY AND VETERINARY SERVICES, MANGALABAG, ODISHA, CUTTACK - 753001.

**Sd./- DIRECTOR,**
06014/11/0018/1819 **AH & VS, ODISHA, CUTTACK**



**OFFICE OF EXECUTIVE ENGINEER MINOR IRRIGATION DIVISION, NABARANGPUR** 643-A

Letter No. 2584, Dt. 20.10.2018

**GOVERNMENT OF ODISHA e-Procurement Notice**

**Bid Identification No. EEMIDNGPUR- 05 /2018-19**

E-mail ID:- mingpur@yahoo.co.in, Ph No. 06858222130

1. Name of work :- Improvement to M.I.Ps in different Blocks of Nabarangpur District under improvement to Tanks and M.I.Ps Scheme for 2018-19
2. Total Number of work :- 8 (Eight)
3. Estimated cost :- Varies from Rs.9.55 lakhs to Rs. 43.72 lakhs
4. Class of Contractor :- "D", "C" ,"B" &"A"
5. Tender paper Cost (Online) :- Varies from Rs. 4,000/- to Rs. 6,000/-
6. Bid Security (Online) :- Varies from Rs.9,600/- to Rs. 43,800/- as per DTCN
7. Period of Completion :- 3 (Three) Calender Months
8. Availabilily of Bid Document :- From 30.10.2018, 10.00 AM to 12.11.2018, 5.00 PM in website (www.tendersorissa.gov.in)
9. Last date & Time of receipt of Bid :- 12.11.2018 at 5.00 PM through online
10. Date of opening of Bid documents :- 13.11.2018 at 11.00 AM in the office of the EE, M.I. Division, Nabarangpur
11. Date of Lottery, if required :- 27.11.2018 at 11.00AM in the office of the EE, M.I.Division, Nabarangpur
12. Name and address of the OIT :- Executive Engineer, M.I. Division, Nabarangpur, At/P.O:- Nabarangpur, District:- Nabarangpur, PINCODE- 764059

Further details can be seen from the Government of Odisha Website:- www.tendersorissa.gov.in

32294/11/0006/1819 *Sd./- Executive Engineer, M.I. Division, Nabarangpur*



**BHUBANESWAR SMART CITY LIMITED**

**Bhubaneswar Smart City Limited**
**Block 1, II Floor, BMC- Bhawani Mall,**
**Bhubaneswar- 751007**

**No. 5330** **Date : 22.10.2018**

**1st Corrigendum to Tender Call Notice Vide Bid Identification No. 6033/BSCL/164/2018, Dated 03.10.2018**

No. 315-C: This is with reference to the tender invited for the work "Consultancy services for Supervision of Roads and Infrastructure Projects of Bhubaneswar Smart City Limited" vide Bid Identification No. 6033/ BSCL/164/2018, dated 03.10.2018.

1. The modified dates of bidding schedule are as follows :

| | | |
|---|---|---|
| 1. | Last date / time of receipt of bid in web portal | 5.11.2018 till 5.00 P.M. |
| 2. | Last date of receipt of original documents of financial instruments & cover-iii | 6.11.2018 till 5.00 P.M. |
| 3. | Time and date of opening of technical proposals | 9.11.2018 at 11.30 AM |

2. The Pre-bid clarifications will be available in the website www.tendersodisha.gov.in from 23.10.2018 to 5.00 PM of 5.11.2018.

All other terms and conditions remain unchanged.

**Sd./- Chief Executive Officer**
13070/11/0033/1819 **Bhubaneswar Smart City Limited**



**OFFICE OF THE MUNICIPAL COUNCIL, RAIRANGPUR**

**DIST.- MAYURBHANJ**

Phone No. 06794-222054, Email ID: rrpurnac@gmail.com

**QUOTATION CALL NOTICE**

The Executive Officer, Rairangpur Municipality on behalf of Rairangpur, Dist.- Mayurbhanj invites sealed quotations from the intending registered firms / authorized dealers / distributors / suppliers and manufacturers of supplying & installation of modular / automated public toilets inside Rairangpur Municipality Area for the financial year 2018-19. The prescribed quotation schedule can be obtained from the Cashier section of Rairangpur Municipality on payment of Rs. 2,500/- (Rupees Two Thousand Five hundred) only including GST@18% (non-refundable) in shape of cash / bank draft / bankers cheque drawn in favour of the Executive Officer, Rairangpur Municipality payable at Rairangpur from any nationalized bank on or before dt.26.10.2018 to dt.03.11.2018 during office hour except holidays.

The quotation paper along with all documents should reach the undersigned by Regd. Post / Speed Post / Courier Service or by person on or before date 03.11.2018 upto 1.00 PM will in no way, be responsible for any delay in receipt of the quotation documents. The quotation will be opened on the same date at 4.00 PM in presence of the quotationer or their authorized representative, if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

*By order of Sub-Collector-cum-Administrator*
***Sd./- Executive Officer***
***Rairangpur Municipality***



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**DRAINAGE CIRCLE, UNIT-8, BHUBANESWAR-751012** 644-A

**E-PROCUREMENT NOTICE NO. SEDC-BBSR-02/2018-19**

email Id:- sedrainagebbsr12@gmail.com

| | | | |
|---|---|---|---|
| 1. | Name of Works | : | 1. Sectioning of Alipada Nalla under D.I.P from RD 5300m to 9800m. 2. Renovation, protection and improvement of Drainage System of Kotipada Nalla under Bhanjanagar Block under DIP. |
| 2. | Total number of Packages | : | 2 nos. individual packages. |
| 3. | Estimated Cost of Individual Packages | : | 1. Rs.2,03,49,876/- 2. Rs.1,28,49,157/- |
| 4. | Bid Identification No. | : | 1. SEDC-BBSR/DD-KHR-02/2018-19 2. SEDC-BBSR/DD-BAM-03/2018-19 |
| 5. | Period of completion | : | 9 (Nine) Calendar months. |
| 6. | Availability of Tender On - Line | : | 27.10.2018, 10.00 hours to 13.11.2018, 17.00 hours. |
| 7. | Date of Opening of Technical Bid | : | 14.11.2018 at 11.30 hours in the O/o the Superintending Engineer, Drainage Circle, Unit-8, Bhubaneswar. |
| 8. | Date of opening of Financial Bid | : | 19.11.2018 at 11.30 hours in the O/o the Superintending Engineer, Drainage Circle, Unit-8, Bhubaneswar. |
| 9. | Date of Lottery (If Required) | : | 24.11.2018 at 12.00 hours in the O/o the Superintending Engineer, Drainage Circle, Unit-8, Bhubaneswar. |
| 10. | Procurement Officer | : | Superintending Engineer, Drainage Circle, Unit-8, Bhubaneswar-751012. |

Further details can be seen from the Govt. website www.tendersorissa.gov.in.

*Sd./- Superintending Engineer*
32375/11/0002/1819 *Drainage Circle, Bhubaneswar*




## ରବି ଚିନାବାଦାମ



**ଚ**ଳିତ ମାସ ଶେଷ ସୁଦ୍ଧା ରବି ଚିନାବାଦାମ ଲଗାନ୍ତୁ। ଉନ୍ନତ କିସମ ବାଦାମ ଯଥା-ଏକେ-୧୨-୨୪,ସ୍ମୃତି କିମ୍ବା ଜେ.ଏଲ-୨୪ ଆଦି ଏକର ପ୍ରତି ୬୦କେଜି ବ୍ୟବହାର କରନ୍ତୁ। ବୁଣିବାର ୭ଦିନ ପୂର୍ବରୁ ପ୍ରତି ଏକ କି.ଗ୍ରା ବିହନକୁ ୧.୫ଗ୍ରାମ କାର୍ବେଣ୍ଡାଜିମ୍ ଦ୍ୱାରା ବିଶୋଧନ କରନ୍ତୁ। ବୁଣିବା ପୂର୍ବରୁ ବୀଜାଣୁ କଲ୍‌ଚର୍ ଓ ପି.ଏସ୍ ବିରେ ଗୋଳାଇ ଉପରବେଳା ଉପଚାର କରନ୍ତୁ। ଏକର ପ୍ରତି ୮କି.ଗ୍ରା ଯବକ୍ଷାରଜାନ,୧୬କି.ଗ୍ରା ଫସଫରସ ଓ ୧୬କି.ଗ୍ରା ପଟାସ ସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁଗଛ ୧୦ସେ.ମି ବ୍ୟବଧାନରେ ଲଗାନ୍ତୁ।

## ଚାଷୀଙ୍କ ପାଇଁ

**ବାଇଗଣ:** ବାଇଗଣରେ କାଙ୍କିଡିଆ ପୋକର ଦମନ ଲାଗି ୪ଗ୍ରାମ ସେଭିନ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କାଣ୍ଡ ଓ ଫଳପଚା ରୋଗର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ମିଲି ହିସାବରେ କପର ଅକ୍ସିକ୍ଲୋରାଇଡ କିମ୍ବା ବୋଡକ୍ସ ମିକ୍ସଚର(୫:୫:୫)ସିଞ୍ଚନ କରନ୍ତୁ।



**ଲଙ୍କା:** ଲଙ୍କାମରିଚ ଫସଲରେ ଅଷ୍ଟପଦୀ ଓ ଉକୁଣୀଆ ପୋକ ଜନିତ ପତ୍ରପୋଡା ରୋଗ ଦେଖାଗଲେ ଏହାର ଦମନ ପାଇଁ ଏକ ଲିଟର ପାଣିରେ ୨ମିଲିଆବାମେକ୍ଟିନ(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ପତ୍ରସିଞ୍ଚନ କରନ୍ତୁ।

**ମୂଳା:** ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ଏକ ଲିଟର ପାଣିରେ ୨ ମିଲି କୁଇନାଲଫସ କିମ୍ବା କ୍ଲୋରୋପାରିଫସ ମିଶାଇ ସିଞ୍ଚନ କରନ୍ତୁ।

## ଉନ୍ନତ ରସୁଣ କିସମ



**ଜ**ଳସେଚନର ସୁବିଧା ଥିଲେ ଢ଼ିପ ଜମିରେ ଧାନ ଅମଳ ପରେ ଜମିର ବତର ଦେଖି ରସୁଣ ଲଗାନ୍ତୁ। ଅଧିକ ଅମଳକ୍ଷମ ଉନ୍ନତ ବିହନ କିସମ ଯଥା ଫଓ୍ୱାରି,ରାଜାଲଗଡି,ଯାମନଗର ଓ ଜି-୨୮୨ବ୍ୟବହାର କରନ୍ତୁ। ଏକର ପ୍ରତି ୨୦୦ରୁ ୨୮୦କି.ଗ୍ରା କୋଳା ବିହନ ରୂପେ ବ୍ୟବହାର କରନ୍ତୁ। ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୧୫ଟନ୍ ଶୁଖିଲା ଗୋବର ଖତ ପ୍ରୟୋଗ କରି ମାଟିରେ ଭଲରେ ମିଶାଇ ଦିଅନ୍ତୁ। ମୂଳସାର ହିସାବରେ ଏକର ପ୍ରତି ୨୪କି.ଗ୍ରା ଯବକ୍ଷାରଜାନ, ୨୪କି.ଗ୍ରା ଫସଫରସ,୨୪ କି.ଗ୍ରା ପଟାସ ବ୍ୟବହାର କରନ୍ତୁ।

# ଫସଲବୀମା କ୍ଷତିପୂରଣ ଓ କୃଷକ ବିକ୍ଷୋଭ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

**ଗ**ତ କିଛିଦିନ ହେଲା ଦେଖାଯାଉଛି ଓଡ଼ିଶାର କେତେକ ଅଞ୍ଚଳର କୃଷକମାନେ ଖରିଫ ୨୦୧୭ ମସିହା ଫସଲବୀମା କ୍ଷତିପୂରଣ ପାଇଁ ବିକ୍ଷୋଭ କରୁଛନ୍ତି। ୨୦୧୭ ମସିହା ଖରିଫଋତୁରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଓଡ଼ିଶାରେ ଲାଗୁ କରାଯାଇଥିଲା। ଏହାର କାର୍ଯ୍ୟାନ୍ୱୟନ ଦାୟିତ୍ୱ କେତୋଟି ବୀମା କମ୍ପାନୀ ଗ୍ରହଣ କରିଥିଲେ। ସେଥିମଧ୍ୟରୁ କେତୋଟି କମ୍ପାନୀ କିଛି ଅଞ୍ଚଳରେ କ୍ଷତିପୂରଣ ଦେଇଛନ୍ତି ଓ କିଛି ଅଞ୍ଚଳରେ କ୍ଷତିପୂରଣ ନ ଦେଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଲାଗୁ ହେଲାପରେ ଅନେକ ବୀମା କମ୍ପାନୀ ଏହାର କାର୍ଯ୍ୟାନ୍ୱୟନ ଦାୟିତ୍ୱ ଓଡ଼ିଶାରେ ଗ୍ରହଣ କରିଛନ୍ତି। କିନ୍ତୁ ବିଶାଳ କ୍ଷତିପୂରଣକୁ ଅନୁଭବ କରିସାରିଲା ପରେ ପରବର୍ତ୍ତୀ ଫସଲଋତୁରେ କୌଣସି ନା କୌଣସି କାରଣରୁ ଏହି ବୀମା କମ୍ପାନୀଗୁଡ଼ିକ କାର୍ଯ୍ୟାନ୍ୱୟନରୁ ଦୂରରେ ରହିଛନ୍ତି। ଖରିଫ୍ ୨୦୧୭ ମସିହାର ବୀମା କ୍ଷତିପୂରଣ କଥା ବିଚାରକୁ ନିଆଯାଇ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବିଭିନ୍ନ ପ୍ରକାର କ୍ଷତିପୂରଣ ଦିଆଯାଇଥାଏ। ବର୍ଷା ଅଭାବରୁ ବିହନ ବୁଣାରେ ବାଧା ଉପୁଜିଲେ କିମ୍ବା ଗଜାମରୁଡି ହେଲେ କ୍ଷତିପୂରଣ ମିଳେ। ବୁଣିବାଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଠିଆ ହୋଇଥିବା ଫସଲ ପାଇଁ କ୍ଷତିପୂରଣ ଦିଆଯାଇଥାଏ। ପ୍ରାକୃତିକ ବିପର୍ଯ୍ୟୟ ହେତୁ ଫସଲ ନଷ୍ଟ ହେଲେ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ମିଳିଥାଏ। ବନ୍ୟା, ଜଳପ୍ଲାବନ ଓ ଭୂସ୍ଖଳନ ଇତ୍ୟାଦି ସ୍ଥାନୀୟ ବିପତ୍ତି ପାଇଁ କ୍ଷତିପୂରଣର ମଧ୍ୟ ବ୍ୟବସ୍ଥା ଅଛି। ଫସଲ କଟା ପରେ ବିଲରେ ଶୁଖୁଥିବା ସମୟରେ ବର୍ଷା ବିପ୍ଳାତ, ସାମୁଦ୍ରିକ ଜୁଆର ଏବଂ ବାତ୍ୟା ପ୍ରକୋପରୁ ଫସଲ ନଷ୍ଟ ହେଲେ ଅମଳ ପରବର୍ତ୍ତୀ କ୍ଷତି ଲାଗି କ୍ଷତିପୂରଣ ମିଳିଥାଏ। ଓଡ଼ିଶାରେ ବୁଣା ନ ହୋଇପାରିବା, ଗଜାମରୁଡି, ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ, ସ୍ଥାନୀୟ ବିପର୍ଯ୍ୟୟ ଓ ଅମଳ ପରବର୍ତ୍ତୀ କ୍ଷତି ପାଇଁ ହେଉଥିବା ଦାବି ଓ ସେଥିଲାଗି ଦିଆଯାଉଥିବା କ୍ଷତିପୂରଣ ନଗଣ୍ୟ। ତେବେ ଆମ ରାଜ୍ୟର କେତେକ ଅଞ୍ଚଳର ଫସଲବୀମା କ୍ଷତିପୂରଣ ପାଇଁ ଚାଷୀମାନେ ଯେଉଁ ଆନ୍ଦୋଳନ କରୁଛନ୍ତି ତାହା ଠିଆ ହୋଇଥିବା ଫସଲର ବୁଣାଠାରୁ ଅମଳ ପର୍ଯ୍ୟନ୍ତ କ୍ଷତିପୂରଣ ଲାଗି ବିକ୍ଷୋଭ । ଦୂରଦର୍ଶନ ଓ ଖବର କାଗଜରେ ଖବର ଅନୁଯାୟୀ ଚାଷୀମାନେ କେଉଁ ପଞ୍ଚାୟତରେ ଫସଲବୀମା ଆଦୌ ନ ମିଳିବା, କେଉଁ ପଞ୍ଚାୟତରେ ଅତିକମ୍ ପରିମାଣରେ କ୍ଷତିପୂରଣ ମିଳିବା ଏବଂ କେତେକ ପଞ୍ଚାୟତ କ୍ଷତିପୂରଣ ପାଇଁ ହକ୍‌ଦାର ଥିଲେ ମଧ୍ୟ କ୍ଷତିପୂରଣ ନ ମିଳିବା ଇତ୍ୟାଦି କାରଣ ଲାଗି କୃଷକ ଆନ୍ଦୋଳନ ମୁଣ୍ଡ ଟେକୁଛି।



ଏହି ପରିପ୍ରେକ୍ଷୀରେ ଠିଆ ହୋଇଥିବା ଫସଲ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ କ୍ଷତିପୂରଣ କିଭଳି ମିଳେ ସେ ବିଷୟରେ ପୂର୍ବରୁ ଆମେ ବହୁବାର ଆଲୋଚନା କରିଛୁ। ତେବେ ଏ ସମ୍ପର୍କରେ ଚାଷୀମାନଙ୍କୁ ଆଉଥରେ ଜଣାଇଦେବାକୁ ଉଚିତ ମନେ କରୁଛୁ। କୌଣସି ପଞ୍ଚାୟତର ବିଗତ ତିନିବର୍ଷର ଅମଳ ସମଷ୍ଟିର ହାରାହାରିର ଶତକଡା ୭୦, ୮୦, ୯୦ ଭାଗକୁ ଆମେ ନିଶ୍ଚିତରେ ଉତ୍ପାଦନ ବା ଥ୍ରେସ୍ ହୋଲ୍‌ଡ୍ ଉତ୍ପାଦନ ବୋଲି କହିଥାଉ। ଥ୍ରେସ୍ ହୋଲ୍‌ଡ ଉତ୍ପାଦନ ପାଇଁ କୌଣସି ବର୍ଷର ଫସଲ ଋତୁ ଲାଗି କ୍ଷତି ସ୍ତର କେତେହେବ ତାହା ରାଜ୍ୟ ସରକାର ଫସଲ ଋତୁ ପ୍ରାରମ୍ଭରେ ଅଧିସୂଚିତ କରିଥାନ୍ତି। ଚଳିତ ଋତୁର ଫସଲବୀମା ଯୋଜନାରେ କ୍ଷତିପୂରଣ ଦିଆଯାଇଥାଏ। ଯୋଜନାରେ କ୍ଷତିପୂରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅମଳ ହାର ମାନ୍ୟ ଅଟେ। ଜଣାଯାଏ ଯେ କେତେକ ବୀମାକମ୍ପାନୀ କ୍ଷତିପୂରଣ ରାଶି ଅଧିକ ହେବାରୁ ନିମ୍ନ ତିନିଗୋଟି କାରଣ ଦର୍ଶାଇ ଚାଷୀମାନଙ୍କୁ ବଞ୍ଚିତ କରାଯାଇଛି। ସେଗୁଡିକ ହେଲା-

(୧)ଏରିଆ ଫ୍ୟାକ୍ଟର, (୨) ବୀମିତ ରାଶି ଫ୍ୟାକ୍ଟର, (୩) ଇଲ୍‌ଡରେଟ୍ ବା ଅମଳ ହାର ଫ୍ୟାକ୍ଟର।

ଏରିଆ ଫ୍ୟାକ୍ଟର ଲାଗି ବୀମା କମ୍ପାନୀଗୁଡ଼ିକର ଯୁକ୍ତି ହେଲା ବୀମିତ ଏରିଆ ପଞ୍ଚାୟତର ଚାଷ ହେଉଥିବା ଏରିଆଠାରୁ ଅଧିକ। ଏହା ପ୍ରାସଙ୍ଗିକ ହେଲେ ମଧ୍ୟ ଯୁକ୍ତିସଙ୍ଗତ ନୁହେଁ। ରାଜ୍ୟ ସରକାରଙ୍କ ପାଖରେ ପଞ୍ଚାୟତର କେତେ ଜମିରେ ଧାନଚାଷ କରାଯାଉଛି ତାହାର ଡାଟା ନ ଥିଲା ବେଳେ ବୀମା କମ୍ପାନୀଙ୍କ ଏ ଯୁକ୍ତି ଅଯୌକ୍ତିକ ଏବଂ କୃଷକ କଲ୍ୟାଣ ସକାଶେ ଉଦ୍ଦିଷ୍ଟ ନୁହେଁ।

ଦ୍ୱିତୀୟ ଫ୍ୟାକ୍ଟର ହେଲା ବୀମିତ ରାଶି ଫ୍ୟାକ୍ଟର ଗୋଟିଏ ହେକ୍ଟର ଫସଲ ପାଇଁ ସ୍କେଲ ଅଫ୍ ଫାଇନାନ୍ସକୁ ଆଧାରକରି ଫସଲ ଋତୁ ପ୍ରାରମ୍ଭରେ ସରକାରଙ୍କ ତରଫରୁ ହେକ୍ଟର ପିଛା ବୀମିତ ରାଶି ବିଭିନ୍ନ ଜିଲା ପାଇଁ କେତେ ହେବ ତାହା ଅଧିସୂଚିତ କରାଯାଏ। ବୀମିତ ରାଶିରେ ଏରିଆ ଗୁଣାଯାଇ ସମୁଦାୟ ବୀମିତ ରାଶି ସ୍ଥିର ହୁଏ ଏବଂ ସମୁଦାୟ ବୀମିତ ରାଶିରେ ପ୍ରିମିୟମ ଦର ଗୁଣାଯାଇ ପ୍ରିମିୟମ ନିଆଯାଇଥାଏ। ଋଣୀ ଚାଷୀମାନଙ୍କ ପାଇଁ ବୀମିତ ରାଶି ଋଣ ଦେଉଥିବା ବ୍ୟାଙ୍କ ଏବଂ ଅଣଋଣୀ ଚାଷୀ ସ୍ୱୟଂ ନିଜନିଜର ବୀମିତ ରାଶି ଘୋଷଣା କରନ୍ତି। କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ବୀମା କମ୍ପାନୀର କ୍ଷତିପୂରଣ ରାଶି ଅଧିକ ହୋଇଗଲା ବୋଲି ଚାଷୀର ବୀମିତ ରାଶିକୁ କମାଇ କମ୍ କ୍ଷତିପୂରଣ ଦେବା ସାଧାରଣରେ ଗ୍ରହଣଯୋଗ୍ୟ ହେଉନି।

ତୃତୀୟ ଫ୍ୟାକ୍ଟର ହେଲା ଇଲ୍‌ଡ୍ ଫ୍ୟାକ୍ଟର। କୌଣସି ବୀମା କମ୍ପାନୀ ଯଦି କ୍ଷତିପୂରଣ ଦେବା ପାଇଁ ଇଲ୍‌ଡ୍ ଫ୍ୟାକ୍ଟର ଲଗାଉଥାନ୍ତି ତାହା ଦୁର୍ଭାଗ୍ୟଜନକ ଓ ଚାଷୀ ହିତର ପରିପନ୍ଥୀ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷତିପୂରଣର ଗଣନା ଲାଗି କେବଳ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅମଳହାର ମାନ୍ୟ ହେବ। ଅନ୍ୟ କୌଣସି ପଦ୍ଧତି ଅବଲମ୍ବନ କରି କେହି ଯଦି ଅମଳ ହାରକୁ ପରିବର୍ତ୍ତନ କରି କ୍ଷତିପୂରଣ ଦିଏ ତାହା ଆଇନତଃ ମାନ୍ୟ ନୁହେଁ। କ୍ଷତିପୂରଣ ପାଇଁ ଯଦି ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥାନ୍ତି ତା'ହେଲେ ସେମାନେ ଅଭିଜ୍ଞ ବ୍ୟକ୍ତିଙ୍କଠାରୁ ବୈଷୟିକ ଓ ଆଇନଗତ ପରାମର୍ଶ ନେଇ ଏହାର ପ୍ରତିରୋଧ କରନ୍ତୁ। କ୍ଷତିପୂରଣ ରାଶି ଚାଷୀର ଲୋନ୍ ଖାତାରେ ଜମା କରାଯାଇଥାଏ। ଫସଲବୀମା କ୍ଷତିପୂରଣ ଦେବା ପାଇଁ ଅହେତୁକ ବିଳମ୍ବ ଚାଷୀମାନଙ୍କୁ ହତୋତ୍ସାହିତ କରୁଛି ଓ ଯାହାର ଫଳସ୍ୱରୂପ ସେମାନେ ମାନସିକ ଭାରସାମ୍ୟ ହରାଉଛନ୍ତି। କ୍ଷତିପୂରଣ ରାଶି ମିଳିବାରେ ବିଳମ୍ବ ହେତୁ ଚାଷୀ ନେଇଥିବା ଋଣ ଉପରେ ସୁଧ ଦେଉଛନ୍ତି ଯାହା ସେମାନଙ୍କ ଉପରେ ଗୋଟିଏ ଅଦରକାରୀ ଆର୍ଥିକ ବୋଝ। ଏହି ସମସ୍ୟା ଯୋଗୁ ଅନେକ ଅଞ୍ଚଳରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରୁଛନ୍ତି। ସରକାର ଓ ବୀମା କମ୍ପାନୀଗୁଡ଼ିକ କାଳ ବିଳମ୍ବ ନ କରି ଏ ସମସ୍ୟାର ଆଶୁ ସମାଧାନ କରନ୍ତୁ ନଚେତ୍ ଚାଷୀମାନେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବାଧ୍ୟ ହୋଇପାରନ୍ତି।

*-ପୂର୍ବତନ ଚିଫ୍ ରିଜିଓନାଲ ମ୍ୟାନେଜର, ଏଗ୍ରିକଲଚର ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲିଃ, ମୋ: ୭୮୯୪୩୩୫୩୭୧*

## ଧାନଫସଲର ମାଟିଆଗୁଣ୍ଡି ପୋକ ନିୟନ୍ତ୍ରଣ



(ଦ୍ୱିତୀୟ ଭାଗ)

**ଚ**କଡ଼ା ପୋକର ଜାତି ସବୁ ଧାନ କିଆରି ପାଣିରେ ବିଭିନ୍ନ ଜାଗାରେ ଭାସୁଥିବା ଓ ଗଛର ଜଳଭାଗରେ ଲାଗି ରହିବା ଦେଖାଯିବ। -କୀଟର ପାଟିରୁ ନିର୍ଗତ ରସରେ 'ସୁଟିମୋଲ୍ଡ' କବକର ବୃଦ୍ଧି ଯୋଗୁ ଗଛର ମୂଳ ଅଂଶ କଳା ଦେଖାଯିବ। -ଏହି କୀଟ ଦ୍ୱାରା ସଂକ୍ରମିତ ଭୂତାଣୁଜନିତ ରୋଗ ଯୋଗୁ ସବୁ ପତ୍ର ହଳଦିଆ ପଡ଼ିଯିବ ଓ ଗଛ ଆଦୌ ବଢ଼ିବ ନାହିଁ।

ଉପରୋକ୍ତ ଲକ୍ଷଣଗୁଡିକରୁ ମାଟିଆଗୁଣ୍ଡି ପୋକର ଉପସ୍ଥିତିର ସୂଚନା ମିଳେ ଓ ସାଧାରଣ ପଦ୍ଧତିରେ ମଧ୍ୟ ଛୋଟ ବାଡ଼ିଖଣ୍ଡିଏ ଦ୍ୱାରା ନିର୍ଦ୍ଦିଷ୍ଟ କେତେକ ଧାନବୁଦାକୁ ହଲଚଲ କଲେ ଏହି କୀଟ ପାଣିକୁ ଡେଇଁ ପୁଣି ଗଛକୁ ଡେଇଁ ବସିବାକୁ ଗଣନାକରି ସେହି ଅନୁସାରେ ଉପଯୁକ୍ତ ନିୟନ୍ତ୍ରଣ ପ୍ରଣାଳୀ ଅବଲମ୍ବନ କରାଯାଇପାରେ।

**ଚକଡ଼ା ପୋକ ନିୟନ୍ତ୍ରଣ ପାଇଁ -**

ଚାଷ ପଦ୍ଧିତ : ଉପର ବର୍ଣ୍ଣିତ ପ୍ରଣାଳୀ ଦ୍ୱାରା କୀଟର ଉପସ୍ଥିତି ଜାଣିବା ପରେ ଆକ୍ରମିତ କିଆରିରୁ ପାଣି ନିଷ୍କାସନ କରିବା ଆବଶ୍ୟକ। -ଜମି କିସମକୁ ବିଚାରକୁ ନେଇ ଉପଯୁକ୍ତ ମାତ୍ରାର ସାର ପରିମାଣ ନିର୍ଣ୍ଣୟ କରି ଯବକ୍ଷାରଜାନକୁ ଭାଗ ଭାଗ କରି ତା'ସହିତ ଉପଯୁକ୍ତ ପରିମାଣରେ ପୋଟାସ୍ ମିଶାଇ ପ୍ରୟୋଗ କରନ୍ତୁ।

**ଜୈବ ନିୟନ୍ତ୍ରଣ :** ଉପଯୁକ୍ତ ଚାଷ ପ୍ରଣାଳୀ, ଠିକ୍ କୀଟନାଶକର ଉପଯୁକ୍ତ ପରିମାଣ ଓ ସମୟରେ ପ୍ରୟୋଗ କରିବା ଜରୁରୀ।

-ଏହି କୀଟକୁ ଶିକାର କରି ନିୟନ୍ତ୍ରଣରେ ରଖୁଥିବା ବୁଢିଆଣୀ ଓ ଶାଗୁଆ ଶୁଣ୍ଢାକୀଟର ସଂରକ୍ଷଣ ଓ ବଂଶବୃଦ୍ଧି ପାଇଁ କେବଳ କୀଟ ସଂଖ୍ୟା ଆର୍ଥିକ ଦେହଳୀସୀମା ଅତିକ୍ରମ ପରେ ଉପଯୁକ୍ତ କୀଟନାଶକ ସିଫନ କରିବା ଆବଶ୍ୟକ।

**ଉଦ୍ଭିଦଜାତ କୀଟନାଶକ ପ୍ରୟୋଗ :** କୀଟସଂଖ୍ୟା ଆର୍ଥିକ ଦେହଳୀ ସୀମା ଅତିକ୍ରମ ନ କରିବା ପାଇଁ ପ୍ରତିଷେଧକ ପ୍ରଣାଳୀ ହିସାବରେ ପୋକ ସଂଖ୍ୟା ବୁଦା ପିଛା ୩-୫ଟି ଥିବା ଅବସ୍ଥାରେ ଲିଟର ପ୍ରତି ୩-୪ ମିଲି ନିମ୍ବତେଲ/ ନିମ୍ବଜାତୀୟ ବିଷ ୫% ନିମ୍ବ ମଞ୍ଜି ଉଦ୍ଧୃତାଂଶ ନିର୍ଦ୍ଦିଷ୍ଟ ପରିମାଣର (୫୦୦ମିଲି) ସାବୁନ୍ ଗୁଣ୍ଡ ବା ସାମ୍ପୋ ମିଶାଇ ପ୍ରୟୋଗ କରିବା ବିଧେୟ।

-ପାଣି ମରିଚ ପତ୍ର ୨୦ଗ୍ରାମକୁ ବାଟି ୧ଲଟିର ପାଣିରେ ମିଶାଇ ସେଥିରେ ଉପଯୁକ୍ତ ପରିମାଣରେ ସର୍ଫ /ସାବୁନ ପାଣି ମିଶାଇ ସିଞ୍ଚନ କଲେ ଏହା ଆର୍ଥିକ ଦେହଳୀ ସୀମା ଅତିକ୍ରମ କରିବ ନାହିଁ।

**ରାସାୟନିକ ପ୍ରଣାଳୀ:** ଧାନବୁଦା ପିଛା ୧୦ ପୋକ ପହଞ୍ଚିବା ପରେ ଯେକୌଣସି ନୂତନ ପାଣି କୀଟନାଶକ ଯଥା ଫ୍ଲୋନିକାମିଡ୍/ ପାଇମେଟ୍ରୋଜାଇନ୍/ ଥାୟାମେଥୋକ୍ସମ ୧ ଗ୍ରାମ ୪ଲିଟର ପାଣି, ଓ୍ୱାଇନେକାର୍ବୋଫୁରାନ୍/ ଫିପ୍ରୋନିଲ୍ ୧୦ମିଲି / କ୍ଲୋଥିଆନିଦିନ୍ ୧ଗ୍ରାମ, ୧୦ ଲିଟର ପାଣି ବ୍ୟୁପ୍ରୋଫେଜିନ୍ ୧ଗ୍ରାମ ୧ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ଏହି ପୋକ ଧାନର ଥୋଡ଼ ବାହାରିବା ସମୟରେ କାଣ୍ଡବିନ୍ଧା କୀଟସହ ଦେଖାଗଲେ ହେକ୍ଟର ପିଛା କ୍ଲୋରୋଣ୍ଟ୍ରିନିଲି ପ୍ରୋଲେ ୧୦ କି.ଗ୍ରା./ କାର୍‌ଟାପ୍‌ହାଇଡ୍ରୋ କ୍ଲୋରାଇଡ୍ ୨୫ କି.ଗ୍ରା./ ଫିପ୍ରୋନିଲ୍ ୧୦ କି.ଗ୍ରା. ପ୍ରୟୋଗ କରିବା ଆବଶ୍ୟକ।

**ବି.ଦ୍ର:** ପୋକକୁ ଠାବକରିବାରେ ବିଳମ୍ବ ହୋଇଗଲେ ଓ ମାଈପୋକ ଅଣ୍ଡା ଦେଇ ସାରିଥିବାର ସୂଚନା ମିଳିଲେ ୧୦ ଦିନ ଅନ୍ତରରେ ଆଉଥରେ ଉପରୋକ୍ତ କୀଟନାଶକ ସିଞ୍ଚନ କରିବା ବିଧେୟ।

*-ଦେବବ୍ରତ ପାଣିଗ୍ରାହୀ, ମୋ:୯୪୩୭୨୭୨୦୦୯*

## ସପୁରି ଚାଷ



**ଯେ**ଉଁ ଚାଷୀଭାଇମାନେ ସପୁରି ଚାଷ କରୁଛନ୍ତି ଆଉ ବିଳମ୍ବ ନ କରି ସପୁରି ଲଗାଇବା କାମ ଶେଷ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୮-୧୦ଟନ ଶଢ଼ା କମ୍ପୋଷ୍ଟ ସହ ୧୦କି.ଗ୍ରା. କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏଥିସହିତ ଏକର ପ୍ରତି ୫୦୦କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ ଓ ୨୦୦କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ପ୍ରୟୋଗ କରନ୍ତୁ। ନାଳୀ ପ୍ରଣାଳୀରେ ଚାରା ଲଗାନ୍ତୁ। ଚାରାଗୁଡିକ ୩୦ ସେ.ମି. ଚଉଡା ଓ ୧୫ସେ.ମି. ଗଭୀରରେ ନାଳି କରି ଲଗାନ୍ତୁ। ଧାଡିକୁ ଧାଡି ୬୦ସେ.ମି. ଓ ଗଛକୁ ଗଛ ୩୦ସେ.ମି. ବ୍ୟବଧାନରେ ଦୁଇଧାଡିଆ କରି ଲଗାନ୍ତୁ। ଧାଡ଼ିକୁ ଧାଡ଼ିରେ ବ୍ୟବଧାନ ୯୦ସେ.ମି. ରହିବା ଦରକାର। ଏହି ପ୍ରଣାଳୀରେ ଏକର ପ୍ରତି ୨୦,୦୦୦ଟି ଚାରା ଆବଶ୍ୟକ ହୋଇଥାଏ। ଚାରା ଲଗାଇବା ସମୟରେ ସଦ୍ୟ ପୁଆ ନ ଲଗାଇ ୫-୭ଦିନ ଛାଇରେ ଶୁଖାଇ ଦିଅନ୍ତୁ। କବକଜନିତ ରୋଗ ଓ କୀଟ ଆକ୍ରମଣରୁ ପୁଆକୁ ରକ୍ଷା କରିବା ପାଇଁ ପୁଆର ମୂଳରୁ ଶୁଖିଲା ପତ୍ରଗୁଡିକୁ ସଫାକରି ମିଥାଇଲ୍ ପାରାଥିଅନ୍ ଲିଟର ପ୍ରତି ୨ ମି.ଲି. କିମ୍ବା ଡାଇଫୋଲଟାନ୍ ଲିଟର ପ୍ରତି ୫ଗ୍ରାମ୍ ଦ୍ରବଣରେ ବୁଡାଇ ଲଗାନ୍ତୁ। ସପୁରି ଲଗାଇବା ସକାଶେ ଯେଉଁ ଚାଷୀଭାଇମାନେ ଏ ପର୍ଯ୍ୟନ୍ତ ଜମି ପ୍ରସ୍ତୁତି କରିପାରିନାହାନ୍ତି ଏବଂ ଚାରାଗୁଡିକୁ କିଛିଦିନ ବାଡିରେ ସାଇତି ରଖିବାକୁ ଚାହୁଁଛନ୍ତି ସେମାନେ ୫ଗ୍ରାମ୍ ଡିଥେନ୍ ଏମ୍-୪୫କୁ ଏକ ଲିଟର ପାଣିରେ ଦ୍ରବଣକରି ସପୁରି ଚାରା ଉପରେ ସ୍ପ୍ରେ କରନ୍ତୁ। ତା'ପରେ ଖରାରେ ଶୁଖିବାକୁ ଛାଡିଦିଅନ୍ତୁ। ତାହାକୁ ତଳିଘରାରେ ଧାଡିକୁ ଧାଡି ୧୮ସେ.ମି. ଓ ଗଛକୁ ଗଛ ୧୮ସେ.ମି. ବ୍ୟବଧାନରେ ଲଗାନ୍ତୁ।



## ସଂକ୍ଷେପରେ

### ଟେଲିକମ୍ ସେକ୍ଟରରେ ୬୫ ହଜାର ଚାକିରି ହରାଇବେ

**ନୂଆଦିଲ୍ଲୀ,୨୩-୧୦:** ଟେଲିକମ ସେକ୍ଟରରେ ଏବେ ମିଶ୍ରଣ ପର୍ବ ଜାରି ରହିଛି। ଫଳରେ କମ୍ପାନୀମାନେ କର୍ମଚାରୀଙ୍କ ସଂଖ୍ୟା କମାଇବାରେ ଲାଗିଛନ୍ତି। ପରିଚାଳନାଗତ ଦକ୍ଷତା ବୃଦ୍ଧିକୁ ଦୃଷ୍ଟିରେ ରଖି ଛଟେଇ କରାଯିବ। କାରଣ ଅପରେଟର, ଭିତ୍ତିଭୂମି, ଟାୱାର କମ୍ପାନୀ ଏବଂ ସହଯୋଗୀ ରିଟେଲ ସେବା ଯୋଗାଣକାରୀ ଛଟେଇ ଉପରେ ଗୁରୁତ୍ୱ ଦେଉଛନ୍ତି। କଷ୍ଟମର ସପୋର୍ଟ ଓ ଫାଇନାନ୍ସିଆଲ ଭର୍ଟିକିଲ୍‌ରେ କ୍ରମଶଃ ୮ ହଜାର ଓ ୭ ହଜାର ଛଟେଇ ହେବେ ବୋଲି ଅନୁମାନ କରାଯାଉଛି। ଟିମ୍‌ଲିଜ୍‌ର ସହ ପ୍ରତିଷ୍ଠାତା ଋତୁପର୍ଣ୍ଣା ଚକ୍ରବର୍ତ୍ତୀଙ୍କ ମତରେ ଟେଲିକମ୍ ସେକ୍ଟରରେ ଛଟେଇ ପ୍ରକ୍ରିୟା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଗଲାଣି। ୨୦୧୯ ପରେ ଛଟେଇ ବନ୍ଦ ହେବ ଏବଂ ସେ ସ୍ଥାନରେ କମ୍ପାନୀମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ବିଗ୍ ଡାଟାରେ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେବେ। ସେ କହିଛନ୍ତି ଯେ, ୨୦୧୯ ମାର୍ଚ୍ଚ ସୁଦ୍ଧା ୬୫ ହଜାର କର୍ମଚାରୀ ଛଟେଇ ହେବେ।

### ଷ୍ଟର୍ଲିଂ ବାୟୋଟେକ୍ ମାମଲା
### ଇଡିର ଆଉ ଏକ ଚାର୍ଜଶିଟ୍ ଦାଖଲ

**ନୂଆଦିଲ୍ଲୀ,୨୩-୧୦:** ପାଞ୍ଚ ହଜାର କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଙ୍ଗଳବାର ଦିଲ୍ଲୀର ଏକ କୋର୍ଟରେ ଗୁଜରାଟ କମ୍ପାନୀ ଷ୍ଟର୍ଲିଂ ବାୟୋଟେକ୍ କମ୍ପାନୀ ବିରୋଧରେ ସହାୟକ ଚାର୍ଜଶିଟ୍ ଦାଖଲ କରିଛି। ଅତିରିକ୍ତ ସେସନ୍ସ ବିଚାରପତି ସତୀଶ କୁମାର ଅରୋରାଙ୍କ ଅଦାଲତରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ଷ୍ଟର୍ଲିଂ ବାୟୋଟେକ୍ ଆନ୍ଧ୍ର ବ୍ୟାଙ୍କରୁ ୫୦୦୦ କୋଟି ଟଙ୍କାର ଋଣ ନେଇ ଆଉ ପରିଶୋଧ କରି ନ ଥିଲା। ପରବର୍ତ୍ତୀ ସମୟରେ ଏହା ଅନାଦାୟ ଋଣ ବା ଏନ୍‌ପିଏରେ ପରିବର୍ତ୍ତିତ ହୋଇଥିଲା ବୋଲି ଇଡି ପୂର୍ବର ଚାର୍ଜଶିଟ୍‌ରେ ଦର୍ଶାଇଥିଲା।

### ଏରିକସନ୍‌କୁ ୫୫୦ କୋଟି ବକେୟା ପ୍ରଦାନ
### ଅନିଲ ଅମ୍ବାନୀଙ୍କୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ମହଲତ




**ନୂଆଦିଲ୍ଲୀ,୨୩-୧୦:** ସ୍ୱିଡେନ କମ୍ପାନୀ ଏରିକସନ୍‌କୁ ୫୫୦ କୋଟି ଟଙ୍କାର ବକେୟା ପ୍ରଦାନ ମାମଲାରେ ଶିଳ୍ପପତି ଅନିଲ ଅମ୍ବାନୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ମଙ୍ଗଳବାର ଶୁଣାଣି ପରେ ସୁପ୍ରିମକୋର୍ଟ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍)କୁ ବକେୟା ପ୍ରଦାନ ଲାଗି ଡିସେମ୍ବର ୧୫ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ତେବେ ଏହା ପରେ ଆଉ ସମୟସୀମା ବୃଦ୍ଧି କରାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହିତ ଆର୍‌କମ୍ ବାର୍ଷିକ ୧୨% ହାରରେ ଏରିକସନ୍‌କୁ ସୁଧ ଦେବ। ସ୍ପେକ୍ଟ୍ରମ ବିକ୍ରି ନ ହେବା କାରଣରୁ ବକେୟା ପ୍ରଦାନ ଲାଗି ଆର୍‌କମ୍ ଅଦାଲତ ଠାରୁ ଆହୁରି ୬୦ ଦିନର ସମୟ ମାଗିଥିଲା।

### ପ୍ରଦୂଷଣ ସାର୍ଟିଫିକେଟ
### ଗାଡି ମାଲିକ ଦେବେ ୧୮% ଜିଏସ୍‌ଟି

**ନୂଆଦିଲ୍ଲୀ,୨୩-୧୦:** ଗାଡି ଚଳାଇବା ଲାଗି ପ୍ରଦୂଷଣ ସାର୍ଟିଫିକେଟ ହାସଲ କରିବାକୁ ହେଲେ ଗାଡି ମାଲିକଙ୍କୁ ୧୮% ହାରରେ ଜିଏସ୍‌ଟି ଦେବାକୁ ପଡିବ। ଅଥରିଟି ଫର୍ ଆଡଭାନ୍ସ ରୁଲିଂ(ଏଏଆର୍) ଏହା କହିଛନ୍ତି। ରାଜ୍ୟ ସରକାରଙ୍କ ବଦଳରେ 'ପ୍ରଦୂଷଣ ନିୟନ୍ତ୍ରିତ' ସାର୍ଟିଫିକେଟ ଜାରି କରିବା ଲାଗି ସେବା ଯୋଗାଣକାରୀଙ୍କୁ ଜିଏସ୍‌ଟି ଅଧୀନରେ ଛାଡ ସୁବିଧା ମିଳିବ କି ଜାଣିବାକୁ ଚାହିଁ ଭେଙ୍କଟେଶ ଅଟୋମୋବାଇଲ ପକ୍ଷରୁ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି ଏଏଆର୍ ଗୋଆ ବେଞ୍ଚ ଉକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ନିର୍ଦ୍ଦେଶରେ କୁହାଯାଇଛି ଯେ, ସର୍ଭିସେସ୍ ଆକାଉଣ୍ଟିଂ କୋଡ ୯୯୯୧ ଅଧୀନରେ ପ୍ରଦୂଷଣ ସାର୍ଟିଫିକେଟ ଜାରି କରାଯାଉନି। ଏଣୁ ସେବା ପ୍ରଦାନକାରୀଙ୍କୁ ୧୮% ହାରରେ ଜିଏସ୍‌ଟି ଦେବାକୁ ହେବ। ଉଲ୍ଲେଖଥାଉ କି, ପ୍ରଦୂଷଣ କରୁ ନ ଥିବା ଗାଡି ଭାବେ ଦର୍ଶାଇବା ଲାଗି ପ୍ରଦୂଷଣ ନିୟନ୍ତ୍ରିତ ବୋଲି ସାର୍ଟିଫିକେଟ ହାସଲ କରିବା ବାଧ୍ୟତାମୂଳକ। ଏହା ନ ଥିଲେ ଗାଡି ଚଳାଇବା ବେଆଇନ।

> ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ଉତ୍ପାଦ ଦ୍ୱାରା ଏକ ବିଶ୍ୱ ସ୍ତରୀୟ ମାନୁଫାକଚରର ହେବାକୁ ସକ୍ଷମ ହୋଇଛୁ।
> – ବେଣୁ ଶ୍ରୀନିବାସନ, ଅଧ୍ୟକ୍ଷ , ଟିଭିଏସ୍ ମୋଟର



> ଦେଶର କର୍ପୋରେଟ ଗଭର୍ନାସକୁ ଦୃଢ କରିବା ପାଇଁ ଅଡିଟରଙ୍କ ଲାଗି ଥିବା ନିୟମକୁ ସରକାର କଡାକଡି କରିବାକୁ ଯୋଜନା ରଖିଛନ୍ତି।
> – ଇଞ୍ଜେଟି ଶ୍ରୀନିବାସ, କର୍ପୋରେଟ ବ୍ୟାପାର ସଚିବ



## ପେଟ୍ରୋଲ ପମ୍ପ ପ୍ରତିଷ୍ଠା
# ଘରୋଇ କମ୍ପାନୀଙ୍କୁ ମିଳିବ ଅଧିକ ସୁଯୋଗ

**ନୂଆଦିଲ୍ଲୀ,୨୩-୧୦**

- ଲାଇସେନ୍ସ ନିୟମ କୋହଳ କରିବେ ସରକାର
- ଗଠିତ ହେଲା ବିଶେଷଜ୍ଞ କମିଟି
- ୬୦ ଦିନ ଭିତରେ ଦେବେ ରିପୋର୍ଟ



ତୈଳ ବିପଣନ କ୍ଷେତ୍ରରେ ଅଧିକରୁ ଅଧିକ ସଂଖ୍ୟାରେ ଘରୋଇ କମ୍ପାନୀଙ୍କୁ ସାମିଲ କରି ପ୍ରତିଯୋଗିତା ବଢ଼ାଇବାକୁ କେନ୍ଦ୍ର ସରକାର ଏବେ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି। ଲାଇସେନ୍ସ ନିୟମକୁ କୋହଳ କରିବା ସହ ପୁଞ୍ଜିନିବେଶରେ ରହିଥିବା ବାଧ୍ୟବାଧକତା ଦୂର କରିବାକୁ ସରକାର ଚାହାନ୍ତି। ଏହାଦ୍ୱାରା ଘରୋଇ କମ୍ପାନୀ ଦେଶରେ ଅଧିକରୁ ଅଧିକ ସଂଖ୍ୟାରେ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ଲାଗି ପ୍ରୋତ୍ସାହିତ ହେବେ। ଏହାକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଏହି କମିଟି ଲାଇସେନ୍ସ ନିୟମକୁ କିଭଳି କୋହଳ କରାଯାଇପାରିବ ସେ ନେଇ ସରକାରଙ୍କୁ ସୁପାରିସ କରିବେ।

ପ୍ରଚଳିତ ନିୟମ ଅନୁଯାୟୀ ଦେଶରେ ପେଟ୍ରୋଲ ପମ୍ପ ସ୍ଥାପନ କରିବାକୁ ହେଲେ ନିବେଶକାରୀ କମ୍ପାନୀକୁ ତୈଳ କ୍ଷେତ୍ରରେ ଖନନ, ଉତ୍ପାଦନ, ବିଶୋଧନ, ପାଇପଲାଇନ ଅଥବା ତରଳ ବାଷ୍ପ ଟର୍ମିନାଲ ପ୍ରତିଷ୍ଠା ଲାଗି ଅନ୍ୟୁନ ୨୦୦୦ କୋଟି ଟଙ୍କା ବିନିଯୋଗ କରିବାକୁ ପଡିଥାଏ। ଏହି କାରଣରୁ ଘରୋଇ କମ୍ପାନୀମାନେ ଏଥିରୁ ଦୂରେଇ ଯାଉଛନ୍ତି। ଫଳରେ ପ୍ରତିଯୋଗିତା ଅଭାବରୁ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀମାନେ ଏକଚାଟିଆ କାରବାର କରୁଛନ୍ତି। ଏହାକୁ ଦୂର କରିବା ସରକାରଙ୍କ ଉଦ୍ଦେଶ୍ୟ।

ଗଠିତ ବିଶେଷଜ୍ଞ କମିଟି ପେଟ୍ରୋଲ, ଡିଜେଲ ଓ ବିମାନ ଇନ୍ଧନର ମାର୍କେଟିଂ ଲାଗି ପ୍ରଚଳିତ ଗାଇଡଲାଇନକୁ କିଭଳି କୋହଳ କରାଯାଇପାରିବ ସେ ନେଇ ବିଚାର କରିବେ। ଏହି କମିଟିରେ ବିଶିଷ୍ଟ ଅର୍ଥନୀତିଜ୍ଞ କିରୀଟ୍ ପାରେଖ, ପୂର୍ବତନ ତୈଳ ସଚିବ ଜି.ସି. ଚତୁର୍ବେଦୀ, ଇଣ୍ଡିଆନ ଅଏଲ କର୍ପୋରେଶନର ପୂର୍ବତନ ଅଧ୍ୟକ୍ଷ ତଥା ଆଇଆଇଏମ୍ ଅହମ୍ମଦାବାଦର ଅଧ୍ୟକ୍ଷ ଏମ୍.ଏ. ପଠାନ ରହିଛନ୍ତି। ସମସ୍ତଙ୍କ ସହ ଆଲୋଚନା ପରେ ୬୦ ଦିନ ଭିତରେ କମିଟି ତାଙ୍କର ସୁପାରିସ ସରକାରଙ୍କୁ ଜଣାଇବେ। ତୈଳ ବିପଣନରେ ଘରୋଇ କମ୍ପାନୀଙ୍କ ଅଂଶଗ୍ରହଣରେ ଥିବା ବାଧା ନେଇ କମିଟି ବିଚାର କରିବେ। ଉଲ୍ଲେଖଥାଉ କି, ଦେଶରେ ଏବେ ୬୩,୪୯୮ ପେଟ୍ରୋଲ ପମ୍ପ ରହିଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୯୯.୯ ପ୍ରତିଶତ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ)ଙ୍କ ନିକଟରେ ରହିଛି। ଏହାବାଦ୍ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ନାୟାରା ଏନର୍ଜି (ପୂର୍ବତନ ଏସାର ଅଏଲ) ଓ ରୟାଲ ଡଚ୍ ସେଲ୍ ଭଳି ଘରୋଇ କମ୍ପାନୀଙ୍କ ପେଟ୍ରୋଲ ପମ୍ପ ରହିଛି। ଦେଶର ସର୍ବବୃହତ ରିଫାଇନିଂ କମ୍ପ୍ଲେକ୍ସ ଥିବା ରିଲାଏନ୍ସର ମାତ୍ର ୧୪୦୦ଟି, ନାୟାରାର ୪୮୩୩ଟି ଏବଂ ସେଲ୍‌ର ୧୧୪ଟି ପେଟ୍ରୋଲ ପମ୍ପ ରହିଛି। ବ୍ରିଟେନର ବିପି ପିଏଲ୍‌ସିକୁ ଗତ କିଛି ବର୍ଷ ପୂର୍ବେ ଦେଶରେ ୩୫୦୦ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପାଇଁ ଲାଇସେନ୍ସ ଦିଆଯାଇଥିଲା। କିନ୍ତୁ ଏହି କମ୍ପାନୀ ଆଜିଯାଏ ଗୋଟିଏ ହେଲେ ପ୍ରତିଷ୍ଠା କରିନାହିଁ। ଫ୍ରାନ୍ସର ସର୍ବବୃହତ ଏନର୍ଜି କମ୍ପାନୀ ଟୋଟାଲ୍ ଭାରତର ଆଦାନୀ ଗ୍ରୁପ୍ ସହ ମିଶି ଆସନ୍ତା ୧୦ ବର୍ଷରେ ଦେଶରେ ୧୫୦୦ ପେଟ୍ରୋଲ ପମ୍ପ ପ୍ରତିଷ୍ଠା କରିବାକୁ ଯୋଜନା କରିଛି ବୋଲି ସପ୍ତାହକ ପୂର୍ବେ ଘୋଷଣା କରିଛି। ତୈଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ତୈଳ ବିପଣନ କ୍ଷେତ୍ରରେ ଅଧିକରୁ ଅଧିକ ଘରୋଇ କମ୍ପାନୀ ଯେପରି ଭାଗ ନେଇପାରିବେ ସେଥିପ୍ରତି ସରକାର ଏବେ ଯତ୍ନଶୀଳ। ତୈଳ ବିପଣନ କ୍ଷେତ୍ରରେ ଅଧିକ ଘରୋଇ କମ୍ପାନୀଙ୍କ ପ୍ରବେଶ ଯୋଗୁ ପ୍ରତିଯୋଗିତା ବଢ଼ିବ। ଫଳରେ ଗ୍ରାହକଙ୍କୁ ଅଧିକ ସେବା ମିଳିବ।

## ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଡବଲ ଧମାକା ଅଫର

**ଭୁବନେଶ୍ୱର,୨୩-୧୦**

Mahindra Rise.

ପାର୍ବଣ ଅବସରରେ ପ୍ରମୁଖ ଅଟୋମୋବାଇଲ୍ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଡବଲ ଧମାକା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫରର ଲାଭ ଗ୍ରାହକମାନେ ଅକ୍ଟୋବର ପହିଲାରୁ ନଭେମ୍ବର ୩୦ ଯାଏ ଉଠାଇ ପାରିବେ। କମ୍ପାନୀର ମାରାଜୋ ଏବଂ ଆଲଫା ମଡେଲ ବାଦ ଅନ୍ୟ ସମସ୍ତ ମଡେଲ ଉପରେ ଗ୍ରାହକମାନେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଅତିରିକ୍ତ ଛାଡ ସୁବିଧା ପାଇ ପାରିବେ। ଗ୍ରାହକମାନେ ସର୍ବନିମ୍ନ ୧୦୦୦ ଟଙ୍କାରୁ ସର୍ବାଧିକ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ ଡିସକାଉଣ୍ଟ, ଚଳିତ ମାସର କଞ୍ଜ୍ୟୁମର ଅଫର ସହ ଅନ୍ୟ କେତେକ ଅଫର ଲାଭ କରି ପାରିବେ। ଏଭଳି ପଦକ୍ଷେପ ଗ୍ରାହକଙ୍କୁ ଲାଭ ପ୍ରଦାନ ସହ ଭଲ ରେସପନ୍ସ ଲାଭ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଏନ୍‌ଆଇଏନ୍‌ଏଲ୍‌ରେ ଷ୍ଟିଲ ବିଲେଟ୍ ଉତ୍ପାଦନ ଶୀଘ୍ର

**ଭୁବନେଶ୍ୱର,୨୩-୧୦**

କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍)ରେ ଆସନ୍ତା ମାସଠାରୁ ଷ୍ଟିଲ ବିଲେଟ୍ ଉତ୍ପାଦନ ହେବ। କମ୍ପାନୀ ଶୀଘ୍ର ଏହାର ଷ୍ଟିଲ ମେଲ୍ଟିଂ ଶପ୍‌କୁ ପୁନଃ କାର୍ଯ୍ୟକ୍ଷମ କରାଇବା ସହ ଉନ୍ନତ ମାନର ଷ୍ଟିଲ ବିଲେଟ୍ ଉତ୍ପାଦନ କରିବ ବୋଲି ସୂଚନା ଦେଇଛି। ଚଳିତ ବର୍ଷ ଏପ୍ରିଲରେ କମ୍ପାନୀ ଏହାର ବ୍ଲାଷ୍ଟ ଫର୍ନେସ କ୍ୟାପିଟାଲ ମରାମତି କାର୍ଯ୍ୟକୁ ଶେଷକରିବା ପରେ ହଟ୍ ମେଟାଲ ତଥା ପିଗ୍ ଆଇରନ ଉତ୍ପାଦନରେ ଯଥେଷ୍ଟ ଉନ୍ନତି ହୋଇଥିଲା। କମ୍ପାନୀ ୨.୨୩ ଲକ୍ଷ ଟନ୍ ହଟ୍ ମେଟାଲ ଏବଂ ୧.୯୮ ଲକ୍ଷ ଟନ୍ ପିଗ୍ ଆଇରନ୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଛି। ଏହା ସର୍ବାଧିକ ଦ୍ୱିତୀୟ ତ୍ରୈମାସିକ ଉତ୍ପାଦନ। ଚଳିତ ବର୍ଷର ପ୍ରଥମ ୬ ମାସରେ କମ୍ପାନୀ ୩.୬୭ ଲକ୍ଷ ଟନ୍ ହଟ୍ ମେଟାଲ ଏବଂ ୩.୩୨ ଲକ୍ଷ ପିଗ୍ ଆଇରନ ଉତ୍ପାଦନ କରି ଏହା ରେକର୍ଡ କରିଛି। ବିଲେଟ ଉତ୍ପାଦନ ପରେ ଏହାର କିଛି ଅଂଶ ଟିଏମ୍‌ଟି ବାର୍ ଏବଂ ୱାୟାର ରଡ୍ କନଭର୍ସନ ମାଧ୍ୟମରେ ଉତ୍ପାଦନ କରିବ। ଏକ ଲାଭଦାୟକ ସଂସ୍ଥାରେ ପରିଣତ ହେବାକୁ ଏନ୍‌ଆଇଏନ୍‌ଏଲ୍ ଲକ୍ଷ୍ୟ ରଖିଥିବା କହିଛି।




ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ ସାମଲ ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡାଙ୍କୁ ଏକ୍ସପର୍ଟ ଏକ୍ସିଲେଣ୍ଟ ଆୱାର୍ଡ ପ୍ରଦାନ କରୁଛନ୍ତି।

## ଭାରତୀୟ ଭିଜା ଆବେଦନ
## ବିଦେଶୀ ଜଣାଇବେ ନିଜର ଅପରାଧ ରେକର୍ଡ

**ନୂଆଦିଲ୍ଲୀ,୨୩-୧୦**

ଭାରତରେ ବୁଲାବୁଲି କରିବା ଲାଗି ଭିଜା ଆବେଦନ କରିବା ବେଳେ ଏଣିକି ବିଦେଶୀ ପର୍ଯ୍ୟଟକଙ୍କୁ ନିଜର ଅପରାଧ ରେକର୍ଡ ସମ୍ପର୍କରେ ଜଣାଇବାକୁ ପଡ଼ିବ। ଏହାଛଡା ବିଚାରାଧୀନ ମାମଲା ଯୋଗୁ ସେମାନେ ଭିଜା ପାଇବାରୁ ବଞ୍ଚିତ ହୋଇଛନ୍ତି କି ନା ଜଣାଇବାକୁ ବାଧ୍ୟ ରହିବେ। ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପ୍ରାୟ ଏକ ମାସ ହେବ ଏହି ବ୍ୟବସ୍ଥା ଲାଗୁ କରାଯାଇଛି।

## ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ସାମିଲ ହେଲେ ଆୟୁଷ ପ୍ରତିନିଧି

**ନୂଆଦିଲ୍ଲୀ,୨୩-୧୦**

ଦୀର୍ଘଦିନ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ରେ ଆୟୁଷ ମନ୍ତ୍ରଣାଳୟର ପ୍ରତିନିଧିଙ୍କୁ ସାମିଲ କରାଯାଇଛି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ, ଯୋଗ ଏବଂ ନେଚ୍‌ରୋପାଥିକୁ ସାରା ଦେଶରେ ବିସ୍ତାର କରାଯିବା ଲକ୍ଷ୍ୟରେ ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯିବ। ସେ କହିଛନ୍ତି ଯେ, ପଦବୀ ଥିବା ସତ୍ତ୍ୱେ ଡବ୍ଲ୍ୟୁଏଚ୍‌ଓରେ ଭାରତର ପ୍ରତିନିଧିତ୍ୱ ନ ଥିଲା। ଏବେ ଏଥିରେ ଆୟୁଷର ପ୍ରତିନିଧି ରହିବେ। ଇତିମଧ୍ୟରେ ୧୨ ରାଷ୍ଟ୍ର ସହ ଭାରତର ଚୁକ୍ତି ସ୍ୱାକ୍ଷର ହୋଇଛି। ହରିୟାଣାର ଝାଝରଠାରେ ଇତିମଧ୍ୟରେ ଯୋଗ ଓ ନେଚ୍‌ରୋପାଥି ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯାଇଛି ବୋଲି ସେ ସୂଚନା ଦେଇଥିଲେ।

## ନଭେମ୍ବର ପହିଲାରୁ ଅନ୍‌ଲାଇନରେ ସୁବିଧା

**ନୂଆଦିଲ୍ଲୀ,୨୩-୧୦**

**ଅଣ ସଂରକ୍ଷିତ ଟିକେଟ ବୁକିଂ**

ଅଣସଂରକ୍ଷିତ ଆସନରେ ଯାତାୟାତ କରୁଥିବା ରେଳଯାତ୍ରୀଙ୍କ ପାଇଁ ଖୁସିଖବର। ନଭେମ୍ବର ପହିଲାରୁ ସେମାନେ ଅନଲାଇନରେ ଅଣସଂରକ୍ଷିତ ଆସନ ଲାଗି ଟିକେଟ ବୁକିଂ କରିପାରିବେ। ଭାରତୀୟ ରେଳୱେ ପକ୍ଷରୁ ଏଥିପାଇଁ ୟୁଟିଏସ୍ ମୋବାଇଲ ଆପ୍‌କୁ ସାରାଦେଶରେ ପ୍ରଚଳନ କରାଯିବ। ଏହି ଆପ୍ ଜରିଆରେ ଉକ୍ତ ସୁବିଧା ମିଳିବ। ସୂଚନାଥାଉ କି, ୪ ବର୍ଷ ପୂର୍ବେ ରେଳୱେ ପକ୍ଷରୁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ତେବେ ମୁମ୍ବାଇକୁ ଛାଡି ଦେଲେ ଏହା ଦେଶର ଅନ୍ୟ ସମସ୍ତ ସ୍ଥାନରେ ବିଫଳ ହୋଇଥିଲା। ମୁମ୍ବାଇରେ ଅଧିକାଂଶ ଯାତ୍ରୀ ଲୋକାଲ ଟ୍ରେନ ବ୍ୟବହାର କରୁଥିବାରୁ ଅଣସଂରକ୍ଷିତ ଟିକେଟ କାଟିବା ସେମାନଙ୍କ ପାଇଁ ଏକ ମୁଣ୍ଡବ୍ୟଥା ହେଉଥିଲା। ମୁମ୍ବାଇ ପରେ ଏହାକୁ ଦିଲ୍ଲୀ-ପାଲୱାଲ ଓ ଚେନ୍ନାଇ ସିଟିରେ ଲାଗୁ କରାଯାଇଥିଲା। ଆଜି ସୁଦ୍ଧା ରେଳୱେର ୧୫ ଜୋନ୍‌ରେ ଏହାକୁ ଲାଗୁ କରାଯାଇ ସାରିଲାଣି। ଉତ୍ତର-ପୂର୍ବ ଫ୍ରଣ୍ଟିୟର ରେଳୱେ ଏବଂ ପଶ୍ଚିମ କେନ୍ଦ୍ରୀୟ ରେଳୱେ ଜୋନ୍‌ରେ ଏହା ବାକି ରହିଛି। ଏହାଛଡା ଦୂରଯାତ୍ରୀ ମଧ୍ୟ ଏହି ଆପ୍ ଜରିଆରେ ନିଜର ଆସନ ପାଇଁ ଟିକେଟ ବୁକିଂ କରିପାରିବେ। ଜଣେ ରେଳୱେ ଅଧିକାରୀ କହିଛନ୍ତି ଯେ, ଉକ୍ତ ଆପ୍‌କୁ ଅଧିକରୁ ଅଧିକ ଲୋକ ଯେପରି ବ୍ୟବହାର କରିବେ ସେ ନେଇ ରେଳୱେ ସେମାନଙ୍କୁ ପ୍ରୋତ୍ସାହିତ କରୁଛି।

## ଲାଇସେନ୍ସ ମୁକ୍ତ ହେଲା ୫ଜିର କିଛି ସ୍ପେକ୍ଟ୍ରମ

**ନୂଆଦିଲ୍ଲୀ,୨୩-୧୦**

କେନ୍ଦ୍ର ସରକାର ୱାଇଫାଇ ଓ ୫ଜି ସେବା ଯୋଗାଣ ଲାଗି ୫ ଗିଗା ହର୍ଜ ବ୍ୟାଣ୍ଡର କିଛି ସ୍ପେକ୍ଟ୍ରମକୁ ଲାଇସେନ୍ସ ମୁକ୍ତ କରିଦେଇଛନ୍ତି। ୫୧୫୦-୫୨୫୦ ମେଗାହର୍ଜ ବ୍ୟାଣ୍ଡ, ୫୨୫୦-୫୩୫୦ ମେଗାହର୍ଜ ଏବଂ ୫୭୨୫-୫୮୭୫ ମେଗା ହର୍ଜର ସ୍ପେକ୍ଟ୍ରମ ରେଞ୍ଜ ପାଇଁ ଏଣିକି କୌଣସ ପରମିଟ୍‌ର ଆବଶ୍ୟକତା ନାହିଁ। ୫ଜି ଇକୋସିଷ୍ଟମକୁ ବିକଶିତ କରିବା ତଥା ସାରା ଦେଶରେ ୱାଇଫାଇ ସେବାକୁ ଯୋଗାଇ ଦେବା ଲକ୍ଷ୍ୟରେ ସରକାର ଏଭଳି ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି।

## ଏଚ୍-୧ବି ଭିଜା ସାର୍ଟିଫିକେଟ
## ଟପ୍ ୧୦ରେ ସ୍ଥାନ ପାଇଲା ଟିସିଏସ୍

**ୱାଶିଂଟନ,୨୩-୧୦**




ଏଚ୍-୧ବି ଭିଜାକୁ ନେଇ ଚର୍ଚ୍ଚା ଥମୁ ନ ଥିବା ବେଳେ ଆମେରିକା ସରକାର ଫରେନ୍ ଲେବର ସାର୍ଟିଫିକେଶନ ଜାରି କରିଛି। ଟାଟା କନସଲଟାନ୍ସି ସର୍ଭିସେସ୍(ଟିସିଏସ୍) ଏକମାତ୍ର ଭାରତୀୟ କମ୍ପାନୀ ଭାବେ ଏହି ସାର୍ଟିଫିକେଟ ହାସଲ କରି ଟପ୍ ୧୦ରେ ରହିପାରିଛି। ଆମେରିକା ସରକାର ଆର୍ଥିକ ବର୍ଷ ୨୦୧୮ ଲାଗି ଏହି ସାର୍ଟିଫିକେଟ ଜାରି କରିଛି। ଶ୍ରମ ବିଭାଗର ତଥ୍ୟ ଅନୁଯାୟୀ ଟିସିଏସ୍ ୨୦ ହଜାର ସାର୍ଟିଫିକେଟ ସହିତ ତାଲିକାରେ ସାମିଲ ହୋଇଛି। ଏଥିରେ ୟର୍ନେଷ୍ଟ ଆଣ୍ଡ୍ ୟଙ୍ଗ ଶୀର୍ଷରେ ରହିଛି। ଲଣ୍ଡନସ୍ଥିତ ଏହି କମ୍ପାନୀ ଏଚ୍-୧ବି ଅନ୍ତର୍ଗତରେ ୧,୫୧,୧୬୪ ପଦ ଲାଗି ଉକ୍ତ ସାର୍ଟିଫିକେଟ ହାସଲ କରିଛି। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ଡେଲଏଟ୍ କନସଲଟିଙ୍ଗ। ଏହାକୁ ୬୮,୮୬୯, ଭାରତୀୟ-ଆମେରିକା କମ୍ପାନୀ କଗ୍ନିଜେଣ୍ଟ ଟେକ୍ନୋଲୋଜିକୁ ୪୭,୭୩୨, ଏଚ୍‌ସିଏଲ୍ ଆମେରିକାକୁ ୪୨,୮୨୦, କେ.ଫୋର୍ସ ଇଙ୍କକୁ ୩୨,୯୯୬ ଓ ଆପଲ୍‌କୁ ୨୬,୮୩୩ ସାର୍ଟିଫିକେଟ ମିଳିଛି। ଟିସିଏସ୍ ୨୦,୭୫୫ ଏଚ୍-୧ବି ସାର୍ଟିଫିକେଟ ହାସଲ କରିଛି। ଉଲ୍ଲେଖଥାଉ କି, ଏଚ୍-୧ବି ଭିଜା ନିୟମ ଅଧୀନରେ କର୍ମଚାରୀଙ୍କୁ ଆମେରିକାରେ କାମ କରିବା ପାଇଁ ଆଣିବା ଲାଗି ପ୍ରତ୍ୟେକ କମ୍ପାନୀଙ୍କୁ ଉକ୍ତ ସାର୍ଟିଫିକେଟ ଲେବର ଡିପାର୍ଟମେଣ୍ଟକୁ ଦେବାକୁ ପଡିଥାଏ। ଏହାପରେ ହିଁ ସେମାନଙ୍କ ଏଚ୍-୧ବି ଭିଜା ଆବେଦନକୁ ବିଚାରକୁ ନିଆଯାଏ।

# ଅନ୍‌ଲାଇନରେ ନକଲି କସ୍‌ମେଟିକ୍ସ

**ନୂଆଦିଲ୍ଲୀ,୨୩-୧୦**

**ଏକାଧିକ ଇ-କମର୍ସ କମ୍ପାନୀଙ୍କୁ ନୋଟିସ**



ବିଭିନ୍ନ ଇ-କମର୍ସ କମ୍ପାନୀର ୱେବସାଇଟ୍‌ରୁ କସ୍‌ମେଟିକ୍ସ କିଣୁଥିବା ମହିଳାମାନେ ସାବଧାନ ହୋଇଯାଆନ୍ତୁ। କାରଣ ବହୁ ନାମୀଦାମୀ କମ୍ପାନୀ ନାମରେ ଅନ୍‌ଲାଇନରେ ଭେଜାଲ, ନକଲି କସ୍‌ମେଟିକ୍ସ ବିକ୍ରି ହେଉଛି। ଏପରିକି ବିକ୍ରି ହେଉଥିବା ବିଦେଶୀ କମ୍ପାନୀଙ୍କ କସ୍‌ମେଟିକ୍ସ ସରକାରଙ୍କ ଦ୍ୱାରା ଅନୁମୋଦିତ ନୁହେଁ। ଏ ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ଭାରତୀୟ ଡ୍ରଗ୍ ନିୟନ୍ତ୍ରକ ମହାନିର୍ଦ୍ଦେଶକ (ଡିସିଜିଆଇ) ବିଭିନ୍ନ ଇ-କମର୍ସ କମ୍ପାନୀଙ୍କୁ ନୋଟିସ ଜାରି କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅନ୍‌ଲାଇନରେ ନକଲି କସ୍‌ମେଟିକ୍ସ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ପାଇବା ପରେ ଚଳିତମାସ ୫ ଓ ୬ରେ ଡ୍ରଗ୍ ଇନ୍ସପେକ୍ଟରମାନେ ଦେଶର ବିଭିନ୍ନ ସ୍ଥାନରେ ଥିବା କସ୍‌ମେଟିକ୍ସ ନିର୍ମାତାଙ୍କ କାରଖାନାରେ ଚଢ଼ଉ କରିଥିଲେ। ଏହି ଚଢ଼ଉରୁ ଚକିତ କଲା ଭଳି ବହୁ ତଥ୍ୟ ମିଳିଛି। ଏଥିରୁ ଜଣାପଡିଛି ଯେ, ବହୁ ଦେଶୀ କସ୍‌ମେଟିକ୍ସ ନିର୍ମାତାଙ୍କର ପ୍ରସାଧାନ ସାମଗ୍ରୀ ପ୍ରସ୍ତୁତି ଲାଗି ବୈଧ ଲାଇସେନ୍ସ ନାହିଁ। ନିର୍ମାଣରେ ବ୍ୟବହୃତ ସାମଗ୍ରୀଗୁଡିକ ବିଦେଶରୁ ବିନା ପଞ୍ଜୀକରଣ ସାର୍ଟିଫିକେଟରେ ଅଣାଯାଉଛି। ଏଗୁଡିକ ସମ୍ପୂର୍ଣ୍ଣ ଭେଜାଲ ଓ ନକଲି। ଏଥିପାଇଁ ଜରିମାନା ଓ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଏ ସମ୍ପର୍କରେ ଏକ ଘରୋଇ କମ୍ପାନୀର ମୁଖପାତ୍ର କହିଛନ୍ତି ଯେ, କମ୍ପାନୀର ୱେବସାଇଟ୍‌ରେ ନକଲି ସାମଗ୍ରୀ ବିକ୍ରି ହେବାର ଅଭିଯୋଗ ପାଇବା ମାତ୍ରେ କମ୍ପାନୀ ପକ୍ଷରୁ ବିକ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅନୁସନ୍ଧାନରୁ ଜଣାପଡିଛି ଯେ, ଅନ୍‌ଲାଇନରେ ବିକ୍ରି ହେଉଥିବା ଅଧିକାଂଶ ବିଦେଶୀ ସମେତ ଦେଶୀ କମ୍ପାନୀର କସ୍‌ମେଟିକ୍ସରେ ବ୍ୟବହୃତ ସାମଗ୍ରୀଗୁଡ଼ିକ ବିଆଇଏସ୍‌ରେ କଳା ତାଲିକାଭୁକ୍ତ ହୋଇଛି। ଏଭଳି ନକଲି ତଥା ଭେଜାଲ ସାମଗ୍ରୀ ବିକ୍ରି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଦର୍ଶାଇ ଡିଜିସିଆଇ ଇ-କମର୍ସ କମ୍ପାନୀଙ୍କୁ ନୋଟିସ ଜାରି କରି ୧୦ ଦିନ ଭିତରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଡ୍ରଗ୍ ଆଣ୍ଡ୍ କସ୍‌ମେଟିକ୍ସ ଆଇନାନୁଯାୟୀ କସ୍‌ମେଟିକ୍ସର ଆମଦାନୀ ଲାଗି ପଞ୍ଜୀକରଣ ସାର୍ଟିଫିକେଟ ନେବା ବାଧ୍ୟତାମୂଳକ। ସେହିପରି ଦେଶରେ ତିଆରି ହେଉଥିବା କସ୍‌ମେଟିକ୍ସ ପାଇଁ ପୂର୍ବରୁ ଲାଇସେନ୍ସ ନେବାକୁ ପଡିଥାଏ। ଏହାଛଡା ନିର୍ମିତ କସ୍‌ମେଟିକ୍ସ ବିଆଇଏସ ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ।





# ମୁରୁତୁ ସଂଗେ ଯୁଝୁଛନ୍ ଶିଶୁ ଶ୍ରମିକ୍

ଅତାବିରା, ୨୩।୧୦ (ଡି.ଏନ.ଏ)

ଆଏଜ୍‌କେ ୭ ମାସ୍ ତଲେ ବୁର୍ଲା ଥାନା ଗୋଶାଳା ଫାଣ୍ଡି ଅଧିନ୍ ଜାତୀୟ ରାଜପଥ ୫୩ରେ ଗୁଟେ ସଡକ ଦୁର୍‌ଘଟନା ହେଇଥିଲା। ଇ ଦୁର୍‌ଘଟନାରେ ଅତାବିରା ଥାନା ଗୁଡ଼ଭଗା ଫାଣ୍ଡି ଅଧିନର ଝନେ ଶିଶୁ ଶ୍ରମିକ ଗୁରୁତର ହିସାବେ ଖଁଡିଆଦଁଡିଆ ହେଇଥିଲେ। ତାକର ପରିବାର ଲୋକ୍ ନିହାତି ଗରିବ୍ ହେଇଥିଲା ବେଲେ ପୁଓର ଜୀବନ୍ ବଁଚାବାକେ ଧାର ଉଧାର କରି ଚିକିତ୍ସା କରେଇଥିଲେ। ହେଲେ ଟଁକା ପଏସା ଅଭାବ୍‌ରୁ ଦରଖଁଡିଆ ଚିକିତ୍ସା କରି ପୁଓକେ ଘର୍‌କେ ଫିରେଇ ଆନ୍‌ଲେ।

ଖବର ନେବାରେ ଜନାଯାଇଛେ ଯେ, ଗୁଡ଼ଭଗା ଫାଣ୍ଡି ଅଧିନ୍ ଗୁଟେ ନିହାତି ଗରିବ୍ ପରିବାର୍‌ର ନାବାଲକ୍ ଶିଶୁ ଶ୍ରମିକ୍ ହିସାବେ ବୁର୍ଲା ଥାନା ଗୋଶାଳା ପାଣ୍ଡି ଅଧିନ୍ ୫୩ ନମ୍ବର ଜାତୀୟ ରାଜ୍‌ପଥ ତରାରେ ଥିବାର ରାଏ ଢ଼ାବାରେ କାମ୍ କରୁଥିଲେ। ସବୁଦିନର ଲେଖେଁ ଶିଶୁ ଶ୍ରମିକ୍ ଝନ୍‌କ ଢ଼ାବାରୁ କେହେନ୍‌ସି କାମେ ରାସ୍‌ତାରେ ଯାଉଥିଲା ବେଲେ ହଠାତ୍ ତାକର ଉପ୍‌ରେ ଗୁଟେ ଟ୍ରକ୍ ଚଢ଼ି ଯାଇଥିଲା। ସଉଭାଏଗ୍‌କେ ସେ ବଁଚି ଯାଇଥିଲେ ବି ଗୁରୁତର ହିସାବେ ଖଁଡିଆଦଁଡିଆ ହେଇଥିଲେ।

**ଚିକିତ୍ସା ଲାଗି ଟଁକା ବାଧକ୍**

- ଢ଼ାବାରେ ଶିଶୁ ଶ୍ରମିକ ହିସାବେ କାମ କରୁଥିଲେ
- ଦୁର୍‌ଘଟନାରେ ଆହତ୍ ହେଇଥିଲେ
- ବୁର୍ଲା ପୁଲିସ୍ ଘଟ୍‌ନାକେ ଚପେଇ ଦେଇଛେ
- ଆଁଠୁରୁ ତଲ୍‌କେ ମାଉସ ପଚିଗଲାନ

ସେତେବେଲେ ଥାନୀୟ ଲୋକ୍ ତାହାକୁ ଉଧାର କରି ଡାକ୍‌ତରଖାନାକେ ଚିକିତ୍ସା ଲାଗି ନେଇଥିଲେ। ହେଲେ ଢ଼ାବା ମାଲିକ୍ ଶିଶୁ ଶ୍ରମିକ୍‌ର ସବୁ ଚିକିତ୍ସା ଖରଚ୍ ବହନ୍ ନାଇଁ କଲାରୁ ତାକର ମା'ବାପ୍ ଉପେ ଶୂଇନ୍ ହେଇ ପୁଓକେ ଘରକେ ଫିରେଇ ଆନିଥିଲେ। ଏହେଦେ ଶିଶୁ ଶ୍ରମିକ୍ ଝନକ ଚିକିତ୍ସା ଅଭାବୁ ଘରେ ପଡି ପଡି ଦୁଖ୍ ପାଉଥିଲା ବେଲେ ତାକର ଆଁଠୁରୁ ତଲ୍‌କେ ପଚି ଗଁଧିଗଲାନ। ତାକର ଗୋଡ୍ ଦରଦ୍‌ରେ ଫାଟିପଡୁଛେ, ପୂଜ ରକତ୍ ନିଝ୍‌ରି ପଡୁଛେ, ଯେ କେହି ଦେଖିବା କହେବା ସେ ମୁର୍‌ତୁ ସଂଗେ ଯୁଝୁଛନ୍। ଶିଶୁ ଶ୍ରମିକ୍ ଝନ୍‌କ ଦୁଖ୍ ଦରଦ୍‌ରେ ଛଟ୍‌ପଟେଇ ଯାଉଥିଲା ବେଳେ ସେ କାମ୍ କରୁଥିବାର ଢ଼ାବା ମାଲିକ୍ ଧରାଛୁଆଁ ନାଇଁଦେବାର ବଲି ତାକର ପରିବାର ଲୋକ୍ ଅଭିଯୋଗ୍ କରିଛନ୍। ଇ ବାବ୍‌ଦେ ପରିବାର ଲୋକ୍ ପୁଲିସ୍ ଆର୍ ବ୍ଲକ୍ ପର୍‌ଶାସନ୍‌କେ ଜନେଇଥିବାର ସାମାଜିକ୍ କର୍ମୀ ମାନସ ପଣ୍ଡା କହିଛନ୍। ଦୁର୍‌ଘଟନାଟା ବୁର୍ଲା ଥାନା ଗୋଶାଳା ପାଣ୍ଡି ଅଧିନ୍‌ରେ ହେଇଥିବାରୁ ପୁଲିସ୍ ଢ଼ାବା ମାଲିକ୍ ସଂଗେ ସଲାସୁତ୍‌ରା କରି ଘଟ୍‌ନାଟାକେ ଚପେଇ ଦେଇଛେ। ବରଗଡ ଆର୍ ସମ୍ବଲପୁର ପର୍‌ଶାସନ ଘଟ୍‌ନାକେ ଗୁରୁତ୍ ଦେଇ ଶିଶୁ ଶ୍ରମିକ୍‌କୁଁ ଚିକିତ୍ସା ସାହାଯ୍ ଯୁଗେଇ ଦେବାର ସଂଗେ ତାକର ଜୀବନ ବଁଚାବାର ଦିଗେ ଚେଷ୍‌ଟା କରବାରକେ ଅଂଚଲର ଜନସାଧାରନ୍ ଦାବି କରିଛନ୍। ଜାତୀୟ ରାଜପଥ ତରାରେ ଥିବାର ଢ଼ାବାମାନ୍‌କେ ବହୁତ୍‌ଟେ ଶିଶୁ ଶ୍ରମିକ୍ କାମ୍ କରୁଛନ୍। ହେଲେ ପର୍‌ଶାସନର ଖାମ୍‌ଖିଆଲି ମନ୍‌ଭାବ ଲାଗି ଏନ୍‌ତା କଅଁଳି ଛୁଆମାନେ ସଁସାର ଦେଖିବାର ଆଗ୍‌ରୁ ମହଲି ଯାଉଛନ୍। ଇ ଦିଗେ ରାଏଜ୍ ସରକାର ଧିଆନ୍ ଦେବାକେ ଦାବି ହେଉଛେ।



ଦୁର୍ଘଟନାରେ ଆହତ୍ ଶିଶୁ ଶ୍ରମିକ୍‌ର ପଚି ଯାଇଥିବାର ଗୋଡ୍।

## ଫୁଟବଲ ଟୁର୍ନାମେଣ୍ଟ: ସୁଜିଆ ଚାମ୍ପିୟନ



ଚାମ୍ପିୟନ ସୁଜିଆ ଦଳର ଖେଳାଳି ମୁଖ୍ୟ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ଲୋଇସିଂହା, ୨୩।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଟାଇବ୍ରେକରରେ ଆୟୋଜକ ନଅଗାଁ(ଖ)କୁ ହରାଇ ସୁଜିଆ ଚାମ୍ପିୟନ ହୋଇଛି। ନଅଗାଁ(ଖ) ପଞ୍ଚାୟତ ନୋଡାଲ ହାଇସ୍କୁଲ ମିନିଷ୍ଟାଡିୟମ ପଡିଆରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟରେ ଆଖପାଖ ଗ୍ରାମର ୮ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ନଅଗାଁ(ଖ) ଓ ସୁଜିଆ ଏକାଦଶ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ନିର୍ଦ୍ଧାରିତ ସମୟରେ ବରାବର ରହିଥିଲା । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ।ଏଥିରେ ୪-୩ ଗୋଲରେ ସୁଜିଆ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଦିଲୀପ ଧରୁଆ, ଦୋଳଗୋବିନ୍ଦ ମୁଣ୍ଡା, ରାଜେନ୍ଦ୍ର ଧରୁଆ, ଉମେଶ ଧରୁଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଜୁ ବାହିନୀ ପଞ୍ଚାୟତ ସଭାପତି ବିକ୍ରମ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଲଳିତ ମୋହନ ସାହୁ, ମନରଞ୍ଜନ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିଗଣ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସୁଜିଆର ଗୋଲ କିପରଙ୍କୁ ବେଷ୍ଟ ଗୋଲ କିପର ଓ ନଅଗାଁ(ଖ) ଦଳର ଧୀରେନ୍ଦ୍ର ଭୋଇଙ୍କୁ ବେଷ୍ଟ ପ୍ଲେଆର ଭାବେ ପୁରସ୍କୃତ କରାଯାଇଥିଲା । ଶେଷରେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗଚାଷୀ ଆତ୍ମହତ୍ୟା ଘଟଣା: ପ୍ରଶାସନିକ ତଦନ୍ତ ଆରମ୍ଭ

ସୁନ୍ଦରଗଡ଼, ୨୩।୧୦ (ଡି.ଏନ୍.ଏ) ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ନିଆଲିପାଲି ଗ୍ରାମରେ ଘଟିଥିବା ଭାଗଚାଷୀ ଆତ୍ମହତ୍ୟା ଘଟଣାରେ ମଙ୍ଗଳବାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗରପାଲି ତହସିଲଦାର ସୁର୍ମୀ ସୋରେଙ୍ଗଙ୍କ ନେତୃତ୍ୱରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଭଷ୍ମା ଥାନା ଏସ୍‌ଆଇ ଅନୀଲ ପରିଡା ପ୍ରମୁଖ ଏହି ପ୍ରତିନିଧି ଦଳ ମୃତ ଭାଗଚାଷୀ ପୂର୍ଣ୍ଣଚନ୍ଦ୍ର ସେଠଙ୍କ ପରିବାରବର୍ଗ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଘଟଣାର ତଦନ୍ତ କରିଥିଲେ। ତଦନ୍ତବେଳେ ଭାଇଭାଗ ଅନୁସାରେ ମୃତଚାଷୀ ପୂର୍ଣ୍ଣଚନ୍ଦ୍ରଙ୍କର ୭୬ଡିସିମିଲ ଜମି ଥିବାବେଳେ ଗ୍ରାମର ଜଣେ ବ୍ୟକ୍ତିଙ୍କର ୩ ଏକର ଜମି ଓ ଗ୍ରାମର ଜଗନ୍ନାଥ ଠାକୁରଙ୍କ ନାମରେ ଥିବା କିଛି ଜମିରେ ଭାଗଚାଷ କରିଥିଲେ। ଚାଷ ପାଇଁ ଗତ ୨ବର୍ଷ ହେବ ସେ ନିଜସ୍ତ୍ରୀଙ୍କ ନାମରେ ୨ଟି ଏସ୍‌ଏଚ୍‌ଜି ଗ୍ରୁପରୁ ୬୬ ହଜାର ଟଙ୍କାର ଋଣ ଆଣିଥିଲେ। ହେଲେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଫସଲହାନି ହେଉଥିବାରୁ ଋଣଟଙ୍କା ପରିଶୋଧ କରିବା ନେଇ ସେ ଭାଙ୍ଗିପଡିବା ସହ ପରିଶେଷରେ ସୋମବାର ସକାଳେ ଘରେ କୀଟନାଶକ ଖାଇ ଆତ୍ମହତ୍ୟା କରିଥିଲେ।

## ବ୍ୟାଙ୍କ ସମ୍ମୁଖରୁ ୨ଲକ୍ଷ ଲୁଟ

ରାଉରକେଲା ଅଫିସ,୨୩।୧୦

ସେକ୍ଟର-୧୯ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ନିଜ ବାଇକ ନିକଟକୁ ଫେରୁଥିବା ଜଣେ ଗ୍ରାହକଙ୍କଠାରୁ ମଙ୍ଗଳବାର ମଧାହ୍ନରେ ୨ଲକ୍ଷ ଟଙ୍କା ଲୁଟ ହୋଇଥିବା ନେଇ ସେକ୍ଟର-୧୯ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା କୁହାଯାଇଛି। ସୂଚନାଯୋଗ୍ୟ, ବନମାଳି ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଦିନ ସାଢେ ୧ଟା ସମୟରେ ସେକ୍ଟର-୧୯ଠାରେ ଥିବା ଷ୍ଟେଟ ବ୍ୟାଙ୍କ ଶାଖାରୁ ୨ଲକ୍ଷ ଉଠାଇ ନିଜ ବାଇକ ନିକଟକୁ ଫେରୁଥିବାବେଳେ ଦୁଇ ଜଣ ଲୁଟେରା ଏକ ବାଇକରେ ଆସି ତାଙ୍କ ହାତରୁ ବ୍ୟାଗ ଲୁଟି ନେଇ ଆଖି ପିଛୁଳାକେ ଛୁ ହୋଇ ଯାଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ପୂର୍ବେ ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ସିଭିଲ ଟାଉନସିପ ଅଞ୍ଚଳରୁ ଏଭଳି ଏକ ଘଟଣା ଘଟିଥିଲା। ଲୁଟେରା ୫ଲକ୍ଷ ଲୁଟ କରିଥିବାବେଳେ ଆଜି ପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଲୁଟେରାଙ୍କୁ ଗିରଫ କରାଯାଇ ପାରିନି।








| ବିବରଣୀ | ଦୋକାନ କ | ଦୋକାନ ଖ | ପ୍ରସାଦ ଜୁଏଲର୍ସ |
|---|---|---|---|
| ସୁନା (ଗ୍ରାମ ପ୍ରତି ମୂଲ୍ୟ) | 3,000 | 3,050 | 2950 |
| ଗଢା ମଜୁରୀ (ପ୍ରତି ଗ୍ରାମ) | 550 | 350 | 199 |
| ମୋଟ | 3,550 | 3,450 | 3,149 |
| GST @3% | 106.5 | 102 | 94.47 |
| ସର୍ବମୋଟ ମୂଲ୍ୟ (ପ୍ରତି ଗ୍ରାମ) | 3,656.5 | 3,502 | 3,243.47 |
| ଆପଣଙ୍କ ବିନିମୟ | ₹ 1 lakh | | |
| ୧ଲକ୍ଷ ଟଙ୍କାରେ ମୋଟ ବଳକା ସୁନା | 27.35 | 28.56 | 30.83 |
| ବଜାରରୁ ଅଧିକ % | —— | —— | 8% to 12% |
| ପାଉଥିବା ଅଧିକା ସୁନା | —— | —— | 2.27 to 3.48 gms |




# ବିଦେଶରେ ପ୍ରଚାର ଜୋର୍‌ଦାର

## ମ୍ୟୁନିକ୍‌ରେ ଓଡ଼ିଶା ସରକାରଙ୍କ ବସ୍ ବିଜ୍ଞାପନ ଅଭିଯାନ




ଆସନ୍ତା ନଭେମ୍ବର ଓ ଡିସେମ୍ବରରେ ଭୁବନେଶ୍ୱରରେ ଆୟୋଜନ ହେବାକୁଥିବା ହକି ବିଶ୍ୱକପ୍‌ର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ସରକାର ବିଭିନ୍ନ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଆସୁଛନ୍ତି। ଏହି କ୍ରମରେ ଓଡ଼ିଶା ସରକାର ଜର୍ମାନୀର ମ୍ୟୁନିକ୍ ସହରରେ ବସ୍ ବିଜ୍ଞାପନ ଅଭିଯାନ ଆରମ୍ଭ କରିବେ। ଏହି ଅଭିଯାନ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' ନାମରେ ଚାଲୁ ରହିବ। ମ୍ୟୁନିକର ବସ୍‌ଗୁଡିକରେ ଏହା ଲେଖାଯିବ। କେବଳ ହକି ନୁହଁ, ଓଡ଼ିଶା ଭଳି ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବାର ସୁଯୋଗ ହାତଛଡ଼ା ନ କରିବା ପାଇଁ ହକି ପ୍ରଶଂସକଙ୍କୁ ଏହି ଅଭିଯାନ ମାଧ୍ୟମରେ ଅବଗତ ନଭେମ୍ବର ଓ ଡିସେମ୍ବର ମାସରେ ଆକୃଷ୍ଟ କରିହେବ। ମ୍ୟୁନିକ୍‌ରେ ଲୋକ ଉତ୍ସବ 'ଅକ୍ଟୋବରଫେଷ୍ଟ'ରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇଥାନ୍ତି ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବ ତଥା ପର୍ଯ୍ୟଟନ କମିଶନର ଓ ସଚିବ ବିଶାଲ ଦେବ କହିଛନ୍ତି। ତେଣୁ ଏହି ସମୟରେ ବସ୍ ବିଜ୍ଞାପନ ବହୁତ କାମରେ ଆସିପାରିବ। ଏହା ଦ୍ୱାରା ଓଡ଼ିଶା ବିଶ୍ୱ ଦରବାରରେ ଆହୁରି ପରିଚିତି ହାସଲ କରିବ। ଉଭୟ କ୍ରୀଡ଼ା ଓ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଓଡ଼ିଶାର ଲୋକପ୍ରିୟତା ଆହୁରି ବଢ଼ିବ ବୋଲି ସେ କହିଛନ୍ତି। ବିଶ୍ୱକପ୍ ହକିର ପ୍ରଚାର ଦିଗରେ ଏହି ବସ୍ ବିଜ୍ଞାପନ ଅଭିଯାନ




କରାଯିବାକୁ ସରକାରଙ୍କ ତରଫରୁ ପ୍ରୟାସ କରାଯାଇଛି।

ମ୍ୟୁନିକ୍‌ରେ ବିଶ୍ୱର ସର୍ବବୃହତ୍ ଫକ୍ ଫେଷ୍ଟିଭାଲ ବା ଲୋକଉତ୍ସବ 'ମ୍ୟୁନିକ୍ ଓକ୍ଟୋବରଫେଷ୍ଟ' ଆୟୋଜନ ହେବାକୁ ଯାଉଛି। ଏହି ସମୟରେ ଓଡ଼ିଶା ସରକାରଙ୍କ ଏହି ଅଭିଯାନର ଯଥେଷ୍ଟ ଗୁରୁତ୍ୱ ରହିଛି। ଗତ ଏକ ଦଶନ୍ଧି ଧରି ଏହି ଲୋକ ଉତ୍ସବ ପ୍ରତିବର୍ଷ ପାଖାପାଖି ୬୦ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସୁଛି। ତେଣୁ ଏହି ଅବସରରେ ଓଡ଼ିଶା ସରକାର ମ୍ୟୁନିକ୍‌ରେ ବସ୍‌ଗୁଡିକ ସହାୟତାରେ ବିଶ୍ୱକପ୍ ହକିର ପ୍ରଚାର କରିବା ନିଷ୍ପତ୍ତି ନେଇଛନ୍ତି। ମ୍ୟୁନିକ୍‌ରେ ଏହି ପ୍ରଚାର ପ୍ରସାର ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ବେଳେ ୩୧ ତାରିଖରେ ଶେଷ ହେବ।

କେବଳ ହକି ପ୍ରଶଂସକ ନୁହଁ, ଆକସ୍ମିକ ପର୍ଯ୍ୟଟକଙ୍କୁ ମଧ୍ୟ ଏହି ବିଜ୍ଞାପନ ମାଧ୍ୟମରେ ଓଡ଼ିଶା ତଥା ଭୁବନେଶ୍ୱର ପ୍ରତି ଆଗାମୀ ଓଡ଼ିଶା ସରକାରଙ୍କ ପ୍ରୟାସଗୁଡିକ ମଧ୍ୟରୁ ଅନ୍ୟତମ।

ଓଡ଼ିଶା ଏବେ ଦେଶର ଅଗ୍ରଣୀ ପର୍ଯ୍ୟଟନ ସ୍ଥଳୀ ରୂପେ ପରିଚିତ ହେବାକୁ ଯାଉଛି। ଏକାଧିକ ସୁନ୍ଦର ମନୋରମ ସମୁଦ୍ର କୂଳ ତଥା ବିଚ୍‌ଗୁଡିକ ସହିତ ପ୍ରାକୃତିକ ଜଙ୍ଗଲ, ଐତିହାସିକ ସ୍ଥାପତ୍ୟ ତଥା କାରୁକାର୍ଯ୍ୟ ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନରେ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି। ବିଭିନ୍ନ ମନ୍ଦିର ଓ ବୌଦ୍ଧ ସ୍ତୂପ ମଧ୍ୟ ବହୁ ସଂଖ୍ୟାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ମ୍ୟୁନିକ୍‌ରେ ବହୁ ସଂଖ୍ୟାରେ ହକି ପ୍ରଶଂସକ ରହିଛନ୍ତି। ଶୀତଋତୁରେ ମ୍ୟୁନିକର ଏହି ପ୍ରଶଂସକମାନେ ଓଡ଼ିଶା ଆସି ହକିର ମଜା ନେବା ସଙ୍ଗେସଙ୍ଗେ ରାଜ୍ୟ ସରକାରଙ୍କ ଦ୍ୱାରା ଉପଲବ୍ଧ ହେବାକୁ ଥିବା ସୁବିଧା ସୁଯୋଗରେ ଫାଇଦା ନେଇ ବିଭିନ୍ନ ଗତିବିଧି ସମୟ ବିନିଯୋଗ କରି ସୁନ୍ଦର ତଥା ମନୋମୁଗ୍ଧକର ଅନୁଭବ ନେଇ ସ୍ୱଦେଶ ଫେରିବେ।

# ଭାରତରେ ହକି ସିରିଜ ଫାଇନାଲ୍ସ

**ଲାଉସାନେ (ସୁଇଜରଲାଣ୍ଡ), ୨୩।୧୦ (ପି.ଟି.)**

ଆୟୋଜିତ ହେବାକୁ ଥିବା ତିନୋଟି ଏଫ୍‌ଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସ ମଧ୍ୟରୁ ଗୋଟିଏ ଭାରତରେ ଆସନ୍ତା ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ ହେବ। ପ୍ରତ୍ୟେକଟିରୁ ଶ୍ରେଷ୍ଠ ଦୁଇ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆସନ୍ତା ବର୍ଷ ନଭେମ୍ବରରେ ଟୋକିଓ ଅଲିମ୍ପିକ୍ସ କ୍ୱାଲିଫିକେଶନ୍ସ ଇଭେଣ୍ଟ ଅନୁଷ୍ଠିତ ହେବ। ଭାରତରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟରେ ଆୟୋଜକ ଭାରତ ବ୍ୟତୀତ ଏସିଆନ ଗେମ୍ସ ଚାମ୍ପିୟନ ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଦକ୍ଷିଣ ଆଫ୍ରିକା ଓ ଆମେରିକା ଅଂଶଗ୍ରହଣ କରିବେ। ଏଥିରେ ଭାଗନେବାକୁ ଥିବା ଅନ୍ୟ ଏକ ଦଳର ନାମ ସ୍ଥିର ହୋଇ ନାହିଁ। ଭାରତ ପର୍ଯ୍ୟାୟ ହକି ସିରିଜ ଫାଇନାଲ୍ସ ପାଇଁ ଭେନ୍ୟୁ ଚୂଡ଼ାନ୍ତ ହୋଇ ନାହିଁ। ପୁରୁଷଙ୍କ ଭଳି ମହିଳା ଇଭେଣ୍ଟ ମଧ୍ୟ ଆୟୋଜିତ ହେବ। ପ୍ରତି ଗ୍ରୁପ୍‌ରେ ୮ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ଅନ୍ୟ ଦୁଇଟି ପର୍ଯ୍ୟାୟ ମାଲେସିଆ ରାଜଧାନୀ କୁଆଲାଲମ୍ପୁର ଏବଂ ଫ୍ରାନ୍ସର ଲି' ଟକେଟଠାରେ ହେବ। ମାଲେସିଆ ପର୍ଯ୍ୟାୟ ଟୁର୍ନାମେଣ୍ଟ ଏପ୍ରିଲ ୨୬ରୁ ମେ ୪ ପର୍ଯ୍ୟନ୍ତ ହେବ। ଏଥିରେ ମାଲେସିଆ,ଅଷ୍ଟ୍ରିଆ, ବ୍ରାଜିଲ, କାନାଡା, ଚାଇନା, ଇଟାଲି, ଭାନୁଆଟୁ ଓ ୱେଲ୍ସ ଏବଂ ଜୁନ୍ ୧୫ରୁ ୨୩ ଲି' ଟକେଟଠାରେ ହେବାକୁଥିବା ପ୍ରତିଯୋଗିତାରେ ଚିଲି, ଫ୍ରାନ୍ସ, ଆୟର୍ଲାଣ୍ଡ, କୋରିଆ, ସ୍କଟ୍‌ଲାଣ୍ଡ, ସିଙ୍ଗାପୁର ଏବଂ ଅନ୍ୟ ଦୁଇଟି ଦଳ ଭାଗ ନେବେ। ଏହି ସମସ୍ତ ଟିମ୍ ହକି ସିରିଜ ଓପନ୍ ଦ୍ୱାରା ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ ଦୁଇଟି ହକି ସିରିଜ ଓପନ ଇଭେଣ୍ଟ ଆଫ୍ରିକା (ଜିମ୍ବାୱେରେ ଡିସେମ୍ବର ୭ରୁ ୯) ଏବଂ ଏସିଆରେ (ଭେନ୍ୟୁ ଓ ତାରିଖ ସ୍ଥିର ହୋଇନାହିଁ) ଖେଳାଯିବ। ଏଥିରୁ ୫ଟି ଟିମ୍ ବଛାଯିବେ। ଆଫ୍ରିକାରୁ ଦୁଇଟି ପୁରୁଷ ଓ ଦୁଇଟି ମହିଳା ଟିମ୍ ଏବଂ ଏସିଆରୁ ଗୋଟିଏ ପୁରୁଷ ଦଳ ଯୋଗ୍ୟତା ଅର୍ଜନ କରିବେ। ମହିଳା ପ୍ରତିଯୋଗିତା ଆୟର୍ଲାଣ୍ଡ (ଜୁନ୍ ୮ରୁ ୧୬), ଜାପାନ (ଜୁନ୍ ୧୫ରୁ ୨୩) ଏବଂ ଭାଲେନ୍‌ସିଆ(ଜୁନ୍ ୧୯ରୁ ୨୭)ରେ ଆୟୋଜିତ ହେବ। ଭାରତୀୟ ମହିଳା ହକି ଦଳ ଜାପାନ ପର୍ଯ୍ୟାୟ ହକି ସିରିଜ ଫାଇନାଲ୍ସ ଟୁର୍ନାମେଣ୍ଟ ଖେଳିବ। ଏଥିରେ ଚିଲି, ଫିଜି, ଆୟୋଜକ ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ ଓ ଉରୁଗୁଏ ଆଦି ଦେଶ ଭାଗ ନେବେ। ହକି ସିରିଜ ଓପନ ପରେ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଇଣ୍ଟରନ୍ୟାନାଲ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିଇଓ ଥିଏରି ୱେଲ ପ୍ରକାଶ କରିଛନ୍ତି। ବିଶ୍ୱବ୍ୟାପୀ ଖେଳପ୍ରେମୀ ଏହି ଇଭେଣ୍ଟଗୁଡ଼ିକରେ ଖେଳର ମଜା ଉଠାଇପାରିବେ ବୋଲି ସେ ଆଶାପ୍ରକାଶ କରି କହିଛନ୍ତି।

# ସ୍ପିନର ସନ୍ଦୀପଙ୍କ କୃତିତ୍ୱ

ମେଲବୋର୍ନ, ୨୩।୧୦: ନେପାଳର ଉଦୀୟମାନ ଲେଗ୍-ସ୍ପିନର ସନ୍ଦୀପ ଲାମିଚାନେ ଅଷ୍ଟ୍ରେଲିଆର ଟି୨୦ ଟୁର୍ନାମେଣ୍ଟ ବିଗ୍ ବାସ୍ ଲିଗ୍‌ରେ ମେଲବୋର୍ନ ଷ୍ଟାର୍ ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ସହଯୋଗୀ ରାଷ୍ଟ୍ରର ପ୍ରଥମ ଖେଳାଳିଭାବେ ସନ୍ଦୀପ ବିବିଏଲ୍ ଖେଳିବାର କୃତିତ୍ୱ ହାସଲ କରିଛନ୍ତି। ୧୮ ବର୍ଷୀୟ ଏହି ଯୁବ ସ୍ପିନର ବାଂଲାଦେଶ ପ୍ରିମିୟର ଲିଗ୍‌ରେ ସିଂହଲୀଜ୍ ସିକ୍ସର୍ସ ପକ୍ଷରୁ ଖେଳିବା ପାଇଁ ମଧ୍ୟ ଚୁକ୍ତି କରିଥିବାରୁ ବିବିଏଲ୍‌ରେ ମେଲବୋର୍ନ ତରଫରୁ ଟୁର୍ନାମେଣ୍ଟ ଅଧା ମ୍ୟାଚ୍ ପାଇଁ ଉପଲବ୍ଧ ହେବେ ବୋଲି ଜଣାପଡ଼ିଛି। ଫଳରେ ସନ୍ଦୀପଙ୍କ ଅନୁପସ୍ଥିତିରେ ଇଂଲଣ୍ଡର ଲେଗ୍-ସ୍ପିନର ମ୍ୟାଟ୍ ପାର୍କିସନ ମେଲବୋର୍ନ ପକ୍ଷରୁ ବଳକା ମ୍ୟାଚ୍ ଖେଳିବେ। ମେଲବୋର୍ନ ଷ୍ଟାରକୁ ମିଶାଇ ସନ୍ଦୀପ ୫ଟି ଟି୨୦ ଟୁର୍ନାମେଣ୍ଟରେ ଖେଳିବାର ସୁଯୋଗ ଲାଭ କରିଛନ୍ତି। ସନ୍ଦୀପ ପୂର୍ବରୁ ଆଇପିଏଲ୍‌ରେ ଦିଲ୍ଲୀ ଡେୟାରଡେଭିଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ




**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.

BEST DEAL HONDA Buy. Sell. Exchange

ALWAYS WEAR HELMET WHILE RIDING

Also available:
Annual Maintenance Contract**
Road Side Assistance**
Engine Health Assurance**

Follow us on

**Honda Exclusive Authorized Dealerships: ATTABIRA:** TS Motors - 06682-221001, 9178653139, T.S. Honda - 9178653139, 9438771477; **BARGARH:** Aashirbad Honda - 06646-246066, 9438024339; **BARPALI:** Abhishek Honda - 9437056675; **BELPAHAR:** Bharat Honda - 8018157547; **BHAWANIPATNA:** Mahesh Honda - 9437938985, 06670-235633; **BOLANGIR:** Amarnath Honda - 06652-233155, 8895258555; **BRAJRAJNAGAR:** JaiswaL Honda - 977747788; **JHARSUGUDA:** Gajraj Honda - 9337645411; **JUNAGARH:** Jaga Janani Honda - 9583794900; **KHARIAR ROAD (NUAPADA):** Ambika Honda - 06678-222949, 9737643030; **KUCHINDA:** Krishna Honda - 06642-220346, 7894277470; **PADAMPUR:** Bindhyabasini Honda - 9437051078, 9937788078; **RAJGANGPUR:** Naisha Honda - 7008614081, 06624220051; **RAJKHARIAR:** Shree Shyamji Honda- 9178999997; **RENGALI:** BP Honda - 7377777362; **ROURKELA:** Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; **SAMBALPUR:** Jas Honda - 0663-2115817, 9238364199; **SONEPUR:** Meher Honda - 09937771704, 06654220200; **SUNDARGARH:** MaaSamaleswari Honda - 9938198641, 8984873500; **TITLAGARH:** Tanishta Honda - 09437037314.

**For Bulk/Institutional enquiries, please write us at: institutionalsales@honda2wheelersindia.com**



ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ଏବଂ ଚରିତ୍ରହୀନତା, ଏହି ତିନୋଟି ଗୁଣ ବିନାଶକୁ ଡାକିଆଣେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ମାହେଶ୍ୱରୀ ମନ୍ଦିରରେ ମହା ଖଳାପୂଜା

**ଅତାବିରା,୨୩।୧୦ (ଡି.ଏନ.ଏ)-** ଦଶହରା ପୂର୍ଣ୍ଣିମା ଅବସରରେ ବରଗଡ଼ ଜିଲା ଅତାବିରା ବ୍ଲକ ପୋଡବାଡି ଉମା ମାହେଶ୍ୱରୀ ମନ୍ଦିର ପକ୍ଷରୁ ମହାଖଳା ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ନିକଟସ୍ଥ ଝାଉଁଯୋର ନଦୀକୁ ଯାଇ କଳସରେ ପାଣି ଆଣି ମାହେଶ୍ୱରୀ ପୀଠରେ ପହଞ୍ଚିଥିଲେ। ଘଣ୍ଟ,ବାଦ୍ୟ, ହୁଳହୁଳିରେ ପ୍ରକମ୍ପିତ ହୋଇ ଉଠିଥିଲା ମାହେଶ୍ୱରୀ ପୀଠ। ଆଗରେ ବରୁଆ ନୃତ୍ୟ କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଗାଁର ପଦ୍ମନ କର୍ଣ୍ଣ, ଶିଳଧର ଦେହୁରି, କୃଷ୍ଣଚନ୍ଦ୍ର ମହାକୁର, କନ୍ଦର୍ପ କ୍ଷେତି, ଜିବର୍ଦ୍ଧନ କ୍ଷେତି ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ

# କାମକୁ ଆସୁନି ପାର୍ବତୀ ଗିରି ସେଚ ପ୍ରକଳ୍ପ

- ଉଠାଜଳସେଚନ ପ୍ରକଳ୍ପକୁ ଶକ୍ତି ନିଅଣ୍ଟ
- ମରୁଡ଼ି ମୁକାବିଲା ଫେଲ
- ଶକ୍ତିମନ୍ତ୍ରୀଙ୍କ ଗଡ଼ରେ ବିଜୁଳି ଶକ୍ତି ସଂକଟ
- ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ପ୍ରତିଶ୍ରୁତି

**ଅମ୍ବାଭୋନା,୨୩।୧୦ (ଡି.ଏନ୍.ଏ.)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଚିଖିଲି, ଜାମପାଲି(ଅନ୍ତରାଡି), ତାମଦେଇଠାରେ ଜଳ ସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ବୃହତ ଉଠାଜଳସେଚନ ପ୍ରକଳ୍ପ ବିଜୁଳି ଶକ୍ତିର ନିଅଣ୍ଟ ଯୋଗୁ ଫେଲ ମାରିଛି । ପାର୍ବତୀଗିରୀ ସେଚ ପ୍ରକଳ୍ପ ମାଧ୍ୟମରେ ଅମ୍ବାଭୋନା ବ୍ଲକର ୪୧ଗ୍ରାମର ୪୭୨୦ ହେକ୍ଟର ଚାଷ ଜମିକୁ ପାଣି ଯୋଗାଇଦେବା ଲକ୍ଷ୍ୟ ନେଇ ୯୯.୬୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ପାଣି ଟାଙ୍କି, ପମ୍ପହାଉସ ଏବଂ ଗ୍ରୀଡ ସବ୍‌ଷ୍ଟେସନ । ଚାଷୀଙ୍କୁ ମହାନଦୀରୁ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ପାଣି ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ଗତ ସେପ୍ଟେମ୍ବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନସିଂ ଜରିଆରେ ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନର ଦେଢ଼ ମାସ ବିତି ଯାଇଥିଲେ ମଧ୍ୟ ଚଳିତ ବର୍ଷ ମରୁଡ଼ି ମୁକାବିଲା କରିବାକୁ ସକ୍ଷମ ହୋଇନାହିଁ ପ୍ରକଳ୍ପ। ଏନେଇ ଚାଷୀ ହତାଶ ହୋଇ ପଡିଛନ୍ତି।

ବର୍ତ୍ତମାନ ମହାନଦୀରେ ଭରପୁର ପାଣି ରହିଛି। ହେଲେ ମହାନଦୀ ତଟସ୍ଥ ଗ୍ରାମମାନଙ୍କରେ ଉଠା ଜଳସେଚନ ପ୍ରକଳ୍ପ ଥାଇ ପାଣି ଅଭାବରୁ ଧାନ ଫସଲ ମରିବାରେ ଲାଗିଛି। ଶକ୍ତିମନ୍ତ୍ରୀଙ୍କ ଗଡ଼ ଭାବେ ପରିଚିତ ଅମ୍ବାଭୋନା ବ୍ଲକରେ ବିଜୁଳି ଶକ୍ତି ସଂକଟ ଏକ ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି। ଅମ୍ବାଭୋନା ବ୍ଲକର ତାମଦେଇ, ଅମ୍ବାଭୋନା ଓ କଣ୍ଡପଲାଠାରେ ଉଚ୍ଚ କ୍ଷମତା ସମ୍ପନ୍ନ ୩ଟି ଗ୍ରୀଡ ସ୍ଥାପିତ ହୋଇଛି । ହେଲେ ଅଞ୍ଚଳକୁ ବିଦ୍ୟୁତ୍ ଶକ୍ତିର ନିଅଣ୍ଟ ହୋଉଛି। ଅମ୍ବାଭୋନା ଅଞ୍ଚଳକୁ ବିଦ୍ୟୁତ୍ ଶକ୍ତି ବିଚ୍ଛିନ୍ନ କଲେ ମାତ୍ର ୩ ଘଣ୍ଟା ମେଗା ଜଳସେଚନ ପ୍ରକଳ୍ପ ଚାଲୁଛି। ଫଳରେ ବିଦ୍ୟୁତ୍ କାଟ ସମସ୍ୟା ଅଞ୍ଚଳବାସୀଙ୍କୁ ନାକେଦମ କରୁଛି। ବିଦ୍ୟୁତ୍ କାଟ ଯୋଗୁ ଚାଷ ଜମିରେ ଖୋଲାଯାଇଥିବା ବୋରୱେଲ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଫଳରେ ଧାନ ଫସଲ ଉଜୁଡିବାକୁ ଲାଗିଛି। ସ୍କୁଲ, କଲେଜ, ଅଫିସ କାର୍ଯ୍ୟାଳୟ ବାଧାପ୍ରାପ୍ତ ହେଉଛି। ଲୋ ଭୋଲଟେଜ ଯୋଗୁ ମୋଟର ପମ୍ପ ଚାଲୁ ନାହିଁ । ୪୨.୨୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚିଖିଲି ମେଗା ଜଳସେଚନ ପ୍ରକଳ୍ପ ଜରିଆରେ ଚିଖିଲି, ଗଣ୍ଡିଆପାଲି, ରୁଚିଦା, ନାରଙ୍ଗପୁର, ବଡ ସରେଇପାଲି, ବେନିଆଁପାଲି, ଭାଲୁଟାଲ, ସାହ୍ଲେପାଲି, ବରଙ୍ଗାକୋଟ, ଭୁକ୍ତା, ଖଏରିପାଲି, ମହାପାଲି, ସାମପାଲି ଆଦି ଗ୍ରାମର ୨ ହଜାର ହେକ୍ଟର ଚାଷ ଜମିକୁ ୪ଟି ପମ୍ପ ସେଟ ଜରିଆରେ ଜଳସେଚନ ସହ ୧୪ଟି ପୋଖରୀକୁ ପାଣି ଭରିବାର ଲକ୍ଷ୍ୟ ରହିଛି। ସେହିପରି ଜାମପାଲି (ଅନ୍ତରାଡି) ମେଗା ଜଳସେଚନ ପ୍ରକଳ୍ପ ପାଇଁ ୨୭.୮୮ କୋଟି ଟଙ୍କା ବ୍ୟୟରେ ୩ଟି ପମ୍ପ ସେଟ ଜରିଆରେ କପାଶିରା, ସତିଦର୍ହା, ବୈଗାପାଲି, ଲୁହୁପାଲି, ଅମ୍ବାଭୋନା, ଘୁଘୁରାପାଲି, ଅନ୍ତରାଡି, କନ୍ହେଇପାଲି, ବୁଢ଼ୀପାଲି, ବୁଗବୁଗି, କୁଶମୁଦା, ସାମପାଲି, ବାଞ୍ଜିପାଲି, ଜାମପାଲି ଆଦି ଗ୍ରାମର ୧୩୨୦ ହେକ୍ଟର ଚାଷ ଜମିକୁ ଜଳସେଚନ ସହ ୧୫ଟି ପୋଖରୀରେ ପାଣି ଭରିବାର ଲକ୍ଷ୍ୟ ରହିଥିବା ବେଳେ ତାମଦେଇ ମେଗା ଉଠା ଜଳସେଚନ ପ୍ରକଳ୍ପ ୨୯.୫୭ କୋଟି ଟଙ୍କା ବ୍ୟୟରେ ୪ଟି ପମ୍ପସେଟ ଜରିଆରେ ବୁଙ୍ଗାପାଲି, ଲେଥେର, ରାମଖୋଲ, ଉଧେଇପାଲି, ଉତ୍ତମ, ଲେଲେହର, ଚଣ୍ଡିପାଲି, ତିଲେଇମାଲ, ଦଲ୍ଲିପାଲି, ହାତୀଖୁଜା, ଲଖନପୁର ଆଦି ଗ୍ରାମର ୧୪୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସହ ୧୧ଟି ପୋଖରୀକୁ ପାଣି ଭରିବାର ଲକ୍ଷ୍ୟ ରହିଛି। ହେଲେ ବିଭାଗୀୟ ଦୁରଦୃଷ୍ଟି ଅଭାବ ଯୋଗୁ ଏହି ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । କେବଳ ଖରୀପ ଚାଷକୁ ଜଳସେଚନ ହୋଇପାରିବ ବୋଲି କୁହାଯାଉଥିବା ବେଳେ ଅମ୍ବାଭୋନା ବ୍ଲକର ସୀମା ମଧ୍ୟରେ ଏକ ଆନିକଟ କିମ୍ବା ବ୍ୟାରେଜ ନିର୍ମାଣ କରି ଜଳସଂରକ୍ଷଣ ପ୍ରତି ଦୃଷ୍ଟି ଦେବାକୁ ଆବଶ୍ୟକତା ରହିଛି ବୋଲି ସଚେତନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷେ ଅମ୍ବାଭୋନା ଅଞ୍ଚଳକୁ ଚାହିଦା ମୁତାବକ ପର୍ଯ୍ୟାପ୍ତ ପରିମାଣରେ ବିଦ୍ୟୁତ୍ ଶକ୍ତି ଯୋଗାଣ ଦିଗରେ ଶକ୍ତିମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ପଚାରିବାରୁ ଚାଷୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ବିଜୁଳି ସମସ୍ୟାର ସ୍ଥାୟୀ ସମାଧାନ ସହ ମେଗାଜଳସେଚନ ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଭାଜପା ଯୁବ ମୋର୍ଚ୍ଚାର ଦାବିପତ୍ର ପ୍ରଦାନ

**ଭେଡ଼େନ,୨୩।୧୦ (ଡି.ଏନ୍.ଏ.)**

ବେକାର ଶିକ୍ଷିତ ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି ସହ ରୋଜଗାରକ୍ଷମ କରିବା ଦାବି ନେଇ ବରଗଡ଼ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଭେଡ଼େନ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ହରି ଓମ୍ ଭୋଇ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଭାଜପା ଯୁବ ନେତା ଜିଲା ଏସ୍‌ସି ମୋର୍ଚ୍ଚା ଉପସଭାପତି ଯଶୋବନ୍ତ ସେଠ, ଜିଲା ଯୁବ ସମ୍ପାଦକ ଜୟଦେବ ପଧାନ, ଭେଡ଼େନ ମଣ୍ଡଳ ସଭାପତି ରଞ୍ଜନ ସାହୁ, ପୁରନ୍ଦର ମେଣ୍ଡଲୀ, ବିକ୍ରାନ୍ତ ମହାକୁର, ଦୁଷ୍ମନ୍ତ ମେହେରଙ୍କ ସମେତ ବହୁ ଯୁବକ ସାମିଲ ହୋଇଥିଲେ।

# କୁଆପଥର ମାଡ଼ରେ ଉଜୁଡ଼ିଲା ଫସଲ

- ଜଳସେଚିତ ଅଞ୍ଚଳକୁ କୁଆପଥର ମାଡ଼ କାଳ
- ଅଣଜଳସେଚିତ ଅଞ୍ଚଳରେ ଅନାବୃଷ୍ଟି
- ଚାଷୀଙ୍କୁ ଘାରିଲା ଫସଲ କ୍ଷତି ଚିନ୍ତା

**ବରଗଡ଼ ଅଫିସ୍, ୨୩।୧୦**

ବରଗଡ଼ ଜିଲା ଚାଷୀଙ୍କୁ ସମସ୍ୟା ପିଛା ଛାଡ଼ିବା ନାଁ ନେଉନାହିଁ । କେତେବେଳେ ଅନାବୃଷ୍ଟି ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ତ ଆଉକେବେ ଚକଡ଼ା ରୋଗପୋକ ଉପଦ୍ରବରେ ଉଜୁଡ଼ି ଯାଉଛି ଫସଲ । ସେହିପରି ଆକସ୍ମିକ ବର୍ଷା, କୁଆପଥର ବୃଷ୍ଟି (କରାମାଡ଼)ରେ ଫସଲ ଧୂଳିସାତ୍ ହୋଇଯାଉଛି । ମଙ୍ଗଳବାର ଏଭଳି ଅଚାନକ ବର୍ଷା, ଝଡ଼ବତାସ ହେବା ଯୋଗୁ ଜିଲାର ଜଳସେଚିତ ବରଗଡ଼, ବରପାଲି, ଭଟଲି ଆଦି ଅଞ୍ଚଳରେ ବ୍ୟାପକ ଫସଲକ୍ଷତି ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ପାଣି ଅଭାବରୁ ପଦ୍ମପୁର ଉପଖଣ୍ଡର ବିଜେପୁର, ଗାଇସିଲେଟ, ସୋହେଲା, ପଦ୍ମପୁର, ପାଇକମାଲ, ଝାରବନ୍ଧ ଅଞ୍ଚଳରେ ଫସଲ ନଷ୍ଟ ହେଉଥିବାବେଳେ ସେଠାରେ ବର୍ଷାର ଦେଖାନାହିଁ । ଫଳରେ ଅମଳ ଆରମ୍ଭରୁ ଏଭଳି ଫସଲକ୍ଷତି ନେଇ ଜିଲାର ଚାଷୀଙ୍କ ମାନସିକ ସ୍ଥିତି ଦୋହଲି ପଡ଼ିଛି ।

ପ୍ରକାଶ ଯେ, ବରଗଡ଼ ଜିଲାରେ ଚଳିତ ଖରିଫ ଋତୁରେ ସମୁଦାୟ ୨ଲକ୍ଷ ୫୧ହଜାର ୪ହେକ୍ଟର ଜମିରେ ଧାନଚାଷ ହୋଇଛି । ସେଥିମଧ୍ୟରୁ ବରଗଡ଼ରେ ୨୧ହଜାର, ବରପାଲିରେ ୨୦ହଜାର ୭୬୦, ଭେଡ଼େନରେ ୨୩ହଜାର ୩୨୫, ଭଟଲିରେ ୨୦ହଜାର ୫୬୦, ଅତାବିରାରେ ୨୪ହଜାର ୮୪୪, ଅମ୍ବାଭୋନାରେ ୧୩ହଜାର ୭୬୬, ପଦ୍ମପୁରରେ ୨୧ହଜାର ୪୯୯, ପାଇକମାଲରେ ୨୮ହଜାର ୫୯୯, ଝାରବନ୍ଧରେ ୧୫ହଜାର ୫୦୦, ସୋହେଲାରେ ୨୫ହଜାର ୫୦୦, ବିଜେପୁରରେ ୧୯ହଜାର ୯୦୧ ଏବଂ ଗାଇସିଲେଟରେ ୧୫ହଜାର ୭୫୦ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ସେହିପରି ଜିଲାରେ ମୋଟ ୩୯ହଜାର ୩୨୦ ହେକ୍ଟର ଜମିରେ ପନିପରିବା ଫସଲ ହୋଇଛି।

ବିଳମ୍ବିତ ମୌସୁମୀ ସତ୍ତ୍ୱେ ଚଳିତ ଖରିଫ ଆରମ୍ଭରୁ ଉଭୟ ଧାନ ଓ ପରିବା ଫସଲ ଭଲ ହୋଇଥିଲା । ଚାଷୀମାନେ ମଧ୍ୟ ଭଲ ଅମଳ କରି ଗତ ୨୦୧୭ ଫସଲକ୍ଷତିର ଭରଣା କରିବେ ବୋଲି ଆଶା ବାନ୍ଧିଥିଲେ। ତେବେ ଗତ ସେପ୍ଟେମ୍ବରରୁ ବୃଷ୍ଟିପାତ ଆଉ ଧରାଛୁଆଁ ଦେଇ ନ ଥିଲା । ସେପ୍ଟେମ୍ବରରେ ସ୍ୱାଭାବିକ ବୃଷ୍ଟିପାତଠାରୁ ୩୮.୩୩ ମି.ମି କମ୍ ବର୍ଷା ହୋଇଥିଲା । ସେହିପରି ଚଳିତ ଅକ୍ଟୋବର ମାସର ବୃଷ୍ଟିପାତ ପରିମାଣ ମଧ୍ୟ ସ୍ୱାଭାବିକ ବର୍ଷାଠାରୁ ବହୁ ଦୂରରେ ରହିଛି । ଅକ୍ଟୋବରରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୫୨.୮ ମି.ମି ରହିଥିବାବେଳେ ସୋମବାର ସୁଦ୍ଧା ମାତ୍ର ୫.୩୩ ମି.ମି ବର୍ଷା ହୋଇଥିଲା।

ତେବେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରୁ ଅଧଘଣ୍ଟା ଧରି ଜିଲାର ବରଗଡ଼, ବରପାଲି, ଭଟଲି ଅଞ୍ଚଳରେ ଝଡ଼ବତାସ ସାଙ୍ଗକୁ ବର୍ଷା ହୋଇଛି । ମାତ୍ର ସମ୍ପୃକ୍ତ ଅଞ୍ଚଳ ଜଳସେଚିତ ଥିବାଯୋଗୁ ତାହା ଚାଷୀଙ୍କ ପାଇଁ କୌଣସି କାମରେ ଆସି ନାହିଁ । ବରଂ ଝଡ଼ବତାସ ସାଙ୍ଗକୁ କରାମାଡ଼ ସମ୍ପୃକ୍ତ ଅଞ୍ଚଳର ଧାନ ଓ ପରିବା ଫସଲ ଉଜୁଡ଼ି ଯାଇଛି । ବରପାଲି ବ୍ଲକର ବାଞ୍ଜିପାଲି, ମହୁଲପାଲି, ଚିକିନିପାଲିରେ କରାମାଡ଼ରେ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନ ଝଡ଼ିଯାଇ ଥିବାବେଳେ କୋବି ଆଦି ପରିବା ଫସଲ ନଷ୍ଟ ହୋଇଛି । ଅନୁରୂପଭାବେ ଭଟଲି ବ୍ଲକର ତରାକନା, ଉର୍ଦ୍ଧୁନା, ରସାଲୀ, ବେହେରାପାଲି, ବରଗଡ଼ ବ୍ଲକର ସୟାଁ, ତୁରୁଙ୍ଗା, ସୋହେଲା ବ୍ଲକର ଜଟର୍ଲା, ଶ୍ରୀଗିଡ଼ା ଆଦି ଅଞ୍ଚଳରେ ଫସଲକ୍ଷତି ହୋଇଛି । ଧାନଗଛଗୁଡ଼ିକ ଜମିରେ ଶୋଇ ରହିଥିବାବେଳେ ଧାନକେଣ୍ଡାରୁ ଧାନ ମଧ୍ୟ ଝଡ଼ି ପଡ଼ିଛି ।

ଜିଲାର ସୋହେଲା ବ୍ଲକରେ ୩୦, ପଦ୍ମପୁରରେ ୨୮, ବିଜେପୁରରେ ୧୦ ପ୍ରତିଶତ କମ୍ ବର୍ଷା ହୋଇଥିବା ଯୋଗୁ ସେଠାରେ ମରୁଡ଼ି ପରିସ୍ଥିତି ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ହୋଇଥିବା ବର୍ଷା ସମ୍ପୃକ୍ତ ଅଞ୍ଚଳରେ ହୋଇଥିଲେ ଚାଷୀଙ୍କ ପାଇଁ କିଛି ଫଳପ୍ରଦ ହୋଇଥାନ୍ତା। ମାତ୍ର ସେ ଅଞ୍ଚଳରେ ବର୍ଷା ନ ହୋଇ ଜଳସେଚିତ ଅଞ୍ଚଳରେ ବର୍ଷା ସାଙ୍ଗକୁ କରାମାଡ଼ ହୋଇ ଚାଷୀଙ୍କ ଫସଲ ଧୂଳିସାତ୍ ହୋଇଥିବା ଯୋଗୁ ଜିଲାରେ ପୁଣି ୨୦୧୭ ଖରିଫ ଫସଲକ୍ଷତି ଆଶଙ୍କାରେ ରହିଛନ୍ତି।





ଭଟଲି ଅଞ୍ଚଳରେ କ୍ଷତିଗ୍ରସ୍ତ ଧାନ ଫସଲ । ବରପାଲି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବା ଫସଲ ।

# ଜୁଗାର ଯାତ୍ରାରେ ସାମିଲ ହେଲେ ଶ୍ରଦ୍ଧାଳୁ

**ବରଗଡ଼ ଅଫିସ୍,୨୩।୧୦**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ମା' ପଁର୍ରାପାଟ୍ ମନ୍ଦିରରେ ପାର୍ବଣ ମହୋତ୍ସବ ଉତ୍ସାହ ଉଦ୍ଦୀପନା ସହିତ ଚାଲିଛି । ଏହି କ୍ରମରେ ମଙ୍ଗଳବାର ପଁର୍ରାପାଟ୍ ଦେବୀଙ୍କ ଜୁଗାର ଯାତ୍ରା ଅନୁଷ୍ଠିତ ହୋଇଥିଲା । ବରାହଗୋଡ଼ା ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଜୁଗାର ଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ସହିତ ମନ୍ଦିରକୁ ପହଞ୍ଚିଥିଲା। ଜୁଗାର ଯାତ୍ରାରେ ଦୁଲଦୁଲି, ଘୁମୁରା, ଘଣ୍ଟବାଦ୍ୟ ଆଦି ସାମିଲ ହୋଇଥିଲା। ସନ୍ଧ୍ୟା ୫ଟାରେ ମନ୍ଦିର ସମ୍ମୁଖରେ ସମ୍ବଲପୁରର ରଙ୍ଗଫରୁଆ, ମହୁଲପାଲିର ଘୁପକୁଡୁ, ସୋନପୁରର ପଏଁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର କରାଯାଇଥିଲା। ରାତ୍ରିରେ ପଡ଼ିଆବାହାଲର ଯାତ୍ରା ମହିମା ଏବଂ ରାଏସଲପଦରର ଶକ୍ତିମୟୀ ଅପେରା ନାଟକ ପରିବେଷଣ କରିଥିଲେ।



ବରାହଗୋଡ଼ାରେ ଶ୍ରୀ ଶ୍ରୀ ପଁର୍ରାପାଟ୍ ଦେବୀଙ୍କ ଜୁଗାର ଯାତ୍ରା।

# ଘିଚାପାଲି ଫୁଟବଲ : ଗର୍ଭନା ଚାମ୍ପିୟନ

**ଭେଡ଼େନ,୨୩।୧୦ (ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ରୁଷୁଡ଼ା ପଞ୍ଚାୟତ ଘିଚାପାଲି ଖେଳ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଗର୍ଭନା ଦଳ ଚାମ୍ପିୟନ ହୋଇଛି। ଜୟ ମା' ପଥେଇ ଦୁର୍ଗା ଯୁବକ ସଂଘ ଆନୁକୂଲ୍ୟରେ ହୋଇଥିବା ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଗର୍ଭନା ଦଳ ଟାଇବ୍ରେକର ଯୋଗେ ୪-୨ ଗୋଲରେ ବାଞ୍ଜିପାଲି ଦଳକୁ ପରାସ୍ତ କରିଛି। ପ୍ରତିଯୋଗିତାକୁ ସାମାଜିକ କର୍ମୀ ସୁରଜିତ ହୋତା ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ଯୁବ ବିଜେଡ଼ି କର୍ମୀ ସୁରେନ୍ଦ୍ର କର୍ମି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳଗୁଡ଼ିକୁ ରେଫରି ଜଗତରାମ ଜଗଦଳା, ଅଜିତ ମାଝି, ବିକି ସେହୁଲା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଭୁତାପାଲି, ଗଣ୍ଡିଆପାଲି, ଗର୍ଭଣା, ମାନପୁର, ବାଞ୍ଜିପାଲି, ଟାପରସରା, ଗୁରୁପାଲି ଓ କରଡ଼ୋଲା ଦଳ ଅଂଶଗ୍ରହଣ କରିଥିଲେ।



ଘିଚାପାଲି ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

# ପାଇପରୁ ବାହାରୁଛି ନର୍ଦ୍ଦମା ପାଣି : ପ୍ରତିକାର ଦାବି

**ପଦ୍ମପୁର, ୨୩।୧୦ (ଡି.ଏନ.ଏ)**

ପଦ୍ମପୁର ଏନ୍‌ଏସି ଅଧୀନ ୩ ଓ ୪ ନମ୍ବର ୱାର୍ଡ ମଧ୍ୟରେ ବିଭିନ୍ନ ସ୍ଥାନରେ ପାଇପ୍ ଲାଇନ ଫାଟି ନର୍ଦ୍ଦମା ପାଣି ପଶୁଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି।। ସୂଚନା ଯୋଗ୍ୟ, ଅଞ୍ଚଳକୁ ଆସୁଥିବା ପାନୀୟ ଜଳ ପାଇପ ବରଗଡ ରାସ୍ତା ଦେଇ ଆସିଛି। ହେଲେ ରାସ୍ତା କାମ ବେଳେ ଜେସିବି ମେଶିନ ବ୍ୟବହାର ଯୋଗୁ ବିଭିନ୍ନ ସମୟରେ ପାଇପ ଫାଟି ପାନୀୟଜଳ ଯୋଗାଣରେ ବାଧା ଉପୁଜିଥିଲା। ଏପରି କି ୩ମାସ ତଳେ ପାଇପ ଫାଟି ପାନୀୟ ଜଳ ଯୋଗାଣ ସଂପୂର୍ଣ୍ଣ ବନ୍ଦ ରହିଥିଲା। ବର୍ତ୍ତମାନ ମରାମତି ପରେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଛି। ହେଲେ ପାଇପରୁ ଦୁର୍ଗନ୍ଧ ଯୁକ୍ତ ନର୍ଦ୍ଦମା ପାଣି ବାହାରୁ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୱାର୍ଡର ମହିଳା ଓ ଭଦ୍ର ବ୍ୟକ୍ତି ଉପଜିଲାପାଳଙ୍କୁ ଏହାର ପ୍ରତିକାର ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଚନ୍ଦ୍ରବତୀ ସାହୁ, ଭୂମିସୂତା ଦାନୀ, ରଞ୍ଜୁଲତା ସାହୁ, ରମିତା ସାହୁ, କୁନ୍ତି ସାହୁଙ୍କ ସମେତ ଅବସରପ୍ରାପ୍ତ ଅତିରିକ୍ତ ଜିଲା ଜଜ୍ ରାମଚନ୍ଦ୍ର ତ୍ରିପାଠୀ, ଟାଉନ କଂଗ୍ରେସ ସଭାପତି ସନ୍ତୋଷ ଶତପଥୀ, ଲାଲବିହାରୀ ମିଶ୍ର, ଯତିନ୍ଦ୍ର ଦାଶ, ନିର୍ମଳ କୁମାର ସାହୁ, ସରୋଜ ମିଶ୍ର, ବିକାଶ ସାହୁ, ପ୍ରଦୀପ ଦାନୀ, ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# କ୍ୟାଣ୍ଡେଲ ଜାଳି ନୀରବ ପ୍ରାର୍ଥନା

**ଅତାବିରା, ୨୩।୧୦ (ଡି.ଏନ.ଏ)**

ପଞ୍ଜାବର ଅମୃତସର ନିକଟରେ ଗତ ୨୦ ତାରିଖ ରାବଣ ପୋଡି ଉତ୍ସବରେ ଟ୍ରେନ ଦୁର୍ଘଟଣାରେ ୬୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଅତାବିରା ବ୍ଲକ କୁଲତାଟୁକୁରା ପଞ୍ଚାୟତ ଗାନ୍ଧୀଟିକ୍ରା ଗାଁର ଯୁବକମାନେ ମଙ୍ଗଳବାର କ୍ୟାଣ୍ଡେଲ ଜାଳି ନୀରବ ପ୍ରାର୍ଥନା କରିଥିଲେ। ଏପରି କି ଆହତମାନଙ୍କ ଆରୋଗ୍ୟ କାମନା କରିଥିଲେ।



ଯୁବକମାନଙ୍କ ଦ୍ୱାରା ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

# ଜାଲ୍ ତିଆରି ରୁଜ୍‌ଗାର କରୁଛନ୍ ବୁଢ଼ା

**ଅତାବିରା, ୨୩।୧୦ (ଡି.ଏନ୍.ଏ.)**

ଦିନୁଦିନ୍‌କେ ବଏସ୍ ଗଡି ଯାଉଛେ। ଯେନ୍ ବଏସେ ଘରେ ବସି ପୁଓ ବହର ସେବା ପାଏବାର କଥା, ନାତି ନାତେନ୍‌କର ସଂଗେ ଖେଲ୍‌ବାର କଥା, ସେ ବଏସେ ସେ ରୁଜ୍‌ଗାର କରୁଛନ୍। ସତେ ଯେନ୍‌ତା ବଏସ୍ ତାକରନେ ହାର ମାନିଛେ। ଘରେ ବସି ରହେବାର ଜାଗାରେ ସେ ମାଛ୍ ଧରା ଜାଲ୍ ତିଆରୁଛନ୍। ସେ ହେଉଛନ୍ ବରଗଡ ଜିଲା ଭେଡେନ ବ୍ଲକ୍ ଉଦେପୁର ଗାଁର ହଳଧର ଝାଙ୍କର(୭୫)। ବେଆଇନ୍ ବ୍ଲାଷ୍ଟିଂ ଲାଗି ମହାନଦୀରେ ବହୁତ୍ ପରକାର ମାଛ୍ ଲୋପ୍ ପାଇଗଲେନ। କେଉଟ, ଝରା, ଗିଙ୍ଗରା ସମାଜର ଲୋକ୍‌ମାନେ ନିଜର ଜୀବ୍‌କା ହରାବାର ଲାଗି ସଭେ ଉନିଆ ବେପାରମାନ୍ କଲେନ। ହେଲେ ହଳଧର ମାଛ୍ ଧରା ଜାଲ୍ ବୁନ୍‌ବାରେ ବାଇ। ସେ ଯେନ୍ ଜାଲ୍ ବୁନୁଛନ୍ ସେଟା ବଜାରୁ ଘିନ୍‌ଲେ ୭ଶହରୁ ୨ହଜାର ଟଁକା ତକ୍ ପଡୁଛେ। ସେଥିରଲାଗି ସେ ନିଜେ ସୂତା ଘିନି ଘରେ ମନ୍‌ଇଛା ଜାଲ୍ ବୁନୁଛନ୍ ଆର୍ ମହାନଦୀରୁ ମାଛ୍ ମାରୁଛନ୍। ମହାନଦୀରୁ ତାଜା ମାଛ୍

## ହାରମାନିଛେ ବଏସ୍

ମାରି ବିକ୍‌ଲେ ବନେ ଦୁଇପଏସା ରୁଜ୍‌ଗାର ହେଉଛେ, ଘରେ ବସି ବସି ସମିଆ ଗୁଆଁଲେ କାଣା ହେବା ବଲି ହଳଧର କହିଛନ୍। ସେ ଆହୁରି କହିଛନ୍ ଯେ, ବଏସଟା ମନର ଗୁଟେ ଭରମ୍ ଆଏ ଗୋଡ୍‌ହାତ ଚଲୁଥିବାର ତକ୍ ଯେନ୍‌ଟା ହେଲେ ଗୁଟେ କରୁଥିଲେ ମନ୍‌ଟା ବି ପରଛା ଲାଗ୍‌ବା ବଲି ସେ କହିଛନ୍।



ହଳଧର ମାଛ୍‌ଧରା ଜାଲ୍ ତିଆରିବାରେ ବାଇ ଅଛନ୍।



ବଡ଼ ମାଛ ଧରିବାକୁ ହେଲେ ବନ୍‌ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବ। - **ଶ୍ରୀ ରାମକୃଷ୍ଣ ପରମହଂସ**



## ସଂକ୍ଷେପରେ

### ୧୩୫୦ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

**ଡୁଙ୍ଗୁରିପାଲି, ୨୩।୧୦ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ମଙ୍ଗଳବାର ଆରଏମସି ପରିସରରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ବୋନସ ଟଙ୍କା ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜଳ ସମ୍ପଦ, ଶିଳ୍ପ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୁଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ଉପାଧ୍ୟକ୍ଷ ନମିତା ସେଠ, ଜିଲା ପରିଷଦ ସଭ୍ୟା ମମତା ମଟାରୀ, ଚେରୁପାଲି ସମିତି ସଭ୍ୟ ହିମାଂଶୁ ଶେଖର ବିଶ୍ୱାଳ, ଏସିଏସ୍‌ଓ ରାମପ୍ରସାଦ ମାଝୀ, ଜିଲା ଉପାଧକ୍ଷ ରୁଦ୍ରକିଶୋର ମହଲା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । ବିଡିଓ ସହଦେବ ସମଧିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକରେ ସର୍ବମୋଟ ୫୧୪୦ ପରିବାରର ଲୋକେ ଦରଖାସ୍ତ କରିଥଲେ । ସେଥି ମଧ୍ୟରୁ ୨୪୫୦ପରିବାରକୁ ଯୋଗ୍ୟ ବିବେଚିତ କରାଯାଇଛି । ସେଥି ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ମନ୍ତ୍ରୀ ପୂଝାରୀ ୧୩୫୦ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ । ସେହିପରି ୨୦୧୬-୧୭ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ଯୋଜନାରେ ଧାର୍ଯ୍ୟ ୪ମାସରେ ଘର ସମ୍ପୂର୍ଣ୍ଣ ନିର୍ମାଣ କରିଥିବା ୫୯ଜଣଙ୍କୁ ୨୦ହଜାର ଟଙ୍କା ଓ ୬ମାସରେ କାମ ସମ୍ପୂର୍ଣ୍ଣ କରିଥିବା ୩୯ ହିତାଧିକାରୀଙ୍କୁ ୧୦ହଜାର ଟଙ୍କାର ବୋନସ ରାଶି ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏବିଡିଓ ଶଶୀଭୂଷଣ ପଧାନ, ଯୋଗାଣ ଅଧିକାରୀ ଜଗନ୍ନାଥ ଭୋଇ, କୃଷ୍ଣଚନ୍ଦ୍ର ସାହୁ, ଦିଲୀପ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ଏକଦିବସୀୟ ଫୁଟବଲ: ବଲାଙ୍ଗୀରକୁ ଟାଇଟଲ

**ତରଭା, ୨୩।୧୦(ଡି.ଏନ.ଏ.):** ତରଭା ବ୍ଲକ ବଡଭଇଁରୋଠାରେ ମା' କନ୍ଦେନ୍‌ବୁଢୀ ଭଏଁରୋପାଟ ଦଶମ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ବଡଭଇଁରୋ ଦିବ୍ୟଜ୍ୟୋତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ଆଠଟି ଦଳ ଅଂଶଗ୍ରହଣ କରିଥିଲେ । ଏ ଗ୍ରୁପରୁ ତରଭା ଦଳ ଓ ବକଟି ଦଳ, ବି ଗ୍ରୁପରୁ ବଲାଙ୍ଗୀର ଓ କସୁରପାଲି ଦଳ ସେମିଫାଇନାଲକୁ ଉନ୍ନିତ ହେଇଥିଲେ । ତରଭା ଓ ବଲାଙ୍ଗୀର ଦଳ ଫାଇନାଲକୁ ଉନ୍ନିତ ହୋଇଥିଲେ। ଏଥିରେ ବଲାଙ୍ଗୀର ଦଳ ୧-୦ଗୋଲରେ ତରଭାକୁ ପରାସ୍ତ କରିଥିଲା । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇଆଇସି ସୁରୁବାବୁ ଛତ୍ରିୟା ଯୋଗଦେଇଥିଲେ। ବଡଭଇଁରୋ ସରପଞ୍ଚ ଲୋକନାଥ ଦଳବେହେରା, ବସନ୍ତ ମଲ୍ଲିକ, ଅମର ସିଂ ଦଳବେହେରା, ଆଦି ମେହେର ମଞ୍ଚାସୀନ ଥିଲେ । ଅତିଥିମାନେ ବିଜେତା ବଲାଙ୍ଗୀରକୁ ୩୦୦୧ ଟଙ୍କା ଓ ଉପବିଜେତା ତରଭାକୁ ୨୦୦୧ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ସଞ୍ଜୀବ ସାହୁ ଖେଳ ପରିଚାଳନା କରିଥିଲେ । ମ୍ୟାନ ଅପ ଦି ମ୍ୟାଚ୍ ବଲାଙ୍ଗୀରର ଦେବେନ୍ଦ୍ର ବାଘ, ବାବୁଲୁ ବେଷ୍ଟ ଗୋଲକିପର ଭାବେ ପୁରସ୍କୃତ ହୋଇଥିଲେ ।

୩୬ ବର୍ଷରେ ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା

# ବିଶେଷ ଆକର୍ଷଣ ମୁରାସୁର ଦରବାର



ମା ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

**ଅମରପାଲି, ୨୩।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀଠାରେ ବୁଧବାରଠାରୁ ଆରମ୍ଭ ହେବ ଗଜଲକ୍ଷ୍ମୀ ପୂଜା। ଚଳିତ ବର୍ଷ ଏଠାକାର ଗଜଲକ୍ଷ୍ମୀ ପୂଜା ୩୬ବର୍ଷରେ ପହଞ୍ଚିଛି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସାଜସଜ୍ଜାଠାରୁ ଆରମ୍ଭ କରି ମେଢ଼, ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ୧୦୦ରୁ ଉର୍ଦ୍ଧ୍ୱ ବ୍ରତଧାରୀ ନିଷ୍ଠା ଓ କାଷ୍ଠାର ସହିତ ବ୍ରତ ଧାରଣ କରିବେ। ପୂର୍ବ ପ୍ରସ୍ତୁତିମତେ ଏଥିପାଇଁ ଗଠିତ ହୋଇଛି ଏକ ପରିଚଳନା କମିଟି। ଏଥିରେ ଲବକୁମାର ସାହୁ ସଭାପତି, ଧନଞ୍ଜୟ ସାହୁ ଉପସଭାପତି, ତ୍ରିୟଞ୍ଜିବ ମିଶ୍ର ସମ୍ପାଦକ, ବିଦ୍ୟାଧର ଖୁର୍ଡିଆ ସହସମ୍ପାଦକ, ସତ୍ୟମୋହନ ବେଦପାଣୀଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ରାଜଗୋପାଳ ପାଣିଗ୍ରାହୀ ଓ କୁଶ କୁମାର ସାହୁଙ୍କୁ ଉପଦେଷ୍ଟା ଏବଂ ବଳରାମ ପ୍ରଧାନ, ଶାନ୍ତନୁ ଖେତୀ ଓ ମନୋଜ ନାଏକଙ୍କୁ କମିଟିର ପ୍ରମୁଖ କର୍ମକର୍ତ୍ତା ଭାବେ ମନୋନୀତ କରାଯାଇଛି। ପୂଜା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗ୍ରାମରେ ଏକ ପ୍ରକାର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଯିବ। ଏବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ମନଲୋଭା ମେଢ଼, ସୁଉଚ୍ଚ ତୋରଣ ଓ ରଙ୍ଗୀନ ଆଲୋକରେ ସଜ୍ଜିତ କରାଯାଇଛି। ଏହା ସହିତ ପ୍ରତ୍ୟହ ସକାଳୁ ମାଁ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ହେବା ସହିତ ସକାଳେ ଓ ସନ୍ଧ୍ୟାରେ ପୁଷ୍ପାଞ୍ଜଳି ହେବ। ମଧ୍ୟାହ୍ନରେ ମା'ଙ୍କ ପାଖରେ ଭୋଗ ଲାଗିଲା ପରେ ସମସ୍ତ ବ୍ରତଧାରୀ ଏକାଠି ପ୍ରସାଦ ସେବନ କରିବେ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାମାୟଣ ପାରାୟଣ ହେବ। ଏଥିରେ ବ୍ୟାସ ଭାବେ ସୁରେନ୍ଦ୍ର ତ୍ରିପାଠୀ ଯୋଗଦେଇ ପାରାୟଣ ପଠନ କରିବେ। ସନ୍ଧ୍ୟାବେଳେ ମୁକ୍ତାକାଶରେ ମୁରାସୁର ରାଜ ନାଟ୍ୟାଭିନୟ ସହିତ ମଞ୍ଚରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି, ପ୍ରଶାସକ, ରାଜନେତା ଉପସ୍ଥିତ ରହିବେ। ଏହା ସହିତ ମଞ୍ଚରେ ଆଧୁନିକ ଓ ଲୋକନୃତ୍ୟ ମଧ ପରିବେଷଣ କରାଯିବ। ଏହାବାଦ ମିନାବଜାର, ଚକ୍ରଦୋଲି, ବ୍ରେକଡ୍ୟାନ୍ସ, ବିଭିନ୍ନ ଘରକରଣା ସାମଗ୍ରୀର ଦୋକାନ ବଜାର ସାଙ୍ଗକୁ ଗୁପଚୁପ ଚାଟ ଭଳି ଚଟପଟି ଖାଦ୍ୟର ମଜା ନେଇ ପାରିବେ ଦର୍ଶକ। ୨୬ ତାରିଖରୁ ଅପେରା ଆରମ୍ଭ ହେବ ।

**ଏମାନେ ଯାହା କୁହନ୍ତି...**



"ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରାଯାଇଛି। ଏହା ୬ ଦିନ ଧରି ଚାଲିବ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

**- ଲବ କୁମାର ସାହୁ, ସଭାପତି**



"ଆକର୍ଷଣୀୟ ମେଢ଼, ସୁଉଚ୍ଚ ତୋରଣ ଓ ରଙ୍ଗୀନ ଆଲୁଅରେ ସଜ୍ଜିତ କରାଯାଇଛି। ମୁରାସୁର ଦରବାର, ମୀନାବଜାର, ଆଧୁନିକ ନୃତ୍ୟ ଓ ଲୋକନୃତ୍ୟ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

**- ତ୍ରିୟଞ୍ଜିବ ମିଶ୍ର, ସମ୍ପାଦକ**



"ଚଳିତ ବର୍ଷ ପୂଜା ପାଇଁ ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସବୁବର୍ଗର ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

**-ସତ୍ୟମୋହନ ବେଦପାଣି, କୋଷାଧକ୍ଷ**



"ମୁଁ ପୂର୍ବରୁ ଅନେକ ଥର ଏଠାରେ ମୂର୍ତ୍ତି କରିଛି। ମାତ୍ର ଏବର୍ଷର ମୂର୍ତ୍ତିକୁ ଅଧିକ ଆକର୍ଷଣୀୟ କରାଯାଇଛି। ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ପାର୍ଶ୍ୱ ଦେବାଦେବୀ ଓ ହନୁମାନ ମୂର୍ତ୍ତିକୁ ପୂଜା ମଣ୍ଡପରେ ସ୍ଥାନିତ କରାଯାଇଛି।

**- ମନମୋହନ ରଣା, ମୂର୍ତ୍ତି କାରିଗର**

### କିଶୋରୀ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ତାଲିମ

**ସୋନପୁର,୨୩।୧୦(ନି.ପ୍ର.)**

କିଶୋରୀ ମାନଙ୍କ ପାଇଁ କିଶୋରୀ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ଦୁଇଦିନିଆ ତାଲିମ କାଯର୍ୟକ୍ରମ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସୋନପୁର ବ୍ଲକର ମଲ୍ଲିକମୁଣ୍ଡା, ଲଛିପୁର, ଖଲିଆପାଲି, ମୟୂରଉଡାନ ଓ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର କିଶୋରୀମାନେ ଏହି ଶିବିରରେ ଯୋଗଦେଇଥିଲେ। ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା କମିଟିର ଅଧକ୍ଷ ହିମାଂଶୁ ଭୁଷଣ ନାୟକ ଯୋଗଦାନ କରି କିଶୋର ଅବସ୍ଥାରେ ଯତ୍ନ ଓ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିଶୁମାନଙ୍କ ଅଧିକାର ତଥା କିଶୋର ନ୍ୟାୟ ଆଇନ, ଶିଶୁମାନଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଆଇନ ୨୦୧୫, ଘରୋଇ ହିଂସା ଆଇନ ୨୦୧୫ ସମ୍ପର୍କରେ ବୁଝାଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରିଣୀ ପୁଷ୍ପାଞ୍ଜଳି ମହାପାତ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୈଶୋରାବସ୍ଥାରେ ଘଟୁଥିବା ଶାରୀରିକ, ମାନସିକ, ଭାବନାତ୍ମକ ଓ ସାଂସ୍କୃତିକ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଡିଏସପି ଆନନ୍ଦବର୍ଦ୍ଧନ ଗୁରୁ ଆଇନ ସମ୍ପର୍କରେ ବୁଝାଇଥିଲେ। ପ୍ରକଳ୍ପ ସଂଯୋଜକ ଅନଙ୍ଗ ନେଗି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାଯର୍ୟକ୍ରମ ପରିବେଷଣ କରାଯାଇଥିଲା। ତିଳୋତ୍ତମା ପୁହାଣ ଧନ୍ୟବାଦ ପ୍ରଦାନ କରିଥିଲେ ।

ସୁବର୍ଣ୍ଣପୁର ବଳିଯାତ୍ରା

## ବଡ଼ ପରଦାରେ ଭରଣୀ ଦେଖି ଦର୍ଶକ ମୁଗ୍ଧ

**ସୋନପୁର,୨୩।୧୦(ନି.ପ୍ର.)**

ସୁବର୍ଣ୍ଣପୁରର ପ୍ରସିଦ୍ଧ ବଳିଯାତ୍ରା ଯୋଗ ଆଧାରିତ। ଏହି ଯାତ୍ରା ଆଶ୍ୱିନ ଅମବାସ୍ୟାଠାରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପାଳିତ ହୁଏ । ଏଥିରେ ସମସ୍ତେ ସାମିଲ ହୋଇଥାନ୍ତି। ଚଳିତ ବର୍ଷ ବଳିଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ମହାବଳୀ ଯାତ୍ରାକୁ ଏଲଇଡି ମାଧ୍ୟମରେ ବଡପରଦାରେ ଦେଖିବା ପାଇଁ ବ୍ୟବସ୍ଥା ହୋଇଥିଲା। ଫଳରେ ଭରଣୀର ଚମତ୍କାର ଦୃଶ୍ୟ ଉପଭୋଗ କରିବାକୁ ଦର୍ଶକ ସୁଯୋଗ ପାଇଥିଲେ। ଏ ପ୍ରକାର ଉଦ୍ୟମକୁ କୋସଳ ସାହିତ୍ୟ ସଂସ୍କୃତି ଏକାଡେମୀର ସଭାପତି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ଓ ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ସାଧୁବାଦ ଜଣାଇଛନ୍ତି। ଆସନ୍ତା ବର୍ଷ ମା' ସମଲେଇ ମନ୍ଦିରରେ ମଧ ଏଭଳି ବ୍ୟବସ୍ଥା କରିବାକୁ ଏକାଡେମୀ ପକ୍ଷରୁ ନିବେଦନ କରାଯାଇଛି। ବଳିଯାତ୍ରାରେ ଯନ୍ତ୍ର, ମନ୍ତ୍ର, ତନ୍ତ୍ର ପ୍ରୟୋଗ କରି ଷୋହଳ ଭଉରୀ ବାଦ୍ୟ ମାଧ୍ୟମରେ ବରୁଆକୁ ପତଞ୍ଜଳି ଯୋଗସୂତ୍ର ମତେ ଧ୍ୟାନରୁ ନିମ୍ନ ସମାଧି ସ୍ଥିତିକୁ ନିଆ ଯାଇଥାଏ। ଉକ୍ତ ନିମ୍ନ ସମାଧି ସ୍ଥିତିରେ ବରୁଆ ଦେହ ଓ ମନରେ ସ୍ପନ୍ଦନ, ଘୂର୍ଣ୍ଣି, ଉଦଭବ, ଆନନ୍ଦ, ନିଦ୍ରା, ମୂର୍ଚ୍ଛା, ଜାଗୃତି ଭଳି ୭ଟି ଲକ୍ଷଣ ପ୍ରକାଶ ପାଇଥାଏ। ଷୋହଳ ଭରଣୀର ଷୋହଳ ପ୍ରକାର ବାଦ୍ୟର ତାଳେ ତାଳେ ବରୁଆ ନୃତ୍ୟ କରିବା ସହ ସମସ୍ତ ପ୍ରକାର କ୍ରିୟାକଳାପ କରେ।

### ଚୁଡାଖାଇ ଡଙ୍ଗର ଯାତ୍ରା ଅନୁଷ୍ଠିତ

**ତରଭା, ୨୩।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ତୁଲୁଣ୍ଡା ପଞ୍ଚାୟତସ୍ଥିତ ଚୁଡାଖାଇ ପାହାଡରେ ପ୍ରତିବର୍ଷ ପରି ମଙ୍ଗଳବାର ଚୁଡାଖାଇ ଯାତ୍ରା ପାଳିତ ହୋଇଯାଇଛି। ନଗର ଉନ୍ନୟନ ଓ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତୁଲୁଣ୍ଡାକୁ ଯାଇ ଆରାଧ ଦେବତା ଭାବେ ପୂଜିତ ହେଉଥିବା ପୁଡାପାଟ, ସିକେରପାଟ ଏବଂ କୁଟସିରା ଗ୍ରାମର ସ୍ୱର୍ଗାସନୀଙ୍କୁ ଦର୍ଶନ କରିଥିଲେ । ସେଠାରୁ ଫେରିବା ସମୟରେ ନର୍ଡାର ବାବାମଠକୁ ଯାଇ ବାବା ଭିକାରୀ ଚରଣ ଦାସଙ୍କୁ ଭେଟିଥିଲେ । ମନ୍ତ୍ରୀଙ୍କ ଗସ୍ତ ସମୟରେ ଜିଲା ପରିଷଦ ସଭ୍ୟ ସରୋଜ କମ୍ପ, ପ୍ରବୀଣ ନାଗ, ରମେଶ ପୂଜାରୀ, ସୁବାଷ ସେଠୀ, ଅଶ୍ୱିନୀ ବିଶି, ଗଦିଦାର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରା ପୂର୍ବଦିନ ଯାତ୍ରାର ଆରାଧ ଦେବତା ମାନଙ୍କର ଛତର ବୈରଖ ଆଦି ବାହାର କରାଯାଇ ପୂଜାପାଠ କରାଯାଇଥିଲା।

## ସ୍କୁଲ ଜୀବନର ସ୍ମୃତିଚାରଣ କଲେ ବିଦ୍ୟାର୍ଥୀ



ବନ୍ଧୁମିଳନରେ ଯୋଗଦେଇଥିବା ପ୍ରାକ୍ତନ ଛାତ୍ରୀଛାତ୍ର ଓ ଅତିଥି।

**ବୀରମହାରାଜପୁର, ୨୩।୧୦ (ଡି.ଏନ୍.ଏ.)**

ପୂଜାଛୁଟି ଅବକାଶରେ ବୀରମହାରାଜପୁର ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବୀରମହାରାଜପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୦୦୭ ଓ ୨୦୦୮ ବ୍ୟାଚ ଛାତ୍ରୀଛାତ୍ରମାନଙ୍କର ବନ୍ଧୁମିଳନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଭଳି ମହାନୀୟ ପରମ୍ପରାକୁ ବଜାୟ ରଖି ଆସିଥିବା ଉକ୍ତ ପୁରାତନ ବିଦ୍ୟାର୍ଥୀ ମାନଙ୍କର ସମାବେଶରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିତ୍ୟ ପତି ଓ ସେବାରତ ଶିକ୍ଷକ ମେଘନାଦ ଭୋଇ ଅତିଥିଭାବେ ଯୋଗଦେଇ ଉତ୍ସାହିତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପୁରାତନ ଛାତ୍ର ଇଷିତ କୁମାର ଡାଙ୍ଗ ସଭାପତିତ୍ୱ କରିଥିବା ବେଳେ ଦୁଇ ଅତିଥି ବନ୍ଧୁମିଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରାଜେଶ୍ୱରୀ ଭୋଇ, ଗୀତାଞ୍ଜଳି ମହାଲିକ, ସାବିତ୍ରୀ ବେହେରା, ମାନସ ସେଠୀ, ସୁରଜିତ ସାହୁ ପ୍ରମୁଖ ସ୍ୱଜୀବନର ସ୍ମୃତିଚାରଣ କରିବା ସହ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଶେଷରେ ଯଶୋବନ୍ତି ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟାଙ୍ଗ ଯୁବତୀ ୭ମାସର ଗର୍ଭବତୀ

**ସୋନପୁର,୨୩।୧୦(ନି.ପ୍ର.)**

- ତ୍ୱରିତ ପଦକ୍ଷେପ ନେଲା ପ୍ରଶାସନ
- ପୀଡିତାଙ୍କୁ ପଠାଗଲା ସ୍ୱାଧାର ଗୃହ
- ଅଭିଯୁକ୍ତ ଭିଣୋଇଙ୍କୁ ଖୋଜୁଛି ପୋଲିସ

ଜଣେ ଦିବ୍ୟାଙ୍ଗ ଅବିବାହିତ ଯୁବତୀ ଏବେ ୭ମାସର ଗର୍ଭବତୀ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଜଟେସିଂହା ପଞ୍ଚାୟତ କେଉଟିପାଲି ଗ୍ରାମର ଭିଣୋଇ ଯୋଗେଶ୍ୱର ବେହେରାଙ୍କ ଦ୍ୱାରା ସେ ପ୍ରତାରିତ ହୋଇଛନ୍ତି। ବାପାଙ୍କ ଦେହାନ୍ତ ହୋଇଥିବାରୁ ଯୁବତୀ ଜଣକ ଭାଇଭାଉଜଙ୍କ ପାଖରେ ରହୁଥିଲେ। କିନ୍ତୁ ଅବିବାହିତ ହୋଇ ଗର୍ଭବତୀ ଥିବାରୁ ଭାଉଜଭାଇ ଲୋକଲଜ୍ୟାରେ ତାଙ୍କୁ ଘରେ ପୁରାଉ ନାହାନ୍ତି। ବିଦ୍ୟାଳୟ ଓ ଗାଁ ଲୋକଙ୍କ ଘର ବାରଣ୍ଡାରେ ସେ ରାତି କାଟୁଥିଲେ। ଆଗକୁ ଶୀତଋତୁ ଆସୁଥିବାରୁ ସୋମବାର ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରକୁ ଯାଇ ପ୍ରଶାସନ ଆଗରେ ଯୁବତୀ ଜଣକ ନିଜର ଦୁଃଖ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ତାଙ୍କୁ ତତ୍‌କ୍ଷଣାତ୍ ଦୁସ୍ଥ ଅବିବାହିତ ଭତ୍ତା ମଞ୍ଜୁର କରାଇଥିଲେ। ତାଙ୍କୁ ୫ ମାସର ଭତ୍ତା ୧୫୦୦୦ଟଙ୍କା ମିଳିଥିଲା। ସେହିପରି ପୀଡିତା ଓ ତାଙ୍କ ଗର୍ଭରେ ବଢୁଥିବା ଶିଶୁର ସୁରକ୍ଷା ପାଇଁ ସ୍ୱାଧାର ଗୃହରେ ରହିବା ପାଇଁ ବ୍ୟବସ୍ଥା କରିବାକୁ ଶିବିରରେ ଉପସ୍ଥିତ ଥିବା ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା ଓ ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଶାସନର ତ୍ୱରିତ ପଦକ୍ଷେପ ପରେ ପୀଡିତା ଏବେ ବୀରମହାରାଜପୁରସ୍ଥିତ ସ୍ୱାଧାର ଗୃହରେ ରହୁଛନ୍ତି। ଅନ୍ୟପକ୍ଷେ ତାଙ୍କ ଲିଖିତ ଅଭିଯୋଗକ୍ରମେ ବୀରମହାରାଜପୁର ଥାନାରେ ଗତ ୯ ତାରିଖରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଯୋଗେଶ୍ୱରଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ମାହେଶ୍ୱରୀ ପୀଠରେ ଆରମ୍ଭ ହେଲା କୁମାରୋତ୍ସବ

## ନିଷ୍ଠା, ଭକ୍ତିର ନିଆରା ପରମ୍ପରା : ଅଶିନପୁନି ଯାତରା

**ମା'ଙ୍କ ଦେମୁଳ ବିଜେ ଆଜି**

**ବୀରମହାରାଜପୁର, ୨୩।୧୦ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର କାନପୁରସ୍ଥିତ ପ୍ରାଚୀନ ଶକ୍ତିପୀଠରେ ମଙ୍ଗଳବାର ଆରମ୍ଭ ହୋଇଛି କୁମାରୋତ୍ସବ ଯାତ୍ରା । ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ନିକଟରେ ନିଷ୍ଠା ଓ ଭକ୍ତି ସହ ଶୁଭାରମ୍ଭ ହୋଇଥିବା ଏହି ତ୍ରିଦିନାତ୍ମକ ଯାତ୍ରା ପାଇଁ ସାରା ଅଞ୍ଚଳ ଉତ୍ସବ ମୁଖର ହୋଇଛି । ଅଶିନପୁନି ଯାତ୍ରା ଭାବରେ ପ୍ରସିଦ୍ଧି ଲାଭ କରିଥିବା ଉକ୍ତ ମହାପର୍ବ ଅବସରରେ ଭକ୍ତଜନଙ୍କୁ ଦର୍ଶନ ଦେବାପାଇଁ ବର୍ଷକ ପରେ ଗମ୍ଭୀରାରୁ ବାହାରିଛନ୍ତି ମା' ମାହେଶ୍ୱରୀ । ବୁଧବାରରୁ ହେବ ମା'ଙ୍କ ଦେମୂଳ ବିଜେ। ସେଥିପାଇଁ ଚାରିଆଡେ ଗହଳ ଚହଳ । ଶକ୍ତି ଉପାସନା କ୍ଷେତ୍ରରେ ଏହି ପୀଠର ସ୍ୱାତନ୍ତ୍ରତା ରହିଛି । ଏହି ପରିପ୍ରେକ୍ଷୀରେ ଏକ ବିଶେଷ ଉପସ୍ଥାପନା ...।

**ଦେବୀଙ୍କ ପ୍ରତୀକ:** ଦେବୀ ମାହେଶ୍ୱରୀଙ୍କୁ ଦୁଇଟି କାଷ୍ଠାଦଣ୍ଡରେ ପୂଜା କରାଯାଏ । ତାଙ୍କର କୌଣସି ମୃଣ୍ମୟୀ ମୂର୍ତ୍ତୀ କାନପୁର ସମେତ ପଶ୍ଚିମ ଓଡିଶାର କୌଣସି ପୀଠରେ ଦେଖିବାକୁ ମିଳେନାହିଁ । ପ୍ରାୟ ଚାରିଫୁଟର ଦୁଇଟି କାଷ୍ଠଦଣ୍ଡ(କାଠ) ଉପରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଅସୀମ ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସ ପରିଲକ୍ଷିତ ହୁଏ । ଗୋଟିଏ ଦଣ୍ଡ ରୋହିଣୀ କାଷ୍ଠରେ ଏବଂ ଅନ୍ୟଟି ମହୁଲ କାଷ୍ଠରେ ନିର୍ମିତ ହେବାର ବିଧିରହିଛି। ରୋହିଣୀ ଦଣ୍ଡକୁ ପରମେଶ୍ୱରୀଙ୍କ ପ୍ରତୀକ ଓ ମହୁଲ ଦଣ୍ଡକୁ ଖମ୍ଭେଶ୍ୱରୀଙ୍କ ପ୍ରତୀକ ଭାବରେ ପୂଜା କରାଯାଏ । ତେବେ ଏହି ଉଭୟ ଦେବୀଙ୍କୁ ମାହେଶ୍ୱରୀ ବୋଲି ଅଭିହିତ କରି ଆସୁଥିଲେ ସୁଦ୍ଧା ଏହି ନାମକରଣର ଯଥାର୍ଥତା ଏଯାଏ ପ୍ରତିପାଦିତ ହୋଇପାରିନାହିଁ । ଖମ୍ଭେଶ୍ୱରୀ ମୂଳତଃ ଆଦିବାସୀମାନଙ୍କ ଦେବୀ ଭାବରେ ପ୍ରରଚୀନ କାଳରୁ ପୂଜିତ ହୋଇ ଆସୁଥିବା ବେଳେ ଆର୍ଯ୍ୟ ଅଣଆର୍ଯ୍ୟ ସଂସ୍କୃତିର ମହାମିଳନ ସମୟରେ ତାଙ୍କୁ ଆର୍ଯ୍ୟମାନେ ଗ୍ରହଣ କରି ମାହେଶ୍ୱରୀ ନାମରେ ଆରାଧନା କରୁଥିବା ସମ୍ଭାବନା ରହିଛି।



ପୀଠ ମଣ୍ଡପରେ ପୂଜା ଆରାଧନା ଚାଲିଛି ।

**ପୂଜାବିଧି:** ପଶ୍ଚିମ ଓଡିଶାର ବିଭିନ୍ନ ମାହେଶ୍ୱରୀ ପୀଠରେ ଅନ୍ୟାନ୍ୟ ଦେବୀପୀଠ ଭଳି ମୂଳାଷ୍ଟମୀ (ଆଶ୍ୱିନୀ କୃଷ୍ଣପକ୍ଷ ଅଷ୍ଟମୀ ତିଥି)ଠାରୁ ଷୋହଳ ପୂଜା ଆରମ୍ଭ ହୁଏ ଏବଂ ମହାଷ୍ଟମୀ (ଶୁକ୍ଳ ଅଷ୍ଟମୀ)ରେ ଉଦ୍‌ଯାପିତ ହୋଇଥାଏ । ତେବେ ଏହି ବ୍ୟବସ୍ଥାରେ କାନପୁର ଶକ୍ତି ପୀଠର ପରମ୍ପରା ଭିନ୍ନ ତଥା ଅନନ୍ୟ । ଏଠାରେ ଶାରଦୀୟ ପୂଜାତ୍ସବ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ । ଏହି ଅବସରରେ ଆୟୋଜିତ ପର୍ବକୁ କୁହାଯାଏ କୁମାରୋତ୍ସବ ଅଥବା ଅଶିନପୁନି ଯାତ୍ରା । ଯାତ୍ରାର ପ୍ରଥମ ଦିନ ଏଇଠି ହୁଏ ଅଧିବାସ ପୂଜା । ଏହି ପୂଜାରେ ମାହେଶ୍ୱରୀ ମନ୍ଦିରଠୁ ସାମ୍ନା ପୂଜା ମଣ୍ଡପକୁ ମାହେଶ୍ୱରୀଙ୍କ ଛତ୍ର ଓ ଆଲମ ବିଧିମତେ ଅଣାଯାଇ ସ୍ଥାପନ କରାଯାଇଥାଏ । ଦୁଇଟି କଳାଧଳା ରଙ୍ଗର ଛତ୍ର ମଝିରେ ଶୋଭାପାଏ ଆଲମ । ଛତ୍ର ଦୁଇଟି ଖମ୍ଭେଶ୍ୱରୀ ଓ ପରମେଶ୍ୱରୀ ହୋଇଥିବାବେଳେ ମଝି ଅଲମ ନିରଘଣ୍ଟା ଦେବୀଙ୍କ ପ୍ରତୀକ ରୂପେ ପୂଜା ପାଆନ୍ତି । ଦ୍ୱିତୀୟ ଦିବସରେ ଦେବୀ ଶୋଭାଯାତ୍ରାରେ ଯାଆନ୍ତି ଦେମୂଳ । ଦେମୂଳସ୍ଥିତ ପୂଜାମଣ୍ଡପରେ ନିଶାରାତିରେ ପାଳିତ ହୁଏ ମହାଖଳା ପୂଜା । ଏହିଠାରେ ମାଁଙ୍କ ନିକଟରେ କେବଳ ଖୀରି ଭୋଗ ଲାଗି ହୁଏ । ଏହାକୁ ଆଞ୍ଚଳିକ ଭାଷାରେ ବେଶାଲୀ ବୋଲି କୁହାଯାଏ । ପ୍ରଶାସନ ତଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସଚେତନତା ଯାରି ରହୁଥିଲେ ହେଁ ଦେମୁଲପଡିଆରେ ବଳି ପ୍ରଥାକୁ ରୋକାଯାଇ ପାରିନାହିଁ । ଯାତ୍ରାର ୩ୟ ତଥା ଅନ୍ତିମ ଦିବସରେ ଅନୁଷ୍ଠିତ ହୁଏ ଦେବୀଙ୍କ ବାହୁଡା ଯାତ୍ରା ଏବଂ ଉଦ୍‌ଯାପନୀ ପର୍ବ । ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା ଶେଷକରି ଦେବୀ ମନ୍ଦିର ମଣ୍ଡପରେ ବିଜେ କରନ୍ତି । ସେଇଠି ପୂଜା ଆରାଧନା ସହ ଅନ୍ନଭୋଗ ଲାଗିହୁଏ । ପାହାନ୍ତା ପ୍ରହରରେ ଦେବୀ ଗମ୍ଭୀରାକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଅରଣ୍ୟ ସଂସ୍କୃତିର ସଂଯୋଜନା – କାହିଁ କେଉଁ ଦୂର ଅତୀତରୁ ଅରଣ୍ୟ ସଂସ୍କୃତି ସହ ସଂଯୋଜିତ ହୋଇଛନ୍ତି ମାଁ ମାହେଶ୍ୱରୀ। ଦେମୂଳକୁ ଯାତ୍ରା ସମୟରେ ଦେବୀଙ୍କ ଛତ୍ର ସହ ପ୍ରତୀକ ଭାବେ ଯାଇଥାଏ ମୂଳପୀଠରେ ପୂଜା ପାଉଥିବା ବାଡ, ଟାଙ୍ଗି ଓ ତରବାରି । କାନପୁର ପୀଠରେ ଅରଣ୍ୟ ସଂସ୍କୃତିର ସଂଯୋଜନା ଚଳି ଆସିଛି କାହିଁ କେଉଁ କାଳରୁ । ରାଜାରାଜୁଡା ଅମଳରୁ ଦେହେରୀ, ପୁରୋହିତ, ଗୁଡିଲିପତି, ମେଣ୍ଢିଲୀ, ବାଦ୍ୟକାର ଆଦି ସେବାୟତ ପାଇଁ ଖଞ୍ଜା ହୋଇଛି ଜମି । କଳାପଥର ମୌଜାରେ ଗୌନ୍ତିଆ ରାଜାଙ୍କ ପ୍ରତିନିଧି ଭାବେ ମାହେଶ୍ୱରୀଙ୍କ ପରମ୍ପରାକ୍ରମେ ପରିଚାଳନା କରି ଆସୁଛନ୍ତି । ଇତିହାସ ଅନୁଯାୟୀ ଖିଞ୍ଜିଲୀ ମଣ୍ଡଳର ରାଜାମାନେ ମାହେଶ୍ୱରୀଙ୍କ ଉପାସକ ଥିବାରୁ ସମ୍ଭବତଃ ଏବେ ମଧ ବୌଦ୍ଧ ଜିଲା ପଞ୍ଚରା ଅଞ୍ଚଳରୁ ମହାଖଳା ପୂଜାରେ ଆବଶ୍ୟକ ପଡୁଥିବା ଗୁଆଘିଅ, ଦହି, ଅରୁଆ ଚାଉଳ, କାଠି, ସରଗିପତର ପ୍ରଭୃତି ପୂଜା ସାମଗ୍ରୀ ସହ ବଳି ପାଇଁ ଅସେ ପାଟର୍ଗା । ଏହି ଶକ୍ତିପୀଠରେ ନିଷ୍ଠା ନୀତି ସହିତ ପୂର୍ବ ପରମ୍ପରା ମତେ ପୂଜା ଆରାଧନା ହୋଇଥାଏ, ଯାହାକି ଶହ ଶହ ବର୍ଷ ପରେ ବି ବଜାୟ ରହି ଆସିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୪ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ଟ୍ରେନରୁ ପଡ଼ି ଜଣେ ମୃତ

**ବରପାଲି,୨୩।୧୦(ଡି.ଏନ.ଏ)-** ବରଗଡ଼ ଜିଲା ବରପାଲି ଥାନା ଜୁଲଟ ଖଲିଆପଡ଼ା ନିକଟରେ ଟ୍ରେନରୁ ପଡ଼ି ଜଣେ ମୃତ୍ୟୁବରଣ କରିଛନ୍ତି । ମୃତକ ଜଣକ ବଲାଙ୍ଗୀର ଜିଲା ସଇଁତଲା ଥାନା ଖଜୁରପଡ଼ାର ମୋହନ ସାହୁ(୭୦) ବୋଲି ଜଣାପଡ଼ିଛି। ମୋହନ ବରଗଡ଼କୁ କୌଣସି କାମରେ ଆସି ଟ୍ରେନ ଯୋଗେ ଘରକୁ ଫେରୁଥିଲେ । ତେବେ ଫେରିବା ବାଟରେ ଛେପ ପକାଇବା ବେଳେ ଟ୍ରେନରୁ ଆକସ୍ମିକ ଭାବେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବରପାଲି ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ଜିଆରପି ପୋଲିସକୁ ହସ୍ତାନ୍ତର କରିଛି।

### ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଘଣ୍ଟାପଡା,୨୩।୧୦ (ଡି.ଏନ.ଏ.)-** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ନଂ.୧ ଜୋନ ଅନ୍ତର୍ଗତ ଘଣ୍ଟାପଡା, ଆମ୍ବଗାଁ, ଉମା, ବରଗାଁ, ଖୁଣ୍ଟିଗୋରା, ନାରାୟଣପ୍ରସାଦ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ସମସ୍ତ ଯାଦବ ସମାଜର ସଦସ୍ୟଙ୍କୁ ନେଇ ରମେଶ ପୋଢ଼ଙ୍କ ଆବାହକତ୍ୱରେ ଆମ୍ବଗାଁ ଗ୍ରାମପଞ୍ଚାୟତର ତେନ୍ତୁଲିଖୁଣ୍ଟି ଗିରିଗୋବର୍ଦ୍ଧନ(ପାହାଡ) ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାଦବ ସମାଜର ବରିଷ୍ଠ ସଦସ୍ୟ ପରମାନନ୍ଦ ମାହାରଙ୍କ ସଭାପତିତ୍ୱରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ ଆଗାମୀ ୮ରୁ ୧୦ ତିନି ଧରି ହେବାକୁ ଥିବା ନାମଯଜ୍ଞ ପାଇଁ ଶାନ୍ତି ଶୃଙ୍ଖଳାରେ କିପରି ସମାପନ ହେବ ସେ ବିଷୟରେ ଆଲୋଚନା କରିଥିଲେ। ଯାଦବ ସମାଜର କୁନାସିଲା କେନ୍ଦ୍ର ସଭାପତି ଲିଙ୍ଗରାଜ ସେଲମା, ସମ୍ପାଦକ ଷଡ଼ାନନ କାଲସେ ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ ।

# ପିଇଲା ପାଏନ୍ ଲାଗି ବାର ଗୁଲ୍‌ଗୁଲା

**ମନମୁଣ୍ଡା, ୨୩।୧୦ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ସହର ତେଲନଦୀ ଖଁଡି ଖଁଡି ଅଛେ । ହେଲେ ଇ ସହରରେ ବାସ କରୁଥିବାର ଲୋକ୍ ନିର୍‌ମଲ ପିଇଲା ପାଏନ୍ ଟିକେ ଲାଗି ବାର ଗୁଲ୍‌ଗୁଲା ହେଉଥିବାର ଦେଖିବାକେ ମିଲୁଛେ। ଲୁକ୍‌କର ସୁବିଧାର ଲାଗି ସରକାର ଇଠାନେ ପାଇପ୍ ପାଏନ୍‌ର ବେବସ୍‌ତା କରିଛନ୍ ସତ୍ ହେଲେ ବଛର ଯାକର ୮ ମାସ୍ ପାଇପ୍ ପାଏନ୍ ବଂଦ୍ ରହୁଥିବାର ଦେଖିବାକେ ମିଲୁଛେ। ବାକି ଯେନ୍ ୪ ମାସ୍ ପାଇପ୍‌ରେ ପାଏନ୍ ଆସୁଛେ ସେଟା ବି ମାହାଦେବକର ମୁଡେ ପାଏନ୍ ଢ଼ାଲ୍‌ଲା ଲେଖେଁ ଝିର୍ ଝିର୍। ଗଲା କେତେ ବଛର ହେଲା ରାସ୍‌ତା ମରାମତିରେ ପାଇପ୍ ଫାଟ୍‌ବାର ଲାଗି ପାଏନ୍ ଯୁଗାବାର ବଂଦ୍ ଥିଲା।

ତାରପରେ ନୂତନ୍ ପାଇପ୍ ଖଁଜାର ଲାଗି ଦିନାଦୁ ବଂଦ୍ ରହେଲା। ସହରବାସୀ ଇ ପାଇପ୍ ପାଏନ୍ ପାଏବାର ଲାଗି ଘରମାନ୍‌କୁ କନେକ୍ସନ୍ ନେଇଛନ୍। ହେଲେ ପାଏନ୍ ଘର୍‌ତକ ଯିବାରଟା ତ ଦୂରର କଥା ଷ୍ଟାଣ୍ଡପୋଷ୍ଟ ମାନ୍‌କେ ବି ପାଏନ୍ ନିବାହାରବାର। ପାଏନ୍ ଯୁଗେଇ ଦିଆଯାଉଥିବାର ଜାଗାନୁ ସହର୍‌ର ଦୂରିଆ କେତେ, କେତେ ଘରେ କନେକ୍ସନ ହେଇଛେ, ଷ୍ଟାଣ୍ଡ ପୋଷ୍ଟ ସଂଖ୍ୟା କେତେ, ସେ ହିସାବେ ମୋଟର ବସ୍‌ବାର କଥା। ସେନ୍‌ତା ଦୂରିଆ ଜାଗାକେ ପାଏନ୍ ଯୁଗେଇ ଦେବାକେ ହେଲେ ଓଭର ହେଡ ଟାଁକି ଥିବାର ଦରକାର, ଯେନ୍‌ଟାକି ମନମୁଣ୍ଡାରେ ନାଁଇଁନ। ଯେନ୍‌ଥିରଲାଗି ପାଇପ୍ ପାଏନ୍ ଠିକ୍ ହିସାବେ ଯୋଗାଣ ନାଇଁ ହେଇପାରବାର ବଲି ଜନାପଡିଛେ। ଯଦି ନଏଦ୍‌ଖଁଡିଆ ସହରମାନ୍‌କେ ଲୋକ୍ ପିଇଲା ପାଏନ୍ ଲାଗି ଗୁଲ୍‌ଗୁଲା ହେଉଛନ୍ ତ ଗାଁ ଗଁଲିରେ ଲୋକ୍ କେନ୍‌ତା ହେଉଥିବେ ଇଥିରୁ ବୁଝାପଡୁଛେ। ଇ ବାବ୍‌ଦେ ସରପଁଚ୍ ମିନାକ୍ଷୀ ସାହୁଙ୍କୁ ପଚରାବାରେ ଦୁଇଟା ମୋଟର ଭିତ୍‌ରୁ ଗୁଟେ ପୁଡି ଯାଇଛେ ଯେନ୍‌ଥିର ଲାଗି ଗୁଟେ ମୋଟର ସବୁ ଲୋଡ୍ ନେଇ ନାଇଁପାରବାର। ୨ରୁ ୩ ଦିନ୍ ଭିତ୍‌ରେ ଇ ସମସିଆର ସମାଧାନ କରାଯିବା ବଲି ସେ କହିଥିଲେ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ: ୪ ଗିରଫ

**ଭେଡ଼େନ,୨୩।୧୦ (ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ଥାନା ଅଧୀନ ରୁଷୁଡ଼ା ଫାଣ୍ଡି ଅଧୀନରେ ଥିବା ଭାଙ୍ଗକୁଦ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜୁଆଖେଳ ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏନେଇ ଭେଡ଼େନ ପୋଲିସର ଏକ ଟିମ୍ ଚଢାଉ କରି ୪ ଜଣ ଜୁଆଡିଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନେ ହେଲେ ପ୍ରେମରାଜ ଅଦାବର, ଅଜିତ ଥନାପତି, ଜୟଦେବ କାଣ୍ଡ ଏବଂ ବୀର ହୋତା। ପୋଲିସ ତାଙ୍କ ନିକଟରୁ ତାସ୍ ପତ୍ତା ଏବଂ ନଗଦ ୩ହଜାର ୮ଶହ ୭୦ ଟଙ୍କା ଜବତ କରିଛି। ଏନେଇ ଭେଡ଼େନ ଥାନାରେ ପୋଲିସ ଏକ ମାମଲା(ନଂ.୨୦୭/ ୧୮)ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ବାଣୀଭୂଷଣପୁର ପଞ୍ଚାୟତ ପଲ୍ଲୀସଭା ସ୍ଥଗିତ ଦାବି

**ବୌଦ୍ଧ ୨୩।୧୦ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ଭାବେ ଜଣାଶୁଣା। ପଞ୍ଚାୟତ ୨୪ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ। ହେଲେ ପଞ୍ଚାୟତରେ ବର୍ତ୍ତମାନ ବିଭିନ୍ନ ଗ୍ରାମର ଉନ୍ନତି ପାଇଁ ଚାଲିଥିବା ପଲ୍ଲୀସଭାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ପଞ୍ଚାୟତ ଆଞ୍ଚଳିକ ବିକାଶ ପରିଷଦ। ପଲ୍ଲୀସଭା ପୂର୍ବରୁ ଦିଆଯାଇଥିବା ପ୍ରସ୍ତାବଗୁଡିକ ଅନୁମୋଦନ କରାଯାଇଥିଲେ ବି କୌଣସି କାର୍ଯ୍ୟ କରାଯାଇନାହିଁ । ଅନ୍ୟପକ୍ଷେ ପଞ୍ଚାୟତରେ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ମନମୁତାବକ କାର୍ଯ୍ୟ କରୁଥିବା ଅଭିଯୋଗ କରାଯାଇଛି। ଏପରି କି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଦେଖାଇ ବିଲ୍ କରାଯାଉଥିବା ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ପୂର୍ବ ପଲ୍ଲୀସଭାରେ ଅନୁମୋଦନ କରାଯାଇଥିବା କାର୍ଯ୍ୟଗୁଡିକ ତୁରନ୍ତ କରାଯିବା ପାଇଁ ବ୍ଲକ ପ୍ରଶାସନ ଆଗରେ ଦାବି କରାଯାଇଛି। ଏନେଇ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ୨୦୧୮-୧୯ ଆର୍ଥିକ ବର୍ଷର ପଲ୍ଲୀସଭାକୁ ସ୍ଥଗିତ କରିବାକୁ ବିଡିଓଙ୍କୁ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଭୈରବୀ ବଜାରର କାଳୀ ପୂଜା : ଶୁଭସ୍ତମ୍ଭ ସ୍ଥାପନ

**ବୌଦ୍ଧ ୨୩।୧୦ (ସ୍ୱ.ପ୍ର.)**

ବୌଦ୍ଧ ସହରର ଭୈରବୀ ବଜାରର କାଳୀ ପୂଜା ପାଇଁ ମଙ୍ଗଳବାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ସନ୍ଧ୍ୟାରେ ଭୈରବୀ ବଜାରଠାରେ ରିତିନୀତୀ ଅନୁଯାୟୀ ପୂଜା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଭୈରବୀ ବଜାରରେ ଦୀର୍ଘ ୩୦ ବର୍ଷ ହେବ ମା' କାଳୀଙ୍କ ପୂଜା କରାଯାଉଛି। ଏହା ୭ ଦିନ ଧରି ଚାଲିବ। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରାଯିବ ବୋଲି ମୁଖ୍ୟ ପରିଚାଳକ କୈଳାସ ବେହେରା ପ୍ରକାଶ କରିଛନ୍ତି। ଶୁଭସ୍ତମ୍ଭ ସ୍ଥାପନ ବେଳେ ବଜାର ସଭାପତି ସୁବାଷ ସାହୁ, ସମ୍ପାଦକ ସୁବାଷ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ କାର୍ତ୍ତିକ ମହାପାତ୍ର, ରବି ମହାକୁଡ, ନବୀନ ମହାପାତ୍ର, ପ୍ରଫୁଲ୍ଲ ଘଡେଇଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବୌଦ୍ଧ ଟାଏକୋଣ୍ଡୋ ସଂଘର ସମ୍ବର୍ଦ୍ଧନା ଉତ୍ସବ

**ବୌଦ୍ଧ ୨୩।୧୦ (ସ୍ୱ.ପ୍ର.)**

ବୌଦ୍ଧ ଟାଏକୋଣ୍ଡୋ ସଂଘର ପ୍ରଥମ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୀତାଂଶୁ କୁମାର ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ପରୀକ୍ଷାର୍ଥୀମାନଙ୍କ ଦ୍ୱାରା ରାମେଶ୍ୱର ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରିଥିଲା। ଏହାକୁ କ୍ରୀଡ଼ାବିତ ଲମ୍ବୋଦର ପୁରୋହିତ ଏହାର ଉଦ୍‌ଘାଟନ କରିଥିଲେ। ମଶାଲ ନଗରପରିକ୍ରମା ପରେ ଷ୍ଟାଡିୟମରେ ପହଞ୍ଚିଥିଲା। ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ମଶାଲକୁ ସ୍ୱାଗତ କରିଥିଲେ। ପରେ ଜଗନ୍ନାଥଙ୍କ ନିକଟରେ ମଶାଲ ସ୍ଥାପନ କରାଯାଇଥିଲା। ଓଡ଼ିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ, ସଦସ୍ୟ ପ୍ରଭାତ କୁମାର ସାହୁ ନିରୀକ୍ଷକ ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଜିତେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ତଥା ପ୍ରଶିକ୍ଷକ ଅଞ୍ଜିତ କୁମାର ସାହୁ ବିବରଣୀ ପାଠ କରିଥିଲେ। ଏପରି କି ଟାଏକୋଣ୍ଡୋ ପାଇଁ ରହିଥିବା ଗୃହର ଆବଶ୍ୟକ ଉପକରଣ ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ଉତ୍ସବରେ ବିଜୟ କୁମାର ସାହୁ ସଂଯୋଜନା କରିଥିବା ବେଳେ ଶବର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଉପସଭାପତି ବିଶ୍ୱରଞ୍ଜନ ସାହୁ, ସହସମ୍ପାଦକ ଅରୁଣ ମେଣ୍ଡଲି, କୋଷାଧ୍ୟକ୍ଷ ଯଜ୍ଞେଶ୍ୱର ମିଶ୍ର, ରାଜ କୁମାର ପ୍ରଧାନ, ସଚ୍ଚିଦାନନ୍ଦ ଶତପଥୀ, ରାମଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଏଥିରେ ୩୩ ଜଣ ଛାତ୍ରୀଛାତ୍ର ୟେଲୋ ବେଲ୍ଟକୁ ଉତ୍ତୀର୍ଣ୍ଣ ହୋଇଥିଲେ।

# ଭାଜପା ଯୁବମୋର୍ଚ୍ଚାର ଦାବିପତ୍ର ପ୍ରଦାନ

**ବୌଦ୍ଧ, ୨୩।୧୦ (ସ୍ୱ.ପ୍ର.)**

ରାଜ୍ୟରେ ଦିନକୁ ଦିନ ବେକାରୀ ସମସ୍ୟା ବୃଦ୍ଧି ପାଉଛି। ଏନେଇ ତୁରନ୍ତ ବେକାରୀଙ୍କୁ ରୋଜଗାର ଯୋଗାଇ ଦେବାକୁ ପାଇଁ ବୌଦ୍ଧ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଜିଲା ଯୁବ ମୋର୍ଚ୍ଚା ସଭାପତି ସୁଶାନ୍ତ ବାଘ, ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ସୁଧାଂଶୁ ଡାଙ୍ଗ, ପୂର୍ବତନ ମଣ୍ଡଳ ସଭାପତି ସୁଶାନ୍ତ ପ୍ରଧାନ, ଜାସୁ ପ୍ରଧାନ, ରଶ୍ମିରଞ୍ଜନ ବେହେରା ମଙ୍ଗଳବାର ଏକ ଦାବି ପତ୍ର ହରଭଙ୍ଗା ତହସିଲଦାର ବବିତା ରାଣୀ ଦଳବେହେରାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସରକାର ୧୦ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ ନ କରନ୍ତି। ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାସ୍ତା ରୋକୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ବୌଦ୍ଧ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ହରଭଙ୍ଗା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।


ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

**TRAHON** Livelihood Mission Pvt. Ltd. **URGENTLY REQUIRED**
A Leading Company Requires Experienced & Qualified Candidates
1. District Manager: 10 Posts (Salary 20,000 to 45,000) MBA, 3-5 Years Administration Exp., Good at English, Hindi & Local Language.
2. District Supervisor: 10 Posts (Salary 15,000 to 20,000) Graduate, 1-2 Years Experience, Good at English, Hindi & Local Language.
3. IT Technician: 10 Posts (Salary 15,000 to 20,000) BCA / BCS IT / MCA / MCS / BE-IT, 1-2 Yrs. Exp., in Hardware & Networking.
4. Calling Executive: 300 Posts(Salary 8,000 to 12,000) Graduate, 1-2 Yrs. Experience, Good at English & Local Language.
Job Locations: Job Location At All Districts in Odisha.
Drop Your CV at hr.trahonodisha@gmail.com
www.trahon.com 9607922216

**PRINCIPAL & TEACHERS REQUIRED FOR STERLING PUBLIC SCHOOL**
(Affiliated to CBSE, English Medium, Sr. Secondary-10+2)
Siswa Bazar / Nichlaul, Maharajganj, UP-273163
Website : www.sterlingeducation.in
Principal, PGT (English, Physics, Chemistry, Maths, Biology & Physical Education) TGT (English, S.St., Maths, Science) & Primary Teachers (All subjects)
Attractive Salary + Free Accommodation
*Candidates must be fulent in English. Preference will be given to candidates with relevant experience. Please send CV at*
chandrashekharonline@gmail.com
Call : 07457984810 / 08948911222

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT 09319634873

Urgently Required **RECEPTIONIST (1 No)**
Qual. 10th / +2, Salary : 1000/- PM
ଆୟୁର୍ବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ
ଖାଇବା ଓ ରହିବା ସୁବିଧା ଅଛି । ଦରମା - 8,000/-
Contact : 6370668486
KHANDAGIRI SQUARE BHUBANESWAR (Age : 18-30 Yrs)

A Division of Timber & Furniture unit required 4 Nos. Manager at BBSR.
Mob: 7381203300

ଚେନ୍ନାଇରେ ଚାକିରି + ରହିବା ସୁବିଧା। ହିନ୍ଦୀ କହିପାରୁଥିବେ।
ବେତନ: ୧୩୦୦୦ - ୧୭୦୦୦।
ରୋଷେୟା / ହାଉସ୍‌କିପିଂ ବଏ / କାର୍ ଡ୍ରାଇଭର / ମାଲିକଙ୍କ ବ୍ୟକ୍ତିଗତ ସେବକ / ଅଫିସ ଆସିଷ୍ଟାଣ୍ଟ
9884761210

See CAREER APPOINTMENT on every **Wednesday & Saturday**

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**ଏନ୍‌ଜିଓ ପାଇଁ ଆବଶ୍ୟକ**
ଗ୍ରାମୀଣ ବ୍ଲକ୍ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

**REQUIRED**
A CA firm requires articles, B.Com, CA (Inter) with experience.
Please mail your resume to
mohapatra.sangram@rediffmail.com

**WANTED**
ଧରିତ୍ରୀ DHARITRI Oriya daily is looking for
**CIRCULATION EXECUTIVES**
- Graduates, having good communication skills. Experience in Sales / recovery in media will be given preference.
- Good working knowledge of Computers (Excel & Word) will be required.

**SALES PROMOTERS**
- Required Intermediate / Graduate Male Candidates having 1-2 yrs experience in sales. Fresher candidates may also apply.
- Candidates must possess own 2-Wheeler / mobile phone.

Apply immediately to : recruitment@dharitri.com
Attractive salary commensurate with experience

## JOB VACANCIES

An upcoming four wheeler dealership needs professional in **Bhubaneswar** & **Sambalpur** location opportunity exists for the following positions:-
- **GM:** Must be graduate /MBA having 10 to 12 years experience in managing sales, operation of any 4 wheelers passenger car dealership.
- **SR. SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **BODYSHOP MANAGER:** Degree or Diploma in automobile/ Accidental having 3 to 5 years experience in 2/3/4 wheeler dealership bodyshop.
- **FLOOR MANAGER:** Degree or Diploma in automobile/ Mechanical having 3 to 5 years experience in 2/3/4 wheeler dealership workshop.
- **ADMIN. MANAGER:** Relevant work experience in construction & Govt. liaisoning having 5-10 years experience in any automobile sector.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE HEAD:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **HR EXECUTIVE:** Must be MBA (HR) having good exposure to EPF, ESI, Bonus. Preference will given the candidate from automobile sector.
- **EDP EXECUTIVE:** Fresher/Graduates (BCA, B.Sc. {IT} having at least 1 year of experience in IT support, hard work & net work in any automobile of 2/3/4 wheeler dealership.
- **SALES CONSULTANTS:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **RESIDENTIAL SALES EXECUTIVE:** Graduate having at least 1 year exp. in automobile for Jeypore, Balasore, Bhadrak, Angul & Berhampur.
- **SERVICE ADVISOR:** Diploma in automobile engg. having 1 to 2 years experience with valid driving license of any 2/3/4 wheeler dealership.
- **CO-TECH:** Must be a technical manager or technical head in any 2/3/4 wheeler automobile dealership.
- **WARRANTY EXECUTIVE:** Diploma in Automobile/Mechanical having 1-2 yrs of relevant experience in any automobile sector handling warranty related claims.
- **PARTS EXECUTIVE:** Graduate having 2 to 3 yrs experience in automobile sector of any 2/3/4 wheeler dealership.
- **TECHNICIANS:** ITI/ DIPLOMA in automobile having at least 1 year experience in any 2/3/4 wheeler dealership/ Garage.
- **TELE CALLER:** Any graduate or MBA having at least 1 year experience in automobile of any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **PAINTER:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler painting section.

Contact: 7606002084 / 0674-6668822
edp.bhubaneswar@renault-india.com & siddharth9909@gmail.com

## CAPITAL FORD

Requires professionals for its dealership across Odisha, opportunity exists for the following positions:-
- **SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **SALES MANAGER:** Graudate or MBA (Marketing) having 5 to 6 years experience of any 4 wheelers dealership handling sales.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE MANAGER:** Graduates/ MBA having 3-5 yrs. exp. in automobile finance or auto loan finance.
- **FLOOR MANAGER:** Degree or Diploma in automobile/ Mechanical haing 3 to 5 years experience in 2/3/4 wheeler dealership workshop.
- **TEAM LEADER (Sales):** Graduates/MBA having 3 to 4 years experience in auto sales and finance in 2/3/4 wheelers dealership.
- **SALES CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **USED CAR CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership of used car sales.
- **RESIDENTIAL SALES CONSULTANT:** Graduate having at least 2-3 years experience in automobile for Balasore, Koraput, Jaypore, Bhawanipatna, Baragarh & Keonjhar.
- **DELIVERY CO-ORDINATOR:** Graduate having at least 1 year experience in automobile of any 2 wheeler or 4 wheeler dealership, with 4 wheeler driving experience.
- **PARTS MANAGER:** Graduate having 5 to 6 years experience in automobile sector of any 2/3/4 wheeler dealership.
- **FLOOR SUPERVISOR:** Automobile Diploma, 1-3 yrs exp. in any automobile dealership handling body shop and floor.
- **BODYSHOP ADVISOR:** Degree or Diploma in automobile/ Accidental having 2 to 3 years experience in 2/3/4 wheeler dealership bodyshop.
- **QUALITY INSPECTOR:** ITI/DIPLOMA in automobile having at least 2 to 3 years experience in any 4 wheelers dealership/Garage, should be fluent in communication, with 4 wheeler driving experience.
- **RECEPTIONIST:** Any Graduate having good looking with pleasant personality, fluent in English having knowledge in computer.
- **TELE CALLER:** Any graduate or MBA having at least 1 year experience in automobile or any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or, MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **PAINTER:** Work in a dealership/ Garage in body operation, color matching & painting having 1 to 2 years experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **DRIVER:** 9th pass with valid license having 2 to 3 years experience in 2/3/4 wheeler driving. Preference will be given from automobile sector.

Mail to: admin@capitalford.net & siddharth9909@gmail.com
Contact: Evalin, 0674-6667709/6668822
CAPITAL FORD, SBI CHHAK, MANCHESWAR, BHUBANESWAR

An upcoming saloon requires the following personnel's at **Bhubaneswar**
1. **MARKETING MANAGER:** Graduate or MBA (Marketing) having 2 to 4 years experience of any product and concept marketing either from FMCG or IT sector can also apply.
2. **BUSINESS DEVELOPMENT MANAGER:** Graduate or MBA (Marketing, Finance) having 2 to 3 years experience in any insurance sales or loan dimensions.
3. **CENTRE MANAGER:** Graduate or MBA having 2 to 3 years of centre handling experience from any beauty segment or has been working as a manager heading any company.
4. **COUNSELLOR:** 1-2 yrs. experience of customer counselling from any industry or, from customer care background.
5. **BEAUTICIAN:** 1-3 yrs. experience in any beauty parlor or has under gone beauty course.
6. **DIETICIAN:** 2-3 yrs. experience in diet counselling or a nutritionist or from home science background fresher's can apply.
7. **HAIR DRESSER:** 2-3 yrs. experience in any beauty parlour.
8. **THERAPIST:** 2-3 yrs. experience in any wellness centre.

Salary is best in industry. Interested candidates may email their updated CV with latest PP size photograph.
Contact No: 9040093804/0674-6668822
Email id: siddharth9909@gmail.com, chitra89@gmail.com, info@newleaf.org.in


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ



### କ୍ଷତିଗ୍ରସ୍ତ ଚାଷୀଙ୍କୁ ମାଗଣା କୁକୁଡା ଛୁଆ ବଣ୍ଟନ

**ରିଷିଡା,୨୩।୧୦(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ମରୁଡି ଏବଂ ଚକଡା ପୋକ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ ମଙ୍ଗଳବାର ମାଗଣା କୁକୁଡା ଛୁଆ ବଣ୍ଟନ କରାଯାଇଛି । ଏଥିରେ ଅତିଥି ଭାବେ ରିଷିଡା ସରପଞ୍ଚ ସରସ୍ୱତୀ ମାଝି ଯୋଗଦେଇ ଚାଷୀଙ୍କୁ କୁକୁଡା ଛୁଆ ବଣ୍ଟନ କରିଥିଲେ । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସୌଜନ୍ୟରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରିଷିଡା ପ୍ରାଣୀ ଚିକିତ୍ସା କେନ୍ଦ୍ରର କର୍ମଚାରୀମାନେ ସହାୟତା କରିଥିଲେ ।

### ଯୁବକଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୨୩।୧୦(ଡି.ଏନ.ଏ.)**
ଭବାନୀପାଟଣା ବ୍ଲକ ସଦର ଥାନା ଅନ୍ତର୍ଗତ କର୍ଲାପଡା ଫାଣ୍ଡିର ଚଜଗାଁରେ ଏୟାରଟେଲ ଟାୱାର ଉପରେ ଚଢ଼ି ବିଷପାନ କରି ଜଣେ ଯୁବକ ଅତ୍ମହତ୍ୟା କରିଥିବା ଜଣାପଡିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚହଗାଁ ଗ୍ରାମର କୁଶ ଜାଲ (୩୦) ପରିବାରିକ କଳହକୁ ନେଇ ଗତ ୨୧ ତାରିଖ ରାତିରୁ ଘରୁ ବାହାରି ବିଷପାନ କରି ଚହଗାଁସ୍ଥିତ ଏୟାରଟେଲଟାୱାର ଉପର ରେଷ୍ଟସେଡରେ ଆତ୍ମହତ୍ୟା କରିଥିଲେ । ଗାଁ ଲୋକ ମଙ୍ଗଳବାର ଏହା ଦେଖି ଏ ସମ୍ପର୍କରେ କର୍ଲାପଡା ପୋଲିସରେ ଜଣାଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ପୋଲିସ କୁଶଙ୍କ ଶବ ଉଦ୍ଧାର କରିବା ସହ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରିବା ପରେ ପରିବାରଙ୍କୁ ହସ୍ତାନ୍ତର କରିଛି । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା କର୍ଲାପଡା ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁ ପ୍ରକାଶ କରିଛନ୍ତି ।

### ବାଇକ୍ ଦୁର୍ଘଟଣାରେ ଜଣେ ଆହତ

**ଭବାନୀପାଟଣା,୨୩।୧୦(ଡି.ଏନ.ଏ.)**
କଳାହାଣ୍ଡି ଜିଲା କଲମପୁର ଫାଣ୍ଡି ସାମ୍ନା ରାସ୍ତାରେ ଦୁଇ ବାଇକ୍ ମୁହାମୁହିଁ ଧକ୍କାରେ କସାବାହି ଗାଁର ହରେକୃଷ୍ଣ ସିଂହ (୨୪) ଆହତ ହୋଇଛନ୍ତି । ତାଙ୍କୁ ଲୋକେ କଲମପୁର ସିଏଚ୍ସିରେ ଭର୍ତ୍ତି କରାଯାଇଛି। ହରେକୃଷ୍ଣ ଏବଂ ସୁବାସ ପାତ୍ର ଦୁଇ ସାଙ୍ଗ କସାବାହିରୁ କଲମପୁରକୁ ବାଇକ୍‌ରେ ଆସୁଥିଲେ। ବିପରୀତ ଦିଗରୁ ଯାଉଥିବା ବାଇତକୁ ସାଇଡ ଦେବାବେଳେ ଭାରସାମ୍ୟ ହରାଇ ରାସ୍ତା ମଝିରେ ପଡି ଯାଇଥିଲେ । ସାମ୍ନା ପଟୁ ଆସୁଥିବା ବନ୍ଧକନାର ତଫନ ଧଙ୍ଗଡାମାଝିଙ୍କ ବାଇକ୍ ହରେକୃଷ୍ଣ ଉପରେ ଚଢି ଯାଇଥିଲା । ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ ଚଳାଇଛନ୍ତି ।

ସରକାରୀ ସ୍ଥାନରେ ବେସରକାରୀ କାରବାର

# ଚିପ୍ସ ବେପାରୀଙ୍କ କବ୍‌ଜାରେ ଧାନ ଖଳା

**କୁନାଗଡ,୨୩।୧୦(ଡି.ଏନ.ଏ.)**

ଚାଷୀଙ୍କୁ ସୁବିଧାରେ ଧାନ ଅମଳ କରିବା ପାଇଁ ସରକାର ଆରଏମ୍‌ସି ଜରିଆରେ ଧାନ ଖଳା ତିଆରି କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହାର ଉଦ୍ଦେଶ୍ୟ ହେଲା ସ୍ଥାନୀୟ ଚାଷୀ ଏହି ଖଳାରେ ଧାନ ଆଣି ଅମଳ କରି ସୁବିଧା ଓ ସହଜରେ ଘରକୁ ନେଇ ପାରିବ। ତେବେ ବିଭାଗ ପକ୍ଷରୁ ଧାନ ଖଳାଗୁଡିକ କରି ଏହାର ତଦାରଖ କରାଯାଉ ନ ଥିବାରୁ ସ୍ଥାନୀୟ କିଛି ମୁଷ୍ଟିମେୟ ଲୋକ ଏହାକୁ ନିଜ ଅକ୍ତିଆରରେ ରଖି ବିଭିନ୍ନ ଲାଭଜନକ ବେପାର ଚଳାଉଛନ୍ତି। ଏପଟେ ଚାଷୀ ଧାନ ଖଳାରେ ଅମଳ କରି ନ ପାରିବା ସହ ଭୟରେ ସମ୍ପୃକ୍ତ ମୁଷ୍ଟିମୟ ଲୋକଙ୍କ ଉପରେ ଅଭିଯୋଗ କରିବାକୁ ମଧ୍ୟ ସାହାସ କରିପାରୁନାହାନ୍ତି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରୀଗୁଡା ଗ୍ରାମରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି । ଏହି ଗ୍ରାମରେ ଗତ ୨୦୦୨ରେ ସ୍ଥାନୀୟ ଚାଷୀଙ୍କୁ ଧାନ ଅମଳ କରିବା ପାଇଁ ଜୁନାଗଡ ଆରଏମ୍‌ସି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ ଧାନ ଖଳା ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଚାଷୀ ସେଠାରେ ଧାନ ଅମଳ କରି ବେଶ ଉପକୃତ ମଧ୍ୟ ହେଉଥିଲେ। ତେବେ ଗତ କିଛି ବର୍ଷ ହେବ ଭଇଁରୀଗୁଡା ଗ୍ରାମର ଜୈନିକ ବ୍ୟକ୍ତି ଧାନ ଖଳାକୁ ଅକ୍ତିଆର କରି ଗେଟି, ଚିପ୍ସ ରଖି ବେପାର କରୁଛନ୍ତି। ବର୍ତ୍ତମାନ ଏହି ଧାନ ଖଳାର ଚାରିଆଡେ ଗେଟି ଚିପ୍ସ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଫଳରେ



ଭଇଁରୀଗୁଡା ଧାନ ଖଳାରେ ଗେଟି ଚିପ୍ସ ଗଦାଯାଇଛି।

#### ପ୍ରଶାସନ ନୀରବଦ୍ରଷ୍ଟା

ସ୍ଥାନୀୟ ଚାଷୀ ଏପରି ବ୍ୟତିକ୍ରମ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରିକି ଗତ ରବିଚାଷଠାରୁ ଏଠାରେ ଧାନ ମଣ୍ଡି ମଧ୍ୟ ସ୍ଥାପନ କରାଯାଇଛି। ଅନ୍ୟପକ୍ଷରେ ଲାଇସେନ୍ସପ୍ରାପ୍ତ କ୍ରଶର ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ଖୋଲାରେ ଚିପ୍ସ ବିକ୍ରି କରିବା ବେଆଇନ ହୋଇଥିବା ବେଳେ ଏଠାରେ ଗଦା ଗଦା ଚିପ୍ସ ରଖି ପ୍ରଦିତିନ ବେପାର କରାଯାଉଛି। ଏଥିପ୍ରତି ସ୍ଥାନୀୟ ରାଜସ୍ୱ ବିଭାଗ ତଥା ଆରଏମ୍‌ସି କର୍ତ୍ତୃପକ୍ଷ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କୁ ପଚାରିବାରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଅଖିଳ ଭାରତୀୟ ଗୋଁଣ୍ଡ ସମାଜର ସାଙ୍ଗଠନିକ ବୈଠକ

**ଭବାନୀପାଟଣା,୨୩।୧୦(ଡି.ଏନ.ଏ.)**

ଅଖିଳ ଭାରତୀୟ ଗୋଁଣ୍ଡ ସମାଜ କଳାହାଣ୍ଡି ଶାଖା ପକ୍ଷରୁ ସାମାଜିକ ନିୟମାବଳୀ ସମ୍ପର୍କରେ ଆଲୋଚନା କରିବା ଓ ବ୍ଲକଠାରୁ ଜିଲାସ୍ତର କର୍ମକର୍ତ୍ତା ଚୟନ କରି କିଭଳି ସମାଜକୁ ସୁଦୃଢ଼ କରିବା ସେ ସମ୍ପର୍କରେ ଏକ ସାଙ୍ଗଠନିକ ବୈଠକ ଗତ ସୋମବାର ଭବାନୀପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ବରିଷ୍ଠ ସଦସ୍ୟ ଲବଣୀ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଗଠନମୂଳକ ଆଲୋଚନା ପରେ ଜିଲାର ୧୩ଟି ବ୍ଲକ ୨୨ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା । ଶେଷରେ ଉକ୍ତ ୨୨ ଜଣ ସଦସ୍ୟଙ୍କ ସମ୍ମତିକ୍ରମେ ଅଖିଳ ଭାରତୀୟ ଗୋଁଣ୍ଡ ସମାଜ, କଳାହାଣ୍ଡି ଶାଖାର ଜିଲାସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଜିଲା ସଭାପତି ଭାବେ ଧନୁର୍ଜୟ ମାଝି, ଉପସଭାପତି ଭୁବନେଶ୍ୱର ମାଝି, ସମ୍ପାଦକ ଲୋଚନ ଧରୁଆ, ସହସମ୍ପାଦକ ତୁଳସୀରାମ ନାଏକ, କୋଷାଧ୍ୟକ୍ଷ ବସୁଦେବ ମାଝି, ସଙ୍ଗଠନ ସମ୍ପାଦିକା ଇନ୍ଦୁମୁଖି ମାଝି, ଉପଦେଷ୍ଟା ଭାବେ ପରମାନନ୍ଦ ମାଝି, ବାହାଦୂର ମାଝି, ଜଗଦଲ ମାଝି ଓ କହ୍ନେଇ ପାତ୍ର ମନୋନୀତ ହୋଇଛନ୍ତି । ସାଙ୍ଗଠନିକ ଆଲୋଚନା ସହ ସାମାଜିକ ନିୟମାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାସ୍ତରରେ ମନୋନୀତ ହୋଇଥିବା ସଦସ୍ୟମାନେ ହେଲେ ଧର୍ମଗଡ଼ର ତୁଳସୀରାମ ନାଏକ, ଗୋଲାମୁଣ୍ଡାର ଅକ୍ଷୟ କୁମାର ମାଝି, ଜୁନାଗଡ଼ର ଉର୍ମିଳା ନାଏକ, ଧନୁର୍ଜୟ ମାଝି, କୋକସରାର ଭୁବନେଶ୍ୱର ମାଝି, ନେତ୍ରାନନ୍ଦ ଧରୁଆ, ଭବାନୀପାଟଣାର କବି ମାଝି ଓ ଇନ୍ଦୁମୁଖି ମାଝି, କେସିଙ୍ଗାର ବାସୁଦେବ ମାଝି, ମ.ରାମପୁରର ଲୋଚନ ଧରୁଆ ଓ ରାମ ମାଝି, ନର୍ଲାର ନିରାକାର ପାତ୍ର, ନିତ୍ୟାନନ୍ଦ ପାତ୍ର, ପଦମନ ପାତ୍ର ଓ ଜଳନ୍ଧର ପାତ୍ର, କଲମପୁରର ସାଧୁରାମ ମାଝି, କର୍ଲାମୁଣ୍ଡାର ମୀନକେତନ ପୋଟା, ସଦର ବ୍ଲକର ମାନସୀ ଦେଇ ନାଏକ, ଜୟପାଟଣାର ଶିବ ସମରଥ ଓ ଗୋପୀ ମାଝି, ଥୁଆମୂଳ ରାମପୁରର ଚନ୍ଦ୍ରହାସ୍ୟ ପାତ୍ର ଏବଂ ଗୋଲାମୁଣ୍ଡା ବ୍ଲକର ପ୍ରତାପ ପୁଝାରୀ । କାର୍ଯ୍ୟକ୍ରମକୁ ସମାଜର ବରିଷ୍ଠ ସଦସ୍ୟ ଖଗେନ୍ଦ୍ର ମାଝି ଓ ରୂପାଧର ଦଣ୍ଡସେନା ପରିଚାଳନା କରିଥିବା ବେଳେ ଚୈତନ୍ୟ ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।



ଅଖିଳ ଭାରତୀୟ ଗୋଁଣ୍ଡ ସମାଜ କଳାହାଣ୍ଡି ଶାଖା ବୈଠକରେ ଉପସ୍ଥିତ ଅତିଥି ।

## ବହୁଜନ କ୍ରାନ୍ତି ମୋର୍ଚ୍ଚାର ଜେଲ୍‌ଭରୋ ଆନ୍ଦୋଳନ

**ଭବାନୀପାଟଣା,୨୩।୧୦ (ଡି.ଏନ.ଏ.)**

ବହୁଜନ କ୍ରାନ୍ତି ମୋର୍ଚ୍ଚା ତରଫରୁ ଗୁଜରାଟର ଅହମଦାବଦରେ ହେବାକୁ ଥିବା ପରିବର୍ତ୍ତନ ଯାତ୍ରାର ଉଦଯାପନୀ ସମାବେଶକୁ ସ୍ଥାନୀୟ ସରକାର ଆକ୍ରୋଶମୂଳକ ଭାବେ ପୋଲିସ ଅନୁମତିକୁ ବାତିଲ କରିବା ଓ ରାଷ୍ଟ୍ରୀୟ ସଂଯୋଜକ ଅମନ ମେଶ୍ରାଙ୍କୁ ଗିରଫ କରିଛି । ଏହାର ପ୍ରତିବାଦରେ ସୋମବାର ସନ୍ଧ୍ୟାରେ କଳାହାଣ୍ଡି ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଗେଟ ନିକଟରେ ଜେଲଭରୋ ଆନ୍ଦୋଳନ କରାଯାଇଥିଲା। ଭବାନୀପାଟଣା ସହରସ୍ଥିତ ସଦର ବ୍ଲକ ଛକରେ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ଗେଟ ଦେଇ ଭିତକୁ ଧସେଇ ପସିବା ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ୪୫ରୁ ଅଧିକ କର୍ମୀଙ୍କୁ ଗିରଫ କରିଥିଲା । ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଛି । ଏହି ଆନ୍ଦୋଳନରେ ବହୁଜନ କ୍ରାନ୍ତି ଗୋର୍ଚ୍ଚାର ଜିଲା ପ୍ରଭାରୀ ସୁରେଶ ଚନ୍ଦନ, ବିଏମପିର ରାଜ୍ୟ ଉପସଭାପତି ରକ୍ଷିସୁଦନ ଛାତ୍ରପାଳ, ଜିଲା ସଭାପତି କମଳାକାନ୍ତ ଖରସେଲ, ଉପସଭାପତି କଲିମୁଲ୍ଲା ଖାନ, ଜିଲା କାର୍ଯ୍ୟକାରୀ ସଭାପତି ଯୁବରାଜ ଛତ୍ରିଆ, ଜିଲା ସାଧାରଣ ସମ୍ପାଦକ ମେହେନ୍ଦ୍ର ଧଙ୍ଗଡାମାଝି, ଆରଏଇପିର ଜିଲା ସଭାପତି ସନ୍ତୋଷ ନାଏକ, ବିଏମଏମର ରାଜ୍ୟ ଉପସଭାପତି ଦୁର୍ଯ୍ୟୋଧନ ଜାଲ, ଜିଲା ସଭାପତି ସଞ୍ଜୟ ଶବର, ବିଭିଏମ କାର୍ଯ୍ୟରତା ମୁକେଶ ଚଲାନ, ସଦର ବ୍ଲକ ଯାଦବ ସମାଜ ସମ୍ପାଦକ କୀର୍ତ୍ତି ଗଉଡ, ଅଭିମନ୍ୟୁ ସୁନାନୀଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

ଭୂମିହୀନଙ୍କୁ ଜମି ପ୍ରଦାନ ଦାବି

# ଆମ୍ବେଦକ ରାଇଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ଜନ ଆନ୍ଦୋଳନ

**କର୍ଲାମୁଣ୍ଡା,୨୩।୧୦(ଡି.ଏନ.ଏ.)**

କଳାହାଣ୍ଡି ବିଭିନ୍ନ ଗରିବ, ଦଳିତ ଶ୍ରେଣୀର ଭୂମିହୀନ ଲୋକଙ୍କୁ ରହିବା ପାଇଁ ଡିହ ଓ ଚାଷ କରି ବଞ୍ଚିବା ପାଇଁ ଜମି ଯୋଗାଇ ଦେବା ଦାବି ନେଇ କର୍ଲାମୁଣ୍ଡା ତହସିଲ ସମ୍ମୁଖରେ ଆମ୍ବେଦକ ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ କଳାହାଣ୍ଡି ଶାଖା ପକ୍ଷରୁ ଏକ ଜନଆନ୍ଦୋଳନ କରାଯାଇଛି। ଏଥିରେ ଶତାଧିକ ଭୂମିହୀନଙ୍କୁ ନେଇ କର୍ଲାମୁଣ୍ଡା ଶିଶୁ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ନିୟମ ଅନୁସାରେ ଭୂମିହୀନଙ୍କୁ ଜମି ପ୍ରଦାନ ପାଇଁ ଥିବା ବ୍ୟବସ୍ଥାକୁ ସରକାର ଅଣଦେଖା କରୁଥିବା ନେଇ ବର୍ଷିଥିଲେ। ଏହି ବ୍ଲକର ବିଭିନ୍ନ ଗାଁରେ ଗରିବ ହିତାଧିକାରୀମାନେ ଆବାସ ଯୋଜନାରେ ସାମିଲ ଥିଲେ ହେଁ ଡିହ ନ ଥିବାରୁ ସେମାନେ ଗୃହ ନିର୍ମାଣ କରି ପାରୁ ନ ଥିବା ଅଭିଯୋଗ ହୋଇଥିଲା । ଏଥିରେ ଏପିଆ ରାଜ୍ୟ ସଂଯୋଜକ ଛବିଲାଲ ନିଆଲ, ଜତିନ୍ଦ୍ର ସାହୁ, ବୈଦ୍ୟନାଥ ବେହେରା, ଜିଲା ସଂଯୋଜକ ସୁରେନ୍ଦ୍ର କରନ୍, ଚନ୍ଦ୍ର ମହାନନ୍ଦ, ଗହୀର ସୁନା, ବ୍ଲକ ସଭାପତି ସାନ୍ତଲାଲ ଦୀପ, ଗୌରୀ ଭୋଇ, ଲୋଚନା ଭୋଇ, ରଞ୍ଜିତା ଭୋଇ ପ୍ରମୁଖ ସାମିଲ ହୋଇ ଭାରପ୍ରାପ୍ତ ତହସିଲଦାର ମୁନିନ୍ଦ୍ର ହୁନାଦାଙ୍କୁ ଶତାଧିକ ଭୂମିହୀନଙ୍କ ଆବେଦନପତ୍ର ଓ ଦାବିପତ୍ର ପ୍ରଦାନ କରିଥିଲେ।



ଆମ୍ବେଦକ ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ କଳାହାଣ୍ଡି ଶାଖା ପକ୍ଷରୁ ଜନଆନ୍ଦୋଳନ କରାଯାଇଛି।

# ବିଜେଡିର ନୂଆଁଖାଇ ଭେଟ୍‌ଘାଟ୍

**ଭବାନୀପାଟଣା,୨୩।୧୦(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ କର୍ଲାପଡା ଆରଏମସି ବଜାର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଭବାନୀପାଟଣା ବିଧାୟକ ଅନାମ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ହାଉସିଙ୍ଗ ବୋର୍ଡ ଅଧ୍ୟକ୍ଷ ଭୁପିନ୍ଦର ସିଂ ମୁଖ୍ୟଅତିଥି, ଏମ୍‌ପି ଅର୍କକେଶରୀ ଦେଓ, ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଜିଲା ଉପସଭାପତି ଭବାନୀଶଙ୍କର ମିଶ୍ର, ପ୍ରଦୀପ ମୁଣ୍ଡ, ଅଶେଶ୍ୱର ବାଗ, ଜିଲା ସମ୍ପାଦକ ଭବାନୀଶଙ୍କର ନିଆଲ, ଜିଲା ମହୀଳା ସଭାନେତ୍ରୀ କଲ୍ୟାଣି ନାଏକ, ଛାତ୍ର ବିଜେଡି ସଭାପତି ଅବିନାସ ଠାକୁର, ଜିଲା ଯୁବ ବିଜେଡି ସଭାପତି ତଥା ପୌରାଧକ୍ଷ ଆଦିତ୍ୟ ନନ୍ଦ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଚକ୍ରଧର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଏସ୍‌ସି ସେଲ ସିରେଶ ମହାନନ୍ଦ, ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ରସିଂ ଦେଓ, ପର୍ଯ୍ୟବେକ୍ଷକ ହରେକୃଷ୍ଣ ଷଡଙ୍ଗି, ପୌର ସଂସ୍ଥା ଉପାଧ୍ୟକ୍ଷା ସରିତା ପ୍ରଧାନ, ପ୍ରେମ ରଞ୍ଜନ ପାଣିଗ୍ରାହୀ, ଧବଳେଶ୍ୱର ମହାପାତ୍ର, ବ୍ଲକ ସଭାପତି ପ୍ରଦୀପ କୁମାର ଭୋଇ, ସରପଞ୍ଚ ନାଗେଶ୍ୱର ବାଗ, ସୁରେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବହୁ କର୍ମକାର୍ତା ଓ କର୍ମୀ ଉପସ୍ଥିତ ଥିଲେ । ଏହି ଅବସରରେ କଣ୍ଠଶିଳ୍ପୀ ଶ୍ରୀରାମ ଲୁହାର, ସର୍ବେଶ୍ୱର ଭୋଇ ଓ ପ୍ରତିଭା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

୩୮ ବର୍ଷର ବଡଡୁଙ୍ଗୁରୀଗୁଡାର କୁମାରୋତ୍ସବ

# ଅର୍କେଷ୍ଟ୍ରା, ମେଲୋଡି ମୁଖ୍ୟ ଆକର୍ଷଣ

**ରିଷିଡ଼ା,୨୩।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ରିଷିଡ଼ା ଉପକଣ୍ଠରେ ଥିବା ବଡଡୁଙ୍ଗୁରୀଗୁଡାଠାରେ ବୁଧବାରଠାରୁ ୩ ଦିନ ବ୍ୟାପୀ କୁମାରୋତ୍ସବ ଅନୁଷ୍ଠିତ ହେବ । ଦୀର୍ଘ ୩୮ ବର୍ଷ ହେଲା ଏଠାରେ ରୀତିନୀତିରେ ଏହି ଉତ୍ସବ ଆୟୋଜିତ ହେଉଛି । ଏହି ଅଞ୍ଚଳର ଆଖପାଖରେ ଏହିଭଳି ଉତ୍ସବ ହେଉ ନ ଥିବାରୁ ବଡଡୁଙ୍ଗୁରୀଗୁଡା ଏବେ ଉତ୍ସବ ମୁଖର ହୋଇ ଉଠିଛି । ଏଠାରେ କାର୍ତ୍ତିକେଶ୍ୱର ପୂଜାର୍ଚ୍ଚନା କରାଯାଉ ଥିବା ବେଳେ ମନୋରଞ୍ଜନକୁ ମୁଖ୍ୟ ଆକର୍ଷଣ କରାଯାଉଛି । ପୂର୍ବରୁ ନାଟକ, ସୁଆଙ୍ଗ, ଲୀଳା ନାଟକ କରାଯାଉ ଥିବା ବେଳେ ଏବେ ଅର୍କେଷ୍ଟ୍ରା, ମେଲୋଡି ଏହାର ସ୍ଥାନ ନେଇଛି । ବୁଧବାର ମିକ୍ସର ରାମଲୀଳା, ଗୁରୁବାର ଡ୍ୟାନସ ଡ୍ୟାନସ ଧମାକା, ଶୁକ୍ରବାର ହାଏରେ ଦିଲ ଅର୍କେଷ୍ଟ୍ରା ଅନୁଷ୍ଠିତ ହେବ । ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ଉତ୍ସବ କରାଯାଉ ଥିବାରୁ ଗ୍ରାମ୍ୟ ଏକତାର ସମନ୍ୱୟ ହୋଇଥାଏ । ଚଳିତବର୍ଷ ମୂର୍ତ୍ତିକୁ ନୂଆରୂପରେ ସଜ୍ଜିତ କରାଯାଇଛି । ମୁଖ୍ୟ ରାସ୍ତାରେ ଆଲୋକ ମାଳାରେ ସଜ୍ଜିତ କରାଯାଇ ୨ଟି ବିରାଟ ତୋରଣ କରାଯାଇଛି। ଆଲୋକମାଳାରେ ପୂଜା ମଣ୍ଡପ ଝଲସିବା ସହିତ ଗାଁରେ ଉତ୍ସବ ମାହୋଲ ଦେଖାଦେଇଛି । ଚଳିତ ବର୍ଷ ପ୍ରାୟ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ପୂଜକ ଭାବେ ପ୍ରଦୀପ ମିଶ୍ର ସମ୍ପାଦନ କରିବେ । ଚଳିତବର୍ଷ ଆୟୋଜକ କମିଟି ସଭାପତି ଅରବିନ୍ଦ ଗହୀର, ସମ୍ପାଦକ ସୁନୀଲ କୁମାର ମିଶ୍ର ଦାୟିତ୍ୱ ନେଇଛନ୍ତି । ସମୀର ମିଶ୍ର, ପ୍ରଦୀପ ଗହୀର, ମାନସ ମିଶ୍ର, ରାନୁ ବଢ଼େଇ, ଅନୀଲ ମିଶ୍ର, ବିବେକାନନ୍ଦ ମିଶ୍ର, ଦୟାନିଧି ଗହୀର, ବେଳାଳସେନ ଭୋଇ, ରାକେଶ ଦେହୁରୀ ପ୍ରମୁଖ ସହାୟତା କରୁଥିବା ବେଳେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପରାମର୍ଶ ଦେଉଛନ୍ତି ।

#### ପୂଜା କମିଟି ସଦସ୍ୟ ଯାହା କୁହନ୍ତି ...



"ପୂଜାକୁ ଶାନ୍ତିଶୃଙ୍ଖଳା ଭାବେ ସମାପନ କରାଯିବ । ପୂଜାକୁ ଆକର୍ଷଣ କରିବା ପାଇଁ ବିଭିନ୍ନ ମନୋରଞ୍ଜନର ବ୍ୟବସ୍ଥା କରାଯାଇଛି ।"
**-ଅରବିନ୍ଦ ଗହୀର,** ସଭାପତି, ଆୟୋଜକ କମିଟି



"ପୂଜା କମିଟି ଓ ଗ୍ରାମବାସୀଙ୍କ ମଧ୍ୟରେ ସମନ୍ୱୟ କରାଯାଇ ଏହିପରି ଆୟୋଜନ କରାଯାଉଥିବାରୁ ସଫଳ ହେଉଛି ।"
**- ସୁନୀଲ କୁମାର ମିଶ୍ର,** ସମ୍ପାଦକ ଆୟୋଜକ କମିଟି



"ସବୁବର୍ଷ ଭଳି ଏହି ପୂଜାକୁ ଅପେକ୍ଷା କରି ଥାଉ । ପୂଜାରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ବୁଲିବା ଆମୋଦ ଦାୟକ ହୋଇଥାଏ ।"
**- ଅନୀଲ କୁମାର ମିଶ୍ର,** ଗ୍ରାମବାସୀ

ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବେରୋଜଗାର ପ୍ରତିବାଦ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**କୁନାଗଡ,୨୩।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବେରୋଜଗାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ଏହାର ତୁରନ୍ତ ସମାଧାନ କରା ନ ଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଭାଜପା ଯୁବମୋର୍ଚ୍ଚା ଚେତାବନୀ ଦେଇଛି । ୧୯ବର୍ଷର ନବୀନ ପଟ୍ଟନାୟକଙ୍କ ନିରବିଚ୍ଛିନ୍ନ ଶାସନରେ ଓଡିଶାର ଯୁବପିଢି ସର୍ବାଧିକ ହତାଶ ହୋଇଛି। ୨୦୦୦ରେ ନବୀନ ପଟ୍ଟନାୟକ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ହେବା ସମୟରେ ପ୍ରଥମ ଥର ଭୋଟ ଦେଇଥିବା ୧୮ବର୍ଷର ଯୁବକ ଆଜି ୩୭ ବର୍ଷରେ ପହଞ୍ଚି ହତାଶରେ ଜୀବନ କାଟୁଛନ୍ତି। ୨୦୦୪ରେ ୧୮ବର୍ଷ ହୋଇଥିବା ପ୍ରଥମ ଭୋଟର ଏବେ ୩୩ ବର୍ଷରେ ମଧ ଭଲ ଅବସ୍ଥାରେ ନାହିଁ। ରାଜ୍ୟର ସବୁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ସରକାରୀ ଦରମାରେ କର୍ମଚାରୀ ଅଛନ୍ତ ସତ, ମାତ୍ର ଯୁବକଙ୍କ ଚାକିରି ଆବେଦନ ଉଇ ଖାଇଗଲେ ମଧ ନିଯୁକ୍ତି ସମ୍ଭାବନାର ଆଶା ସମ୍ପୂର୍ଣ୍ଣ ଭାବେ ମଉଳି ଯାଇଛି। ଓଡିଆ ଯୁବକ ଏହି ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜଗୁଡିକ ଉପରେ ଭରସା ହରାଇ ନିଜର ନାମ ପଞ୍ଜୀକରଣ କରିବାକୁ ମଧ ଆସୁ ନ ଥିବା ଭାଜପା ଯୁବମୋର୍ଚ୍ଚା ଅଭିଯୋଗ କରିଛି। ରାଜ୍ୟରେ ଶିଳ୍ପାୟନ ଓ ବିଶେଷ ଭାବେ ଡାଉନଷ୍ଟ୍ରିମ ଶିଳ୍ପରେ ବିପର୍ଯ୍ୟୟ ଯୋଗୁ ଯୁବପିଢି ରୋଜଗାର ସୁଯୋଗରୁ ବଞ୍ଚିତ ହେଛନ୍ତି। ଉଦାହରଣ ସ୍ୱରୂପ ବିଜୁ ବାବୁଙ୍କ ଦ୍ୱାରା ରାଜ୍ୟରେ ପ୍ରତିଷ୍ଠିତ ୧୪୭ ପଞ୍ଚାୟତ ସମିତି ଶିଳ୍ପ ମଧ୍ୟରୁ ଏବେ ୧୩୨ଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ରାଜ୍ୟ ସରକାର ବିଧାନ ସଭାରେ ସ୍ୱିକାର କରିଛନ୍ତି। କୃଷି ଓ ଆନୁଷଙ୍ଗୀକ ଶିଳ୍ପ ଓଡିଶା ସରକାରଙ୍କ ଯୋଜନାରେ ନାହିଁ। ପର୍ଯ୍ୟଟନ ଶିଳ୍ପ ଅପାର ସତ୍ତ୍ୱେ ଏହି କ୍ଷେତ୍ରରେ ବିକାଶ ରାଜ୍ୟରେ ଦିବା ସ୍ୱପ୍ନ। ଏମଓୟୁର ଡ୍ରାମା, ମେକ ଇନ ଓଡିଶା ଓ ଇନଭେଷ୍ଟମେଣ୍ଟ କନକ୍ଲେଭ ରାଜ୍ୟରେ ଯୁବ ପିଢିକୁ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅପାର ସମ୍ଭାବନାର ରାଜ୍ୟ ଓଡିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ସମ୍ଭବ। ମାତ୍ର ରାଜ୍ୟରେ ୧୯ ବର୍ଷର ସ୍ଥାଣୁ ଅପାରଗ ବିଜେଡି ସରକାର ଏକ ପ୍ରଚାର ସର୍ବସ୍ୱ ସରକାର ଭାବେ ତିଷ୍ଠି ରହିଛି। ଯୁବକଙ୍କୁ କାମ ନ ମିଳିବାରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛି। ଏପରି ବିକଟ ସ୍ଥିତିରେ ଯଦି ପରିବର୍ତ୍ତନ ନ ଆସେ ଯୁବ ପିଢିଙ୍କ ଭାଗ୍ୟ ଆହୁରି ରସାତଳଗାମୀ ହେବ। ରାଜ୍ୟ ସରକାରଙ୍କୁ ନିଜର ସ୍ଥିତି ସ୍ପଷ୍ଟ କରିବା ସହ ନିଯୁକ୍ତି ଓ ରୋଜଗାର ସୁଯୋଗ କେମିତି ଦେଇ ପାରିବେ ଏଥିପାଇଁ ଆମେ ଦଶ ଦିନ ସମୟ ଦେଉଛି। ଯଦି ସରକାର ସନ୍ତୋଷଜନକ ପଦକ୍ଷେପ ଓ ଉତ୍ତର ନ ରଖନ୍ତି ରାଜରାସ୍ତାରେ ଆନ୍ଦୋଳନ ଓ ଜନଜାଗରଣ ତିଆରି ମାଧ୍ୟମରେ ନବୀନ ସରକାରଙ୍କୁ ଯୁବ ଚେତାବନୀ ପାଇଁ ଆଗକୁ ବଢ଼ିବୁ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଭାଜପା ଯୁବ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ଅର୍ଜୁନ ଚନ୍ଦ୍ର ଦାଶ, ରାଜେଶ ଅଗ୍ରୱାଲ, ପବନ ରାଜ ଖେମକା, ସୁରେଶ ବାଗ, ବିକାଶ ରଞ୍ଜନ ସରାଫ, ଅଜୟ ପାଣିଗ୍ରାହୀ, କାଳିନ୍ଦ୍ରୀ ପାଣିଗ୍ରାହୀ, କଲକି ବାଣୁଆ, ହୃଦାନନ୍ଦ ପୂଝାରୀ, ଗଣେଶ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

#### ୧୦ ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ



ଭାଜପା ଯୁବମୋର୍ଚ୍ଚା ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ



## ସଂକ୍ଷେପରେ

### ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

**ଲୋଇସିଂହା,୨୩।୧୦ (ଡି.ଏନ.ଏ.):** ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ୨୦୦୯-୧୦ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଦୀର୍ଘଦିନ ପରେ ଏକତ୍ରିତ ହୋଇ ସ୍କୁଲ ଦିନର ପୁରୁଣା ସ୍ମୃତିଚାରଣ କରିଥିଲେ। ବନ୍ଧୁମିଳନ ଉତ୍ସବରେ ସ୍କୁଲର ବରିଷ୍ଠ ଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ବବଲୁ ସାହୁ, ଜ୍ୟୋର୍ତିମୟ ପଧାନ, ଦିବ୍ୟ ପଧାନ, ମାନସୀ ଦୀ, ପ୍ରଜ୍ଞାସିନୀ ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗନ୍ଧମାଳି ସମାଜ ଶିବ ପୂଜକ ଉପଖଣ୍ଡ ସଂଘ ବୈଠକ

**ପାଟଣାଗଡ, ୨୩।୧୦(ଡି.ଏନ.ଏ.):** ପାଟଣାଗଡ ଉପଖଣ୍ଡ ଗନ୍ଧମାଳି ସମାଜ ଶିବ ପୂଜକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭୋଲାନାଥ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ଅଧକ୍ଷତା କରିଥିଲେ ସଂଘ ସଭାପତି ଦେବବ୍ରତ ଥନାପତି। ମୁଖ୍ୟ ଅତିଥିଭାବେ ଜିଲା ସଂଘ ସଭାପତି ପୁରୁଷୋତ୍ତମ ଥନାପତି ଯୋଗଦେଇ ଆସନ୍ତା ୨୮ତାରିଖ ପାଟଣାଗଡଠାରେ ଜିଲା ସଂଘ ଆନୁକୂଲ୍ୟରେ ସମଗ୍ର ପଶ୍ଚିମାଞ୍ଚଳ ଶିବ ପୂଜକ ପରିବାରକୁ ନେଇ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କରିବାକୁ ସ୍ଥିରୀକୃତ ହୋଇଥିଲା। ବୈଠକରେ ସାଧାରଣ ସମ୍ପାଦକ ଉପେନ୍ଦ୍ର ଥନାପତି, ସହସମ୍ପାଦକ ନନ୍ଦଲାଲ ଥନାପତି, ଉପସଭାପତି ଘନଶ୍ୟାମ ଥନାପତି, ବିଶ୍ୱନାଥ ଥନାପତି, ଉତ୍ତର ଥନାପତି, ପରମେ ଥନାପତି, ଯୁଧିଷ୍ଠିର ଥନାପତି, ପ୍ରହ୍ଲାଦ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଗଜଲକ୍ଷ୍ମୀପୂଜା: ବାହାରିଲା କଳସ ଶୋଭାଯାତ୍ରା

**ଦେଓଗାଁ,୨୩।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ କଛାରପାଲିରେ ପଞ୍ଚମ ବର୍ଷ ଗଜଲକ୍ଷ୍ମୀପୂଜା ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଗତୀ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ପୂଜନୋତ୍ସବର ଅଧିବାସ ପାଇଁ ଦେଓଗାଁ ଯୋଗୀସାଗରରୁ ଶତାଧିକ ମହିଳା ସଂକୀର୍ତ୍ତନ ଦଳ ପୂର୍ଣ୍ଣ କଳସ ଧାରଣ କରି ଏକ ଶୋଭାଯାତ୍ରାରେ ପୂଜାମଣ୍ଡପରେ ପହଞ୍ଚିଥିଲେ। ସେଠାରେ ଅଧିବାସ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତାଭାବେ ଦୟାମୟ ସାହୁ ଓ ନନ୍ଦିନୀ ସାହୁ ରହିଛନ୍ତି। ପୂଜନୋତ୍ସବକୁ କମିଟି ସଭାପତି ପ୍ରବୀଣ ମହାକୁର, ଉପସଭାପତି ଶ୍ରୀନାଥ ସାହୁ, ସମ୍ପାଦକ ଶେଷଦେବ ମେର୍ଲି,ସହସମ୍ପାଦକ ଜିତୁନ ସାହୁ, କୋଷାଧକ୍ଷ ଠଣ ସୁନ୍ଦର ବାରିକ, ମଦନ ସାହୁ, ଡା ପ୍ରତ୍ୟୁଷ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି। ଏହି ଅବସରରେ ୨୪ ତାରିଖ ଭୂତିଆରବାହାଲ ଓ ସିଂହାମୁଣ୍ଡାର ସଂଚାର ଅନୁଷ୍ଠିତ ହେବାକୁ ଥିବା ବେଳେ ୨୫ରେ ବାନ୍ଧମୁଣ୍ଡା ଓ ଟିକିପାଲିର ବୈଠକୀ ସଂକିର୍ତ୍ତନ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

---

୪ ମାସ ଧରି ନିଖୋଜ ଥିଲେ ବୃଦ୍ଧା

# ସୋସିଆଲ ମିଡିଆରୁ ମିଳିଲା ପରିଚୟ

- ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ ସ୍ୱେଚ୍ଛାସେବୀ
- ମେଡିକାଲ କଲେଜ ହସ୍‌ପିଟାଲରେ ଭର୍ତ୍ତି

**ବଲାଙ୍ଗୀର ଅଫିସ,୨୩।୧୦**

ଜଣେ ଅପରିଚିତ ମୁମୂର୍ଷୁ ବୃଦ୍ଧାଙ୍କୁ ଉଦ୍ଧାର କରି ବଲାଙ୍ଗୀର ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସୋସିଆଲ ମିଡିଆରେ ତାଙ୍କ ଭିଡିଓ ଭାଇରାଲ ପରେ ସମ୍ପୃକ୍ତା ମହିଳାଙ୍କ ପରିଚୟ ମିଳିଛି। ଏହିଭଳି ଏକ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ବୃଦ୍ଧା ଜଣକ ସଇଁତଳା ଥାନା ଦୁର୍ଗାଉପେର ଗାଁର ସେନ୍ଦରୀ ସାହୁ (୭୦)। ସେ ଦୀର୍ଘ ୪ ମାସ ହେଲା ଘରୁ ନିଖୋଜ ଥିଲେ। ସୋସିଆଲ ମିଡିଆରୁ ଖବର ପାଇ ତାଙ୍କ ପରିବାର ଲୋକେ ବଲାଙ୍ଗୀର ମେଡିକାଲ କଲେଜ ହସପିଟାଲକୁ ଆସି ସମ୍ପୃକ୍ତା ମହିଳାଙ୍କୁ ଭେଟିଛନ୍ତି। ଏହି ଘଟଣାକୁ ନେଇ ବୃଦ୍ଧାଙ୍କ ପରିବାର ସଦସ୍ୟ ଉଦ୍ଧାରକାରୀ ସ୍ୱେଚ୍ଛାସେବୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଗତ ୧୯ ତାରିଖ ସକାଳେ ବଲାଙ୍ଗୀର ସତ୍ୟନାରାୟଣପଡା ସମ୍ବଲପୁର ରୋଡ ଚେକ୍‌ଗେଟ୍ ପାଖ ଏକ ନାଳାକଡରେ ଜଣେ ବୃଦ୍ଧା ମୁମୂର୍ଷୁ ଅବସ୍ଥାରେ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ । ଏହି ଖବର ପାଇବା ପରେ ପ୍ରାତଃ ଭ୍ରମଣରେ ବାହାରିଥିବା ବଲାଙ୍ଗୀର କାରାଟେ ଏକାଡେମୀର କୋଚ୍ ଅସୀମ ଭୋଇ ଓ ତାଙ୍କ ସାଙ୍ଗ ଦେବେନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଏକ ଅଟୋରିକ୍ସା ଡକାଇ ସେଠାରୁ ସମ୍ପୃକ୍ତ ବୃଦ୍ଧାଙ୍କୁ ମେଡିକାଲ କଲେଜ ହସପିଟାଲକୁ ନେଇ ଭର୍ତ୍ତି କରିଥିଲେ । ବୃଦ୍ଧା ଜଣକ ଚେତାଶୂନ୍ୟ ଅବସ୍ଥାରେ ଥିବାରୁ ତାଙ୍କ ପରିଚୟ ମିଳିପାରି ନ ଥିଲା । ସେ କିଭଳି ପରିସ୍ଥିତିରେ ସେ ନାଳା ପାଖକୁ ଯାଇ ପଡିଥିଲେ ତାହା ମଧ୍ୟ ସ୍ପଷ୍ଟ ହୋଇ ନ ଥିଲା। ତେବେ ଉଭୟ ସ୍ୱେଚ୍ଛାସେବୀଙ୍କ ଉଦ୍ୟମ ପରେ ଡାକ୍ତରଖାନାରେ ଚିକିତ୍ସା ଆରମ୍ଭ ହୋଇଥିଲା । ଏହାପରେ ସ୍ୱେଚ୍ଛାସେବୀ ଭୋଇ ତାଙ୍କ ମୋବାଇଲରେ ସମ୍ପୃକ୍ତା ବୃଦ୍ଧାଙ୍କ ଭିଡିଓ ରେକର୍ଡିଂ କରି ସୋସିଆଲ ମିଡିଆର ବିଭିନ୍ନ ଗ୍ରୁପ୍‌ରେ ସେୟାର କରିଥିଲେ । ସୋସିଆଲ ମିଡିଆରେ ଭିଡିଓ ସେୟାର ପରେ ସଇଁତଳା ଅଞ୍ଚଳର କେତେକ ଯୁବକ ଘଟଣା ସମ୍ପର୍କରେ ଜାଣି ବୃଦ୍ଧା ଜଣକ ଦୁର୍ଗାଉପେର ଗାଁର ବୋଲି ଚିହ୍ନଟ କରିଥିଲେ। ପରେ ବୃଦ୍ଧାଙ୍କ ପୁତୁରା ଆନନ୍ଦ ସାହୁଙ୍କୁ ଖବର ଦେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓ ଦେଖାଇଥିଲେ । ଏହି ଭିଡିଓ ଦେଖିବା ପରେ ଆନନ୍ଦ ସାହୁ ମୋବାଇଲ ଫୋନ୍ ଯୋଗେ ଯୋଗାଯୋଗ କରି ବୃଦ୍ଧାଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଗତ ୨୦ ତାରିଖ ବଲାଙ୍ଗୀର ମେଡିକାଲ କଲେଜ ହସପିଟାଲରେ ପହଞ୍ଚିଥିଲା । ଏହାପରେ ସମ୍ପୃକ୍ତ ବୃଦ୍ଧାଙ୍କ ପରିଚୟ ମିଳିଥିଲା । ଡାକ୍ତରଙ୍କ ଚିକିତ୍ସା, ସ୍ୱେଚ୍ଛାସେବୀ ଓ ପରିବାର ସଦସ୍ୟଙ୍କ ସେବାଯତ୍ନ ପରେ ବୃଦ୍ଧାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଏବେ ଉନ୍ନତି ପରିଲକ୍ଷିତ ହୋଇଛି । ଗତ ୪ମାସ ତଳେ ବୃଦ୍ଧା ଜଣକ ଘରୁ କୁଆଡେ ଚାଲିଯାଇଥିଲେ। ତାଙ୍କ ମାନସିକ ସ୍ଥିତି ଠିକ୍ ନଥିବାରୁ ସେ କୁଆଡେ ଚାଲିଯାଇଥିଲେ ବୋଲି ପରିବାର ଲୋକେ ସୂଚନା ଦେଇଥିଲେ । ସେତେବେଳେ ସଇଁତଳା ଥାନାରେ ଏନେଇ ଏକ ନିଖୋଜ ମାମଲା ରୁଜୁ କରିଥିଲେ । ବହୁ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ସମ୍ପୃକ୍ତା ବୃଦ୍ଧାଙ୍କ କୌଣସି ସନ୍ତାନ ନ ଥିବାବେଳେ ଦୀର୍ଘ ବର୍ଷ ପୂର୍ବରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଛି । ମହିଳା ଜଣକ ସମ୍ପୂର୍ଣ୍ଣ ଏକାକୀ ରହୁଥିଲେ ଓ ହଠାତ୍ ଦିନେ ନିଖୋଜ ହୋଇଯାଇଥିଲେ।



ଉଦ୍ଧାର ହୋଇଥିବା ନିଖୋଜ ବୃଦ୍ଧାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଆଯାଉଛି।

---

ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ

## ଦାବି ହାସଲ ପାଇଁ ଏକତା ରକ୍ଷା କରିବାକୁ ଆହ୍ୱାନ

**ଲୋଇସିଂହା,୨୩।୧୦(ଡି.ଏନ.ଏ)**

ଲୋଇସିଂହା ବ୍ଲକ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବାରିକ ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସମାଜର ବ୍ଲକ ସଭାପତି କିଶୋର ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁବ ବିଜେଡି ନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମାଜର ପଶ୍ଚିମ ଓଡିଶା ସଭାପତି କଙ୍ଗାଲୁ ବାରିକ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସରପଞ୍ଚ ସୁନୀଲ ଅଗ୍ରୱାଲ, ସମାଜର ଜିଲା ସମ୍ପାଦକ ଦଶରଥ ପଶାୟତ, ରାଜ୍ୟ ସାଧାରଣ ସମ୍ପାଦକ କୁଳମଣି ବାରିକ, ଧ୍ରୁବରାଜ ବାରିକ, ବୃନ୍ଦାବନ ବାରିକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ସମାଜର ସମାଜିକ, ଅର୍ଥନୈତିକ ଉନ୍ନତି ଉପରେ ଆଲୋକପାତ କରାଯାଇଥିଲା । ସରକାରୀ ସାହାଯ୍ୟ ତଥା ବିଭିନ୍ନ ଦାବି ହାସଲ ପାଇଁ ସମାଜରେ ଏକତା ରକ୍ଷା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷ ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ସଦାନନ୍ଦ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।

---

# ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା

**ପାଟଣାଗଡ, ୨୩।୧୦(ଡି.ଏନ.ଏ.)**

ପାଟଣାଗଡ ବଡପଡା ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ପୋଖରୀରୁ ଶତାଧିକ ମହିଳା ଏବଂ ପୁରୁଷ ଏକ ବିରାଟ ପଟୁଆରାରେ କଳସ ଶୋଭାଯାତ୍ରାରେ ଆସି ମା'ଙ୍କ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଏହି ଗଜଲକ୍ଷ୍ମୀ ପୂଜା କମିଟିରେ ଚନ୍ଦ୍ରଭାନୁ ପାତ୍ର ସଭାପତି, ଘନଶ୍ୟାମ ସା ଉପସଭାପତି, ବାବୁ ରାହା ସମ୍ପାଦକ, ସୁବାଷ ମାହାଣା ସହ ସମ୍ପାଦକ, ବୁଢୁ ଶବର କୋଷାଧକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କର୍ତ୍ତାକର୍ତ୍ତା ଭାବେ ମଞ୍ଜୁଲତା ରାଉତ ଏବଂ ଯୁଗଳ କିଶୋର ରାଉତ ଦାୟିତ୍ୱ ନିର୍ବାହ କରିବେ।



ପାଟଣାଗଡ ବଡପଡା ଗଜଲକ୍ଷ୍ମୀ ପୂଜା ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

---

## ମଣ୍ଡଳସ୍ତରୀୟ ୪୫୦୦ଘର ଗୋଣ୍ଡ ସମାଜ ସଭା

**ଟିକ୍ରାପଡ଼ା,୨୩।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ପଟାମରାଠାରେ ୪୫୦୦ ଗୋଣ୍ଡ ସମାଜର ସଇଁନ୍ତଳା ମଣ୍ଡଳସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଣ୍ଡଳ ଅଧିନ ସଇଁନ୍ତଳା ସର୍କଲ, ଟିଟିଲାଗଡ ସର୍କଲ ଓ ଡଙ୍ଗରପଡା ସର୍କଲର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ମଣ୍ଡଳ ସଭାପତି ନରସିଂହ ଭୋଇ ସଭାରେ ଅଧକ୍ଷତା କରିଥିଲେ । ମଣ୍ଡଳ ସମ୍ପାଦକ ଟଙ୍କଧର ଧରୁଆ ସଭା ସଂଯୋଜନା କରିଥିଲେ। ବିଶିଷ୍ଟ ଶିକ୍ଷାବିତ ସାଧୁରାମ କଏଣ୍ଡା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ସମ୍ମିଳନୀକୁ ଉଦ୍ଘାଟନ କରିଥିଲେ। ସଭା ପୂର୍ବରୁ ପୂଜକ କୃଷ୍ଣଚନ୍ଦ୍ର ଭୋଇ ସମାଜର ଇଷ୍ଟ ଦେବତା ବୁଢାଦେଓ, ଜଙ୍ଗାଦେଓ, ଲିଙ୍ଗାଦେଓଙ୍କ ପୂଜା କରିଥିଲେ। ସଇଁନ୍ତଳା ସର୍କଲ ସଭାପତି ସନ୍ତୋଷ ପୁଟା ସମ୍ମିଳନୀର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ । ସମାଜରେ ଶିକ୍ଷା, ନିଶା ନିବାରଣ, ନାରୀ ଶିକ୍ଷା, ସଂସ୍କୃତି ରକ୍ଷା ଓ ଏକତା ନେଇ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାନ୍ଛାନିଧି ଭୋଇ, ଡମ୍ବରୁଧର ମଲ୍ଲିକ, କରମ ସିଂ ଧରୁଆ, ଶିବପ୍ରସାଦ ଭୋଇ, ନିର୍ବଚ୍ଛ ଭୋଇ, ନବାତ ଧରୁଆ, ସଚୀକାନ୍ତ ଭୋଇ, ଦୁର୍ଯ୍ୟୋଧନ ଧରୁଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

---



ଗଁରେଇ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗଁରେଇ ମଣ୍ଡଳ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

# ୧୩ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ମୁରିବାହାଲ, ୨୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗଁରେଇ ମଣ୍ଡଳ ଭାଜପା ପକ୍ଷରୁ ସୋମବାର ଗଁରେଇଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୬ ଗ୍ରାମ ପଞ୍ଚାୟତର ୧୩ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଁରେଇ ମଣ୍ଡଳ ପଛୁଆ ବର୍ଗ(ଓବିସି) ମୋର୍ଚ୍ଚା ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟ୍‌ଘାଟରେ ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। କୃଷିଭିତ୍ତିକ ପର୍ବ ନୂଆଁଖାଇ ଭାଇଚାରା ବାଣ୍ଟିବା ସହ ସମାଜକୁ ସଂଗଠିତ କରେ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ଏମପି ସଙ୍ଗୀତା କୁମାରୀ ସିଂଦେଓ, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶିବାଜୀ ମହାନ୍ତି, ଜିଲା ଭାଜପା ସଭାପତି ଭକ୍ତବନ୍ଧୁ ନାଏକ, କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ହୁତାସନ ବର୍ଗତି, ଜିଲା ଭାଜପାର ଉପସଭାପତି ଲକ୍ଷ୍ମଣ ବାଗ, ଆଇନଜୀବୀ ଅଶୋକ ଦାସ, ଜିଲା ଯୁବମୋର୍ଚ୍ଚା ଉପସଭାପତି ମନିଷ ଅଗ୍ରୱାଲ, କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଶୈଳବାଲା ବାଗ ପ୍ରମୁଖ ଉପସ୍ଥିତ ବକ୍ତବ୍ୟ ରଖିଥିଲେ। ଦଳର ଜିଲା ଉପସଭାପତି ଶ୍ରୀବତ୍ସ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚୁ ବେହେରା, ହରିଦାସ ଛତ୍ରା, ଗୁନୁ ସରାଫ, ଲିଙ୍ଗରାଜ ସାହୁ, ପ୍ରତିଗ ବଛା, ପ୍ରମୋଦ ଛତ୍ରା, ବିଷ୍ଣୁ ବେହେରା, ରାମଦାସ ଗହିର, ମାଳିକ ମହାକୁର, ରୋହିତାସ ଛତ୍ରା, ହିରାଲାଲ ସାହୁ, ଉପେନ୍ଦ୍ର ସରାଫ ପ୍ରମୁଖ ସହଯୋଗ କରିଥିଲେ। ଏହାପରେ ରୁକୁ ସୁନାଙ୍କ ସମ୍ବଲପୁରୀ ଅର୍କେଷ୍ଟ୍ରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

---

# ଟିଟିଲାଗଡ଼ ଜିଲା ଗଠନ ଦାବି ପ୍ରତି ସମର୍ଥନ ଅଛି: ବିଧାୟିକା

**ଟିଟିଲାଗଡ଼, ୨୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ଜୋର ଧରିଛି। ଦୀର୍ଘବର୍ଷରୁ ଜିଲା ଦାବି ନେଇ ଏହି ଅଞ୍ଚଳରେ ଆନ୍ଦୋଳନ ଜାରି ରହିଥିବା ବେଳେ ଏବେ ଏହାକୁ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ସମର୍ଥନ ଜଣାଇଛନ୍ତି। ଜିଲା କ୍ରିୟାନୁଷ୍ଠାନ କମିଟି ଆସନ୍ତା ୨୬ତାରିଖରେ ଟିଟିଲାଗଡ ବନ୍ଦ ଡାକରା ଦେଇଛି। ଆସନ୍ତା ମାସ ୨ତାରିଖ ଉପଖଣ୍ଡ ମୁଖ୍ୟାଳୟ ଟିଟିଲାଗଡଠାରେ ଅନୁଷ୍ଠିତ ହେବାକୁ ଥିବା ଲୋକ ମହୋତ୍ସବ ତଥା ବିଭିନ୍ନ ବ୍ଲକସ୍ତରୀୟ ଲୋକ ଉତ୍ସବକୁ ବିରୋଧ ଏବଂ ଅସହଯୋଗ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ଗ୍ରହଣ କରିଛି। ପୂର୍ବରୁ ଜିଲା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀଙ୍କଠାରେ ଫେରାଦ ହୋଇ ଦାବିପତ୍ର ପ୍ରଦାନ କରିଛି। ଏ ନେଇ ମୁଖ୍ୟମନ୍ତ୍ରୀ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତାହା ସତ୍ତ୍ୱେ ଅଦ୍ୟାବଧି ଜିଲା ଗଠନ ନ ହେବା ଏ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି କରିଛି। ଏଭଳିସ୍ଥଳେ କ୍ରିୟାନୁଷ୍ଠାନ କମିଟିର ଟିଟିଲାଗଡ ବନ୍ଦ ଡାକରା ତଥା ସରକାରୀ ଲୋକ ମହୋତ୍ସବକୁ ବିରୋଧ ନିଷ୍ପତ୍ତିକୁ ବିଧାୟିକା ସମର୍ଥନ ବ୍ୟକ୍ତ କରିବା ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ଏ ନେଇ ବିଧାୟିକା ସାହୁ ଜିଲା ଦାବି ନେଇ କ୍ରିୟାନୁଷ୍ଠାନ କମିଟିର ବନ୍ଦ ଡାକରା ତଥା ଲୋକ ମହୋତ୍ସବ ବିରୋଧ ନିଷ୍ପତ୍ତି ନେଇ ତାଙ୍କ ସମର୍ଥନ ରହିଥିବା ମଙ୍ଗଳବାର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ବିଧାୟିକା ଭାବରେ ସେ ଏ ଅଞ୍ଚଳର ସାମଗ୍ରିକ ବିକାଶ ଚାହିଁଛନ୍ତି। ଜିଲା ଗଠନ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି ଉପସ୍ଥାପନ କରିଆସିଛନ୍ତି। ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହିତ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଦାବି ପ୍ରତି କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି ପ୍ରତି ତାଙ୍କ ସମର୍ଥନ ରହିଥିବା ବିଧାୟିକା ସାହୁ ସ୍ପଷ୍ଟ କରିଛନ୍ତି।

---

# ଷ୍ଟେଶନରୁ ୪ କୁଇଣ୍ଟାଲ କେନ୍ଦୁପତ୍ର ଜବତ

**ବଲାଙ୍ଗୀର ଅଫିସ,୨୩।୧୦**

ବଲାଙ୍ଗୀର ଜିଲାରୁ କଲିକତା ପର୍ଯ୍ୟନ୍ତ ଟ୍ରେନ୍ ଯୋଗେ କେନ୍ଦୁପତ୍ର ଚୋରାଚାଲାଣ ର୍‍ୟାକେଟ୍ ସକ୍ରିୟ ଥିବା ପୁଣି ଥରେ ସ୍ପଷ୍ଟ ହୋଇଛି। ସୋମବାର ରାତିରେ ବଲାଙ୍ଗୀର ରେଳଷ୍ଟେଶନ୍‌ରୁ ଚୋରାଚାଲାଣ ହେବାକୁ ଥିବା ୪କୁଇଣ୍ଟାଲରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ଜବତ ହେବାପରେ ବେଆଇନ ଚୋରାଚାଲାଣ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ବଲାଙ୍ଗୀର ରେଳ ଷ୍ଟେଶନ୍‌ର ୩ନମ୍ବର ପ୍ଲାଟ୍ ଫର୍ମରେ ବେଆଇନ୍ ଭାବେ କେନ୍ଦୁପତ୍ର ଚାଲାଣ ହେବାକୁ ଥିବା ନେଇ ରେଳ ସୁରକ୍ଷା ବଳ (ଆରପିଏଫ୍)କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ବଲାଙ୍ଗୀର ଆରପିଏଫ୍ ଇନ୍ସପେକ୍ଟର ହେମରାଜ ମୀନା, ସମ୍ବଲପୁର ଆରପିଏଫ୍ ଇନ୍ସପେକ୍ଟର ପିକେ ସାହୁ ଓ ଟିମ୍ ମିଳିତ ଭାବେ ପ୍ଲାଟ୍‌ଫର୍ମ ନମ୍ବର ୩ର ଶେଷଭାଗକୁ ଯାଇ ଚଢ଼ାଉ କରିବାବେଳେ ସିମେଣ୍ଟ ବସ୍ତାରେ ପ୍ୟାକିଂ ହୋଇଥିବା କେନ୍ଦୁପତ୍ର ଥିବା ଜଣାପଡିଥିଲା । ଚଢ଼ାଉ ଦେଖି ବେଆଇନ୍ ଚୋରାଚାଲାଣକାରୀମାନେ ସେଠାରୁ ଚମ୍ପଟ୍ ମାରିବାକୁ ସକ୍ଷମ ହୋଇଥିଲେ। ତେବେ ଘଟଣାସ୍ଥଳରୁ ଆରପିଏଫ୍ ଟିମ୍ ୪କୁଇଣ୍ଟାଲରୁ ଅଧିକ କେନ୍ଦୁପତ୍ର ଜବତ୍ କରିଥିଲେ । ଏହାପରେ ବଲାଙ୍ଗୀର କେନ୍ଦୁପତ୍ର ଡିଏଫ୍‌ଓଙ୍କୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା । ବଲାଙ୍ଗୀର କେନ୍ଦୁପତ୍ର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କେନ୍ଦୁପତ୍ର ଯାଞ୍ଚ କରିଥିଲେ । ରେଳ ସୁରକ୍ଷା ବଳ ଜବତ୍ କରିଥିବା କେନ୍ଦୁପତ୍ରର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ରେଳଷ୍ଟସନ୍‌ରୁ ନିୟମିତ କେନ୍ଦୁପତ୍ର ଟ୍ରେନ୍ ଯୋଗେ କଲିକତା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି । ଗତବର୍ଷ ଡିସେମ୍ବର ମାସରେ ବଲାଙ୍ଗୀର ରେଳଷ୍ଟଶନ୍‌ରୁ କଲିକତା ଚାଲାଣ ହେଉଥିବାବେଳେ ୭ବଣ୍ଡଲ କେନ୍ଦୁପତ୍ର ସହ ୨ଜଣ ଚୋରାଚାଲାଣକାରୀ ଧରାପଡିଥିଲେ । ପରେ ତଦନ୍ତ କରିବାରୁ ଚୋରାଚାଲାଣ ହେଉଥିବା କେନ୍ଦୁପତ୍ର ବଲାଙ୍ଗୀର ଜିଲା ଟିଟିଲାଗଡ କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ଏକ କେନ୍ଦୁପତ୍ର ବନ୍ଧାକେନ୍ଦ୍ରରୁ ଚୋରାଚାଲାଣ ହେଉଥିବା ସ୍ପଷ୍ଟ ହୋଇଥିଲା। ବଲାଙ୍ଗୀର ଜିଲାର ବିଭିନ୍ନ କେନ୍ଦୁପତ୍ର ବନ୍ଧାକେନ୍ଦ୍ରରୁ ଏଭଳି ଚୋରାଚାଲାଣ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ଏବେ ପୁଣି ଥରେ ବଲାଙ୍ଗୀର ରେଳଷ୍ଟେସନ୍‌ରୁ କେନ୍ଦୁପତ୍ର ଚୋରାଚାଲାଣ ବେଳେ ଧରାପଡିବା ଘଟଣାରୁ ଜିଲାରେ କେନ୍ଦୁପତ୍ର ଚୋରା ର୍‍ୟାକେଟ୍ ବେଶ୍ ସକ୍ରିୟ ଥିବା ସ୍ପଷ୍ଟ ହୋଇଛି । କିଛି କେନ୍ଦୁପତ୍ର ବିଭାଗ କର୍ମଚାରୀ, କିଛି ରେଳ କର୍ମଚାରୀ ଓ ଚୋରା ଚାଲାଣକାରୀଙ୍କ ଭିତିରି ବୁଝାମଣାରୁ ସୁରୁଖୁରୁରେ କେନ୍ଦୁପତ୍ର ବେଆଇନ୍ ଚୋରାଚାଲାଣ ହେଉଥିବା ଚର୍ଚ୍ଚାର ବିଷୟ ହୋଇଆସିଛି । ଏନେଇ କେନ୍ଦୁପତ୍ର ଡିଏଫ୍‌ଓ ପ୍ରସନ୍ନ କୁମାର ସାହୁଙ୍କୁ ପଚରାଯିବାରୁ ଆରପିଏଫ୍ ଅଧିକାରୀଙ୍କ ଠାରୁ ସୂଚନା ପାଇବା ପରେ ଚୋରା କେନ୍ଦୁପତ୍ର ନେଇ ତଦନ୍ତ ଆରମ୍ଭ କରାଯାଇଥିବା ସୂଚନା ଦେଇଛନ୍ତି।



ଜବତ ହୋଇଥିବା କେନ୍ଦୁପତ୍ର।

---

ଜନଧନ ଯୋଜନା ଖାତା ଖୋଲିଲେ ଟଙ୍କା ମାଗିବା ଭିଡିଓ ଭାଇରାଲ

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଫେରାଦ

**ଦେଓଗାଁ,୨୩।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ମୁଖ୍ୟାଳୟରେ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ଖୋଲିବା ପରେ ବ୍ଲକର ଉପାନ୍ତ ଅଞ୍ଚଳରେ ବ୍ୟାଙ୍କ ସେବା ଯୋଗାଇ ଦେବା ପାଇଁ ଗ୍ରାହକ ସେବାକେନ୍ଦ୍ର(କିଓସ୍କ)ମାନ ଖୋଲାଯାଇଛି। ତେବେ ବଡବାହାଲ ଅଞ୍ଚଳରେ ଖୋଲିବା ପାଇଁ ଅନୁମତି ମିଳିଥିବା ଏକ କେନ୍ଦ୍ରକୁ ବେଆଇନଭାବେ ଦେଓଗାଁ କଛାରପାଲିରେ ଖୋଲାଯାଇସେଠାରେ ଗ୍ରାହକଙ୍କଠାରୁ ବେଆଇନଭାବେ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଗ୍ରାହକଙ୍କୁ ଯୋଜନା ମୁତାବକ ସରକାରୀ ସେବା ଯୋଗାଇ ଦେବା ବଦଳରେ ବ୍ୟାପାର କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। କିଛିଦିନ ତଳେ ଜନୈକ ଗ୍ରାହକଙ୍କ ନାମରେ ଜନଧନ ଯୋଜନାରେ ଏକ ଖାତା ଖୋଲିବାକୁ ନେଇ ସମ୍ପୃକ୍ତ କିଓସ୍କ କେନ୍ଦ୍ରର କର୍ମଚାରୀ ୨୨୦ ଟଙ୍କା ମାଗିବାର ଏକ ଭିଡିଓ ଭାଇରାଲ ହେବାପରେ କେତେକ ଗ୍ରାହକ ସ୍ଥାନୀୟ ବ୍ୟାଙ୍କ ଶାଖା ପରିଚାଳକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ଦେଓଗାଁ ଶାଖା ପରିଚାଳକ ତଦନ୍ତ ଚାଲିଥିବା କହି ଦିନ ଗଡାଇବା ପରେ ସମ୍ପୃକ୍ତ ଅଭିଯୋଗକାରୀ ସୋମବାର ଜିଲାପାଳଙ୍କୁ ତାଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏ ନେଇ ଏକ ସ୍ୱତନ୍ତ୍ର ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଅରବିନ୍ଦ ଡାକୁଆ ପ୍ରତିଶୃତି ଦେଇଥିବା ଜଣାପଡିଛି।

ପ୍ରକାଶଯେ, ଗତ ୧୫ ତାରିଖରେ କଛାରପାଲିର ଘନଶ୍ୟାମ ନନ୍ଦ ଉକ୍ତ କିଓସ୍କକୁ ଆସି କେନ୍ଦ୍ର ସରକାରଙ୍କ ଜନଧନ ଯୋଜନାରେ ଖାତା ଖୋଲିବା ପାଇଁ କହିଥିଲେ। ଜିରୋ ଆକାଉଣ୍ଟ ଖାତା ଖୋଲିବାକୁ ହେଲେ ଉକ୍ତ କେନ୍ଦ୍ରରେ ପ୍ରୋସେସିଙ୍ଗ ବାବଦକୁ ୨୨୦ ଟଙ୍କା ଲାଗିଥାଏ ବୋଲି ଉକ୍ତ କେନ୍ଦ୍ରର କର୍ମଚାରୀ କହିଥିଲେ । ଫଳରେ ଘନଶ୍ୟାମ ଦେଓଗାଁ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଅଭିଯୋଗ ପରେ ଶାଖା ପରିଚାଳକ ସମ୍ପୃକ୍ତ କିଓସ୍କର କମ୍ପ୍ୟୁଟର ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଅନ୍ୟପକ୍ଷେ ବଡବାହାଲବାସୀ ବ୍ୟାଙ୍କସେବା ଯୋଗାଇଦେବା ଦାବି କରିବା ପରେ ସେଠାରେ ଅନ୍ୟ ଏକ ସ୍ଥାନର କିଓସ୍କ କେନ୍ଦ୍ରକୁ ଆଣି ଖୋଲାଯାଇଥିବା ଅଭିଯୋଗ ଉଠିବା ସହ ଏହାର ମଧ୍ୟ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି। ଏ ସଂକ୍ରାନ୍ତରେ ଦେଓଗାଁ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଭବାନୀ ଶଙ୍କର ପାଣିଗ୍ରାହୀଙ୍କୁ ପଚାରିବାରୁ ସମ୍ପୃକ୍ତ କିଓସ୍କର ଅଭିଯୋଗ ପାଇଛି। ଏ ଦିଗରେ ଅଧିକ ତଦନ୍ତ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଆୟୋଜନ ପାଇଁ ହରିଦ୍ୱାରରୁ ଶକ୍ତି କଳସ ଗ୍ରହଣ

ସିନାପାଲି,୨୩।୧୦(ଡି.ଏନ.ଏ.)
ନୂଆପଡା ଜିଲା ସିନାପାଲି ଗାୟତ୍ରୀ ପ୍ରଜ୍ଞାପୀଠ ତରଫରୁ ଆସନ୍ତା ଡିସେମ୍ବର ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସକାଶେ ମା' ଗାୟତ୍ରୀଙ୍କ ଶକ୍ତି କଳସ ଆଣିବା ପାଇଁ ଶନିବାର ସିନାପାଲିରୁ ଯାତ୍ରା କରିଥିବା ଦେଢ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମଙ୍ଗଳବାର ହରିଦ୍ୱାରରେ ପହଞ୍ଚିଛନ୍ତି। ହରିଦ୍ୱାରରେ ପହଞ୍ଚ ଯଥାରୀତି ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁମାନେ ମା' ଗାୟତ୍ରୀଙ୍କ ଶକ୍ତି କଳସ ଗ୍ରହଣ କରିଥିବା ଜଣାପଡିଛି । ପ୍ରକାଶ ଯୋଗ୍ୟ ଯେ, ସିନାପାଲିରେ ଆସନ୍ତା ୨୦୧୯ରେ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ସଫଳତା ନେଇ ଏହି ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଆୟୋଜନ କରାଯାଉଛି। ଆସନ୍ତା ଡିସେମ୍ବର ୨୫ରୁ ୨୮ ତାରିଖ ଯାଏ ସିନାପାଲି ଗାୟତ୍ରୀ ପ୍ରଜ୍ଞାପୀଠର ୩୭ତମ ବାର୍ଷିକ ଉତ୍ସବ, ସଜ୍ଜଳ ଶ୍ରଦ୍ଧା-ପ୍ରଖର ପ୍ରଜ୍ଞା ତଥା ମା' ସରସ୍ୱତୀ ଓ ମା'ଲକ୍ଷ୍ମୀଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସହ ଏହି ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେଉଥିବା ସିନାପାଲି ଗାୟତ୍ରୀ ପ୍ରଜ୍ଞାପୀଠ ସୂତ୍ରରୁ ପ୍ରକାଶ। ଶ୍ରଦ୍ଧାଳୁମାନେ ହରିଦ୍ୱାରରୁ ଶକ୍ତି କଳସ ନେଇ ଆସନ୍ତା ୨୮ ତାରିଖରେ ସିନାପାଲିରେ ପହଞ୍ଚିବେ ବୋଲି ଗାୟତ୍ରୀ ପ୍ରଜ୍ଞାପୀଠ ସୂତ୍ରରୁ ଜଣାପଡିଛି ।

# ମରାମତି ପରେ ପୁଣି କେନାଲରେ ଘାଇ

ଖଡିଆଳ,୨୩।୧୦(ଡି.ଏନ.ଏ.)



- ଚାଲବାଡା ଭରସାରେ କେନାଲ ହୁଡା
- ୨ମାସ ମଧ୍ୟରେ ୩ ଥର କେନାଲରେ ଘାଇ
- ଗତ ୧ ମାସରୁ ଉର୍ଦ୍ଧ୍ୱ ହେଲା ବର୍ଷା ନାହିଁ

ନୂଆପଡା ଜିଲା ଖଡିଆଳ ବ୍ଲକ ଘରଧରା ଗାଁଠାରୁ କୁଲିଗାଁ ଦେଇ ଯାଇଥିବା ସବକେନାଲ ଗତ ୨ ମାସ ମଧ୍ୟରେ ୩ ଥର କୁଲିଗାଁ ନିକଟରେ କେନାଲ ଘାଇ ସୃଷ୍ଟି ହୋଇଥିବା ବେଳେ ବିଭାଗୀୟ ପକ୍ଷରୁ ମରାମତି କରାଯାଇଥିଲେ ହେଁ ପୁଣି କେନାଲରେ ଘାଇ ସୃଷ୍ଟି ହୋଇଛି । କେନାଲର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତ୍ରରାରେ ନିମ୍ନମାନର କାମରେ ନିର୍ମାଣ ହୋଇଥିବା ଯୋଗୁ ଏଭଳି ବାରମ୍ବାର ମରାମତି ପରେ ପୁଣି କେନାଲରେ ଘାଇ ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ବର୍ତ୍ତମାନ ଧାନରେ କେଣ୍ଡା ବାହାରିବା ସମୟ ହୋଇଥିବାରୁ ଗୋଟିଏ ପଟେ ଗତ ୧ ମାସରୁ ଉର୍ଦ୍ଧ୍ୱ ହେଲା ଖଡିଆଳ ଅଞ୍ଚଳରେ ବର୍ଷାର ଦେଖା ନାହିଁ । କୁଲିଗାଁ, ଘରଧରା ଅଞ୍ଚଳର ଚାଷୀମାନେ କେନାଲ ପାଣି ଭରସାରେ ପାଣି ମଡାଇ ଧାନ ଚାଷ ଅମଳ କରିବା ପାଇଁ ଆଶା ବାନ୍ଧି ଥିବା ବେଳେ ଅନ୍ୟ ପଟେ ଗତ ୨ ମାସ ମଧ୍ୟରେ କେନାଲରେ ଘାଇ ସୃଷ୍ଟି ଚାଷୀଙ୍କ ମଧ୍ୟରେ ନିରାଶ ସୃଷ୍ଟି ହୋଇ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ପ୍ରକାଶ ଯେ, ଘରଧରାରୁ କୁଲିଗାଁ ପର୍ଯ୍ୟନ୍ତ ସବ କେନାଲ ନିର୍ମାଣ ପାଇଁ ଖରିଆରରୋଡର ଜଣେ ଠିକାଦାର ସହ ଚୁକ୍ତିନାମା ହୋଇ କେନାଲ ନିର୍ମାଣ କରାଯାଇଥିଲା । ଗତ ୨ ମାସ ତଳେ କେନାଲରେ ପ୍ରଥମ ଥର ପାଣି ଛାଡିବା ଯୋଗୁ କୁଲିଗାଁ ନିକଟରେ ଘାଇ ସୃଷ୍ଟି ହୋଇଥିଲା । ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଁ କେନାଲ ମରାମତି କରାଯାଇଥିଲା । ମରାମତି ଠିକ ଭାବେ ନ କରି ସିମେଣ୍ଟ ପେଚ ସହ ବାଲିବସ୍ତା ଦେଇ ଚାଲ ବାଡ ଦେଇ ମରାମିତ କରାଯିବା ସତ୍ତ୍ୱେ ମଧ କେନାଲରେ ଦିନକୁ ଦିନ ଘାଇ ସୃଷ୍ଟି ହେବାରେ ଲାଗିଛି । ମରାମତି କରିବାର କେଇଦିନ ପରେ ଘାଇ ସୃଷ୍ଟି ହେବା ଯୋଗୁ ଉକ୍ତ ଘଟଣାକୁ ଚପାଇ ରାତାରାତି ମରାମତି କାମ କରାଯାଇଥିଲା । ଗତ ଦୁଇଦିନ ତଳେ କେନାଲରେ ପାଣି ଛାଡିବାରୁ ପୂର୍ବରୁ ଯେଉଁ ସ୍ଥାନରେ ଘାଇ ସୃଷ୍ଟି ହୋଇଥିବା ସେହି ସ୍ଥାନରୁ କେନାଲର ତଳମୁଣ୍ଡ ପ୍ରାୟ ୫୦ ମିଟର ଦୂରରେ ପୁଣି ଏକ ଘାଇ ସୃଷ୍ଟି ହୋଇଛି । ଏଥି ସହ ଚାଷ ଜମିରେ ମାଟି ପୋତି ହୋଇଯାଇଛି । ଯାହା ଦ୍ୱାରା ବର୍ତ୍ତମାନ ଚାଷ ଜମିକୁ ପାଣି ମଡାଇବାର ଆବଶ୍ୟକତା ଥିବା ସ୍ଥଳେ ପାଣି ମଡାଇବାରେ ବାଧା ସୃଷ୍ଟି ହୋଇଛି । ଫଳରେ ଚାଷ ନଷ୍ଟ ହେବାକୁ ବସିଥିବା ବେଳେ ମରାମତି କରାଯାଉଥିବା ଦେଖିବାକୁ ମିଳିଛି । ଘାଇରେ ମାଟି ଓ ବାଲି ବସ୍ତା ପକାଉଥିବା ବେଳେ ମାଟି, ବାଲି ବସ୍ତାକୁ ସୁରକ୍ଷା ଦେବା ପାଇଁ କାଠ ସହ ଚାଲବାଡ ଦିଆଯାଇଛି । ଫଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିମ୍ନମାନର କାମରେ କେନାଲ ନିର୍ମାଣ ହୋଇଥିବା ଯୋଗୁ କେନାଲର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ କେନାଲର ସୁରକ୍ଷା ଦେବା ପାଇଁ ଚାଲବାଡ ଦେବା ଘଟଣା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ କେନାଲ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଶ୍ୱେତ କୁମାର ଜାଲଙ୍କୁ ପଚାରିବାରୁ ଘଟଣାକୁ ହାଲୁକା ଭାବେ ନେଇ ଘାଇ ନୁହେଁ ଏହା ଲିକେଜ ହୋଇଛି କହି ଏଡାଇ ଦେବା ସହ ବିରକ୍ତ ହୋଇ ଯାହା ଲେଖିବା କଥା ଲେଖନ୍ତୁ ବୋଲି ପ୍ରକାଶ କରିଥିଲେ ।

ତେଲେଙ୍ଗାନାରେ ଶ୍ରମିକ ବନ୍ଧକ ମାମଲା

# ଶ୍ରମ କମିଶନରଙ୍କୁ ଏନ୍‌ଏଚ୍‌ଆରସିର ରିପୋର୍ଟ ତଲବ

## ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ନୂଆପଡା ଅଫିସ,୨୩।୧୦

ନୂଆପଡା ଜିଲା ଖଡିଆଳ ଥାନା ଅନ୍ତର୍ଗତ ରାନିମୁଣ୍ଡା ଗାଁର ୧୦ ଶିଶୁ ଶ୍ରମିକଙ୍କ ସମେତ ୪୦ଜଣ ଶ୍ରମିକଙ୍କୁ ତେଲେଙ୍ଗାନା ଇଟାଭାଟିରେ ବନ୍ଧକ ଥିବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ରାଜ୍ୟ ସରକାରଙ୍କ ଶ୍ରମ କମିଶନରଙ୍କୁ ୪ ସପ୍ତାହ ମଧ୍ୟରେ ସାନି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତବର୍ଷ କାମଧନ୍ଦା ଅଭାବରୁ ଖଡିଆଳ ବ୍ଲକ ରାନିମୁଣ୍ଡା ଗାଁର ୪୦ ଜଣ ଶ୍ରମିକ ତେଲେଙ୍ଗାନା ରାଜ୍ୟ ନାଲଗୋଣ୍ଡା ଜିଲା ରାମନଗର ଏକ ଇଟା ଭାଟିରେ କାମ କରୁଥିଲେ । ସେଠାରେ ଚୁକ୍ତି ମୁତାବକ କାମ କରିବା ପରେ ଇଟା ଭାଟି ମାଲିକ ପୁଣି ଥରେ ସେମାନଙ୍କୁ ବନ୍ଧକ ରଖି କାମ କରାଉଥିଲେ । କୌଣସିକ୍ରମେ ଖସି ଆସି କିଛି ଶ୍ରମିକ ଘରକୁ ଖବର ଦେଇଥିଲେ । ପରିବାର ଲୋକ ଏ ନେଇ ଜିଲା ଶ୍ରମ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ଶେଷରେ ପରିବାର ଲୋକ ଗଣମାଧ୍ୟମକୁ ସବିଶେଷ ସୂଚନା ଦେବା ପରେ ଧରିତ୍ରୀରେ ତଥ୍ୟମୂଳକ ଖବର ପ୍ରକାଶିତ ହୋଇଥିଲା । ଏହାକୁ ଭିତ୍ତି କରି କଳାହାଣ୍ଡିର ଜଣେ ସାମାଜିକ କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନର ଦ୍ୱାରସ୍ଥ ହୋଇଥିଲେ । ଏ ନେଇ ଏକ ମାମଲା (ସି ନଂ.୨୧/୩୬/୭/୧୮ସିଏଲ)ରୁଜୁ ହୋଇଥିଲା । ଏହା ପରେ କମିଶନ ରାଜ୍ୟ ସରକାରଙ୍କୁ ରିପୋର୍ଟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ଉପରେ ତେଲେଙ୍ଗାନା ସରକାରଙ୍କ ଶ୍ରମ ବିଭାଗ ତରଫରୁ କୌଣସି ତଥ୍ୟ ମିଳି ନ ଥିବା ବିଭାଗ ପ୍ରକାଶ କରିଥିଲା । ଯେହେତୁ ଶ୍ରମିକମାନଙ୍କୁ ବିନା ଲାଇସେନ୍ସରେ ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ କରି କାମ କରାଯାଉଥିବାରୁ ସମ୍ପୃକ୍ତ ଠିକାଦାର ଏବଂ ଏଜେଣ୍ଟଙ୍କ ନାମରେ ଇଣ୍ଟରଷ୍ଟେଟ ମାଇଗ୍ରେଣ୍ଟ ଆକ୍ଟ ୧୯୭୯ ଯୋଗେ ମାମଲା ରୁଜୁ କରାଯାଇଥିବା ରିପୋର୍ଟ କମିଶନଙ୍କୁ ଦିଆଯାଇଥିଲା । ଏହି ରିପୋର୍ଟ ପାଇବା ପରେ ମାନବାଧିକାର କମିଶନ ରାଜ୍ୟ ଶ୍ରମ କମିଶନର ପୁଣି ଥରେ ଦ୍ୱିତୀୟ ଥର ପାଇଁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ଆଗାମୀ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ କୁହାଯାଇଛି ।



୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଆୟୋଜନ ପାଇଁ ହରିଦ୍ୱାରରୁ ଶକ୍ତି କଳସ ଗ୍ରହଣ କରାଯାଉଛି।

# ଓଡିଶା ଆଦର୍ଶ ବିଦ୍ୟାଳୟ ଛଟେଇ କର୍ମଚାରୀଙ୍କ ଧାରଣା ୨୨ ଦିନରେ

ଭବାନୀପାଟଣା,୨୩।୧୦(ଡି.ଏନ.ଏ.)

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ଶା ଆଦର୍ଶ ବିଦ୍ୟାଳୟ ଛଟେଇ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଚାଲିଥିବା ଧାରଣା ମଙ୍ଗଳବାର ୨୨ ଦିନରେ ପହଞ୍ଚିଛି । ଏଥିରେ ଇଣ୍ଡିଭିଜୁଆଲ ସତ୍ୟାଗ୍ରହର ଅଧକ୍ଷ ଚିନ୍ମୟ ବେହେରା, ଆଦର୍ଶ ବିଦ୍ୟାଳୟ ଛଟେଇ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ସଭାପତି ପବିତ୍ର ସାହୁ, ସମ୍ପାଦକ ସିଦ୍ଧେଶ୍ୱର ପଣ୍ଡା, ଗୋବର୍ଦ୍ଧନ ଦୁର୍ଗା, ଦୁର୍ବନ୍ତ ଗୋପାଳ, ପ୍ରଦ୍ୟୁମ୍ନ ନାଏକ, ଡିଙ୍ଗର ରାଉତ, ହିରଣ୍ମନ୍ଦ୍ର ନାଗ, ଭାରତ ବାଗ, ଅଭିମନ୍ୟୁ ବଞ୍ଜାରା, ଦୁର୍ଯ୍ୟୋଧନ ଗଉଡ ସମେତ ବହୁ ଛଟେଇ କର୍ମଚାରୀ ଓ ରାଜନେତା ଯୋଗଦେଇଥିଲେ । ଧାରଣା ପୂର୍ବରୁ ପ୍ରତିଦିନ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସଫେଇ କରାଯାଉଛି । ପ୍ରଶାସନ ଛଟେଇ କର୍ମଚାରୀଙ୍କ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଯାତ୍ରା

ଜୁନାଗଡ,୨୩।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁଟ୍ରାରେ ମଙ୍ଗଳବାର ଅପରାହ୍ନରେ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳା, ପୁରୁଷ ସାମିଲ ହୋଇଥିଲେ। ବୁଧବାର ଭୋରରୁ ପୂଜା ଆରମ୍ଭ ହୋଇ ରବିବାର ପର୍ଯ୍ୟନ୍ତ ଚାଲିବ। ସେହିପରି ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପ୍ରତିଦିନ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜାର କର୍ତ୍ତା ଭାବେ ଶିବ ଶଙ୍କର ମେହେର ଓ ଦୟାନି ମେହେର ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟି ସଭାପତି ଭାବେ ଅଶ୍ୱିନ ମେହେର, ଉପସଭାପତି ସୁରେନ୍ଦ୍ର ନାଏକ, ସମ୍ପାଦକ ହୃଦାନନ୍ଦ ନିଆଲ, ସକ୍ରିୟ ସଦସ୍ୟ ବିଭୁରଞ୍ଜନ ସାହୁ, ମହେନ୍ଦ୍ର ନାଗ, ଜଗନ୍ନାଥ ଠାକୁର, କରୁଣାକର ସାହୁ ଦାୟିତ୍ୱ ତୁଲାଉଛନ୍ତି।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

TRAHON Livelihood Mission Pvt. Ltd.
URGENTLY REQUIRED
A Leading Company Requires Experienced & Qualified Candidates
1. District Manager: 10 Posts (Salary 20,000 to 45,000)
MBA, 3-5 Years Administration Exp., Good at English, Hindi & Local Language.
2. District Supervisor: 10 Posts (Salary 15,000 to 20,000)
Graduate, 1-2 Years Experience, Good at English, Hindi & Local Language.
3. IT Technician: 10 Posts (Salary 15,000 to 20,000)
BCA / BCS IT / MCA / MCS / BE-IT, 1-2 Yrs. Exp., in Hardware & Networking.
4. Calling Executive: 300 Posts(Salary 8,000 to 12,000)
Graduate, 1-2 Yrs. Experience, Good at English & Local Language.
Job Locations: Job Location At All Districts in Odisha.
Drop Your CV at hr.trahonodisha@gmail.com
www.trahon.com 9607922216

PRINCIPAL & TEACHERS REQUIRED FOR
STERLING PUBLIC SCHOOL
(Affiliated to CBSE, English Medium, Sr. Secondary-10+2)
Siswa Bazar / Nichlaul, Maharajganj, UP-273163
Website : www.sterlingeducation.in
Principal, PGT (English, Physics, Chemistry, Maths, Biology & Physical Education) TGT (English, S.St., Maths, Science) & Primary Teachers (All subjects)
Attractive Salary + Free Accommodation
Candidates must be fulent in English. Preference will be given to candidates with relevant experience. Please send CV at
chandrashekharonline@gmail.com
Call : 07457984810 / 08948911222

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
09319634873

Urgently Required
RECEPTIONIST (1 No)
Qual. 10th / +2, Salary : 1000/- PM
ଆୟୁର୍ବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ
(ଖାଇବା ଓ ରହିବା ସୁବିଧା ଅଛି । ଦରମା - 8,000/-)
Contact : 6370668486
KHANDAGIRI SQUARE BHUBANESWAR (Age : 18-30 Yrs)

A Division of Timber & Furniture unit required 4 Nos. Manager at BBSR.
Mob: 7381203300

ଚେନ୍ନାଇରେ ଚାକିରି + ରହିବା ସୁବିଧା।
ହିନ୍ଦୀ କହିପାରୁଥିବେ।
ବେତନ: ୧୩୦୦୦ - ୧୭୦୦୦।
ରୋଷେୟା / ହାଉସ୍‌କିପିଂ ବଏ / କାର୍ ଡ୍ରାଇଭର / ମାଲିକଙ୍କ ବ୍ୟକ୍ତିଗତ ସେବକ / ଅଫିସ ଆସିଷ୍ଟାଣ୍ଟ
9884761210

OFFICIALLY JOB
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ । ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ଏନ୍‌ଜିଓ ପାଇଁ ଆବଶ୍ୟକ
ଗ୍ରାମୀଣ ବ୍ଲକ୍ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

REQUIRED
A CA firm requires articles, B.Com, CA (Inter) with experience. Please mail your resume to
mohapatra.sangram@rediffmail.com

See CAREER APPOINTMENT on every Wednesday & Saturday

WANTED
ଧରିତ୍ରୀ DHARITRI Oriya daily is looking for
CIRCULATION EXECUTIVES
- Graduates, having good communication skills. Experience in Sales / recovery in media will be given preference.
- Good working knowledge of Computers (Excel & Word) will be required.
SALES PROMOTERS
- Required Intermediate / Graduate Male Candidates having 1-2 yrs experience in sales. Fresher candidates may also apply.
- Candidates must possess own 2-Wheeler / mobile phone.
Apply immediately to :
recruitment@dharitri.com
Attractive salary commensurate with experience

JOB VACANCIES
An upcoming four wheeler dealership needs professional in **Bhubaneswar** & **Sambalpur** location opportunity exists for the following positions:-
- **GM:** Must be graduate /MBA having 10 to 12 years experience in managing sales, operation of any 4 wheelers passenger car dealership.
- **SR. SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **BODYSHOP MANAGER:** Degree or Diploma in automobile/ Accidental having 3 to 5 years experience in 2/3/4 wheeler dealership bodyshop.
- **FLOOR MANAGER:** Degree or Diploma in automobile/ Mechanical having 3 to 5 years experience in 2/3/4 wheeler dealership workshop.
- **ADMIN. MANAGER:** Relevant work experience in construction & Govt. liaisoning having 5-10 years experience in any automobile sector.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE HEAD:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **HR EXECUTIVE:** Must be MBA (HR) having good exposure to EPF, ESI, Bonus. Preference will given the candidate from automobile sector.
- **EDP EXECUTIVE:** Fresher/Graduates (BCA, B.Sc. {IT} having at least 1 year of experience in IT support, hard work & net work in any automobile of 2/3/4 wheeler dealership.
- **SALES CONSULTANTS:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **RESIDENTIAL SALES EXECUTIVE:** Graduate having at least 1 year exp. in automobile for Jeypore, Balasore, Bhadrak, Angul & Berhampur.
- **SERVICE ADVISOR:** Diploma in automobile engg. having 1 to 2 years experience with valid driving license of any 2/3/4 wheeler dealership.
- **CO-TECH:** Must be a technical manager or technical head in any 2/3/4 wheeler automobile dealership.
- **WARRANTY EXECUTIVE:** Diploma in Automobile/Mechanical having 1-2 yrs of relevant experience in any automobile sector handling warranty related claims.
- **PARTS EXECUTIVE:** Graduate having 2 to 3 yrs experience in automobile sector of any 2/3/4 wheeler dealership.
- **TECHNICIANS:** ITI/ DIPLOMA in automobile having at least 1 year experience in any 2/3/4 wheeler dealership/ Garage.
- **TELE CALLER:** Any graduate or MBA having at least 1 year experience in automobile of any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **PAINTER:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler painting section.
Contact: 7606002084 / 0674-6668822
edp.bhubaneswar@renault-india.com & siddharth9909@gmail.com

CAPITAL FORD
Requires professionals for its dealership across Odisha, opportunity exists for the following positions:-
- **SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **SALES MANAGER:** Graudate or MBA (Marketing) having 5 to 6 years experience of any 4 wheelers dealership handling sales.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE MANAGER:** Graduates/ MBA having 3-5 yrs. exp. in automobile finance or auto loan finance.
- **FLOOR MANAGER:** Degree or Diploma in automobile/ Mechanical haing 3 to 5 years experience in 2/3/4 wheeler dealership workshop.
- **TEAM LEADER (Sales):** Graduates/MBA having 3 to 4 years experience in auto sales and finance in 2/3/4 wheelers dealership.
- **SALES CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **USED CAR CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership of used car sales.
- **RESIDENTIAL SALES CONSULTANT:** Graduate having at least 2-3 years experience in automobile for Balasore, Koraput, Jaypore, Bhawanipatna, Baragarh & Keonjhar.
- **DELIVERY CO-ORDINATOR:** Graduate having at least 1 year experience in automobile of any 2 wheeler or 4 wheeler dealership, with 4 wheeler driving experience.
- **PARTS MANAGER:** Graduate having 5 to 6 years experience in automobile sector of any 2/3/4 wheeler dealership.
- **FLOOR SUPERVISOR:** Automobile Diploma, 1-3 yrs exp. in any automobile dealership handling body shop and floor.
- **BODYSHOP ADVISOR:** Degree or Diploma in automobile/ Accidental having 2 to 3 years experience in 2/3/4 wheeler dealership bodyshop.
- **QUALITY INSPECTOR:** ITI/DIPLOMA in automobile having at least 2 to 3 years experience in any 4 wheelers dealership/Garage, should be fluent in communication, with 4 wheeler driving experience.
- **RECEPTIONIST:** Any Graduate having good looking with pleasant personality, fluent in English having knowledge in computer.
- **TELE CALLER:** Any graduate or MBA having at least 1 year experience in automobile or any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or, MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **PAINTER:** Work in a dealership/ Garage in body operation, color matching & painting having 1 to 2 years experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **DRIVER:** 9th pass with valid license having 2 to 3 years experience in 2/3/4 wheeler driving. Preference will be given from automobile sector.
Mail to: admin@capitalford.net & siddharth9909@gmail.com
Contact: Evalin, 0674-6667709/6668822
CAPITAL FORD, SBI CHHAK, MANCHESWAR, BHUBANESWAR

An upcoming saloon requires the following personnel's at **Bhubaneswar**
1. **MARKETING MANAGER:** Graduate or MBA (Marketing) having 2 to 4 years experience of any product and concept marketing either from FMCG or IT sector can also apply.
2. **BUSINESS DEVELOPMENT MANAGER:** Graduate or MBA (Marketing, Finance) having 2 to 3 years experience in any insurance sales or loan dimensions.
3. **CENTRE MANAGER:** Graduate or MBA having 2 to 3 years of centre handling experience from any beauty segment or has been working as a manager heading any company.
4. **COUNSELLOR:** 1-2 yrs. experience of customer counselling from any industry or, from customer care background.
5. **BEAUTICIAN:** 1-3 yrs. experience in any beauty parlor or has under gone beauty course.
6. **DIETICIAN:** 2-3 yrs. experience in diet counselling or a nutritionist or from home science background fresher's can apply.
7. **HAIR DRESSER:** 2-3 yrs. experience in any beauty parlour.
8. **THERAPIST:** 2-3 yrs. experience in any wellness centre.
Salary is best in industry. Interested candidates may email their updated CV with latest PP size photograph.
Contact No: 9040093804/0674-6668822
Email id: siddharth9909@gmail.com, chitra89@gmail.com, info@newleaf.org.in

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବଢେଇମୁଣ୍ଡା ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ଦାବି

**ଝାରସୁଗୁଡା ଅଫିସ,୨୩।୧୦-** ବଢେଇମୁଣ୍ଡା ରାସ୍ତାରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଦାବିରେ ମଙ୍ଗଳବାର ଆଞ୍ଚଳିକ ସମନ୍ୱୟ ସମିତି ତରଫରୁ ଏକ ପ୍ରତିବାଦ ସଭା ହୋଇଯାଇଛି। ସହରାଞ୍ଚଳ ଏବଂ ଜନବସତି ଦେଇ ଭାରୀଯାନ ଚଳାଚଳକୁ ବିରୋଧ କରାଯାଇଛି। ଅଭିଯୋଗ ଅନୁସାରେ, ଦୀର୍ଘ ବର୍ଷର ଶିଳ୍ପ ସ୍ଥାପନ ପରେ ଶିଳ୍ପସଂସ୍ଥାର ମୁନାଫା ବୃଦ୍ଧି ପାଇଥିବାବେଳେ ସେମାନେ ନିଜ ପାଇଁ ବିକଳ୍ପ ରାସ୍ତା ନିର୍ମାଣ କରିବା କଥା। କିନ୍ତୁ ଏହା ନ କରି ସେମାନେ ସର୍ବସାଧାରଣ ରାସ୍ତାକୁ ବ୍ୟବହାର କରୁଛନ୍ତି, ଯାହା ଜନ ବସତି ପାଖ କିମ୍ବା ଭିତର ଦେଇ ଯାଇଛି। ଏହାଦ୍ୱାରା ଦୁର୍ଘଟଣା ଏବଂ ପ୍ରଦୂଷଣ ଉଭୟ ବୃଦ୍ଧି ପାଉଛି। ତେଣୁ ବାଲିଯୋରୀ ଏବଂ ବଢେଇମୁଣ୍ଡା ଦେଇ ଯାତାୟତ କରୁଥିବା ଭାରିଯାନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ଉଠିଛି। ନଭେମ୍ବରରୁ ବଢେଇମୁଣ୍ଡା ଆରଡି ରୋଡ ବନ୍ଦ କରାଯିବାକୁ ଆଜିର ପ୍ରତିବାଦ ସଭାରେ ନିଷ୍ପତି ହୋଇଛି। ପ୍ରଭା ଓରାମଙ୍କ ସଂଯୋଜନାରେ ଆୟୋଜିତ ପ୍ରତିବାଦ ସଭାରେ ଶିକ୍ଷାବିତ୍ ରବିନ୍ଦ୍ର ଦେବତା, ଶ୍ରମିକ ନେତା ରତ୍ନାକର ପ୍ରଧାନ, କାଉନସିଲର ତ୍ରିନାଥ ଗୁଆଲ, ସୀଆରାମ ଦାସ, ରାଜ କୁମାରୀ ପଟ୍ଟନାୟକ, ସୁରେନ୍ଦ୍ର ସାହୁ, ଅନୀଲ ଖାଲକୋ, ଲକ୍ଷ୍ମୀଚରଣ ପାଲ, ପଦ୍ମଲୋଚନ ବୁଦୁଲା, ରିଣ୍ଟୁ ସୁତାର ଏବଂ ୧୦ଟି ଗାଁର ବହୁସଂଖ୍ୟକ ମହିଳା ପୁରୁଷ ଯୋଗଦେଇଥିଲେ।

### ଫଳ ଗୋଦାମରୁ ଚୋରି ଘଟଣା: ୩ ଗିରଫ, ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ

**ଝାରସୁଗୁଡା ଅଫିସ,୨୩।୧୦-** ଝାରସୁଗୁଡା ସହରାଞ୍ଚଳ ମାରୱାଡି ପଡାର ଏକ ଫଳ ଗୋଦାମରୁ ରବିବାର ବିଳମ୍ବିତ ରାତିରେ ହୋଇଥିବା ଲକ୍ଷାଧିକ ଟଙ୍କା ଚୋରି ଘଟଣାରେ ପୋଲିସକୁ ସଫଳତା ମିଳିଛି। ଏହି ଘଟଣାରେ ପୋଲିସ ଜଣେ ନାବାଳକ ସହ ତିନି ଜଣଙ୍କୁ ଗିରଫ କରିଥିବା ନେଇ ସୂଚନା ମିଳିଛି। ଟାଉନଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ପ୍ରାୟ ସାଢେ ୪ଲକ୍ଷ ଟଙ୍କାରୁ ୩ଲକ୍ଷ ୯୮ହଜାର ଟଙ୍କା ଜବତ କରିଛି। ଏହି ଚୋରି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଥିବା ସନ୍ଦେହ କରି ପୋଲିସ ସେମାନଙ୍କୁ ଥାନାକୁ ନ ଆଣି ବାହାରେ ଏକ ଫାଣ୍ଡିରେ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଏ ନେଇ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ। ସୂଚନାଯୋଗ୍ୟ, ଝାରସୁଗୁଡା ସହରର ମାରୱାଡି ପଡାରେ ମେଘନାଦ ଗୁପ୍ତାଙ୍କ ଫଳ ଗୋଦାମରୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ପ୍ରାୟ ସାଢେ ୪ଲକ୍ଷ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ସୋମବାର ଗୋଦାମ ମାଲିକ ଗୁପ୍ତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି।



ବିମାନବନ୍ଦର ସମ୍ମୁଖରେ ଅନଶନ କରାଯାଉଛି।

# ନିରବଚ୍ଛିନ୍ନ, ବାଣିଜ୍ୟିକ ବିମାନସେବା ଦାବି

**ଝାରସୁଗୁଡା ଅଫିସ,୨୩।୧୦**

- ବିମାନବନ୍ଦର ସମ୍ମୁଖରେ ଦୁଇଦିନିଆ ଅନଶନ
- ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ପ୍ରତିନିଧି

ଝାରସୁଗୁଡା ବିମାନବନ୍ଦର ଉଦଘାଟନକୁ ଏକ ମାସ ବିତିଯାଇଛି। ସେପ୍ଟେମ୍ବର ୨୨ତାରିଖରେ ବିମାନବନ୍ଦର ଉଦଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଏହା ପଶ୍ଚିମ ଓଡ଼ିଶାବାସୀଙ୍କୁ ନୂଆଖାଇ ଉପହାର। କିନ୍ତୁ ଏୟାର ଓଡ଼ିଶାର ଅନିୟମିତ ବିମାନସେବା ପଶ୍ଚିମ ଓଡ଼ିଶା ଲୋକଙ୍କ ଆଶା ଓ ଭରସା ପ୍ରତି କୁଠାରଘାତ ବୋଲି କହିଛନ୍ତି ଝାରସୁଗୁଡା ବିଧାୟକ ନବ କିଶୋର ଦାସ। ଝାରସୁଗୁଡାରୁ ପୂର୍ଣ୍ଣାଙ୍ଗ ଏବଂ ବାଣଜ୍ୟିକ ବିମାନ ଚଳାଚଳ ଦାବି ଏବଂ ଉଡାନ୍ ଯୋଜନାର ବିଫଳତାକୁ ନେଇ ଝାରସୁଗୁଡା ବିଧାୟକଙ୍କ ନେତୃତ୍ୱରେ ମଙ୍ଗଳବାର ଦିନ ବିମାନବନ୍ଦର ମୁଖ୍ୟ ଫାଟକରେ ଆରମ୍ଭ ହୋଇଛି ଅନଶନ। ଏହି ଦୁଇ ଦିନିଆ ଅନଶନକୁ ସମର୍ଥନ କରିବା ପାଇଁ ବିଧାୟକ ଦାସ ଦଳମତ ନିର୍ବି ଶେଷରେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ଅନଶନ ଅବସରରେ ଉଦ୍‌ବୋଧନ ଦେଇ ବିଧାୟକ ଦାସ କହିଛନ୍ତି, ହଜାର ହଜାର ଏକର ଜମି, ଶହ ଶହ କୋଟି ଟଙ୍କା ବିନିଯୋଗରେ ଉନ୍ନତ ଭିତ୍ତିଭୂମି ସମ୍ପନ୍ନ ଝାରସୁଗୁଡା ବିମାନବନ୍ଦର ସେପ୍ଟେମ୍ବର ୨୨ରେ ଉଦ୍‌ଘାଟନ ହୋଇଛି। ବହୁ ଆଡମ୍ବରରେ ପ୍ରଧାନମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରି ଏହାର ନାମକରଣ ମଧ୍ୟ କରିଥିଲେ। କିନ୍ତୁ ଉଦଘାଟନର ଦିନ କେଇଟା ପରେ ଏୟାର ଓଡ଼ିଶା ନିରବଚ୍ଛିନ୍ନ ବିମାନସେବା ପ୍ରଦାନ କରିବାରେ ବିଫଳ ହୋଇଥିବାବେଳେ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେବା ନେଇ କୌଣସି ସୂଚନା ମିଳିନାହିଁ। ଉଦଘାଟନର ଏକ ମାସ ଭିତରେ ମାତ୍ର ୫ରୁ ୬ଦିନ ଏୟାର ଓଡ଼ିଶାର ବିମାନ ଉଡିଥିବାବେଳେ ଗତ ୧୬ ଦିନ ହେବ ଉଡାନ୍ ବନ୍ଦ ରହିଛି। ଏହିଭଳି ଭାବେ ପଶ୍ଚିମ ଓଡ଼ିଶାବାସୀଙ୍କୁ ଠକିବାର ପ୍ରୟାସ କରାଯାଉଛି ବୋଲି ସେ କହିଥିଲେ। ତୁରନ୍ତ ଉଡାନ୍ ଆରମ୍ଭ କରିବା ଏବଂ ଏଠାରୁ ପୂର୍ଣ୍ଣାଙ୍ଗ ବିମାନ ଚଳାଚଳ ଦାବି ନେଇ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରିବେ। ଏହାପରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବେ। ନିର୍ଦ୍ଦିଷ୍ଟ ସମୟରେ ବିମାନ ସେବା ଆରମ୍ଭ ନ ହେଲେ ନଭେମ୍ବରରେ ପଶ୍ଚିମ ଓଡ଼ିଶାର ସବୁ ଜିଲାର ଲୋକ ବିମାନବନ୍ଦର ଘେରାଉ କରିବେ ବୋଲି ସେ କହିଛନ୍ତି। ଆଜିର ଅନଶନରେ ସ୍ଥାନୀୟ ଜଗନ୍ନାଥ ଜେନା, ପିଣ୍ଟୁ ପାଢୀ, ରଘୁମଣି ପଟେଲ, ରବିନ୍ ପାଣ୍ଡେ, ବାବୁନ୍ ସରକାର, କୁଶାସନ ଜୟପୁରିଆ, ଦିଗମ୍ବର ମାଝୀ, ରାଜୁ ପାଣିଗ୍ରାହୀ, ସୁଧାଂଶୁ ମହାପାତ୍ର, ମଞ୍ଜୁର ଆଲମ୍ ଏବଂ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ। ଉଡାନ୍ ଯୋଜନାରୁ ଏୟାର ଓଡ଼ିଶାକୁ ହଟାଇବା ପାଇଁ ମଧ୍ୟ ଦାବି ଉଠିଛି। ଏ ନେଇ ପ୍ରତିକ୍ରିୟା ଦେଇ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ ଚୌହାନ କହଛନ୍ତି, ଏୟାର ଓଡ଼ିଶାର ଉଡାନ୍ ବନ୍ଦର ପ୍ରକୃତ କାରଣ ଜଣା ପଡୁ ନାହିଁ। କମ୍ପାନୀ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଉଡାନ୍ ବନ୍ଦ କରିଛନ୍ତି। ସେହିପରି ବିମାନବନ୍ଦରର ନାମକରଣ ନେଇ କେନ୍ଦ୍ରରୁ କୌଣସି ସୂଚନା ଆସି ନ ଥିବା ସେ କହିଛନ୍ତି।

■ ୬ଦଫା ଦାବି ନେଇ ରେଳ ଯନ୍ତ୍ରୀଙ୍କ ସହ ଆଲୋଚନା

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ଝାରସୁଗୁଡା ଅଫିସ,୨୩।୧୦**

ଛଅ ଦଫା ଦାବି ନେଇ ମଙ୍ଗଳବାର ଆଞ୍ଚଳିକ ବିକାଶ ପରିଷଦ(ଏବିପି)ର ଏକ ପ୍ରତିନିଧି ଦଳ ରେଳ ଅଧିକାରୀଙ୍କୁ ଭେଟିଛନ୍ତି। ଝାରସୁଗୁଡାରେ ଅବସ୍ଥିତ ଡିଭିଜନାଲ ଇଂଜିନିୟରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଦୀର୍ଘ ଦିନର ଦାବି ଚୌକିପଡା ଓଭରବ୍ରିଜ୍ ନିର୍ମାଣ କରିବା, ରେଲୱେ କଲୋନୀ ପାର୍ଶ୍ୱରେ ରହିଥିବା ଟିକଟ୍ ବୁକିଂ କାଉଣ୍ଟରକୁ ୨୪ଘଣ୍ଟା ଖୋଲା ରଖିବା, ହବିବଗଞ୍ଜ-ପୁରୀ ଏକ୍ସପ୍ରେସ୍, ପୁରୀ-ଇନ୍ଦୋର ହମସଫର ଏକ୍ସପ୍ରେସ୍ ଏବଂ ବିଳାସପୁର-କଣ୍ଟାବାଞ୍ଜି ପାସେଞ୍ଜର ଟ୍ରେନ୍‌କୁ ଝାରସୁଗୁଡା ଜଙ୍କ୍‌ସନ୍ ଯାଏ ପରିବର୍ଦ୍ଧିତ କରିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରେଳରୋକୋ କରିବାକୁ ରେଳ ଅଧିକାରୀଙ୍କୁ ଚେତାବନୀ ଦେଇଥିଲେ। ଚୌକିପଡା ଓଭରବ୍ରିଜ୍ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ରେଳ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ପରିଷଦ କର୍ମକର୍ତ୍ତା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାସହ ସାଧାରଣ ଲୋକଙ୍କ ପ୍ରତି ରେଳ କର୍ମଚାରୀଙ୍କ ବ୍ୟବହାର ସନ୍ତୋଷ ଜନକ ନ ଥିବା ଅଭିଯୋଗ କରିଛନ୍ତି। ତେବେ ଚୌକିପଡା ଓଭର ବ୍ରିଜ୍ ନିର୍ମାଣ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଗଲେ ମଧ୍ୟ ସରକାର କୌଣସି ପ୍ରତିକ୍ରିୟା ପ୍ରକାଶ କରୁ ନ ଥିବା ଯନ୍ତ୍ରୀ କହିଥିବା ଏବିପି ସଦସ୍ୟ ସୂଚନା ଦେଇଛନ୍ତି। ଏବିପି କର୍ମକର୍ତ୍ତାଙ୍କ ମଧ୍ୟରେ ଦିନେଶ ଜୈନ, ତ୍ରିନାଥ ଗୁଆଲ, ମନମୋହନ ପାଣ୍ଡେ, ନିରଦାକାନ୍ତ ମିଶ୍ର, ମଦନ ମଲିକ, ଆର.ପି ଚୌଧୁରୀ, ରବୀନ୍ଦ୍ର ଦିକ୍ଷୀତ, ସୀତାରାମ ଅଗ୍ରୱାଲ, ଦୀନେଶ ଉପାଧ୍ୟାୟ, ଦିନେଶ ମିଶ୍ରା, ଗଣେଶ ନାୟକ, ବିନୋଦ ଆହୁଜା ପ୍ରମୁଖ ଯୋଗଦେଇଥିଲେ।

■ ମରୁଡି ଘୋଷଣା ଦାବି

# ୨୫ରୁ ଆରଆଇ ଅଫିସ ସମ୍ମୁଖରେ ଆନ୍ଦୋଳନ

**ଝାରସୁଗୁଡା ଅଫିସ,୨୩।୧୦**

ମରୁଡି ଘୋଷଣା, ମରୁଡିର ସ୍ଥାୟୀ ପ୍ରତିକାର, ୨୦୧୬-୧୭, ୧୭-୧୮ ଏବଂ ୧୮-୧୯ର ଫସଲବୀମା ବକେୟା ପ୍ରଦାନ ଦାବି କରିଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)। ଏହି ଦାବି ପୂରଣ ପାଇଁ ଦଳ ତରଫରୁ ଅକ୍ଟୋବର ୨୫ରୁ ନଭେମ୍ବର ୧୪ତାରିଖ ପର୍ଯ୍ୟନ୍ତ ବ୍ରଜରାଜନଗର ନିର୍ବାଚନମଣ୍ଡଳ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକ(ଆରଆଇ) ଅଫିସ ସମ୍ମୁଖରେ ଆଇନ୍ ଅମାନ୍ୟ ଆନ୍ଦୋଳନ କରିବେ। ଏହି ସମୟରେ ସମସ୍ତ ରାଜସ୍ୱ ନିରୀକ୍ଷକ ଅଫିସରେ ତାଲା ବନ୍ଦ କରିବା ପାଇଁ ସିପିଆଇ ଜିଲା ସାଧାରଣ ସମ୍ପାଦକ ଅନୀତ ଚକ୍ରବର୍ତ୍ତୀ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାପରେ ନଭେମ୍ବର ୧୫ତାରିଖରେ ଲଖନପୁର ବ୍ଲକ୍ ଅଫିସ ସମ୍ମୁଖରେ ଆଇନ୍ ଅମାନ୍ୟ ଆନ୍ଦୋଳନ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ଏବଂ ଋଣ ଛାଡ କରିବାକୁ କମ୍ୟୁନିଷ୍ଟ ନେତା ଚକ୍ରବର୍ତ୍ତୀ, ରମେଶ ତ୍ରିପାଠୀ, ରମାକାନ୍ତ ସାହୁ ଦାବି କରିଛନ୍ତି।

■ କଣ୍ଡେଇକେଲା ଗ୍ରାମରେ ମରୁଡି ସ୍ଥିତି ଗମ୍ଭୀର

# କ୍ରପ୍ କଟିଂକୁ ବିରୋଧ କରି ଗ୍ରାମସେବିକାଙ୍କୁ ଘେରିଲେ ଚାଷୀ

**ଲଖନପୁର,୨୩।୧୦(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ତହସିଲ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡିର ପଦଧ୍ୱନୀ ଦେଖାଦେଇଛି। ଏଥିରେ ଧାନ, ଚିନାବାଦମ ଆଦି ଫସଲ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି । ଏ ନେଇ ଚାଷୀ ମୁଣ୍ଡରେ ଚଡକ ପଡିଛି। ଏଭଳି ସ୍ଥିତିରେ ଚାଷୀମାନେ କିଭଳି ଋଣ ପରିଶୋଧ ସାଙ୍ଗକୁ ପରିବାର ପ୍ରତିପୋଷଣ କରିବେ ଏହାକୁ ନେଇ ଚିନ୍ତାରେ ଅଛନ୍ତି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଚାଷୀ ମହଲରୁ ଦାବି ହେଉଛି । ଏ ନେଇ ଚାଷୀମାନେ ବିଭିନ୍ନ ପର୍ଯ୍ୟାୟରେ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛନ୍ତି । ଏ ନେଇ ଚାଷୀ ନିଜର ହକ୍ ପାଇଁ ଏକତ୍ରିତ ହୋଇ ଆନ୍ଦୋଳନ କରିବା ପାଇଁ ମଧ୍ୟ ସଜବାଜ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଗତ ସୋମବାର ୧୯ଖଣ୍ଡ ମୌଜା କଣ୍ଡେଇକେଲା ଗ୍ରାମ ଦୁର୍ଗାମଣ୍ଡପରେ ଚାଷୀମାନେ ସମ୍ମିଳିତ ହୋଇଥିଲେ । ଏଥିରେ ଚାଷୀଙ୍କ ମତ ଥିଲା ବିଗତ ବର୍ଷମାନଙ୍କରେ ସ୍ୱଳ୍ପ ବୃଷ୍ଟିପାତ ସାଙ୍ଗକୁ ରୋଗପୋକର ପ୍ରାଦୁର୍ଭାବରେ ଚାଷ କ୍ଷତିଗ୍ରସ୍ତ ହୋଇଛି । କ୍ଷୟକ୍ଷତି ଆକଳନ କ୍ରପ୍‌କଟିଂ ଠିକ୍‌ରେ ହୋଇ ନ ଥିବାରୁ ବହୁ ଚାଷୀ ଫସଲବୀମା ପାଇବାରୁ ବଞ୍ଚିତ ହୋଇଥିବା ନଜିର ରହିଛି । ଏବେ ଆଉ ସେଭଳି ହେବାକୁ ଦିଆଯିବ ନାହିଁ । କ୍ରପ୍‌କଟିଂ ଠିକ୍‌ରେ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ । ତେବେ ଚାଷୀଙ୍କୁ ନେଇ ଏକ ୧୫ଜଣିଆ ମରୁଡି ମୁକାବିଲା କମିଟି ଗଠନ କରାଯାଇଛି । ଏହି କମିଟି ରାଜସ୍ୱ ବିଭାଗ ଓ କୃଷି ବିଭାଗର ମିଳିତ କାର୍ଯ୍ୟକୁ ନଜରରେ ରଖି ଚାଷୀଙ୍କ ପ୍ରକୃତ ସମସ୍ୟାକୁ ବିଭାଗ ନିକଟରେ ଉପସ୍ଥାପନ କରିବ ବୋଲି ନିଷ୍ପତ୍ତି ହୋଇଛି । ଏହି କମିଟି ଗଠନ ହୋଇ ଏଭଳି ନିଷ୍ପତି ନେବା ଗୋଟିଏ ଦିନ ପରେ କୃଷି ଗ୍ରାମସେବୀକା ଅନ୍ୱେଷା ବିଶ୍ୱାଳ ମଙ୍ଗଳବାର ସକାଳେ ମରୁଡି ଆକଳନ ପାଇଁ କଣ୍ଡେଇକେଲା ଗ୍ରାମରେ ପହଞ୍ଚିଥିଲେ । ସାଟେଲାଇଟ୍ ମାନଚିତ୍ର ହିସାବରେ ୧୧୫ନଂ ପ୍ଲଟ୍‌ର ଜମିମାଲିକ ମୁକ୍ତେଶ୍ୱର ସାଙ୍କ ନିକଟରେ ପହଞ୍ଚି ଧାନକ୍ଷେତର ମରୁଡି ଅନୁଧ୍ୟାନ କରି ଚିତ୍ରଉତ୍ତୋଳନ କରିବା ପାଇଁ ଚାହିଁଥିଲେ । କିନ୍ତୁ ଏହାକୁ ଚାଷୀ ମୁକ୍ତେଶ୍ୱର ବିରୋଧ କରିଥିଲେ । କହିଥିଲେ ତାଙ୍କ ଧାନକ୍ଷେତକୁ ମରୁଡିରୁ ବଞ୍ଚାଇବା ପାଇଁ ୨ମାସ ହେବ ସେ ପାଣିପମ୍ପରେ ପୋଖରୀରୁ ପାଣି ଉଠାଇ କ୍ଷେତରେ ମଡାଉଛନ୍ତି । ତାଙ୍କ ଜମି ଚର୍ତୁ ପାର୍ଶ୍ୱରେ ଶତାଧିକ ଏକର ଧାନ ଫସଲ ପାଣି ଅଭାବରୁ ମରୁଡି ହୋଇଛି । ଯଦି ତାଙ୍କ ଧାନକ୍ଷେତକୁ ମରୁଡିର ଆକଳନ କରାଯିବ ତା'ହାଲେ ଗ୍ରାମର କୌଣସି ଚାଷୀ ମରୁଡି ସହାୟତା ପାଇବେ ନାହିଁ । ଯଦି ସାଟେଲାଇଟ୍ ହିସାବରେ ମୁକ୍ତେଶ୍ୱରଙ୍କ ଜମିକୁ ଆକଳନ ପାଇଁ ଚିହ୍ନଟ କରାଯାଇଛି ତାହାଲେ ବିଭାଗୀୟ ଅଧିକାରୀଙ୍କ ଏହା ଏକ ସୁଚିନ୍ତିତ ଚକ୍ରାନ୍ତ ବୋଲି ଚାଷୀମାନେ ଏଭଳି ଅଭିଯୋଗ କରିଛନ୍ତି। ଗ୍ରାମସେବିକା ମରୁଡି ଅଞ୍ଚଳ ପରିଦର୍ଶନ କରିଥିବାବେଳେ କ୍ଷତିଗ୍ରସ୍ତ ଚାଷୀମାନେ ମଲା ଧାନ କେଣ୍ଡା ହାତରେ ଧରି ଦେଖାଇଥିଲେ । ଏଥିମଧ୍ୟରେ ଅନୀଲ ବାରିକ, ଦୀଲିପ ମହାପାତ୍ର, ମହେଶ୍ୱର ବାରିକ, ପ୍ରସନ୍ନ ବାରିକ, ଛବିଲାଲ ସା, ନରେଶ ବାରିକ, ମନୋହର ପ୍ରଧାନ, ନେପାଳ ଖମାରୀ, ମାୟାଧର ଉର୍ମା, ନବଘନ ପ୍ରଧାନ, ଗୁଣନିଧି ପ୍ରଧାନ, ସୁଶୀଲ ପ୍ରଧାନ, ଘାସିରାମ ପ୍ରଧାନ, ଜଗନ୍ନାଥ ବଣିଆ, ରମଣି ବାରିକ, ବଳରାମ ବାରିକ, ଉପେନ୍ଦ୍ର ବେହେରା ପ୍ରମୁଖ ଚାଷୀ ଉପସ୍ଥିତଥିଲେ । ଚାଷୀଙ୍କ ବିରୋଧର ସମ୍ମୁଖିନ ହେବା ପରେ କୃଷି ଗ୍ରାମସେବୀକା ବିଶ୍ୱାଳ ଚାଷୀ ମୁକ୍ତେଶ୍ୱରଙ୍କ ଧାନକ୍ଷେତର ଫଟୋଉତ୍ତୋଳନ କରି ନ ପାରି ଫେରି ଆସିଥିଲେ । ଏ ନେଇ କୃଷି ବିଭାଗ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବେବୋଲି ସେ କହିଛନ୍ତି। ଯଦି ରାଜସ୍ୱ ଓ କୃଷିବିଭାଗ ବଳ ପୂର୍ବକ କ୍ରପ୍‌କଟିଂ କ୍ଷୟକ୍ଷତିର ଆକଳନ କରନ୍ତି ତା'ହେଲେ ତାପୂର୍ବରୁ ଚାଷୀମାନେ ମଲାଧାନ କ୍ଷେତରେ ନିଆଁ ଲଗାଇଦେବେ ନ ଚେତ ଗାଈ ଚରାଇ ଦେବେ ବୋଲି ଧମକ ଦେଇଛନ୍ତି।



କଣ୍ଡେଇକେଲା ଗ୍ରାମକୁ ମରୁଡି ଅନୁଧ୍ୟାନ ପାଇଁ କୃଷି ଗ୍ରାମସେବିକା ଅନ୍ୱେଷା ବିଶ୍ୱାଳ ଯାଇଥିବାବେଳେ ଚାଷୀମାନେ ତାଙ୍କୁ ବିରୋଧ କରୁଛନ୍ତି।

# ବର୍ଷାଭାବ: ଜମିଫାଟି ଆଁ, ଚାଷୀ ହତାଶ

**ଲଇକେରା,୨୩।୧୦(ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରା ବ୍ଲକ ଅଞ୍ଚଳରେ ବର୍ଷାଭାବ ଯୋଗୁ ଜମି ଫାଟି ଆଁ କରିଥିବାବେଳେ ଚାଷୀ ମୁଣ୍ଡରେ ଚଡକ ପଡିଛି । ଅନ୍ୟପଟେ ରୋଗପୋକ ଦାଉରେ ଧାନ ଜଳି ପାଳ ହୋଇଯାଇଛି। ଆଉ ଚକଡା ପୋକଙ୍କ ପ୍ରାଦୁର୍ଭାବ ଚାଷୀର ନିଦ ହଜାଇ ଦେଇଛି । କିପରି ପରିବାର ପ୍ରତିପୋଷଣ କରିବ, କିପରି ଋଣ ପରିଶୋଧ କରିବେ, ଶେଷରେ ସରକାରୀ ସହାୟତା ପାଇଁ ଏବେଠୁ ଗୁହାରୀ କଲାଣି । ବର୍ଷା ଭାବ ଯୋଗୁ ଜମି ଫାଟି ଆଁ କରିଛି । ଏଭଳି ଦୃଶ୍ୟ ନଜରକୁ ଆସିଛି ଲଇକେରା ବ୍ଲକ ସାରଙ୍ଗଲୋଇ ଗାଁର ଚାଷ ଜମିରେ । ଚାଷୀ ଉଜୁଡା ଫସଲ ଦେଖି ହତାଶ ହେଉଛି । ପ୍ରଥମେ ଭଲ ବର୍ଷା ଦେଖି ଚାଷୀ ଖୁସିଥିବାବେଳେ ନୂଆଁଖାଇ ପରେ ବର୍ଷା ନ ହେବାରୁ ରୋଗ ପୋକଙ୍କ ପ୍ରଭାବରେ ଧାନ ପୋଡିଯିବା ଆଉ ଏବେ ବର୍ଷା ଭାବ ଯୋଗୁ ଜମିଫାଟି ଆଁ କରିଥିବାବେଳେ ଚାଷୀ ମୁଣ୍ଡରେ ଚଡକ ପଡିଛି । ଲଇକେରା ବ୍ଲକ ଅଞ୍ଚଳରେ ରୋଗପୋକଙ୍କ ପ୍ରାଦୁର୍ଭାବ ଏବଂ ବର୍ଷାଭାବ ଯୋଗୁ ଚାଷ ଉଜୁଡି ଯାଇଥିବାବେଳେ ସରକାରୀ ସହାୟତା ପାଇଁ ଗୁହାରୀ କରିଛନ୍ତି ଚାଷୀ । ଏ ନେଇ ଲଇକେରା ବ୍ଲକ ଅଞ୍ଚଳ ପରିଦର୍ଶନରେ ଆସିଥିବା ଝାରସୁଗୁଡା ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ପଚରାଯିବାରୁ ସେ ବର୍ଷାଭାବ ଯୋଗୁ ଚାଷ ସ୍ଥିତି ସଙ୍ଗୀନ ହେବା କଥା ସ୍ୱୀକାର କରିଛନ୍ତି। ସେହିପରି କୃଷି ଏବଂ ରାଜସ୍ୱ ବିଭାଗର ମିଳିତ ତଦନ୍ତ ଏବଂ ଆକଳନ କରାଯାଇଥିବା କହିଥିଲେ ଓ ସରକାରଙ୍କ ରିପୋର୍ଟ ପଠାଯିବାକୁ କହନ୍ତି ବର୍ଷା ଭାବ ଯୋଗୁ ଚାଷ ସ୍ଥିତି ସଙ୍ଗୀନ ହୋଇଥିବାବେଳେ ସଠିକ ଆକଳନ କରାଯାଇ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ଚାଷୀ ଗୋଲାପ ସାହୁ, ପଙ୍କଜ ବେହେରା, ସବିତାରାଣୀ ସେଠ, ଲଳିତ ସେଠ, ମନୋଜ ପାତ୍ର, ଚୋଳକାନ୍ତ ବେହେରା, ପର୍ଶୁରାମ ପାଉଲେ, ବିକ୍ରମ ସେଠ ସୁକାନ୍ତି ନାଏକ ପ୍ରମୁଖ ।

# ମରୁଡି ସ୍ଥିତି ସଙ୍ଗିନ: ୫୦ପ୍ରତିଶତରୁ ଅଧିକ ଜମିର ଧାନ କ୍ଷତିଗ୍ରସ୍ତ

**ଝାରସୁଗୁଡା ଅଫିସ,୨୩।୧୦**

- ଚାଲିଛି ଯୁଗ୍ମ ରିପୋର୍ଟ ସଂଗ୍ରହ ପ୍ରକ୍ରିୟା
- ତିନି ଦିନରେ ଦିଆଯିବ ଏସ୍‌ଆରସିଙ୍କୁ ରିପୋର୍ଟ

ଝାରସୁଗୁଡ଼ା ଜିଲାରେ ମରୁଡି ସ୍ଥିତି ଗମ୍ଭୀର ଦେଖା ଦେଇଛି। ସମୟ ଯେତିକି ଗଡୁଛି ମରୁଡି ପରିମାଣ ସେତିକି ବୃଦ୍ଧି ପାଉଛି। ଢିପ ଜମିରେ ହୋଇଥିବା ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡି ଗଲାଣି। ବର୍ତ୍ତମାନ ଖାଲୁଆ ଜମି ମଧ୍ୟ ମରୁଡି ଆଶଙ୍କା ଭିତରେ ଗତି କରୁଛି। ଗତ ସପ୍ତାହରେ କୃଷି ବିଭାଗର କରିଥିବା ଆକଳନ ମୁତାବକ ଜିଲାର ପ୍ରାୟ ୨୦ହଜାର ହେକ୍ଟରରୁ ଅଧିକ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୩୦ହଜାର ହେକ୍ଟରରେ ପହଞ୍ଚି ସାରିଲାଣି। ଆଗକୁ ଆହୁରି ବୃଦ୍ଧି ପାଇବ ବୋଲି କହିଛନ୍ତି ଜିଲା କୃଷି ଉପନିର୍ଦ୍ଦେଶକ ପୁଷ୍ପେଶ ପୂଜାରୀ। ମଙ୍ଗଳବାର ସର୍କିଟ ହାଉସରେ କୃଷି, ସମବାୟ, ରାଜସ୍ୱ, ଜିଲା ଯୋଜନା ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ମରୁଡି ସ୍ଥିତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଜିଲାରେ ମରୁଡି ସ୍ଥିତି ଗମ୍ଭୀର ଥିବା ନେଇ ଏହି ବୈଠକରୁ ସ୍ପଷ୍ଟ ହୋଇଛି। ଉଭୟ କୃଷି ଏବଂ ରାଜସ୍ୱ ଅଧିକାରୀଙ୍କ ଯୁଗ୍ମ ରିପୋର୍ଟ ସଂଗ୍ରହ ଚାଲିଥିବାବେଳେ ତିନିରୁ ଚାରି ଦିନ ଭିତରେ ଏସ୍‌ଆରସିଙ୍କ ନିକଟକୁ ଏକ ମଧ୍ୟବର୍ତ୍ତୀକାଳିନ ମରୁଡି ରିପୋର୍ଟ ପଠାଯିବ ବୋଲି ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି। ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବା ଦ୍ୱାରା ଧାନ ଫସଲ କ୍ଷୟକ୍ଷତି ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ଏବଂ ଇନ୍‌ପୁଟ୍ ସବସିଡ୍ ପ୍ରଦାନ କ୍ଷେତ୍ରରେ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଏହାକୁ ଦୃଷ୍ଟିରେ ରଖି କୃଷି ଓ ରାଜସ୍ୱ ବିଭାଗ ତରଫରୁ ପ୍ରାରମ୍ଭିକ ଆକଳନ ଚାଲିଛି। ଇତି ମଧ୍ୟରେ ଲଇକେରା ଏବଂ କିର୍ମିରା ବ୍ଲକର ରିପୋର୍ଟ ହସ୍ତଗତ ହୋଇଛି। ଏହି ଦୁଇଟି ବ୍ଲକରେ ୫ ହଜାରରୁ ଅଧିକ ହେକ୍ଟର ମରୁଡି ଗ୍ରସ୍ତ ହୋଇଥିବା ସୂଚନା ମିଳିଛି। କୃଷି ବିଭାଗ ଆକଳନ ଅନୁସାରେ ଜିଲାରେ ୫୦୪୦୦ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ସେଥିରୁ ପ୍ରାୟ ୫୦%ରୁ ଅଧିକ ହେକ୍ଟର ଜମିର ଧାନ ଫସଲ ୩୦%ରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପାଇଁ କ୍ଷୟକ୍ଷତି ଆକଳନ ଏବଂ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଅବଗତ କରିବା ଜରୁରୀ। ସେହିପରି ମରୁଡିଗ୍ରସ୍ତ ଚାଷୀ କିପରି ପ୍ରଧାନମନ୍ତ୍ରୀ ଫସଲବୀମାରୁ ମଧ୍ୟ ସହାୟତା ପାଇବେ ସେ ନେଇ ଆଲୋଚନା ହୋଇଥିଲା। ଆଜିର ସମୀକ୍ଷା ବୈଠକରେ ଜିଲାପାଳ ପଟ୍ଟନାୟକଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟ ନାରାୟଣ ଦାଶ, ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି, ଯୋଜନା ଅଧିକାରୀ ଶରତ ଚନ୍ଦ୍ର ନାୟକଙ୍କ ସମେତ ଉଭୟ ଜିଲା କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଉପସ୍ଥିତ ଥିଲେ।



ମରୁଡି ସ୍ଥିତି ସମୀକ୍ଷାଜନିତ ଜରୁରୀ ବୈଠକରେ ଉପସ୍ଥିତ ଅଧିକାରୀ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



## ସଂକ୍ଷେପରେ

### ମା' ଦୁର୍ଗାଙ୍କ ନାମରେ ହ୍ୱାଟ୍ସଆପ୍ ମେସେଜକୁ ନେଇ ଉତ୍ତେଜନା

**ସୁନ୍ଦରଗଡ଼, ୨୩।୧୦ (ଡି.ଏନ୍.ଏ)–** ସୋସିଆଲ ମିଡିଆ ହ୍ୱାଟସ ଆପ୍ ମାଧ୍ୟମରେ ମା' ଦୁର୍ଗାଙ୍କ ନାମରେ ବିଭ୍ରାନ୍ତିକରତଥ୍ୟ ପ୍ରସାରଣକୁ ନେଇ ସୁନ୍ଦରଗଡ଼ରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଏକ ପଡାର ଜଣେ ଯୁବକ ସୋସିଆଲ ମିଡିଆ ମାଧ୍ୟମରେ ଏଭଳି ବିଭ୍ରାନ୍ତିକର ତଥ୍ୟ ପ୍ରସାରଣ କରି ଥିବା ଅଭିଯୋଗ କରି ସମ୍ପୃକ୍ତ ଯୁବକଙ୍କ ବିରୋଧରେ ମାମଲା ରୁଜୁ କରିବା ଦାବିକରି ମଙ୍ଗଳବାର ସନ୍ଧ୍ୟାରେ ଶତାଧିକ ଯୁବକ ଟାଉନ ଥାନାରେ ପହଞ୍ଚି ଘେରାଉ କରିଛନ୍ତି। ସେଠାରେ ପାଟିତୁଣ୍ଡ କରିବାରୁ ଉତ୍ତେଜନା ପ୍ରକାଶ ପାଇଛି। ରାତିରେ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଆଲୋଚନା ଜାରି ରହିଛି।



### ଶୌଚମୁକ୍ତ ୱାର୍ଡ ନେଇ ସଚେତନତା ସଭା

**ସୁନ୍ଦରଗଡ଼, ୨୩।୧୦ (ଡି.ଏନ୍.ଏ)** -ସ୍ୱଚ୍ଛ ଭାରତ ଅଭିଯାନରେ ସୁନ୍ଦରଗଡ଼ ସହରରେ ଖୋଲା ଶୌଚମୁକ୍ତ ୱାର୍ଡ ଗଠନ ପାଇଁ ଏକ ସଚେତନତା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପନଗରପାଳ ରଞ୍ଜନା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀ, ପୌର ନିର୍ବାହୀ ଅଧିକାରୀ ଡ. ଜଗଦୀଶ ମହାନନ୍ଦ ପ୍ରମୁଖ ଯୋଗଦେଇ ଶୌଚମୁକ୍ତ ୱାର୍ଡ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଦିଗରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କେଉଁ ୱାର୍ଡରେ କେଉଁ ଘରେ ପାଇଖାନା ନାହିଁ, ସେଗୁଡିକର ଠିକ୍ ସର୍ଭେ କରାଯାଇ ପାଇଖାନା ନିର୍ମାଣ ପାଇଁ ସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସହରରେ ମୋଟ ୨୮୬୦ଜଣ ପାଇଖାନା ନିର୍ମାଣ ପାଇଁ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୧୦୫୫ଜଣ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ବାବଦକୁ ପୌରପାଳିକା ତରଫରୁ ଅର୍ଥ ମଞ୍ଜୁର କରାଯାଇଥିବା ପୌରନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ସୁମିତ୍ରା ବଡପଣ୍ଡା ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।





କୃଷକ ବଜାର କମିଟି ସଭାପତି ରବୀନ୍ଦ୍ର ପଟେଲ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି। ଗୋଡା ଜମି ଫାଟି ଆଁ କରିଛି।

# ଗୋଡ଼ା, ମାଳ, ବେର୍ଣ୍ଣା ଜମିର ଚାଷ ନଷ୍ଟ

- ■ଜିଲା ଅଧିକାରୀମାନଙ୍କୁ ଜଣାଇଲେ ଚାଷୀ
- ■ବଡ଼ଗାଁ ବ୍ଲକରେ ମରୁଡିର ପଦଧ୍ୱନି
- ■ମାଳ, ଗୋଡା ଜମି ଫାଟି ଆଁ କରିଛି

**ବଡ଼ଗାଁ, ୨୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ୧୫ଟି ପଞ୍ଚାୟତ ଥିବା ଏହି ବ୍ଲକରେ ୪ କିସମର ଜମି ରହିଛି। ସେଗୁଡ଼ିକ ହେଲା ଗୋଡା, ମାଳ, ବେର୍ଣ୍ଣା ଓ ବାହାଲ ଜମି। ଏଥିମଧ୍ୟରୁ ଗୋଡା (ଉଚ୍ଚ ଜମି) ୨୨୩୦ ହେକ୍ଟର, ମାଳ (ମଧ୍ୟମ ଉଚ୍ଚ) ୩୨୯୩ ଓ ବାହାଲ ଜମି ୨୩୨୨ ହେକ୍ଟରରେ ଧାନ ଚାଷ ହୋଇଛି। ମୋଟ ୭୮୯୫ ହେକ୍ଟର ଧାନ ଚାଷ ଜମିରୁ ଗୋଡା ଓ ମାଳ ଜମି ୫୫୨୩ ହେକ୍ଟର। ବର୍ତ୍ତମାନ ବଡ଼ଗାଁ ବ୍ଲକରେ ଗୋଡ଼ା, ମାଳ, ବେର୍ଣ୍ଣା ଜମିର ଚାଷ ନଷ୍ଟ ହେବାକୁ ଯାଉଛି। ଚଳିତବର୍ଷ ସେପ୍ଟେମ୍ବର ମାସରୁ ବର୍ଷା ନ ହେବା ଯୋଗୁ ମାଳ ଓ ଗୋଡା ଜମି ଫାଟି ଆଁ କରିଛି। ଅଧିକାଂଶ ବାହାଲ ଜମି ଶୁଖିଯାଇଛି। ଯେଉଁମାନଙ୍କ ଜମି ପାଖରେ ଜଳାଶୟ ଅଛି, ସେମାନେ ପାଣି ଉଠାଇ ଚାଷ ଜମିରେ ଦେଉଛନ୍ତି। ଚଳିତବର୍ଷ ବଡ଼ଗାଁ ଓ ସାହାଜବାହାଲ ଲ୍ୟାମ୍ପରୁ ୩୮୮୬ ଜଣ ଚାଷୀ ୧୭ କୋଟି ୨୪ ଲକ୍ଷ ୨୪ ହଜାର ଟଙ୍କା ଋଣ ନେଇଛନ୍ତି ଓ କୃଷି ବୀମା କରାଇଛନ୍ତି। ଗତବର୍ଷ ମରୁଡି ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସର୍ବାଧିକ ଚାଷୀ କୃଷିବୀମାରୁ ବଞ୍ଚିତ ହୋଇଥିଲେ। ଫଳରେ କୃଷିବୀମା ଦାବିରେ ଭୋଇପାଲି ଜୟଯବାନ ଜୟ କିଷାନ କୃଷକ ବଜାର କମିଟିର ସଭାପତି ରବୀନ୍ଦ୍ର ପଟେଲ ବ୍ଲକ ଅଫିସ ସମ୍ମୁଖରେ ସେପ୍ଟେମ୍ବର ୧ ରୁ ୧୦ ତାରିଖ ପର୍ଯ୍ୟନ୍ତ ଆମରଣ ଅନଶନ କରିଥିଲେ ମଧ୍ୟ ସରକାର କର୍ଣ୍ଣପାତ କରିନାହାନ୍ତି। ଫଳରେ କୃଷକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଚଳିତବର୍ଷ ବର୍ଷା ଅଭାବରୁ ମରୁଡିର ଶତ ପ୍ରତିଶତ ଆଶଙ୍କା ଥିବା ଦେଖି କମିଟି ସଭାପତି ପଟେଲଙ୍କ ନେତୃତ୍ୱରେ ବ୍ଲକ ଅଞ୍ଚଳର ଚାଷୀମାନେ ଜିଲାପାଳ, ଉପଜିଲାପାଳ, ଜିଲା ଅତିରିକ୍ତ କୃଷି ନିର୍ଦ୍ଦେଶକ, ଡିଆରସିଏସ, ବଡ଼ଗାଁ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୧୫ଟି ପଞ୍ଚାୟତରେ ମରୁଡି ଦେଖାଦେଇଛି। ଖରିଫ ଧାନ ଚାଷ ପାଇଁ ଆବଶ୍ୟକ ଜଳର ଅଭାବ ଯୋଗୁ ଏଭଳି ପରିସ୍ଥିତି ଦେଖାଦେଇଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ବର୍ଷା ଆଦୌ ହୋଇ ନ ଥିବାରୁ ଭୟାବହ ମରୁଡି ଆଶଙ୍କା ଦେଖାଦେଲାଣି। ଧାନ ଚାଷର ୭୫ ଭାଗ ଜମି ଗୋଡା, ମାଳ ଓ ବେର୍ଣ୍ଣା କିସମର ହୋଇଥିବାରୁ ଫସଲ ଉଜୁଡିଗଲାଣି। ଧାନପତ୍ର ପାଳ ହୋଇଗଲାଣି। ଧାନ ଫୁଟୁଥିଲା ବେଳେ ଏଭଳି ଅବସ୍ଥା ଚାଷୀଙ୍କ ମୁଣ୍ଡରେ ଚଡକ ଭଳି ହୋଇଛି। ବ୍ଲକ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା ଆଦୌ ନାହିଁ। ପୁରୁଣା ଉଠାଜଳସେଚନ ପଏଣ୍ଟ ଅଚଳ ଅବସ୍ଥାରେ ଅଛି। ଚାଷୀଙ୍କ ଦୟନୀୟ ଅବସ୍ଥାକୁ ଆକଳନ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ତେବେ ବଡ଼ଗାଁ ବ୍ଲକ ଅଞ୍ଚଳର କେତେକ ଉଠାଜଳସେଚନ ପଏଣ୍ଟ ମରାମତି କରାଯାଇଥିଲେ ମଧ୍ୟ ୨ବର୍ଷ ହେଲା କାର୍ଯ୍ୟରେ ଆସୁ ନ ଥିବାରୁ ଆମ ପ୍ରଶାସନ, ବିଭାଗୀୟ ଅଧିକାରୀମାନେ ଚାଷ ଓ ଚାଷୀଙ୍କ ପାଇଁ କେତେ ତତ୍ପର ଏଥିରୁ ବେଶ ବୁଝାପଡୁଛି।

## ବଢୁଛି ଦେଶୀ ବିଦେଶୀ ମଦ କାରବାର: ରୋକିପାରୁନି ବିଭାଗ

**କୁଆଁରମୁଣ୍ଡା, ୨୩।୧୦(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଆଦିବାସୀବହୁଳ କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ଦେଶୀ, ବିଦେଶୀ ମଦ କାରବାର ବଢି ଚାଲିଛି। ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ନିକଟରୁ ବୀରମିତ୍ରପୁର ସୀମାନ୍ତ ଫାଟକ ପର୍ଯ୍ୟନ୍ତ ହୋଟେଲ ଓ ଢାବାଗୁଡିକରେ ଖୋଲାଖୋଲି ଦେଶୀ, ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କିତ ତଥ୍ୟ ଉଭୟ ଅବକାରୀ ଓ ପୋଲିସ ପାଖରେ ଥିବା ବେଳେ ମଧ୍ୟ କାଁଭାଁ ଲୋକ ଦେଖାଣିଆ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଫଳରେ ମଦ ବିକ୍ରି ବୃଦ୍ଧି ପାଉଛି ସିନା କମିବାର ନାଁ ଧରୁନି। ସରକାରୀ ଲାଇସେନ୍ସପ୍ରାପ୍ତ ଠିପି ଖୋଲା ଓ ଠିପି ବନ୍ଦ ମଦ ଦୋକାନଗୁଡିକରେ ମଧ୍ୟ ସରକାରୀ ନିୟମ ଉଲ୍ଲଂଘନ କରାଯାଉଛି। ଠିପି ବନ୍ଦ ମଦ ଦୋକାନ ନିକଟରେ ଲୋକମାନେ ବୋତଲ ଖୋଲି ମଦ ପିଉଛନ୍ତି। ହେଲେ ବିଭାଗ ପକ୍ଷରୁ ଉକ୍ତ ବେନିୟମ କାର୍ଯ୍ୟ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ସେହିପରି କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଦେଶୀ ମଦ ତିଆରି ଏକ ପ୍ରକାରର କୁଟୀର ଶିଳ୍ପରେ ପରିଣତ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଦେଶୀ ମଦ କାରବାର ତେଲିପୋଷ, ଜଗଦୀଶପୁର, ପଦ୍ମପୁର, ଲାଖଟୋଲା, ସରଣ୍ଡାପୋଷ, ଉଷ୍ରା, ଡୁମେରଯୋର, ଖେରାପୋଷ, କୁମଝରିଆ, ରାଇଛାପଲା ଇତ୍ୟାଦି ଗ୍ରାମଗୁଡିକରେ ବୃଦ୍ଧି ପାଉଥିବା ବେଳେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତା ରହିଛି। କାରଣ ଛୋଟ ଛୋଟ ପିଲାମାନେ ମଧ୍ୟ ଉକ୍ତ ଦେଶୀ ମଦ ପିଇ ଅନେକ ସମୟରେ ଅଂଚଳରେ ଚୋରି, ଡକାୟତି ଓ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ କରିବାକୁ ପଛାଉ ନାହାନ୍ତି। ଏ ଦିଗରେ ବିଭାଗୀୟ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ଭସାଣି ଶୋଭାଯାତ୍ରାରେ ଯାଉଛନ୍ତି।

## ଲହୁଣୀପଡା ଦୁର୍ଗାପୂଜାର ଭସାଣି ଶେଷ

**ଲହୁଣୀପଡା, ୨୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବସଷ୍ଟାଣ୍ଡରେ ଅନୁଷ୍ଠିତ ଦୁର୍ଗାପୂଜା ଓ ଭସାଣି ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଭସାଣି ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ଭସାଣି ଶୋଭାଯାତ୍ରା ଲହୁଣୀପଡା ମୁଖ୍ୟ ବଜାର ପରିକ୍ରମା କରିବା ପରେ ବ୍ରାହ୍ମଣୀନଦୀ ଠାରେ ମା ଦୁର୍ଗାଙ୍କର ମୃଣ୍ମୟ ମୂର୍ତ୍ତିକୁ ବସର୍ଜନ କରାଯାଇଥିଲା। ବିଗତ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଦୁର୍ଗାପୂଜା କମିଟି ପକ୍ଷରୁ ମହାସମାରୋହରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିଲା । ସେଥିପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ବିଧି ମୁତାବକ ପୂଜାଅର୍ଚ୍ଚନା କରାଯାଇଥିଲା । ଚଳିତ ବର୍ଷ କର୍ତ୍ତାଭାବେ ସାନିଆ ରାୟ ଓ ରାମଜାନ ରାୟ ଦାୟୀତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଗିରିଶ ପଣ୍ଡା, ଭୀଷ୍ମଦେବ ପଣ୍ଡା, ଧନେଶ୍ୱର ପଣ୍ଡା, ଶ୍ରୀମନ୍ତ ଅଧିକାରୀ ପଳଜା ସଂଚାଳନ କରିଥିଲେ । ଚଳିତ ବର୍ଷ ଆକର୍ଷଣୀୟ ରଙ୍ଗିନ ଆଲୋକ ଓ ସୁଉଚ୍ଚ ତୋରଣ ଭକ୍ତମାନଙ୍କୁ ଆକୃଷ୍ଟ କରିଥିଲା । ଆଖପାଖ ଅଞ୍ଚଳର ପ୍ରବଳ ଶ୍ରଦ୍ଧାଳୁମାନଙ୍କର ଭିଡି ଦେଖିବାକୁ ମିଳିଥିଲା । ମୁକେଶ ରାୟ, ଗଣେଷ ଚୌଧୁରୀ, ରଣଜିତ ଜୟସ୍ୱାଲ, ରାଜକୁମାର ସା, ମୁନା ସା, ପ୍ରମୋଦ ସା ପ୍ରମୁଖ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୁର୍ଗାପୂଜା କମିଟି କର୍ମକର୍ତ୍ତାଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ଦୁର୍ଗାପୂଜା ଓ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା ।




ଚାନ୍ଦିପୋଷ ଅଞ୍ଚଳରେ ବିଜେଡ଼ିର ଶୋଭାଯାତ୍ରା।

## ସ୍ୱୟଂ ସହାୟକ ଗୋଷ୍ଠୀ ସମନ୍ୱୟ ମେଳା

**ଲହୁଣୀପଡା, ୨୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ସ୍ୱୟଂ ସହାୟକ ଗୋଷ୍ଠୀ ସମନ୍ୱୟ ମେଳା ଆଇସିଡିଏସ ତାଲିମ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱୟଂ ସହାୟକ ସମନ୍ୱୟ ମେଳାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ସିଡିପିଓ ଛବି ମାହାନ୍ତି, କୃଷି ବିଭାଗ ପକ୍ଷରୁ ବୁଦ୍ଧଦେବ ଗୌଡ, ଲହୁଣୀପଡା ବ୍ଲକ ବିପିଏମ ମନରଞ୍ଜନ ପାଇଟାଲଙ୍କ କ୍ଷେତ୍ର ପରିଦର୍ଶକ ସରମଣି ହେମ୍ରମ, ଦୀପକ ମିଶ୍ର ମଞ୍ଚାସୀନ ଥିଲେ। ବ୍ୟାଙ୍କ ଶାଖା ପରିଚାଳକ ପରକ୍ଷିତ କୁମାର ସାହୁ ଅଧକ୍ଷତା କରିଥିଲେ । ସେଥିରେ ବ୍ୟାଙ୍କର ଭୂମିକା କଣ ଅଛି। ଗ୍ରୁପ ଗୋଷ୍ଠୀମାନେ କିଭଳି ସୁବିଧା ଓ ସହଜରେ ଋଣ ପାଇ ଦଳଗତ ଉନ୍ନତି କରି ଆତ୍ମ ନିର୍ଭରଶୀଳ ହୋଇ ପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠିତ ସ୍ୱୟଂ ସହାୟକ ସମନ୍ୱୟ ମେଳାରେ ମୋଟ ୫୪ଟି ସ୍ୱୟଂ ସହାୟକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ । ସେଥି ମଧ୍ୟରୁ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଇଚ୍ଛୁକ ଦଳ ମାନଙ୍କଠାରୁ ଋଣ ନେବା ପାଇଁ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ସୁପରଭାଇଜର ପ୍ରଜ୍ଞାପରମିତା ବଳିୟାରସିଂ, ଜାହ୍ନବୀ ମାହାନ୍ତ, ମାନସି ଏକ୍କାଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ସ୍ୱୟଂ ସହାୟକ ଗୋଷ୍ଠୀ ସମନ୍ୱୟ ମେଳାରେ ଉପସ୍ଥିତ ମହିଳା।

## ବିଜେଡିର ଜନସମ୍ପର୍କ ଶୋଭାଯାତ୍ରା

**ଲହୁଣୀପଡା, ୨୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ତିନୋଟି ପଞ୍ଚାୟତ ବାଙ୍କି, କୁଚୋଇତା, ଚାନ୍ଦିପୋଷ ଅଞ୍ଚଳରେ ମଙ୍ଗଳବାର ବିଜୁ ଜନତାଦଳ (ବିଜେଡ଼ି) ଗୁରୁଣ୍ଡିଆ ବ୍ଲକ ଶାଖା ପକ୍ଷରୁ ଜନସମ୍ପର୍କ ବାଇକରାଲିଅନୁଷ୍ଠିତ ହୋଇଯାଇଛି। ଏହି ବାଇକ ରାଲି ଚାନ୍ଦିପୋଷ ରେଳଷ୍ଟେସନ ଠାରୁ ଆରମ୍ଭ କରି କୁଚୋଇତା ବାକି ପଞ୍ଚାୟତ ବିଭିନ୍ନ ୱାର୍ଡରେ ପହଞ୍ଚି ରାଜ୍ୟ ସରକାରଙ୍କର ଉନ୍ନୟନ ଯୋଜନା ଉପରେ ସଚେତନ କରିଥିଲେ। ବାଇକ ରାଲି ପରେ ଚାନ୍ଦିପୋଷ ହାଟ ପଡିଆଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବାଙ୍କି ପଞ୍ଚାୟତର ପୂର୍ବତନ ସରପଞ୍ଚ ବୁଧରାମ ଓରାମଙ୍କ ଅଧକ୍ଷତା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଣଜିତ କିଶାନ, ପୂର୍ବତନ ଗୁରୁଣ୍ଡିଆ ବ୍ଲକ ଅଧକ୍ଷା ପବନ ଭୋଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଶୋକ କୁମାର ବେହେରା, ପଙ୍କଜ ସା, ରାଜୁନାଥ ସାମନ୍ତରାୟ, ବୁଧୁରାମ ମାହାଲି, ଶୁରେଶ ଭୋଇ, ଜହନ ଖାଲକୋ, ପାଇଲସ ଓରାମ, ପୁର୍ଣ୍ଣ ଭୁମିଜ, ଡିଲେଶ୍ୱର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଜନସମ୍ପର୍କ ବାଇକ ରାଲିରେ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ ।

## ସାନଇନ୍ଦୁପୁର ଖଣି ତରଫରୁ ସ୍ୱଚ୍ଛତା ପକ୍ଷ

**ଟେନସା, ୨୩।୧୦ (ଡି.ଏନ.ଏ)**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନରେ ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣି ମେମର୍ସରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ତରଫରୁ ସ୍ୱଚ୍ଛତା ପକ୍ଷ ଉଦଘାଟନ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ ଖଣିର ମାଇନ୍ସ ମ୍ୟାନେଜର ଇନଚାର୍ଜ ଲକ୍ଷ୍ମଣ ସ ସ୍ୱଚ୍ଛତା ପକ୍ଷର ପତାକା ଉତ୍ତୋଳନ କରି ସମସ୍ତ କର୍ମୀମାନଙ୍କୁ ସ୍ୱଚ୍ଛତ ଶପଥ ପାଠ କରାଇଥିଲେ । ଏହାପରେ ମାଇନ୍ସ ପରିସରରୁ ଏକ ରାଲି ବାହାରି ସମସ୍ତ କର୍ମୀ ସ୍ଲୋଗାନ ମାଧ୍ୟମରେ ସମସ୍ତ ଜନ ସାଧାରଣଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଯାଇଥିଲା ଓ ସ୍ଥାନୀୟ ସାନଇନ୍ଦୁପୁର ଛକରେ ପହଞ୍ଚି ଜଳଖିଆ ଦୋକାନ, ଚା ଦୋକାନ, ହୋଟେଲ, ପରିବା ଦୋକାନ, ଗ୍ରୋସରୀ ଦୋକାନ ଇତ୍ୟାଦି ଚର୍ତୁପାର୍ଶ୍ୱରେ ଥିବା ଅଳିଆ ଆପର୍ଜନାକୁ ସଫା ସୁତୁରା କରିଥିଲେ । ଏଥି ସହିତ ଛକରେଥିବା ଦୋକାନୀ ଭାଇମାନଙ୍କୁ କମ୍ପାନୀର ଶୁଶିଲ କୁମାର ଦାସ (ଡିଜିଏମ) ଲିଫଲେଟ ଓ ପୋଷ୍ଟର ମାଧ୍ୟମରେ ସ୍ୱଚ୍ଛତା ଉପରେ ବୁଝାଇଥିଲେ । ଏବଂ ନିଜକୁ ସ୍ୱଚ୍ଛ ରହିବାକୁ ଉପଦେଶ ଦେଇଥିଲେ । ସ୍ୱଚ୍ଛ ପଖୱାଡର ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଦିନରେ କଣ୍ଟ୍ରାକ୍ଟର କଲୋନୀ, ଅଫିସ ପରିସର, ପୁରୁଣା କଣ୍ଟ୍ରାକ୍ଟର କଲୋନୀ, ସିକ୍ୟୁରିଟି ମରାକ, ହଟିଙ୍ଗ ଇତ୍ୟାଦିର ସଫେଇ କାର୍ଯ୍ୟକ୍ରମ ଅନୁସାଙ୍ଗୀକ ଭାବେ କରାଯାଇଥିଲା । ମହାତ୍ମା ଗାନ୍ଧୀଙ୍କର ଜୟନ୍ତୀ ଉଦ୍ଦେଶ୍ୟରେ ଭାରତକୁ ସ୍ୱଚ୍ଛ କରି ସୁସ୍ଥ ରହିବାକୁ ନିବେଦନ କରାଯାଇଥିଲା।

## ଶାଳ କାଠପଟା ସହ ପିକ୍ଅପ୍ ଭ୍ୟାନ ଜବତ: ୨ ଗିରଫ

**ବାଲିଶଙ୍କରା, ୨୩।୧୦ (ଡି.ଏନ.ଏ)**

ଉଜ୍ଜଳପୁର ରେଞ୍ଜ ଅନ୍ତର୍ଗତ କିଞ୍ଜିରକେଲା ଫରେଷ୍ଟ ଅଧିନସ୍ଥ କିଞ୍ଜିରକେଲା ଗ୍ରାମରେ କିଛି ଦିନ ନିରବତା ପରେ କାଠ ଚୋରଙ୍କର ଚଳପ୍ରଚଳ ଦେଖିବାକୁ ମିଳିଛି। ସୋମବାର ରାତିରେ ଶାଳ କାଠପଟା ବୋଝେଇ ପିକ୍ଅପ୍‌କୁ ବନବିଭାଗ ଜବତ କରିଛି। ଏଥିରେ ୨ଜଣଙ୍କୁ ଗିରଫ କରାଯାଇଛି। କିଞ୍ଜିରକେଲା ବନପାଳ ଅଶ୍ୱିନୀ ପଟେଲ ହଠାତ କୌଣସି ସୂତ୍ରରୁ ଖବରପାଇ ସୁନ୍ଦରଗଡ ଜିଲା ବନଖଣ୍ଡ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ବନଖଣ୍ଡ ଅଧିକାରୀ (ଡିଏଫଓ) ଅରୁଣ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ଟଙ୍କଧର ବେହେରା, ବନପାଳ ଅଶ୍ୱିନୀ କୁମାର ପଟେଲ, ବନପାଳ ପଦ୍ମଲୋଚନ ପ୍ରଧାନ, ନନ୍ଦଲାଲ ଓରାମ, ରୋସନ ଏକ୍କା, ଗୋକୁଳା ଭୈଶାଲ ପୁଟୁଡିହି ଜଙ୍ଗଲରେ ଛପି ରହିଥିଲେ। ୭୦ଖଣ୍ଡ ଶାଳ ପଟା ବୋଝେଇ ହୋଇ ପିକ୍ଅପ୍ ଭ୍ୟାନ ଓଡି ୧୬ ଏ–୩୭୬୮ରେ ରାତ୍ରି ୭ରୁ ଉର୍ଦ୍ଧ୍ୱ ସମୟରେ ପହଞ୍ଚିଥିଲା। ଗାଡିକୁ ଅଟକାଇ କାଠ ଶହ ଗାଡି ଜବତ କରିଥିଲେ। ୨ ଅଭିଯୁକ୍ତଙ୍କୁ କାବୁ କରିଥିବାବେଳେ ପଛପଟୁ ବାଇକରେ ଆସୁଥିବା ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଗିରଫ ହୋଇଥିବା ୨ ବ୍ୟକ୍ତି ସୁନ୍ଦରଗଡ ପାଖର କିରାଇ ଗ୍ରାମର। ସେମାନେ ହେଲେ ନଳିନ୍ଦ୍ର ଧୁଆ (୪୭) ଓ ସମୀର ମାଝି(୨୨)। କିଞ୍ଜିରକେଲା ଫରେଷ୍ଟ ସୂଚନାରୁ ଜଣାପଡିଛି କି ଜନସାଧାରଣଙ୍କ ସହଯୋଗ ଓ ଠିକ ସୂଚନା ଦେଉଥିବା ଦ୍ୱାରା କାଠ ଚୋରାଚାଲାଣକାରୀଙ୍କୁ ଧରିବାରେ ସଫଳ ହୋଇଥିବାରୁ ଡିଏଫଓ ମିଶ୍ର ସାଧୁବାଦ ଦେବା ସହିତ ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟୀତ୍ୱ ବୋଲି କହିଥିଲେ।



ବନବିଭାଗ ଜବତ କରିଥିବା ଶାଳକାଠ ପଟା।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ସଂକ୍ଷେପରେ

### ନଭେମ୍ବର ୪ରେ ପ୍ରଦର୍ଶନୀ ହକି ମ୍ୟାଚ: ସ୍ଥିତି ଅନୁଧ୍ୟାନ କଲେ ପ୍ରତିନିଧିମଣ୍ଡଳୀ

**ରାଉରକେଲା ଅଫିସ,୨୩।୧୦-** ଆସନ୍ତା ୪ନଭେମ୍ବରରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ସେକ୍ଟର-୫ଠାରେ ଅଷ୍ଟ୍ରେଲିଆ ନିଉ ସାଉଥ ୱେଲ୍ସ ଟିମ ସହ ଓଡିଶା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ସ୍ଥିତି ଅନୁଧ୍ୟାନ କରିବାକୁ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ଭାରତୀୟ ହକି ଦଳର ପୂର୍ବତନ କ୍ୟାପଟେନ ଦିଲ୍ଲୀପ ତିର୍କୀ, ସ୍ମାର୍ଟ ସିଟି ସିଇଓ ରଶ୍ମିତା ପଣ୍ଡାଙ୍କ ସମେତ ଅନ୍ୟ କେତକ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏହି ପ୍ରଦର୍ଶନୀ ମ୍ୟାଚ କିପରି ଶାନ୍ତିଶୃଙ୍ଖଳା ସହ ଖେଳାଯାଇ ପାରିବ ସେ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନ କରାଯାଇଛି।

■ ଦୁର୍ଘଟଣାରେ ଆରଏସ୍‌ପି କର୍ମଚାରୀଙ୍କ ମୃତ୍ୟୁ ଘଟଣା

# ଅନୁକମ୍ପା ନିଯୁକ୍ତି ନେଇ ଆଇଜିଏଚ୍‌ରେ ମୁହାଁମୁହିଁ ପରିସ୍ଥିତି

**ରାଉରକେଲା ଅଫିସ,୨୩।୧୦**

**ଧାରଣା ଜାରି**
- ■ ୩ ଦିନ ହେବ ମର୍ଗ ହାଉସରେ ପଡି ରହିଛି ମୃତଦେହ
- ■ ୟୁନିୟନ ନେତାଙ୍କ ଦେଖା ନାହିଁ

ସେକ୍ଟର-୬ହକି ଷ୍ଟାଡିୟମ ସମ୍ମୁଖରେ ଗତ ୨୦ତାରିଖ ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଆରଏସପି କର୍ମଚାରୀ ଦୁର୍ଯ୍ୟୋଧନ ସାହୁ(୬୦)ଙ୍କ ଅନୁକମ୍ପା ନିଯୁକ୍ତି ନେଇ ମଙ୍ଗଳବାର ପୂର୍ବାହ୍ନରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ମୃତକଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର ନେଇ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ସେକ୍ଟର-୧୯ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଖବର ଲେଖା ହେବା ଯାଏ ମୃତକଙ୍କ ପରିବାର ଓ ସମ୍ପର୍କୀୟ ଘଟଣାସ୍ଥଳରେ ଧାରଣା ଜାରି ରଖିଥିବା ଜଣା ପଡ଼ିଛି। ସୂଚନାଯୋଗ୍ୟ, ଗତ ୨୦ତାରିଖ ସନ୍ଧ୍ୟାରେ ଆରଏସପି ଡ୍ୟୁଟି ସାରି ଘରକୁ ଫେରୁଥିବା ଦୁର୍ଯ୍ୟୋଧନଙ୍କୁ ଏକ ବୋଲେରୋ ଗାଡି ଧକ୍କା ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଆଇଜିଏଚ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେବେଠୁ ଅନୁକମ୍ପା ନିଯୁକ୍ତି ଦାବିରେ ଦୁର୍ଯ୍ୟୋଧନଙ୍କ ମୃତ ଶରୀର ମର୍ଗ ହାଉସରେ ପଡି ରହିଛି। ତାଙ୍କ ସମ୍ପର୍କୀୟଙ୍କ କହିବାନୁସାରେ ଡ୍ୟୁଟି ଯିବାର ଏକ ଘଣ୍ଟା ଓ ଫେରିବାର ଏକ ଘଣ୍ଟା ମଧ୍ୟରେ ରାସ୍ତାରେ ଯଦି ଦୁର୍ଘଟଣାରେ କାହାର ମୃତ୍ୟୁ ଘଟେ ତେବେ ଅନୁକମ୍ପା ନିଯୁକ୍ତି ବ୍ୟବସ୍ଥା ରହିଛି। ଆମ କ୍ଷେତ୍ରରେ ଏହାର ଅଣଦେଖା କରାଯାଉଛି। ଗତ ୩ଦିନ ହେବ କର୍ତ୍ତୃପକ୍ଷ କିମ୍ବା କୌଣସି ୟୁନିୟନ ନେତା ଦେଖା ନ ଦେବା ଦୁଃଖଦାୟକ ବୋଲି ସମ୍ପର୍କୀୟମାନେ ପ୍ରକାଶ କରିଛନ୍ତି। ତେବେ ମୃତ୍ୟୁକାଳୀନ ସମୟକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଓ ସମ୍ପର୍କୀୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବାବେଳେ ବୁଧବାର ସୁଦ୍ଧା ଘଟଣା ସ୍ପଷ୍ଟ ହେବ ବୋଲି କୁହାଯାଉଛି।



ଦୁର୍ଘଟଣାରେ ଆରଏସପି କର୍ମଚାରୀଙ୍କ ମୃତ୍ୟୁ ପରେ ଅନୁକମ୍ପା ନିଯୁକ୍ତି ଦାବି ନେଇ ସେକ୍ଟର-୧୯ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

## ବିଦ୍ୟାଧରଙ୍କ ଅବଦାନ ଚିର ସ୍ମରଣୀୟ

**ରାଉରକେଲା ଅଫିସ,୨୩।୧୦**

ବିଦ୍ୟାଧର ବାରିକଙ୍କ ପରି ଶ୍ରମିକ ନେତା କ୍ୱଚିତ ମିଳନ୍ତି। ତାଙ୍କ ଦୀର୍ଘ ଜୀବନଯାତ୍ରା ଭିତରେ ସେ କେବଳ ଶ୍ରମିକ ଶ୍ରେଣୀର ଉତ୍‌ଥାନ ପାଇଁ ସମୟ, ସମ୍ବଳ ଉତ୍ସର୍ଗ କରି ନାହାଁନ୍ତି ବରଂ ଜୀବନବ୍ୟାପି ସାଧନା କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶ୍ରମିକ ଆନ୍ଦୋଳନର ମହାରଥି, ସୁସାହିତ୍ୟିକ, ସମାଜ ଓ ସଂସ୍କୃତି ପୁନରୁତ୍ଥାନର ଜଣେ ନିରବ ସାଧକ ବିଦ୍ୟାଧର ବାରିକଙ୍କ ସ୍ମୃତି ଚାରଣ ସଭାରେ ଯୋଗଦେଇ ରାଜ୍ୟର ବହୁ ଶ୍ରମିକ ନେତା, ବରିଷ୍ଠ ନାଗରିକ ଏଭଳି ମତ ପ୍ରକାଶ କରିଛନ୍ତି। ଗତ ସୋମବାର ସେକ୍ଟର-୩ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବର୍ଷିଆନ ନାଗରିକ ଦେବେନ୍ଦ୍ର ନାରାୟଣ ପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ରୂପେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ହିନ୍ଦ ମଜଦୁର ସଭାର ଭାରପ୍ରାପ୍ତ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ରାଜ୍ୟ ଉପସାଧାରଣ ସମ୍ପାଦକ ବୀରେନ୍ଦ୍ର ପ୍ରତାପ ଦାସ, ହିନ୍ଦ ମଜଦୁର ସଭା ରାଜ୍ୟ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି, ପୂର୍ବତନ ରାଜ୍ୟସଭା ସଦସ୍ୟ ଦିଲ୍ଲୀପ ତିର୍କୀ, ବିଧାୟକ ସୁବ୍ରତ ତରାଇ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶ୍ରମିକ ନେତା ଶିବଚରଣ ବୋଇତି, ରାଉରକେଲା ମଜଦୁର ସଭାର ସାଧାରଣ ସମ୍ପାଦକ ଶଶଧର ନାୟକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ନଗରପାଳ ନିହାର ରାୟ, ରାଉରକେଲା ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଭାଜପା ରାଜ୍ୟ ସମ୍ପାଦକ ଧିରେନ ସେନାପତି, ଏଆଇଟିୟୁସି ନେତା ପ୍ରଭାତ ମିଶ୍ର, ସଚେତନ ନାଗରିକ ମଞ୍ଚ ସାଧାରଣ ସମ୍ପାଦକ ପିପି ରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବାରିକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ମଞ୍ଚାସୀନ ଅତିଥି ଗଣ କହିଥିଲେ ଯେ, ବାରିକ ରାଉରକେଲା ଇସ୍ପାତ କାରଖାନାରେ ଜଣେ ସାଧାରଣ ଶ୍ରମିକ ଭାବେ କାମ କରି ପରବର୍ତ୍ତୀ ଅବସ୍ଥାରେ ଶ୍ରମିକ ଆନ୍ଦୋଳନ ସହ ସମ୍ପୃକ୍ତ ରହି ରାଜ୍ୟ ଓ ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରି ଥିଲେ। କେବଳ ଏତିକି ନୁହେଁ ସ୍ୱର୍ଗତ ବାରିକ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ପ୍ରଖ୍ୟାତ ଶ୍ରମିକ ନେତା ସ୍ୱର୍ଗତ ରାଜକିଶୋର ସାମନ୍ତରାୟଙ୍କ ସହ ମିଶି ବସ୍ତିଆ ସ୍ମୃତି ସଦନ ଗଠନ କରିଥିଲେ। ଯାହା ଆଜି ମହାଦ୍ରୁମରେ ପରିଣତ ହୋଇ ପାରିଛି। ଏଥିରେ ଅନ୍ୟତମ ବରିଷ୍ଠ ନେତା ଆନନ୍ଦ ମହାନ୍ତି ବକ୍ତବ୍ୟ ପ୍ରଦାନ କରି ଶ୍ରମିକ ସମାଜକୁ ବାରିକଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଏହି ସ୍ମୃତି ସଭାରେ କବି ଧିରେନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମନୋଜ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଜିତେନ୍ଦ୍ର ବାରିକ, ରାକେଶ ବାରିକ,ମୁକେଶ ବାରିକ ସଚ୍ଚିନ୍ଦ୍ର ବାରିକ, ସନ୍ତୋଷି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




୪ଦଫା ଦାବି ନେଇ ବିଏମ୍‌ଏସ୍ ପକ୍ଷରୁ ବିର୍ସା ଛକଠାରେ ଘଣ୍ଟିକିଆ ନିରବ ବିକ୍ଷୋଭ।

## ବିଏମ୍‌ଏସ୍‌ର ୧୨ ଦିନିଆ ଆନ୍ଦୋଳନ ଆରମ୍ଭ

**ରାଉରକେଲା ଅଫି,୨୩।୧୦**

ଭାରତୀୟ ମଜଦୁର ସଂଘ(ବିଏମଏସ) ସହ ବନ୍ଧିତ ଷ୍ଟିଲ ଫେଡେରେଶନ ନିଷ୍ପତି କ୍ରମେ ୪ଦଫା ଦାବି ନେଇ ୧୨ଦିନିଆ ଆନ୍ଦୋଳନ ମଙ୍ଗଳବାରଠାରୁ ବିର୍ସା ଛକରେ ଆରମ୍ଭ କରାଯାଇଛି। ଏହି କ୍ରମରେ ଇସ୍ପାତ କାରଖାନାର ସ୍ୱିକୃତୀପ୍ରାପ୍ତ ୟୁନିୟନ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆରଆଇକେକେଏସ) ଆନୁକୂଲ୍ୟରେ ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ଘଣ୍ଟିକିଆ ନିରବ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶତାଧିକ ଆରଏସପି କର୍ମଚାରୀ ସାମିଲ ହୋଇଥିଲେ। ବିଭିନ୍ନ ଦାବି ନେଇ ପ୍ଲା କାର୍ଡ ପ୍ରଦର୍ଶନ କରାଯାଇ କର୍ତ୍ତୃପକ୍ଷଙ୍କ ବିରୋଧରେ ଅସନ୍ତୋଷ ଜାହିର କରାଯାଇଥିଲା। ଦଶମ ବେତନ କମିଶନ ଲାଗୁ ନେଇ ତୁରନ୍ତ ବୈଠକ ଡାକିବା, ପୂର୍ବ ସ୍ଥିରୀକୃତମାନଙ୍କ ଆଧାରରେ ସେଲ ପେନସନ ସ୍କିମ କାର୍ଯ୍ୟକାରୀ କରିବା, ସେଲରେ କାର୍ଯ୍ୟରତ ଡିପ୍ଲୋମା ଯୋଗ୍ୟତାଧାରୀଙ୍କୁ ଇଞ୍ଜିନିୟର ପଦ ନାମ ପ୍ରଦାନ କରିବା ସହ ଠିକା ଶ୍ରମିକଙ୍କ କେନ୍ଦ୍ରୀୟ ହାରରେ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ଭଳି ଅନ୍ୟ କେତକ ଦାବି ଏଠାରେ ଉପସ୍ଥାପନ କରାଯାଇଥିଲା। ଉପସ୍ଥିତ ୟୁନିୟନ ନେତା କହିଥିଲେ ଯେ, ଉପରୋକ୍ତ ଦାବି ସମୂହ ନେଇ ଆସନ୍ତା ନଭେମ୍ବର ୫ ପର୍ଯ୍ୟନ୍ତ ଏଭଳି ୧ଘଣ୍ଟା ବିକ୍ଷୋଭ ଜାରି ରହିବ। ତେବେ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ହେଉଥିବା ହୀନ ଉଦ୍ୟମକୁ ଏଥିରେ ନିନ୍ଦା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୟୁନିୟନର ସାଧାରଣ ସମ୍ପାଦକ ହିମାଂଶୁ ବଳଙ୍କ ସମେତ ବିବେକ ମହାନ୍ତ, ରାଜେନ୍ଦ୍ର ମହାନ୍ତ, ପ୍ରଭାତ ବେହେରା, ସମର ମହାନ୍ତ, ଜ୍ଞାନେଶ ପଣ୍ଡା, ଲଳିତ ଜେନା, ସଞ୍ଜୟ ଦାସ, କ୍ଷୀରୋଦ ପଣ୍ଡା, ରୀତାରାଣୀ ସ୍ୱାଇଁ, ଲୋଚନ ମହାନ୍ତି, ଅକ୍ଷୟ ଧଳ, ସରୋଜ ଜେନା, ମଙ୍ଗଳ ମୁଣ୍ଡାରୀ, ଦଇତାରୀ ମହାନ୍ତ, କେଦାର ମାନସିଂ, ମହେଶ୍ୱର ସାହୁ ଓ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦୀପାବଳି ପାଇଁ ଆଗୁଆ ପଦକ୍ଷେପ ନ ନେଲେ ଧାରଣା

**ରାଉରକେଲା ଅଫିସ,୨୩।୧୦**

ଦୀପାବଳି ଯାଇ ପୁଣି ଆସୁଛି ଆଉ ଏକ ଦୀପାବଳୀ। ଗତ ଅକ୍ଟୋବର ୨୦୧୭ରେ ରାଉରକେଲା ପାୱାର ହାଉସ ରୋଡ ନିକଟ ପଡିଆରେ ଲାଗିଥିବା ବାଣ ବଜାରରେ ଘଟିଥିଲା ଭୟାବହ ଅଗ୍ନିକାଣ୍ଡ। ଜଳିପୋଡି ଛାରଖାର ହୋଇଯାଇଥିଲା ବାଣ ବଜାର। ନିଶାର୍ଦ୍ଧରେ ହଠାତ ବାଣ ଦୋକାନରେ ଅଗ୍ନିକାଣ୍ଡ ଘଟିବାରୁ ଜୀବନ୍ତ ପୋଡି ଯାଇଥିଲେ ସ୍ଥାନୀୟ ଅଞ୍ଚଳର ଜଣେ ନିରୀହ ଯୁବକ ବିଶ୍ୱଜିତ ଜେନା। ଏଠି ରୁଲ ୮୪ଦି ଏକ୍ସପ୍ଲୋସିଭ ଆକ୍ଟ-୨୦୦୮ର ଖୋଲା ଉଲ୍ଲଂଘନ କରାଯାଇଥିଲା। ଧାରା ୧୩୨/୧୩୩ ଅନ୍ତର୍ଗତ କାହିଁକି ତଦନ୍ତ ପ୍ରକ୍ରିୟା ବର୍ଷାଧିକ ହେବ ଶୀତଳ ଭଣ୍ଡାରରେ ପଡି ରହିଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଯୁବ ଜାଗୃତି ମଞ୍ଚର ଆବାହକ ଗୋପାଳ ଜେନା। ସେ ଏକ ବିବୃତିରେ କହିଛନ୍ତି ଯେ, ପୂର୍ବ ବର୍ଷ ରାଉରକେଲା ଏଡିଏମଙ୍କ ଅଧ୍ୟକ୍ଷତାରେ ବାଣ ଦୋକାନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏଥିରେ ପାନପୋଷ ଉପଜିଲାପାଳ, ଆରଏସପି, ଆରଏଣ୍ଡବି, ଡେପୁଟି କମିଶନର ରାଉରକେଲା ମହାନଗର ନିଗମ, ଅଗ୍ନିଶମ ବିଭାଗ ସମେତ ଅନ୍ୟ କେତକ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କ ସହମତି କ୍ରମେ ବାଣ ବିକ୍ରି ନେଇ ସହରର ୮ଟି ସ୍ଥାନ ନିରୂପଣ କରାଯାଇଥିଲା। ପ୍ରତ୍ୟେକ ସ୍ଥାନରେ ୫୦ଟି ଦୋକାନ ଖୋଲାଯିବ। ଏହାଠୁ ଅଧିକ ଦୋକାନ ଖୋଲାଯିବନି ବୋଲି ନଷ୍ପତ୍ତି ନିଆଯାଇଥିଲା। ଏହାକୁ ଉଲ୍ଲଂଘନ କରାଯାଇ ପାୱାର ହାଉସ ରୋଡରେ ୫୭ଟି ଦୋକାନ ଖୋଲାଯାଇଥିବା ସୂଚନା ଅଧିକାର ବଳରେ ଜଣା ଯାଇଛି। ତେବେ ବିନା ଲାଇସେନ୍ସରେ ଏଠାରେ କେତୋଟି ଦୋକାନ ଖୋଲାଯାଇଥିଲା ସେ କଥା ସୂଚନା ପ୍ରଦାନ କରାଗଲାନି ବୋଲି ଗୋପାଳ ଅଭିଯୋଗ କରିଛନ୍ତି। ଲ୍ୟାଣ୍ଡ କିମ୍ବା ଫାୟାର ପରମିଶନ ନ ଥାଇ ଦୋକାନ ଖୋଲାଯାଇଥିଲା। ଏପରି ଅବସ୍ଥାରେ ପ୍ରଶାସନ ଆଖି ବୁଜିବା ପଛରେ କି ରହସ୍ୟ ରହିଥିଲା ତାହା ଆଜି ପର୍ଯ୍ୟନ୍ତ ଉନ୍ମୋଚିତ ହୋଇପାରିଲାନି। କର୍ତ୍ତବ୍ୟରେ ଅବହେଳା ଯୋଗୁ ଜଣେ ନିରିହ ଯୁବକ ସେତେବେଳେ ପ୍ରାଣ ହରାଇଲେ। ଏନେଇ ତଦନ୍ତ କରାଗଲା ନାହିଁ କି ଦୋଷି ଦଣ୍ଡ ପାଇଲା ନାହିଁ। ଦିନ କେଇଟା ପରେ ପୁଣି ବାଣ ଦୋକାନ ଖୋଲିବ। ଏନେଇ ଯଦି ଆଗୁଆ ଆବଶ୍ୟକୀୟ ପଦକ୍ଷେପ ଓ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାନଯାଏ ତେବେ ଯୁବ ଜାଗୃତି ମଞ୍ଚ ବାଧ ହୋଇ ଏଡିଏମଙ୍କ ଅଫିସ ସମ୍ମୁଖରେ ଧାରଣା ଦେବ ବୋଲି ଗୋପାଳ ଜଣାଇଛନ୍ତି।

## ଫଟୋରେ ଖବର



କୋଏଲ ନଦୀରେ ଜାଲ ପକାଇ ମାଛ ଧରୁଛନ୍ତି ଜଣେ ମତ୍ସ୍ୟଜୀବୀ।

## ମୋ ରାଉରକେଲା

### ମୋ ପ୍ରିୟାର ସହର

**ମୋ**ପାଇଁ ରାଉରକେଲା ସ୍ୱପ୍ନର ସହର। ଏଠାକାର କଳା, ସଂସ୍କୃତି, ସାହିତ୍ୟ ଅନ୍ୟ ସହର ପାଇଁ ଉଦାହରଣ। ଏଠି ହରିଣବଞ୍ଚେ ଡିୟର ପାର୍କରେ। ଗୋଲାପ ହସେ ଆଇଜି ପାର୍କରେ। ବସନ୍ତ ଆସିଲେ ଇସ୍ପାତ ସହର ଖିଲି ଖିଲି ହସି ଉଠେ। ଏଠିକା କବିତା ନାୟକ ସହ ମୁଁ ଏକତ୍ର ବାସ କରିଛି। ମେଘ ଓ ପବନକୁ ବାରିଛି। ଏ ସହରର ଜ୍ୟୋସ୍ନାରୁ ମୁଁ ମହୁ ଛାଣିଛି। ଚିମିନି ଧୂଆଁ ଆଗରେ ଆକାଶ ବି ଏଠି ହାର ମାନିଛି। ସାହିତ୍ୟ ଓ ସାହିତ୍ୟିକଙ୍କ ସହର ରାଉରକେଲା। ଫୁଲର ହସ ଓ ଲୁହର ଝରଣା ଏଠି ଏକାକାର ହୁଅନ୍ତି। ପୁଲକରେ ଅଧିର ହୁଅନ୍ତି ନିରବ ନିଶ୍ଚଳ ସବୁଜିମା। ଷ୍ଟିଲ ସିଟିର ମେଘ ମହ୍ଲାର ରୂପେ ଲାବଣ୍ୟ, ଅନମନା ପ୍ରଜାପତି, ରାସ୍ତା କଡ କୃଷ୍ଣଚୂଡା ସବୁ ମୋର ଚିହ୍ନା ଜଣା। କୁଆଁର ପୁନେଇଁ ଜହ୍ନ ଏଠି ଧରା ଦିଏ ହାତରେ। ଗାଁ ମୁଲକର ମହ ମହ ବାସୁଥିବା ପିଠାପଣା, ପାରମ୍ପରିକ ପାର୍ବଣୀର ଧାରା, ସବୁ ବେଳେ ସଜେଇ ହେଉଥିବା ରାଉରକେଲା ହେଉଛି ମୋ ପ୍ରିୟ ସହର। ଏଠିକା ଚାନ୍ଦଭରା ରାତିରେ ଚକ ଚକ ରିଂ ରୋଡରେ ସାଇକେଲ ଗଡିଲେ ଆଖି ମିଟିକା ମାରନ୍ତି ତାରାମାନେ। ଫୁଲେଇ ରାଉରକେଲା ଫୁଲରେ ମହକି ଉଠେ। ଏମିତି ଯେତେ ଉପମା ଦେଲେ ବି ମୋ ପ୍ରିୟ ରାଉରକେଲା ପାଇଁ ଅଭାବ ପଡିବ। ଏ ମାଟି, ପାଣି ପବନ, ଗୋଲାପ, ଜହ୍ନ, ବର୍ଷା, ଶୀତ କାକର, ବ୍ରାହ୍ମଣୀ, ବେଦବ୍ୟାସ, ଚଇତି ବାଆ ଓ ରେଳ ଗାଡିର ଦୁମ ଦୁମ ଶବ୍ଦକୁ ମୁଁ ଛାତି ତଳେ ସାଇତି ରଖିଛି। ଏମିତି ଚିର କାଳ ଥାଉ। ମୋ ସ୍ମୃତି ପଟରେ ହସୁଥାଉ ଏ ସହରର ପ୍ରତିଛବି।



ଶିଶିର ନାୟକ।

■ ଶେଷ ପର୍ଯ୍ୟାୟରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

## ଷ୍ଟିଲ ସିଟିରେ ଶୋଭାପାଇବ ୪୫ ମେଢ଼

**ରାଉରକେଲା ଅଫିସ,୨୩।୧୦**

କେନ୍ଦ୍ରୀୟ ପୂଜା କମିଟି ଆନୁକୂଲ୍ୟରେ ଦୁର୍ଗା ପୂଜା ସମ୍ପନ୍ନ ହେବା ପରେ ଲକ୍ଷ୍ମୀପୂଜା ପାଳନ ନେଇ ପ୍ରକିୟା ଆରମ୍ଭ ହୋଇଛି। ଚଳିତ ବର୍ଷ ସହରରେ ମୋଟ ୪୫ଟି ଲକ୍ଷ୍ମୀ ପୂଜା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଏ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦକ୍ଷିଣ ରାଉରକେଲାରେ ଲକ୍ଷ୍ମୀ ପୂଜାକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଅଞ୍ଚଳର ଲକ୍ଷ୍ମୀମାର୍କେଟ, ଲାଲଟାଙ୍କି, ମଡର୍ଣ୍ଣ ଇଣ୍ଡିଆ, ଲୋକନାଥ ମାର୍କେଟ, ପାଣିଟାଙ୍କି, ନବକୃଷ୍ଣନଗର, ବାଲିଝୁଡି ସମେତ ଫର୍ଟିଲାଇଜର ଟିପ ଟାଇପ ମାର୍କେଟର ମଙ୍ଗଳା ଛକ, ନାରାୟଣ ମାର୍କେଟ, ଇ ବ୍ଲକ ଓ ଜଳଦା ଆଦି ଅଞ୍ଚଳରେ ୨୧ରୁ ଊର୍ଦ୍ଧ୍ୱ ମଣ୍ଡପ ନିର୍ମାଣ କରାଯାଇଛି। ବହୁ ସ୍ଥାନରେ ମା'ଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତୀ ନେଇ ଶିଳ୍ପୀ, କାରିଗର ଶେଷ ସ୍ପର୍ଶ ଦେବାରେ ଲାଗିଛନ୍ତି। ଏ ନେଇ ଅନେକେ ସ୍ଥାନରେ ସାଜସଜ୍ଜା ଶେଷ ହୋଇଥିବାବେଳେ ବୁଧବାର ସକାଳ ସୁଦ୍ଧା ବାକି ମଣ୍ଡପ ଗୁଡିକରେ ପ୍ରସ୍ତୁତି ଶେଷ ହୋଇଯିବ ବୋଲି ଆଶା କରାଯାଉଛି। ସେହିଭଳି ଷ୍ଟିଲ ଟାଉନସିପ, ସିଭିଲ ଟାଉନସିପ ସମେତ ଅନ୍ୟ ଅଞ୍ଚଳରେ ମଧ୍ୟ ଲକ୍ଷ୍ମୀ ପୂଜା ପାଳନ ନେଇ ଚଳଚଞ୍ଚଳ ଲାଗି ରହିଛି। ଏଥିସହ ଲାଠିକଟା, ବେଦବ୍ୟାସ ଓ ବନ୍ଧମୁଣ୍ଡା ଭଳି ସହର ତଳି ଅଞ୍ଚଳର ଏକାଧିକ ସ୍ଥାନରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳା ନେଇ ପୂଜା କମିଟି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଏହି ପୂଜାସ୍ତୋବକୁ କିପରି ବ୍ୟବସ୍ଥିତ ଢଙ୍ଗରେ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବ ସେ ନେଇ ପଦକ୍ଷେପ ନିଆଯାଉଛି। ସମସ୍ତ ପୂଜା ମଣ୍ଡପ ବୁଲି କର୍ମକର୍ତ୍ତାମାନେ ଭଲ ମନ୍ଦ ପଚାରି ବୁଝୁଛନ୍ତି। ଏଥିସହ ଭଷାଣ ଉତ୍ସବ ସହ ମେଳଣ କାର୍ଯ୍ୟକ୍ରମକୁ ତଦାରଖ ପାଇଁ ଅନୁଷ୍ଠାନ ପକ୍ଷରୁ ଆଗୁଆ ନିଷ୍ପତି ନିଆଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପ ଆଗରେ ସୁରକ୍ଷା କର୍ମୀ ମୁତୟନ ନେଇ ପଦକ୍ଷେପ ନିଆଯାଇଛି। ଦୁର୍ଗା ପୂଜା ମେଳଣ ଫିକା ପଡିବା ପରେ କିପରି ଲକ୍ଷ୍ମୀ ପୂଜା ମେଳଣକୁ ସଫଳ କରାଯିବ ସେ ନେଇ ସିପିସି କାର୍ଯ୍ୟକର୍ତ୍ତାଙ୍କ ମୁଣ୍ଡ ବିନ୍ଧା ଆରମ୍ଭ ହୋଇଛି। ମେଳଣକୁ ଆବଶ୍ୟକ ସଂଖ୍ୟକ ମେଢ ଆସୁ ନ ଥିବାରୁ ଏହା ଦର୍ଶକଙ୍କ ମନରେ ନୈରାଶ୍ୟଭାବ ସୃଷ୍ଟି କରିଛି। ଏଣୁ ଦକ୍ଷିଣ ରାଉରକେଲା ବୋଇତ ବନ୍ଦାଣ ପଡିଆରେ ଆସନ୍ତା ୨୯ରେ ଅନୁଷ୍ଠିତ ହେବାକୁ ଥିବା ଲକ୍ଷ୍ମୀ ମେଳଣକୁ ନେଇ ଆଶଙ୍କା ଲାଗି ରହିଛି। ଏଥିସହ ସଙ୍କୁଚିତ ଜବରଦଖଲ ରାସ୍ତା ଦେଇ ମେଳଣ ପଡିଆକୁ ମୂର୍ତ୍ତୀ ଗୁଡିକ କିପରି ପହଞ୍ଚିବ ସେ ନେଇ ଆଲୋଚନା ଜାରି ରହିଥିବା ଜଣା ଯାଇଛି। ଗତ ଦୁର୍ଗା ପୂଜା ଶୋଭାଯାତ୍ରାରେ ଅଘଟଣ ପରେ ସିପିସି ଓ ପ୍ରଶାସନ ଲକ୍ଷ୍ମୀ ମେଳଣ ପରିଚାଳନା ନେଇ ସତର୍କ ହେବା ଆଶା କରାଯାଉଛି।



ସେକ୍ଟର ୨୨ଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତ କରାଯାଇଥିବା ତୋରଣ।



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ,
ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ଭିକ୍ଟର ହ୍ୟୁଗ୍

## ସଂକ୍ଷେପରେ



### ମାହେଶ୍ୱରୀ ମନ୍ଦିରରେ ମହା ଖଳାପୂଜା

**ଅତାବିରା,୨୩।୧୦ (ଡି.ଏନ.ଏ)**- ଦଶହରା ପୂର୍ଣ୍ଣିମା ଅବସରରେ ବରଗଡ଼ ଜିଲା ଅତାବିରା ବ୍ଲକ ପୋଡବାଡି ଉମା ମାହେଶ୍ୱରୀ ମନ୍ଦିର ପକ୍ଷରୁ ମହାଖଳା ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ନିକଟସ୍ଥ ଝାଉଁଯୋର ନଦୀକୁ ଯାଇ କଳସରେ ପାଣି ଆଣି ମାହେଶ୍ୱରୀ ପୀଠରେ ପହଞ୍ଚିଥିଲେ। ଘଣ୍ଟ,ବାଦ୍ୟ, ହୁଳହୁଳିରେ ପ୍ରକମ୍ପିତ ହୋଇ ଉଠିଥିଲା ମାହେଶ୍ୱରୀ ପୀଠ। ଆଗରେ ବରୁଆ ନୃତ୍ୟ କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଗାଁର ପଦ୍ମନ କର୍ଣ୍ଣ, ଶିଳଧର ଦେହୁରି, କୃଷ୍ଣଚନ୍ଦ୍ର ମହାକୁର, କନ୍ଦର୍ପ କ୍ଷେତି, ଜିବର୍ଦ୍ଧନ କ୍ଷେତି ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

### କାଲୁଙ୍ଗା କରତ କଳ ଅଞ୍ଚଳରେ ହାତୀପଲଙ୍କ ଭଙ୍ଗାରୁଜା

# ଭାଙ୍ଗିଲେ କର୍ମଚାରୀଙ୍କ କ୍ୱାର୍ଟର୍ସ, ଭୟରେ ଅଞ୍ଚଳବାସୀ

**ରାଉରକେଲା ଅଫିସ/ବେଦବ୍ୟାସ, ୨୩।୧୦ (ଡି.ଏନ.ଏ.)**

ଗତ ରବିବାରଠାରୁ ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ନିକଟ କାଲୁଙ୍ଗା କରତକଳ ଅଞ୍ଚଳରେ ହାତୀପଲଙ୍କ ଦୌରାତ୍ମ୍ୟ ଜାରି ରହିଛି। ଏ ନେଇ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି। ସୋମବାର ବିଳମ୍ବିତ ରାତିରେ ହାତୀପଲ ଉକ୍ତ କରତକଳ ପରିସରରେ ପଶି ଉତ୍ପାତ ମଚାଇଥିଲେ। ଫଳରେ କେତକ ସରକାରୀ କ୍ୱାର୍ଟର୍ସ ଭାଙ୍ଗିଯାଇଥିବା ଜଣାପଡିଛି। ଏଥିରେ ଶ୍ରୀନିବାସ ସ୍ୱାଇଁ, ଆନ୍ଦ୍ରିଆସ ଡୁଙ୍ଗଡୁଙ୍ଗ, ଦ୍ୱିତୀୟା କିଶାନ ଓ ବାସନ୍ତୀ ଓରାମଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି। ସୋମବାର ଝଡ ବର୍ଷା ଯୋଗୁ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇ ପାରିନି। ଏପରି ଅବସ୍ଥାରେ ହାତୀ ପଲଙ୍କ ଉତ୍ପାତ ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜାଇ ଦେଇଛି। ଫଳରେ କାଲୁଙ୍ଗା ସମେତ କାଲୋକୁଦର, ଲୁଙ୍ଗେଇ, ବେଲଡିହି ଓ ଗୋଇଭଙ୍ଗା ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ସୁରକ୍ଷା ଦୃଷ୍ଟିରୁ କାଲୁଙ୍ଗା ଶିଳ୍ପାଞ୍ଚଳ ରାସ୍ତାକୁ ବନ୍ଦ କରି ଦିଆଯାଇଛି। ଶାଗଯୋର କିଲିଙ୍ଗା ରାସ୍ତା ଦେଇ ୧୭ରୁ ଊର୍ଦ୍ଧ୍ୱ ସଂଖ୍ୟକ ହାତୀପଲ କାଲୁଙ୍ଗାକୁ ପଶି ଆସିଥିବା ବନ ଅଧିକାରୀ ଅନୁମାନ କରୁଛନ୍ତି। ଗତ ୩ଦିନ ହେବ ଏମାନଙ୍କୁ ଘଉଡାଇବାକୁ ସମସ୍ତ ଚେଷ୍ଟା ବିଫଳ ହୋଇଛି। ରାତି ଅନ୍ଧାର ସହ ହାତୀପଲଙ୍କ ଭୟ ଲୋକଙ୍କ ମନରେ ବସା ବାନ୍ଧିଥିବାବେଳେ କେତେବେଳେ ଏମାନେ ବେଦବ୍ୟାସ ଅଞ୍ଚଳକୁ ପଶି ଆସିବେ ସେ ନେଇ ମଧ୍ୟ ଲୋକେ ଶଙ୍କାରେ ଅଛନ୍ତି। ଭୟରେ କିଛି ପରିବାର ନିଜ ସମ୍ପର୍କୀୟଙ୍କ ଘରକୁ ଚାଲିଯିବା ପରି ଅବସ୍ଥା ସୃଷ୍ଟି ହୋଇଛି ଅଞ୍ଚଳରେ। ଏ ନେଇ ରେଞ୍ଜର ସୁଧାଂଶୁ ସାହାଣୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ଏହି ହାତୀ ପଲ ଘଉଡାଇବାକୁ ଦୃଢ ପଦକ୍ଷେପ ନିଆଯାଉଛି। ବୁଧବାର ଏ ଦିଗରେ ସୁଚିନ୍ତିତ ଯୋଜନା କରାଯାଇଛି। ହାତୀପଲଙ୍କୁ ଜଙ୍ଗଲ ଭିତରକୁ ତଡିବା ନେଇ ସମସ୍ତ ଚେଷ୍ଟା ଜାରି ରହିଥିବା ସାହାଣୀ କହିଛନ୍ତି।



କାଲୁଙ୍ଗା ପରିସରରେ ହାତୀପଲ ଭାଙ୍ଗିଥିବା ଘର।



ଯୁବକମାନଙ୍କ ଦ୍ୱାରା ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

### କ୍ୟାଣ୍ଡେଲ ଜାଳି ନୀରବ ପ୍ରାର୍ଥନା

**ଅତାବିରା, ୨୩।୧୦ (ଡି.ଏନ.ଏ)**

ପଞ୍ଜାବର ଅମୃତସର ନିକଟରେ ଗତ ୨୦ ତାରିଖ ରାବଣ ପୋଡି ଉତ୍ସବରେ ଟ୍ରେନ ଦୁର୍ଘଟଣାରେ ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଅତାବିରା ବ୍ଲକ କୁଲତାଟୁକୁରା ପଞ୍ଚାୟତ ଗାନ୍ଧୀଟିକ୍ରା ଗାଁର ଯୁବକମାନେ ମଙ୍ଗଳବାର କ୍ୟାଣ୍ଡେଲ ଜାଳି ନୀରବ ପ୍ରାର୍ଥନା କରିଥିଲେ। ଏପରି କି ଆହତମାନଙ୍କ ଆରୋଗ୍ୟ କାମନା କରିଥିଲେ।

# ଜାଲ୍ ତିଆରି ରୁଜ୍‌ଗାର କରୁଛନ୍ ବୁଢ଼ା

**ଅତାବିରା, ୨୩।୧୦ (ଡି.ଏନ.ଏ.)**

ଦିନୁଦିନ୍‌କେ ବଏସ୍ ଗଡି ଯାଉଛେ। ଯେନ୍ ବଏସେ ଘରେ ବସି ପୁଓ ବହର ସେବା ପାଏବାର କଥା, ନାତି ନାତେନ୍‌କର ସଂଗେ ଖେଲ୍‌ବାର କଥା, ସେ ବଏସେ ସେ ରୁଜ୍‌ଗାର କରୁଛନ୍। ସତେ ଯେନ୍‌ତା ବଏସ୍ ତାକରନେ ହାର ମାନିଛେ। ଘରେ ବସି ରହେବାର ଜାଗାରେ ସେ ମାଛ୍ ଧରା ଜାଲ୍ ତିଆରୁଛନ୍। ସେ ହେଉଛନ୍ ବରଗଡ ଜିଲା ଭେଡେନ ବ୍ଲକ୍ ଉଦେପୁର ଗାଁର ହଳଧର ଝାଙ୍କର(୭୫)। ବେଆଇନ୍ ବ୍ଲାଷ୍ଟିଂ ଲାଗି ମହାନଦୀରେ ବହୁତ୍ ପରକାର ମାଛ୍ ଲୋପ୍ ପାଇଗଲେନ। କେଉଟ, ଝରା, ଗିଙ୍ଗରା ସମାଜର ଲୋକ୍‌ମାନେ ନିଜର ଜୀବ୍‌କା ହରାବାର ଲାଗି

## ହାରମାନିଛେ ବଏସ୍

ସଭେ ଉନିଆ ବେପାରମାନ୍ କଲେନ। ହେଲେ ହଳଧର ମାଛ୍ ଧରା ଜାଲ୍ ବୁନ୍‌ବାରେ ବାଇ। ସେ ଯେନ୍ ଜାଲ୍ ବୁନୁଛନ୍ ସେଟା ବଜାରୁ ଘିନ୍‌ଲେ ୭ଶହରୁ ୨ହଜାର ଟଁକା ତକ୍ ପଡୁଛେ। ସେଥିରଲାଗି ସେ ନିଜେ ସୂତା ଘିନି ଘରେ ମନ୍‌ଇଛା ଜାଲ୍ ବୁନୁଛନ୍ ଆର୍ ମହାନଦୀରୁ ମାଛ୍ ମାରୁଛନ୍। ମହାନଦୀରୁ ତାଜା ମାଛ୍ ମାରି ବିକ୍‌ଲେ ବନେ ଦୁଇପଏସା ରୁଜ୍‌ଗାର ହେଉଛେ, ଘରେ ବସି ବସି ସମିଆ ଗୁଆଁଲେ କାଣା ହେବା ବଲି ହଳଧର କହିଛନ୍। ସେ ଆହୁରି କହିଛନ୍ ଯେ, ବଏସଟା ମନର ଗୁଟେ ଭରମ୍ ଆଏ ଗୋଡ୍‌ହାତ ଚଲୁଥିବାର ତକ୍ ଯେନ୍‌ଟା ହେଲେ ଗୁଟେ କରୁଥିଲେ ମନ୍‌ଟା ବି ପର୍‌ଛା ଲାଗ୍‌ବା ବଲି ସେ କହିଛନ୍।



ହଳଧର ମାଛଧରା ଜାଲ୍ ତିଆରିବାରେ ବାଇ ଅଛନ୍।

### ପାଇପରୁ ବାହାରୁଛି ନର୍ଦ୍ଦମା ପାଣି : ପ୍ରତିକାର ଦାବି

**ପଦ୍ମପୁର, ୨୩।୧୦ (ଡି.ଏନ.ଏ)**

ପଦ୍ମପୁର ଏନ୍‌ଏସି ଅଧୀନ ୩ ଓ ୪ ନମ୍ବର ୱାର୍ଡ ମଧ୍ୟରେ ବିଭିନ୍ନ ସ୍ଥାନରେ ପାଇପ୍ ଲାଇନ ଫାଟି ନର୍ଦ୍ଦମା ପାଣି ପଶୁଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି।। ସୂଚନା ଯୋଗ୍ୟ, ଅଞ୍ଚଳକୁ ଆସୁଥିବା ପାନୀୟ ଜଳ ପାଇପ ବରଗଡ ରାସ୍ତା ଦେଇ ଆସିଛି। ହେଲେ ରାସ୍ତା କାମ ବେଳେ ଜେସିବି ମେଶିନ ବ୍ୟବହାର ଯୋଗୁ ବିଭିନ୍ନ ସମୟରେ ପାଇପ ଫାଟି ପାନୀୟଜଳ ଯୋଗାଣରେ ବାଧା ଉପୁଜିଥିଲା। ଏପରି କି ୩ମାସ ତଳେ ପାଇପ ଫାଟି ପାନୀୟ ଜଳ ଯୋଗାଣ ସଂପୂର୍ଣ୍ଣ ବନ୍ଦ ରହିଥିଲା। ବର୍ତ୍ତମାନ ମରାମତି ପରେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଛି। ହେଲେ ପାଇପରୁ ଦୁର୍ଗନ୍ଧ ଯୁକ୍ତ ନର୍ଦ୍ଦମା ପାଣି ବାହାରୁ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୱାର୍ଡର ମହିଳା ଓ ଭଦ୍ର ବ୍ୟକ୍ତି ଉପଜିଲାପାଳଙ୍କୁ ଏହାର ପ୍ରତିକାର ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଚନ୍ଦ୍ରବତୀ ସାହୁ, ଭୂମିସୂତା ଦାନୀ, ରଞ୍ଜୁଲତା ସାହୁ, ରମିତା ସାହୁ, କୁନ୍ତି ସାହୁଙ୍କ ସମେତ ଅବସରପ୍ରାପ୍ତ ଅତିରିକ୍ତ ଜିଲା ଜଜ୍ ରାମଚନ୍ଦ୍ର ତ୍ରିପାଠୀ, ଟାଉନ କଂଗ୍ରେସ ସଭାପତି ସନ୍ତୋଷ ଶତପଥୀ, ଲାଲବିହାରୀ ମିଶ୍ର, ଯତିନ୍ଦ୍ର ଦାଶ, ନିର୍ମଳ କୁମାର ସାହୁ, ସରୋଜ ମିଶ୍ର, ବିକାଶ ସାହୁ, ପ୍ରଦୀପ ଦାନୀ, ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ DHARITRI
CAREER APPOINTMENT
every Wednesday & Saturday

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ। ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

**TRAHON** Livelihood Mission Pvt. Ltd. — **URGENTLY REQUIRED**
A Leading Company Requires Experienced & Qualified Candidates
1. District Manager: 10 Posts (Salary 20,000 to 45,000) MBA, 3-5 Years Administration Exp., Good at English, Hindi & Local Language.
2. District Supervisor: 10 Posts (Salary 15,000 to 20,000) Graduate, 1-2 Years Experience, Good at English, Hindi & Local Language.
3. IT Technician: 10 Posts (Salary 15,000 to 20,000) BCA / BCS IT / MCA / MCS / BE-IT, 1-2 Yrs. Exp., in Hardware & Networking.
4. Calling Executive: 300 Posts(Salary 8,000 to 12,000) Graduate, 1-2 Yrs. Experience, Good at English & Local Language.
Job Locations: Job Location At All Districts in Odisha.
Drop Your CV at hr.trahonodisha@gmail.com
www.trahon.com 9607922216

**PRINCIPAL & TEACHERS REQUIRED FOR STERLING PUBLIC SCHOOL**
(Affiliated to CBSE, English Medium, Sr. Secondary-10+2)
Siswa Bazar / Nichlaul, Maharajganj, UP-273163
Website : www.sterlingeducation.in
Principal, PGT (English, Physics, Chemistry, Maths, Biology & Physical Education) TGT (English, S.St., Maths, Science) & Primary Teachers (All subjects)
Attractive Salary + Free Accommodation
Candidates must be fulent in English. Preference will be given to candidates with relevant experience. Please send CV at
chandrashekharonline@gmail.com
Call : 07457984810 / 08948911222

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319634873

**Urgently Required**
RECEPTIONIST (1 No)
Qual. 10th / +2, Salary : 1000/- PM
ଆୟୁର୍ବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ
(ଖାଇବା ଓ ରହିବା ସୁବିଧା ଅଛି। ଦରମା - 8,000/-)
Contact : 6370668486
KHANDAGIRI SQUARE BHUBANESWAR (Age : 18-30 Yrs)

A Division of Timber & Furniture unit required 4 Nos. Manager at BBSR.
Mob: 7381203300

ଚେନ୍ନାଇରେ ଚାକିରି + ରହିବା ସୁବିଧା। ହିନ୍ଦୀ କହିପାରୁଥିବେ। ବେତନ: ୧୩୦୦୦ - ୧୭୦୦୦। ରୋଷେୟା / ହାଉସ୍‌କିପିଂ ବଏ / କାର୍ ଡ୍ରାଇଭର / ମାଲିକଙ୍କ ବ୍ୟକ୍ତିଗତ ସେବକ / ଅଫିସ ଆସିଷ୍ଟାଣ୍ଟ
9884761210

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**ଏନ୍‌ଜିଓ ପାଇଁ ଆବଶ୍ୟକ**
ଗ୍ରାମୀଣ ବ୍ଲକ୍ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

**REQUIRED**
A CA firm requires articles, B.Com, CA (Inter) with experience. Please mail your resume to
mohapatra.sangram@rediffmail.com

See CAREER APPOINTMENT on every Wednesday & Saturday

**WANTED**
ଧରିତ୍ରୀ DHARITRI Oriya daily is looking for
CIRCULATION EXECUTIVES
- Graduates, having good communication skills. Experience in Sales / recovery in media will be given preference.
- Good working knowledge of Computers (Excel & Word) will be required.

SALES PROMOTERS
- Required Intermediate / Graduate Male Candidates having 1-2 yrs experience in sales. Fresher candidates may also apply.
- Candidates must possess own 2-Wheeler / mobile phone.

Apply immediately to : recruitment@dharitri.com
Attractive salary commensurate with experience

**JOB VACANCIES**
An upcoming four wheeler dealership needs professional in **Bhubaneswar** & **Sambalpur** location opportunity exists for the following positions:-
- **GM:** Must be graduate /MBA having 10 to 12 years experience in managing sales, operation of any 4 wheelers passenger car dealership.
- **SR. SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **BODYSHOP MANAGER:** Degree or Diploma in automobile/ Accidental having 3 to 5 years experience in 2/3/4 wheeler dealership bodyshop.
- **FLOOR MANAGER:** Degree or Diploma in automobile/ Mechanical having 3 to 5 years experience in 2/3/4 wheeler dealership workshop.
- **ADMIN. MANAGER:** Relevant work experience in construction & Govt. liaisoning having 5-10 years experience in any automobile sector.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE HEAD:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **HR EXECUTIVE:** Must be MBA (HR) having good exposure to EPF, ESI, Bonus. Preference will given the candidate from automobile sector.
- **EDP EXECUTIVE:** Fresher/Graduates (BCA, B.Sc. {IT} having at least 1 year of experience in IT support, hard work & net work in any automobile of 2/3/4 wheeler dealership.
- **SALES CONSULTANTS:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **RESIDENTIAL SALES EXECUTIVE:** Graduate having at least 1 year exp. in automobile for Jeypore, Balasore, Bhadrak, Angul & Berhampur.
- **SERVICE ADVISOR:** Diploma in automobile engg. having 1 to 2 years experience with valid driving license of any 2/3/4 wheeler dealership.
- **CO-TECH:** Must be a technical manager or technical head in any 2/3/4 wheeler automobile dealership.
- **WARRANTY EXECUTIVE:** Diploma in Automobile/Mechanical having 1-2 yrs of relevant experience in any automobile sector handling warranty related claims.
- **PARTS EXECUTIVE:** Graduate having 2 to 3 yrs experience in automobile sector of any 2/3/4 wheeler dealership.
- **TECHNICIANS:** ITI/ DIPLOMA in automobile having at least 1 year experience in any 2/3/4 wheeler dealership/ Garage.
- **TELE CALLER:** Any graduate or MBA having at least 1 year experience in automobile of any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **PAINTER:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler painting section.

Contact: 7606002084 / 0674-6668822
edp.bhubaneswar@renault-india.com & siddharth9909@gmail.com

**CAPITAL FORD**
Requires professionals for its dealership across Odisha, opportunity exists for the following positions:-
- **SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **SALES MANAGER:** Graudate or MBA (Marketing) having 5 to 6 years experience of any 4 wheelers dealership handling sales.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE MANAGER:** Graduates/ MBA having 3-5 yrs. exp. in automobile finance or auto loan finance.
- **FLOOR MANAGER:** Degree or Diploma in automobile/ Mechanical haing 3 to 5 years experience in 2/3/4 wheeler dealership workshop.
- **TEAM LEADER (Sales):** Graduates/MBA having 3 to 4 years experience in auto sales and finance in 2/3/4 wheelers dealership.
- **SALES CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **USED CAR CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership of used car sales.
- **RESIDENTIAL SALES CONSULTANT:** Graduate having at least 2-3 years experience in automobile for Balasore, Koraput, Jaypore, Bhawanipatna, Baragarh & Keonjhar.
- **DELIVERY CO-ORDINATOR:** Graduate having at least 1 year experience in automobile of any 2 wheeler or 4 wheeler dealership, with 4 wheeler driving experience.
- **PARTS MANAGER:** Graduate having 5 to 6 years experience in automobile sector of any 2/3/4 wheeler dealership.
- **FLOOR SUPERVISOR:** Automobile Diploma, 1-3 yrs exp. in any automobile dealership handling body shop and floor.
- **BODYSHOP ADVISOR:** Degree or Diploma in automobile/ Accidental having 2 to 3 years experience in 2/3/4 wheeler dealership bodyshop.
- **QUALITY INSPECTOR:** ITI/DIPLOMA in automobile having at least 2 to 3 years experience in any 4 wheelers dealership/Garage, should be fluent in communication, with 4 wheeler driving experience.
- **RECEPTIONIST:** Any Graduate having good looking with pleasant personality, fluent in English having knowledge in computer.
- **TELE CALLER:** Any graduate or MBA having at least 1 year experience in automobile or any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or, MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **PAINTER:** Work in a dealership/ Garage in body operation, color matching & painting having 1 to 2 years experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **DRIVER:** 9th pass with valid license having 2 to 3 years experience in 2/3/4 wheeler driving. Preference will be given from automobile sector.

Mail to: admin@capitalford.net & siddharth9909@gmail.com
Contact: Evalin, 0674-6667709/6668822
CAPITAL FORD, SBI CHHAK, MANCHESWAR, BHUBANESWAR

An upcoming saloon requires the following personnel's at **Bhubaneswar**
1. **MARKETING MANAGER:** Graduate or MBA (Marketing) having 2 to 4 years experience of any product and concept marketing either from FMCG or IT sector can also apply.
2. **BUSINESS DEVELOPMENT MANAGER:** Graduate or MBA (Marketing, Finance) having 2 to 3 years experience in any insurance sales or loan dimensions.
3. **CENTRE MANAGER:** Graduate or MBA having 2 to 3 years of centre handling experience from any beauty segment or has been working as a manager heading any company.
4. **COUNSELLOR:** 1-2 yrs. experience of customer counselling from any industry or, from customer care background.
5. **BEAUTICIAN:** 1-3 yrs. experience in any beauty parlor or has under gone beauty course.
6. **DIETICIAN:** 2-3 yrs. experience in diet counselling or a nutritionist or from home science background fresher's can apply.
7. **HAIR DRESSER:** 2-3 yrs. experience in any beauty parlour.
8. **THERAPIST:** 2-3 yrs. experience in any wellness centre.

Salary is best in industry. Interested candidates may email their updated CV with latest PP size photograph.
Contact No: 9040093804/0674-6668822
Email id: siddharth9909@gmail.com, chitra89@gmail.com, info@newleaf.org.in

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।